# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୨୦/୨୦୨୩ (୧୮ ପୃଷ୍ଠା) | Bhubaneswar, Thursday, April 20/2023 | Page 18 | ₹ 7.00

୪୯ଶ ଭାଗ ୧୪୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 145 | ମୂଲ୍ୟ ₹୭/-






KP
GROUP
Quality Since 1965
KAMLA PASAND
PAN MASALA
NEW PACK
कमला पसन्द
®
अनोखा स्वाद
KP
GROUP
Quality Since 1965
पान मसाला
Anokha Swad
Watch at:
You Tube
NOT FOR MINOR * 0% TOBACCO AND NO ADDED NICOTINE * CHEWING OF PAN MASALA INJURIOUS TO HEALTH



ପୁଷ୍ପା-୨ର ଶୁଟିଂ ପାଇଁ ସ୍ୱାଭିମାନ ଅଞ୍ଚଳର ହନ୍ତାଳଗୁଡାରେ ପହଞ୍ଚିଥିବା ଟିମ୍। ଇନ୍‌ସେଟ୍- ଅଲ୍ଲୁ ଅର୍ଜୁନ।

## ସ୍ୱାଭିମାନ ଅଞ୍ଚଳରେ ପୁଷ୍ପା-୨ର ଶୁଟିଂ

**ମାଲକାନଗିରି, ୧୯।୪ (ଡି.ଏନ୍.ଏ.)**

ବହୁଚର୍ଚ୍ଚିତ ଦକ୍ଷିଣ ଭାରତର ଲୋକପ୍ରିୟ ଚଳଚ୍ଚିତ୍ର 'ପୁଷ୍ପା ଦି ରାଇଜ୍' ସମଗ୍ର ଦେଶରେ ସୁନାମ ଅର୍ଜନ କରିଛି। ଏବେ ଏହି ଚଳଚ୍ଚିତ୍ରର ଦ୍ୱିତୀୟ ଭାଗ ପୁଷ୍ପା-୨ର ଶୁଟିଂ ଓଡ଼ିଶାର ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଞ୍ଚଳରେ କରିବାକୁ ନିଷ୍ପତ୍ତି ନେବା ପରେ ଏଥିପାଇଁ ପୂରା ଟିମ୍ ମଙ୍ଗଳବାର ଆସି ପହଞ୍ଚିଛନ୍ତି। ପୂର୍ବରୁ ଏହି ଚଳଚ୍ଚିତ୍ରର ପ୍ରଯୋଜକ, ନିର୍ମାତା ସ୍ୱାଭିମାନ ଅଞ୍ଚଳରେ ପହଞ୍ଚି ଏହାର ପ୍ରାକୃତିକ ପରିବେଶ, ଘଞ୍ଚ ଜଙ୍ଗଲ, ନଦୀ ଏବଂ ଚିରସ୍ରୋତା ଝରଣା ବୁଲି ଯାଇଥିଲେ। ପରେ ଟିମ୍ ଆଲୋଚନା କରି ଚଳଚ୍ଚିତ୍ର ଶୁଟିଂ ☞ପୃଷ୍ଠା-୨

# ଭାରତ ସବୁଠୁ ଜନବହୁଳ

**ବିଶ୍ୱର ସବୁଠୁ ଜନବହୁଳ ରାଷ୍ଟ୍ର ତାଲିକାର ସବା ଆଗରେ ଅଛି ଭାରତ। ବହୁ ବର୍ଷ ଧରି ଚାଇନା ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ର ରହିଆସିଥିବାବେଳେ ଏବେ ଭାରତ ଏହାକୁ ଅତିକ୍ରମ କରିଛି। ଜାତିସଂଘର ସଦ୍ୟ ରିପୋର୍ଟ ଅନୁସାରେ ଚାଇନା ବିଶ୍ୱର ଦ୍ୱିତୀୟ ଜନବହୁଳ ରାଷ୍ଟ୍ର ପାଲଟିଛି।**

### ଜାତିସଂଘ ରିପୋର୍ଟ

- ଭାରତ ଜନସଂଖ୍ୟା ୧୪୨.୮୬ କୋଟି
- ଚାଇନାରେ ୧୪୨.୫୭ କୋଟି
- ୨୦୫୦ ବେଳକୁ ଭାରତର ଜନସଂଖ୍ୟା ୧.୬୬୮ ବିଲିୟନ୍ ଛୁଇଁବ

**ଜାତିସଂଘ/ନୂଆଦିଲ୍ଲୀ, ୧୯।୪**

ଜନସଂଖ୍ୟା କ୍ଷେତ୍ରରେ ସବୁ ଦେଶକୁ ପଛରେ ପକାଇ ଭାରତ ଏବେ ଶୀର୍ଷ ସ୍ଥାନ ଅଧିକାର କରିଛି। ଜାତିସଂଘ ପକ୍ଷରୁ ବୁଧବାର ପ୍ରକାଶ ପାଇଥିବା ଜନସଂଖ୍ୟା ସମ୍ପର୍କିତ ରିପୋର୍ଟ ଅନୁସାରେ ଚାଇନାକୁ ପଛରେ ପକାଇ ଭାରତ ଏବେ ବିଶ୍ୱର ସବୁଠୁ ଜନବହୁଳ ରାଷ୍ଟ୍ରର ମାନ୍ୟତା ହାସଲ କରିଛି। ବର୍ତ୍ତମାନ ଭାରତର ମୋଟ ଜନସଖ୍ୟା ୧୪୨.୮୬ କୋଟି ରହିଥିବାବେଳେ ଚାଇନା ଜନସଂଖ୍ୟା ୧୪୨.୫୭ କୋଟି। ଜାତିସଂଘ ଦ୍ୱାରା ପ୍ରସ୍ତୁତ ବିଶ୍ୱର ଜନବହୁଳ ରାଷ୍ଟ୍ର ସୂଚୀ ମଧ୍ୟରେ ଭାରତ ପ୍ରଥମ ଥର ପାଇଁ ସର୍ବାଗ୍ରେ ରହି ନୂଆ ରେକର୍ଡ କରିଛି।

ଭାରତର ଜନସଂଖ୍ୟା ହୁ ହୁ ହୋଇ ବଢ଼ିଚାଲିଛି। ଅନ୍ୟପକ୍ଷେ ଦେଖିବାକୁ ଗଲେ କିଛି ବର୍ଷ ହେବ ଚାଇନାରେ ଜନ୍ମହାର ହ୍ରାସ ଘଟିଛି। ଏଥିଯୋଗୁ ଜନସଂଖ୍ୟା ମଧ୍ୟ କମିବାରେ ଲାଗିଛି। ନିଜ ଭୂଖଣ୍ଡର ବିଭିନ୍ନ ପ୍ରାନ୍ତରେ ଜନ୍ମହାର ବୃଦ୍ଧି ଲାଗି ଚାଇନା ସରକାର ଏକାଧିକ ଯୋଜନା ଲାଗୁ କରିଛନ୍ତି। ତଥାପି ଜନସଂଖ୍ୟା ବୃଦ୍ଧି ଟାର୍ଗେଟ୍‌କୁ ପଡ଼ୋଶୀ ରାଷ୍ଟ୍ର ହାସଲ କରିପାରି ନାହିଁ। ୧୯୫୦ରୁ ଜାତିସଂଘ ଜନସଂଖ୍ୟାଭିତ୍ତିକ ତଥ୍ୟ ପ୍ରସ୍ତୁତି ଆରମ୍ଭ କରିଥିଲା। ଦେଶରେ ମୋଟ ଜନସଂଖ୍ୟା ନେଇ ଭାରତ ପାଖରେ ବର୍ତ୍ତମାନ ସୁଦ୍ଧା କୌଣସି ତଥ୍ୟ ଉପଲବ୍ଧ ନାହିଁ। କାରଣ ଭାରତରେ ଶେଷଥର ଲାଗି ୨୦୧୧ରେ ଜନଗଣନା କରାଯାଇଥିଲା। ☞ପୃଷ୍ଠା-୨

## ସ୍ଥାନୀୟ ଭାଷାରେ ପରୀକ୍ଷା ଦେବେ ଛାତ୍ରୀଛାତ୍ର

### ଅନୁମତି ଦେବାକୁ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦେଲା ୟୁଜିସି

**ନୂଆଦିଲ୍ଲୀ, ୧୯।୪**

କୌଣସି ବିଷୟରେ ଇଂଲିଶ୍‌ରେ ପାଠପଢ଼ା ହେଉଥିଲେ ମଧ୍ୟ ପରୀକ୍ଷା ବେଳେ ଛାତ୍ରୀଛାତ୍ରମାନଙ୍କୁ ନିଜ ସ୍ଥାନୀୟ ଭାଷାରେ ଲେଖିବାକୁ ସୁଯୋଗ ଦିଆଯିବ। ଏନେଇ ଦେଶର ବିଶ୍ୱବିଦ୍ୟାଳୟଗୁଡ଼ିକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ନିର୍ଦ୍ଦେଶ ଦେଇଛନ୍ତି। ୟୁଜିସି ଅଧ୍ୟକ୍ଷ ଏମ୍. ଜଗଦୀଶ କୁମାର କହିଛନ୍ତି, ମୂଲ୍ୟାଙ୍କନକାରୀଙ୍କୁ ଡକାଇବା ସହ ପାଠ୍ୟପୁସ୍ତକଗୁଡ଼ିକର ଅନୁବାଦକୁ ପ୍ରୋତ୍ସାହନ ଦିଆଯିବା ଆବଶ୍ୟକ। ୟୁନିଭର୍ସିଟିଗୁଡ଼ିକରେ ଆଞ୍ଚଳିକ ଭାଷାରେ ଶିକ୍ଷା ଦାନ ଓ ଗ୍ରହଣ ପ୍ରକ୍ରିୟା କରାଇବାକୁ ପରାମର୍ଶ ଦିଆଯାଇଛି। ଶିକ୍ଷାରେ ଭାରତୀୟ ଭାଷାଗୁଡ଼ିକର ନିୟମିତ ବ୍ୟବହାର ହେଉଛି ନୂଆ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି)ର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ମାତୃଭାଷା ଓ ସ୍ଥାନୀୟ ଭାଷାରେ ପାଠ ପଢ଼ାଇବା ଉପରେ ଏଥିରେ ଗୁରୁତ୍ୱାରୋପ କରାଯାଇଛି। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ଜ୍ଞାନ ଆହରଣ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
ଜଙ୍ଗଲ ସଂରକ୍ଷଣ ଏକମାତ୍ର ବାଟ









**ଆଜିର ମନ୍ତବ୍ୟ**

"ଡ୍ରଗ୍ସ ଚାଲାଣ ଜଣେ ବ୍ୟକ୍ତି କିମ୍ବା ରାଜ୍ୟ ଅଥବା କେନ୍ଦ୍ରକୁ ପ୍ରଭାବିତ କରି ନ ଥାଏ। ଏହା ଦେଶର ବିକାଶରେ ବାଧା ସୃଷ୍ଟିକାରୀ ଏକ ସମସ୍ୟା, ଯାହାକୁ ପ୍ରତିହତ କରିବା ପାଇଁ ନାର୍କୋଟିକ୍ସ ନିରୋଧୀ ଅଧିକାରୀମାନେ କଡ଼ା କାର୍ଯ୍ୟାନୁଷ୍ଠାନ ନିଅନ୍ତୁ।"

– ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଛ ଚଢ଼ି ନ ଜାଣେ ଯିଏ**
**କୁଆ ଅଇଁଠା ଖାଏ ସିଏ।**

ସାଧାରଣତଃ ଗଛ ଚଢ଼ି ଜାଣି ନ ଥିବା ବ୍ୟକ୍ତି ଫଳ ଖାଇବା ପାଇଁ ଇଚ୍ଛା କଲେ ଗଛଚଢ଼ା ଜାଣିଥିବା ଲୋକ ଆଗରେ ହାତ ପତେଇବାକୁ ବାଧ ହୋଇଥାଏ। ସେହିପରି ସଫଳତା ପାଇଁ ପାହାଚ ଚଢ଼ି ଜାଣି ନ ଥିବା ବ୍ୟକ୍ତି ପଛରେ ପଡ଼ିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଗୋରୁ ପୃଷ୍ଠେ ଯାତ୍ରାକାଳେ**
**ଯଦି କାକ ବସେ ଭଲେ;**
**ଧନ, ରତ୍ନ ବହୁ ମିଳେ**
**ଭାଗ୍ୟେ ଶୁଭଫଳ ଫଳେ।**

ଯାତ୍ରା କାଳରେ ଗୋରୁ ପିଠି ଉପରେ କାଉ ବସିରହିଥିବାର ଦେଖିଲେ ଧନ ଲାଭ ହୋଇଥାଏ। ଏଥିସହ ଅନେକ ଶୁଭଫଳ ମିଳିଥାଏ ବୋଲି ଲୋକବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ଓଡ଼ିଶା ପାଣି ନେବାକୁ ଆଉ ପାଦେ ଆଗେଇଲା ଆନ୍ଧ୍ର

## ମୁଲାପେଟାଠାରେ ବନ୍ଧ ନିର୍ମାଣ ପାଇଁ ସମୁଦ୍ର ପୂଜା

ପାରଳାଖେମୁଣ୍ଡି, ୧୯।୪ (ଡି.ଏନ୍.ଏ)

ଗଜପତି ଜିଲାର ଦୁଇ ନଦୀ ମହେନ୍ଦ୍ରତନୟା ଓ ବଂଶଧାରା ଉପରେ ଆନ୍ଧ୍ର ପ୍ରକଳ୍ପ ନିର୍ମାଣ କରି ବିବାଦକୁ ଆସିବା ପରେ ସୁପ୍ରିମକୋର୍ଟରେ ଦ୍ୱାରସ୍ଥ ହୋଇଥିଲେ ଉଭୟ ରାଜ୍ୟ। ସୁପ୍ରିମକୋର୍ଟ ଆନ୍ଧ୍ର ସପକ୍ଷରେ ରାୟ ଦେବା ପରେ ଏବେ ଆଉପାଦେ ଆଗେଇଛନ୍ତି ଆନ୍ଧ୍ର ସରକାର। ବୁଧବାର ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ ଶ୍ରୀକାକୁଲମ ଜିଲା ମୁଲାପେଟାଠାରେ ବନ୍ଧ ନିର୍ମାଣ ପାଇଁ ସମୁଦ୍ର ପୂଜା କରିଛନ୍ତି। ଉଭୟ ନଦୀରେ ୪୭୬.୩୫ କୋଟି ଟଙ୍କା ବ୍ୟୟରେ ପ୍ରକଳ୍ପ ନିର୍ମାଣ ପାଇଁ ଭୂମିପୂଜନ କରିଛନ୍ତି। ମହେନ୍ଦ୍ରତନୟା ନଦୀର ଆପସୋର ପ୍ରକଳ୍ପ ବାବଦକୁ ୩୦୦ କୋଟି ଟଙ୍କା ବ୍ୟୟରେ ଏକ ରିଜର୍ଭର ଓ ବଂଶଧାରା ନଦୀର କାତ୍ରାଗଡ଼ା ପ୍ରକଳ୍ପରୁ ପାଣି ନେଇ ହୀରାମଣ୍ଡଳମ ନିକଟରେ ୧୭୬.୩୫ କୋଟି ବ୍ୟୟରେ ରିଜର୍ଭର ନିର୍ମାଣ ପାଇଁ ଭୂମିପୂଜନ କରିଛନ୍ତି। ଓଡ଼ିଶାର ପାଣି ନେବା ପାଇଁ ଆନ୍ଧ୍ର ଗୋଟିଏ ପରେ ଗୋଟିଏ ପ୍ରୟାସ ଜାରି ରଖିଥିବା ବେଳେ ଏଠାକାର ରାଜ୍ୟ ସରକାର ଏ ଦିଗରେ କୌଣସି ଆଖିଦୃଶିଆ ପଦକ୍ଷେପ ନେଉନାହାନ୍ତି। ବିଗତ ଦିନରେ ମହେନ୍ଦ୍ରତନୟା ନଦୀର ତଳମୁଣ୍ଡରେ ଆପସୋର ପ୍ରକଳ୍ପ ନିର୍ମାଣକୁ ଗଜପତି ଜିଲାରେ ତୀବ୍ର ବିରୋଧ କରାଯାଇଥିଲା। ଫଳରେ ନଦୀର ଉପର ମୁଣ୍ଡରେ ଜିଲାର ରାୟଗଡ ବ୍ଲକ ଡମ୍ବାପୁର ଓ ଚମ୍ପାପୁର ନିକଟରେ ଦୁଇଟି ପ୍ରକଳ୍ପ ନିର୍ମାଣ କରିବା ପାଇଁ ଓଡ଼ିଶା ସରକାର ନିଷ୍ପତ୍ତି ନେଇ ୨୦୦୭ରେ ଡମ୍ବାପୁର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିଥିଲେ। କିନ୍ତୁ ଦୁର୍ଭାଗ୍ୟର କଥା ପ୍ରକଳ୍ପ ଉପରମୁଣ୍ଡରେ କାର୍ଯ୍ୟ ସରିଥିଲେ ମଧ୍ୟ କେନାଲ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଏହି ପ୍ରକଳ୍ପ ନିର୍ମାଣ ହେଲେ ଗଜପତି ଜିଲାର ରାୟଗଡ଼ ଓ ଗୋସାଣି ବ୍ଲକର ଲୋକଙ୍କ ଚାଷକାର୍ଯ୍ୟ ଓ ପାନୀୟ ଜଳର ସମସ୍ୟା ଦୂର ହେବା ସହିତ ତଳମୁଣ୍ଡରେ ଆନ୍ଧ୍ରର ପ୍ରସ୍ତାବିତ ପ୍ରକଳ୍ପକୁ କଡ଼ା ଜବାବ ଦିଆଯାଇପାରନ୍ତା। ରାଜ୍ୟ ସରକାରଙ୍କ ପ୍ରକଳ୍ପ କାର୍ଯ୍ୟର ମନ୍ଥରତା ଯୋଗୁଁ ଆନ୍ଧ୍ର ଗୋଟିଏ ପରେ ଗୋଟିଏ ପ୍ରକଳ୍ପ କରିଚାଲିଛି। ତେବେ ଗଜପତିବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଉପଯୁକ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।


ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ ସମୁଦ୍ର ପୂଜା କରୁଛନ୍ତି।

# ମହାନଦୀ ସର୍ଭେ ଆରମ୍ଭ

- ଟ୍ରିବ୍ୟୁନାଲ ଟିମ୍ ଛତିଶଗଡ଼ରେ ମହାନଦୀର ଉତ୍ପତ୍ତିସ୍ଥଳ ଅନୁଧ୍ୟାନ କଲେ
- ଓଡ଼ିଶା ସରକାର ଚାହିଁଲେ ମହାନଦୀରେ ଛୋଟ ଛୋଟ ବ୍ୟାରେଜ ନିର୍ମାଣ କରିପାରିବେ: କେନ୍ଦ୍ରମନ୍ତ୍ରୀ ଟୁଡୁ

ଭୁବନେଶ୍ୱର, ୧୯।୪ (ବ୍ୟୁରୋ)

ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ବୁଧବାର କ୍ଷେତ୍ରସ୍ତରୀୟ ସର୍ଭେ ଆରମ୍ଭ କରିଛନ୍ତି। ଟ୍ରିବ୍ୟୁନାଲ ଟିମ୍ ଛତିଶଗଡ଼ର ଫରସିୟା ଗ୍ରାମ ନିକଟରେ ମହାନଦୀର ଉତ୍ପତ୍ତି ସ୍ଥଳ ବୁଲି ଦେଖିଛନ୍ତି। ଏହି ଟିମ୍‌ରେ ଟ୍ରିବ୍ୟୁନାଲ ଖଣ୍ଡପୀଠ ଜଷ୍ଟିସ୍ ଏ.ଏମ୍. ଖାନୱିଲକର, ରବି ରଞ୍ଜନ ଏବଂ ଇନ୍ଦ୍ରମିତ କୌର କୋଚରଙ୍କ ସମେତ ମୂଲ୍ୟାୟନକାରୀ(ଆସେସର) ଏବଂ ରେଜିଷ୍ଟ୍ରାର ସର୍ଭେ ଆରମ୍ଭ କରିଛନ୍ତି। ଟ୍ରିବ୍ୟୁନାଲ ଫରସିୟା ଗ୍ରାମ ଓ ଶିହାୱା ଅଞ୍ଚଳ ପରିଦର୍ଶନ କରିଛନ୍ତି। ଗୁରୁବାର ଟିମ୍ ସୋନ୍ଦୁର ଡ୍ୟାମ୍ ପରିଦର୍ଶନ କରିବେ। ତୃତୀୟ ଦିନରେ ମୁରୁମଶିଲି ଡ୍ୟାମ୍, ରବିଶଙ୍କର ସାଗର ଜଳ ଭଣ୍ଡାର ଓ ନବନିର୍ମାଣ ରୁଦ୍ରୀ ବ୍ୟାରେଜ ବୁଲି ସର୍ଭେ କରିବେ। ସେହିପରି ଟ୍ରିବ୍ୟୁନାଲ ଟିମ୍ ଚତୁର୍ଥ ଦିନରେ ଧାମତ୍ରୀଠାରେ ଥିବା ଡେମାରି, ଖଇରାଗଡ଼ଠାରେ ଥିବା ଉଦୟପୁର, ଛୁଇଖାଦାନଠାରେ ଥିବା ସିଧିବାବା ମାଇନର ଟ୍ୟାଙ୍କ୍ ଓ ପିପାରିଆ ଡ୍ୟାମ୍ ପର୍ଯ୍ୟବେକ୍ଷଣ କରିବା କାର୍ଯ୍ୟକ୍ରମ ରହିଛି। ପ୍ରଥମ ପର୍ଯ୍ୟାୟର ଶେଷ ଦିବସରେ ଟ୍ରିବ୍ୟୁନାଲ ଟିମ୍ ରାଜୀବ ସମୋଦା ନିସଦା ଡାଇଭର୍ସନ ଏବଂ ସମୋଦା ବ୍ୟାରେଜ ପରିଦର୍ଶନ କରିବେ। ଛତିଶଗଡ଼ରେ ଟ୍ରିବ୍ୟୁନାଲ ଟିମ୍ ଦୁଇଟି ପର୍ଯ୍ୟାୟରେ ଅଣମୌସୁମୀ ସମୟରେ ମହାନଦୀରେ ଜଳ ପ୍ରବାହ, ତଳମୁଣ୍ଡରେ ଗଚ୍ଛିତ ହେଉଥିବା ଜଳ ଓ ଏହାର ବିନିଯୋଗକୁ ଅନୁଧ୍ୟାନ କରିବେ। ଅନ୍ୟପକ୍ଷରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ କହିଛନ୍ତି, ଜଳ ବିବାଦ ଯୋଗୁ ବ୍ୟାରେଜ ନିର୍ମାଣ କରିବାରେ ରାଜ୍ୟ ବିଫଳ ହୋଇଛି। ମହାନଦୀ ଛତିଶଗଡ଼ରୁ ଉତ୍ପତ୍ତି ହୋଇଛି। ରାଜ୍ୟରେ କୌଣସି ଡ୍ୟାମ୍ ନାହିଁ। କେବଳ ୭ଟି ଡ୍ୟାମ୍ ନିର୍ମାଣକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। ଏହି ମାମଲା ଟ୍ରିବ୍ୟୁନାଲକୁ ଯିବା ପରେ ବ୍ୟାରେଜ ନିର୍ମାଣ ବନ୍ଦ ରହିଛି। ସମସ୍ତ ପାଣି ଓଡ଼ିଶାକୁ ଚାଲିଯାଉଥିବାରୁ ବ୍ୟାରେଜ ନିର୍ମାଣ ପାଇଁ ଅନୁମତି ମିଳିବା ଦରକାର ବୋଲି ଛତିଶଗଡ଼ ମୁଖ୍ୟମନ୍ତ୍ରୀ କହିଛନ୍ତି। କେନ୍ଦ୍ର ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ କହିଛନ୍ତି, ଛୋଟ ବ୍ୟାରେଜ ନିର୍ମାଣ କରିବା ପାଇଁ କେନ୍ଦ୍ରର ଅନୁମତି ଦରକାର ନାହିଁ। ଓଡ଼ିଶା ସରକାର ଚାହିଁଲେ ମହାନଦୀ ଉପରେ ଛୋଟ ବ୍ୟାରେଜ ନିର୍ମାଣ କରିପାରିବେ। ଆଗକୁ ନିର୍ବାଚନ ଆସୁଥିବାରୁ ରାଜ୍ୟ ସରକାର ମହାନଦୀକୁ ନେଇ ଡ୍ରାମା କରୁଛନ୍ତି।

# ୮ ରାଜ୍ୟରେ ବଢୁଛି କୋଭିଡ୍ ସଂକ୍ରମଣ

## ପି.କେ. ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ସ୍ଥିତି ସମୀକ୍ଷା

ଭୁବନେଶ୍ୱର, ୧୯।୪ (ବ୍ୟୁରୋ)

ଗତ କିଛି ଦିନ ହେବ ଦେଶରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି କୋଭିଡ୍ ସ୍ଥିତି ଆକଳନ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କ ଅଧ୍ୟକ୍ଷତାରେ ବୁଧବାର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବଢୁଥିବା କୋଭିଡ୍-୧୯କୁ ପ୍ରତିହତ ଲାଗି ସ୍ୱାସ୍ଥ୍ୟ ଭିତ୍ତିଭୂମି ଯଥା ଲଜିଷ୍ଟିକ୍ସ, ଔଷଧ, ଟିକାକରଣ ଅଭିଯାନର ସ୍ଥିତି ଏବଂ ପ୍ରସ୍ତୁତିର ସମୀକ୍ଷା ସହିତ ଆବଶ୍ୟକ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣଙ୍କ ଦ୍ୱାରା ବିଶ୍ୱର କୋଭିଡ ସ୍ଥିତି ଉପରେ ଏକ ବିସ୍ତୃତ ଉପସ୍ଥାପନା କରାଯାଇଥିଲା। ଭାରତରେ କୋଭିଡ୍ ମାମଲା ଦ୍ରୁତ ଗତିରେ ବୃଦ୍ଧି ପାଇଛି। କେରଳ, ଦିଲ୍ଲୀ, ମହାରାଷ୍ଟ୍ର, ହରିୟାଣା, ଉତ୍ତରପ୍ରଦେଶ, ତାମିଲନାଡୁ, କର୍ନାଟକ ଏବଂ ରାଜସ୍ଥାନ ଆଦି ୮ଟି ରାଜ୍ୟରେ ଅଧିକାଂଶ ମାମଲା ଦେଖାଦେଇଛି। ଏହି ରାଜ୍ୟର ହାରାହାରି ୯୨ ପ୍ରତିଶତ ଆକ୍ରାନ୍ତ ଘରେ ରହି ଚିକିତ୍ସିତ ହେଉଛନ୍ତି। ଜାନୁୟାରୀ ୨୦୨୩ଠାରୁ ବିଭିନ୍ନ ପ୍ରକାରର ଜେନୋମ ସିକ୍ୱେନ୍ସିଂର ସୂଚନା ବୈଠକରେ ଉପସ୍ଥାପନ କରାଯାଇଥିଲା। ଭାରତରେ ଦେଖାଯାଉଥିବା ଭାରିଏଣ୍ଟ, ଟିକାକରଣର ସ୍ଥିତି, ଔଷଧ ଉପଲବ୍ଧତା ଏବଂ ଭିତ୍ତିଭୂମି ପ୍ରସ୍ତୁତି ଉପରେ ଆଲୋଚନା କରାଯାଇଥିଲା। କୋଭିଡ୍-୧୯ ଟିକାକରଣ କାର୍ଯ୍ୟକ୍ରମର ବ୍ୟୟ, ଔଷଧ ଏବଂ ଟିକା ଲାଗି ଆବଶ୍ୟକ କଞ୍ଚାମାଲ ପାଇଁ ବଜେଟ ବ୍ୟବସ୍ଥାର ମଧ୍ୟ ସମୀକ୍ଷା ହୋଇଥିଲା। ବିସ୍ତୃତ ଉପସ୍ଥାପନା ପରେ ଡ. ମିଶ୍ର ସ୍ଥାନୀୟ ଅଞ୍ଚଳରେ ବଢୁଥିବା ମାମଲାର ପରିଚାଳନା ପାଇଁ ଉପ-ଜିଲାସ୍ତରରେ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପଲବ୍ଧ ହେବା ଜରୁରୀ ଏବଂ ରାଜ୍ୟମାନଙ୍କ ସହିତ ପରାମର୍ଶରେ ଏହା ନିଶ୍ଚିତ ହୋଇପାରିବ ବୋଲି କହିଥିଲେ। ବଢୁଥିବା ସ୍ଥିତିକୁ ଆଧାର କରି ରାଜ୍ୟଗୁଡ଼ିକୁ ମାର୍ଗଦର୍ଶନ କରିବା ପାଇଁ ଉପଦେଶଗୁଡ଼ିକ ମୂଲ୍ୟାଙ୍କନ କରାଯିବା ଉଚିତ୍ ଏବଂ ସେହି ଅନୁଯାୟୀ ଅପଡେଟ କରାଯିବା ଉଚିତ୍ ନେଇ ପରାମର୍ଶ ଦେଇଥିଲେ। ଟେଷ୍ଟ-ଟ୍ରାକ୍-ଟ୍ରିଟ୍-ଟିକାକରଣ ଏବଂ କୋଭିଡ୍ ଉପଯୁକ୍ତ ଆଚରଣ ପାଳନ ପାଇଁ ସମୟ ପରୀକ୍ଷିତ ପଞ୍ଚସୂତ୍ରୀ ରଣନୀତି ଲାଗୁ କରାଯିବା ଆବଶ୍ୟକ ବୋଲି ମିଶ୍ର କହିଥିଲେ। ବଢୁଥିବା ହଟ୍‌ସ୍ପଟ ଚିହ୍ନଟ ଉପରେ ଧ୍ୟାନ ଦେବା ସହ ରାଜ୍ୟଗୁଡ଼ିକ ଆଇଏଲ୍ଆଇ/ଏସ୍ଏଆର୍ଆଇ ମାମଲାର ଧାରା ଉପରେ ନଜର ରଖିବା ଉଚିତ୍ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ବୈଠକରେ କ୍ୟାବିନେଟ ସଚିବ ରାଜୀବ ଗୌବା, ନୀତି ଆୟୋଗର ସଦସ୍ୟ ଡ. ବିନୋଦ ପଲ, ଅର୍ଥ ସଚିବ ଟି.ଭି. ସୋମନାଥନ, ଫାର୍ମାସ୍ୟୁଟିକାଲ ସଚିବ ଏସ୍. ଅପର୍ଣ୍ଣା, ବେସାମରିକ ବିମାନ ଚଳାଚଳ ସଚିବ ରାଜୀବ ବଂଶଲ, ଆୟୁଷ ସଚିବ ରାଜେଶ କୋଟେଚା, ଆଇସିଏମ୍ଆର ମହାନିର୍ଦ୍ଦେଶକ ରାଜୀବ ଭାଲ୍, ବାୟୋଟେକ୍ନୋଲୋଜି ସଚିବ ରାଜେଶ ଏସ ଗୋଖଲେ ଏବଂ ସୂଚନା ଏବଂ ପ୍ରସାରଣ ସଚିବ ଅପୂର୍ବ ଚନ୍ଦ୍ରା ପ୍ରମୁଖ ଯୋଗ ଦେଇଥିଲେ।

# ୭୦୦ ବର୍ଷ ପୁରୁଣା ଗଜସିଂହ ମଣ୍ଡପ ଚିହ୍ନଟ

- ମିଳିତ ଐତିହ୍ୟ ଅନୁସନ୍ଧାନକାରୀଙ୍କ ଦ୍ୱାରା ଠାବ
- ସମ୍ରାଟ ଲାଙ୍ଗୁଳା ନରସିଂହ ଦେବ ଏଠାରେ ବସୁଥିଲେ
- ଐତିହାସିକ ସ୍ଥାନର ମାନ୍ୟତା ଦିଆଯାଉ


ଗଜସିଂହ ମଣ୍ଡପ ନିକଟରେ ଉପସ୍ଥିତ ଇନ୍‌ଟାକ୍, ରିଡିସ୍କଭର ଲଷ୍ଟ ହେରିଟେଜ ଗ୍ରୁପର ସଦସ୍ୟ ଓ ଛାତ୍ରୀଛାତ୍ରୀ।


ଜଙ୍କିଆସ୍ଥିତ ଭୋଗପୁର ଗ୍ରାମରେ ଥିବା ଗଜସିଂହ ମଣ୍ଡପ।

ଭୁବନେଶ୍ୱର, ୧୯।୪ (ବ୍ୟୁରୋ)

ଖୋର୍ଦ୍ଧା ଜିଲା ଜଙ୍କିଆ ତହସିଲ ଅନ୍ତର୍ଗତ ଭୋଗପୁର ଗ୍ରାମରୁ ଏକ ପ୍ରାଚୀନ ପ୍ରସ୍ତର ମଣ୍ଡପର ସନ୍ଧାନ ମିଳିଛି। ଇନ୍‌ଟାକ ଓଡ଼ିଶା ଶାଖା, ହେରିଟେଜ ଆଣ୍ଡ କଲଚର କ୍ଲବ ଅଫ୍ ଆଇଆଇଟିଏମ୍, ଭୁବନେଶ୍ୱର ତଥା ରିଡିସ୍କଭର ଲଷ୍ଟ ହେରିଟେଜ ଗ୍ରୁପର ସଦସ୍ୟମାନଙ୍କ ମିଳିତ ଐତିହ୍ୟ ଅନୁସନ୍ଧାନକାରୀ ଦଳ ଏହି ପୁରାତନ କାରୁକାର୍ଯ୍ୟପୂର୍ଣ୍ଣ ମଣ୍ଡପଟିକୁ ଖୋଜି ବାହାର କରିଛନ୍ତି। ବିଶ୍ୱ ଐତିହ୍ୟ ଦିବସ ତଥା ଜି୨୦ ଜନ ଭାଗୀଦାରି କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି କାର୍ଯ୍ୟକ୍ରମରେ ଆଇଆଇଟିଏମ୍ ସଂସ୍ଥାର ୨୦ ଜଣ ଛାତ୍ରୀଛାତ୍ରଙ୍କ ସମେତ ଅନେକ ଐତିହାସିକ, ସଂସ୍କୃତିପ୍ରେମୀ ତଥା ସ୍ଥାନୀୟ ଅଧିବାସୀ ଯୋଗଦେଇଥିଲେ। 'ପବନଖିଆ ମଣ୍ଡପ' ବା 'ଗଜସିଂହ ମଣ୍ଡପ' ରୂପେ ଏହି ମଣ୍ଡପ ଜଣାଶୁଣା। ଏହି ମଣ୍ଡପରେ ବସି ଗଙ୍ଗବଂଶୀୟ ସମ୍ରାଟ ଲାଙ୍ଗୁଳା ନରସିଂହ ଦେବ ବିଶ୍ରାମ କରିଥିବା ଲୋକକଥା ରହିଛି।

ଏ ସମ୍ପର୍କରେ ରିଡିସ୍କଭର ଲଷ୍ଟ ହେରିଟେଜ ଗ୍ରୁପର ପ୍ରତିଷ୍ଠାତା ସଦସ୍ୟ ତଥା ଐତିହ୍ୟ ଗବେଷକ ଦୀପକ କୁମାର ନାୟକ କହିଛନ୍ତି, ପ୍ରାୟ ୧୫ ଫୁଟ ଉଚ୍ଚତା ଓ ୧୫ ଫୁଟ ଦୈର୍ଘ୍ୟ ବିଶିଷ୍ଟ ଏହି ବର୍ଗାକାର ମଣ୍ଡପଟି ମାଙ୍କଡ଼ା ପଥର ଓ ଖୋଣ୍ଡାଲାଇଟ ପ୍ରସ୍ତର ଦ୍ୱାରା ନିର୍ମିତ। ଏହି ମଣ୍ଡପ ଉପରକୁ ଯିବା ପାଇଁ କୌଣସି ପାହାଚ କିମ୍ବା ରାସ୍ତା ନାହିଁ। ତେଣୁ ସ୍ଥାନୀୟ ଲୋକକଥା ଅନୁଯାୟୀ, ରାଜା ହାତୀପିଠିରେ ବସି ମଣ୍ଡପ ଉପରେ ଓହ୍ଲାଇ ସେଠି ବସୁଥିଲେ। ଏହି ମଣ୍ଡପ ନିକଟରେ ଥିବା ଦକ୍ଷିଣଚଣ୍ଡୀଙ୍କ ମନ୍ଦିରରେ ଏକ ପ୍ରସ୍ତର ଅଭିଲେଖରୁ ନରସିଂହ ଦେବଙ୍କ ନାମ ଉତ୍ତୀର୍ଣ୍ଣ ହୋଇଥିବା ଜଣାଯାଏ। ଗଙ୍ଗବଂଶ ଓ ଭୋଇବଂଶରେ ଏକାଧିକ ନରସିଂହ ଦେବ ନାମଧାରୀ ରାଜା ଶାସନ କରିଥିବାରୁ ଏହି ଅଭିଲେଖ ଉପରେ ଅଧିକ ଗବେଷଣା ଆବଶ୍ୟକ। ତେବେ ମଣ୍ଡପର ସୂକ୍ଷ୍ମ ପ୍ରସ୍ତର କାରୁକାର୍ଯ୍ୟ, ଗଜାକ୍ରାନ୍ତ ସିଂହ, ମୈଥୁନ ମୂର୍ତ୍ତି ତଥା ପୁଷ୍ପଲତାର ଚିତ୍ରଣରୁ ଏହା ପ୍ରାୟ ୬୦୦ରୁ ୭୦୦ ବର୍ଷ ତଳେ ନିର୍ମିତ ହୋଇଥିବା ନାୟକ ଅନୁମାନ କରିଛନ୍ତି।

ସେହିପରି ଇନ୍‌ଟାକ ଓଡ଼ିଶାର ସହ-ଆବାହକ ତଥା ଐତିହାସିକ ଅନିଲ ଧୀରଙ୍କ କହିବା ଅନୁଯାୟୀ, ଏପରି ଏକ ଐତିହ୍ୟ ଓଡ଼ିଶାରେ ବିରଳ। ଜଣେ ରାଜାଙ୍କ ବସିବା ପାଇଁ ଏପରି ମୁକ୍ତାକାଶ ମଣ୍ଡପ ବା ସିଂହାସନ ଓଡ଼ିଶାରେ ଅନ୍ୟ କେଉଁଠି ଆମେ ଦେଖିନାହୁଁ। ତେବେ ଏହି ମଣ୍ଡପଟି ବର୍ତ୍ତମାନ ଅବହେଳିତ ଅବସ୍ଥାରେ ରହିଛି। ମଣ୍ଡପର ବିଭିନ୍ନ ଅଂଶରୁ କାରୁକାର୍ଯ୍ୟପୂର୍ଣ୍ଣ ପଥର ଖସିପଡୁଛି, କିଛି ମୂର୍ତ୍ତି ମଧ୍ୟ ଗାଏବ ହୋଇଗଲାଣି। ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ତୁରନ୍ତ ଏହାକୁ ଐତିହାସିକ ସ୍ଥାନର ମାନ୍ୟତା ଦେବାର ଆବଶ୍ୟକ ରହିଛି। ଆଇଆଇଟିଏମ୍‌ର ସହକାରୀ ପ୍ରଫେସର ଡ.ଆଦ୍ୟାଶା ଦାସ କହିଛନ୍ତି, ଛାତ୍ରୀଛାତ୍ର ଓ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ଇତିହାସ ଓ ଐତିହ୍ୟ ପାଇଁ ସଚେତନତା କରିବା ଆବଶ୍ୟକ। ଭାରତର ପ୍ରତ୍ୟେକ ଗ୍ରାମରେ ଏପରି ଲୁକ୍କାୟିତ ଐତିହ୍ୟ ରହିଛି। ସ୍ଥାନୀୟ ଅଧିବାସୀ ନିଜ ଅଞ୍ଚଳର ଐତିହାସିକ ବିଭବ ପାଇଁ ଗର୍ବିତ ହେବା ସହ ସେସବୁର ସୁରକ୍ଷା ଓ ପ୍ରଚାର ପ୍ରସାର କରିବା ଦିଗରେ ଯତ୍ନବାନ ହେବା ଜରୁରୀ। ପ୍ରାଚୀନ ଗଜସିଂହ ମଣ୍ଡପର ପୁନରୁଦ୍ଧାର ପାଇଁ ପ୍ରଚେଷ୍ଟା ଜାରି ରଖିବୁ ବୋଲି ଦାସ କହିଥିଲେ।

ପ୍ରଥମ ପୃଷ୍ଠାରୁ...

## ସ୍ୱାଭିମାନ ଅଞ୍ଚଳରେ...

ପାଇଁ କେତୋଟି ସ୍ଥାନ ଚୟନ କରିଛି। ଗତ ଦୁଇ ସପ୍ତାହ ତଳେ ଉପରୋକ୍ତ ଅଞ୍ଚଳରେ ପୁଷ୍ପା-୨ର ଶୁଟିଂ କରିବାକୁ ପ୍ରଯୋଜନା ସଂସ୍ଥା ମାଲକାନଗିରି ଜିଲାପାଳ ଓ ଏସ୍‌ପିଙ୍କୁ ଅନୁମତି ପାଇଁ ଆବେଦନ କରିଥିଲା। ଅନୁମତି ପରେ ସ୍ୱାଭିମାନ ଅଞ୍ଚଳର ହନ୍ତାଳଗୁଡା ନିକଟସ୍ଥ ତରାବୁ ଜଳପ୍ରପାତ ନିକଟରେ ପୁଷ୍ପା-୨ର ଶୁଟିଂ ନିମନ୍ତେ ନିର୍ଦ୍ଦେଶକ, ପ୍ରଯୋଜକ, ମୈତ୍ରୀ ମୁଭି ମେକର ଟିମ୍ ଦୁଇଟି ସ୍ୱତନ୍ତ୍ର ବସ୍ ଯୋଗେ କଳାକାରମାନଙ୍କୁ ଧରି ପହଞ୍ଚିଛନ୍ତି। ସେଠାରେ ଜଙ୍ଗଲୀ ସେଟ୍ ତିଆରି ଚାଲିଛି। ଟିମ୍‌ରେ ମୈତ୍ରୀ ମୁଭି ମେକର ପକ୍ଷରୁ ଫାଇଟ ମାଷ୍ଟର ପିଟର ହାଇସନ୍, କଳା ନିର୍ଦ୍ଦେଶକ ରାମକ୍ରିଷ୍ଣା, ଫାଇଟ ମାଷ୍ଟର ଡ୍ରାଗନ ପ୍ରକାଶ, ସହକାରୀ ପ୍ରଯୋଜକ ଶୁଭ୍ରମଣ୍ୟମ୍‌ଙ୍କ ସହ ନିର୍ଦ୍ଦେଶକ ପ୍ରସାଦ ମାରିସେଟି, କ୍ୟାମେରାମ୍ୟାନ ଦେବରାଜ ରହିଛନ୍ତି। ସେମାନେ ବିଭିନ୍ନ ସ୍ଥାନ ବୁଲି ଲୋକେଶନ ସେଟ୍ କରୁଛନ୍ତି। ଏହି ଶୁଟିଂ ସମୟରେ ଶୁଟିଂ ଦେଖିବାକୁ ଯେପରି ପ୍ରବଳ ଭିଡ ନ ହୁଏ ସେଥିପ୍ରତି ଗୁରୁତ୍ୱ ଦେଇ ଟିମ୍ ସ୍ଥାନୀୟ ପୋଲିସ ପ୍ରଶାସନ ସହଯୋଗରେ ଶୁଟିଂ ଆରମ୍ଭ କରିବ ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ମଙ୍ଗଳବାର ଏହି ଆଭ୍ୟନ୍ତରୀଣ ଜଙ୍ଗଲ ଅଞ୍ଚଳରେ ପରୀକ୍ଷାମୂଳକ ଭାବେ କେତେକାଂଶରେ ଶୁଟିଂ ହୋଇଥିବା ଖବର ମିଳିଛି।

## ସ୍ଥାନୀୟ ଭାଷାରେ...

ଦକ୍ଷତାର ବିକାଶ ଘଟିବ ବୋଲି ଜଗଦୀଶ କହିଛନ୍ତି। ଇଂଲିଶ୍‌ରେ ପାଠ ପଢ଼ା ଜାରି ରହିଥିଲେ ମଧ୍ୟ ସ୍ଥାନୀୟ ଭାଷାରେ ଶିକ୍ଷା ଦାନ ଓ ଗ୍ରହଣ ଆରମ୍ଭ ହେଲେ ଛାତ୍ରୀଛାତ୍ର ଏଥିରେ ଅଧିକ ଜଡ଼ିତ ହେବେ। ଫଳରେ ସଫଳତା ହାର ବୃଦ୍ଧି ପାଇବ। ଏହାଦ୍ୱାରା ସେମାନେ ପରିପ୍ରକାଶ ପାଇଁ ମଧ୍ୟ ଅଧିକ ସୁଯୋଗ ପାଇବେ ବୋଲି ୟୁଜିସି ଅଧ୍ୟକ୍ଷ ସୂଚନା ଦେଇଛନ୍ତି।

## ଭାରତ ସବୁଠୁ...

ପ୍ରତି ୧୦ ବର୍ଷରେ ଥରେ ଦେଶରେ ଜନଗଣନା କରାଯାଏ। ୨୦୨୧ରେ ଜନଗଣନା ହେବାକୁ ଥିବାବେଳେ ମହାମାରୀ କରୋନା ଯୋଗୁ ଏହା ସମ୍ଭବପର ହୋଇନାହିଁ। ଜନସଂଖ୍ୟା ବୃଦ୍ଧି ନେଇ କେନ୍ଦ୍ରର ଭାଜପା ସରକାରଙ୍କୁ ଏବେ ତତ୍ପର ହେବାର ଆବଶ୍ୟକତା ରହିଛି। କାରଣ ଦେଶରେ ମୁଣ୍ଡ ଟେକିଥିବା ବେକାରି ସମସ୍ୟାକୁ ନେଇ ଅନେକ କୋଟି ଲୋକ ଏବେ ଚିନ୍ତାଗ୍ରସ୍ତ। ଜନସଂଖ୍ୟା ବୃଦ୍ଧି ଘଟିବା ପରେ ବେରୋଜଗାରୀ ଦୂର ପାଇଁ ଜରୁରୀ ପଦକ୍ଷେପ ନିଆଯିବା ଆବଶ୍ୟକ। ୟୁରୋପ, ଆଫ୍ରିକା ଓ ଆମେରିକାର ମୋଟ ଜନସଂଖ୍ୟାରୁ ଅଧିକ ସଂଖ୍ୟକ ଲୋକ ଭାରତରେ ବସବାସ କରୁଛନ୍ତି।

ଦେଶର ମୋଟ ଜନସଂଖ୍ୟାର ଏକଚତୁର୍ଥାଂଶ ୧୪ ବର୍ଷରୁ କମ୍ ବୟସ ବର୍ଗ ରହିଥିବା ଜାତିସଂଘ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେହିପରି ୬୮% ଲୋକ ୧୫ରୁ ୬୪ ବର୍ଷୀୟ ଏବଂ ମାତ୍ର ୭% ହେଉଛନ୍ତି ୬୫ ବର୍ଷରୁ ଊର୍ଦ୍ଧ୍ୱ ବୟସ ବର୍ଗର। ବିଭିନ୍ନ ଏଜେନ୍ସି ପକ୍ଷରୁ ପ୍ରକାଶ ପାଇଥିବା ତଥ୍ୟ ଅନୁସାରେ ଆସନ୍ତା ୩୦ ବର୍ଷ ପର୍ଯ୍ୟନ୍ତ ଭାରତରେ ଜନସଂଖ୍ୟା ବୃଦ୍ଧି ଘଟିବ। ଦେଶର ମୋଟ ଜନସଂଖ୍ୟା ୧୬୫ କୋଟିରେ ପହଞ୍ଚିବା ପରେ ଏଥିରେ ହ୍ରାସ ଦେଖାଯିବ। ସେହିପରି ୨୦୫୦ ବେଳକୁ ଭାରତର ଜନସଂଖ୍ୟା ୧.୬୬୮ ବିଲିୟନ୍‌କୁ ଛୁଇଁବା ନେଇ ଆକଳନ କରାଯାଇଛି। ଅନ୍ୟପକ୍ଷେ ଚାଇନାର ଜନସଂଖ୍ୟା ୧.୩୧୭ ବିଲିୟନ୍‌ରେ ପହଞ୍ଚିବ ବୋଲି ବିଶେଷଜ୍ଞ ଅନୁମାନ କରିଛନ୍ତି। ଜାତିସଂଘ ରିପୋର୍ଟ ମୁତାବକ ଚଳିତବର୍ଷ ମଧ୍ୟଭାଗରେ ବିଶ୍ୱର ଜନସଂଖ୍ୟା ୮.୦୪୫ ବିଲିୟନରେ ପହଞ୍ଚିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଯାହା ଆଶା କରିଛନ୍ତି ଆଜି ତାହା ସହଜ ଓ ସୁବିଧାରେ ପାଇଯିବେ କିନ୍ତୁ ଟିକିଏ ବିଳମ୍ବ ଓ ଝାମେଲା ଭିତରେ ହିଁ ମିଳିବ। ଶିଳ୍ପ, ବାଣିଜ୍ୟ, ନିର୍ମାଣ ତଥା ପରିବହନ ବାଧାପ୍ରାପ୍ତ ହୋଇପାରେ। କର୍ମଜଞ୍ଜାଳ ବୃଦ୍ଧି ହେତୁ କଠିନ ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି। ଅର୍ଥ ସମ୍ପର୍କିତ କାମକୁ ନିକଟତମ ବନ୍ଧୁଟି ଦ୍ୱାରା ହାସଲ କରିବେ।

**ବୃଷ** ପରିସ୍ଥିତି ଯାହା ହୋଇଥାଉନା କାହିଁକି ସମୟ ସ୍ରୋତରେ ଅନ୍ୟମାନଙ୍କ ପ୍ରେରଣାରେ ଆଗକୁ ମାଡ଼ି ଚାଲିବେ। ଆଲୋଚନା କ୍ଷେତ୍ରରେ ଶେଷ ସମୟରେ ନିଷ୍ପତ୍ତି ବଦଳାଇପାରନ୍ତି। ଆଜିର ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ, ନଚେତ୍ ଅଦଳବଦଳ ସମ୍ଭାବନା ରହିଛି। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ।

**ମିଥୁନ** ସ୍ୱାସ୍ଥ୍ୟ ସମସ୍ୟାଜନିତ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଆର୍ଥିକ ପରିସ୍ଥିତି ମନ୍ଦ ନ ଥିବାରୁ ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛି ଅଂଶରେ ବଢ଼ିଚାଲିବ। ଯୁକ୍ତିଯୁକ୍ତ କଥା କହି ପ୍ରତ୍ୟେକ କ୍ଷେତ୍ରକୁ ସାଧାରଣ ଅବସ୍ଥାକୁ ଆଣିବାରେ ସମର୍ଥ ହେବେ। ପରିବାର, ପରିବହନ, ପ୍ରଶାସନ, ପ୍ରକାଶନ, ରାଜନୀତି ଓ ଆନୁଷ୍ଠାନିକ କାମ ଉନ୍ନତ ରହିବ।

**କର୍କଟ** କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହେବ ଓ ଉଚ୍ଚ ସମ୍ମାନ ଓ ପ୍ରଶଂସା ପାଇବେ। ଅବଶ୍ୟ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ଅଧିକାଂଶ ସମୟ ଚିନ୍ତିତ ରହିବେ। ଆକସ୍ମିକ ଭାବେ କାହା ଉପରେ ରାଗି ଅନର୍ଥ ଓ ଶତ୍ରୁତା ସୃଷ୍ଟି କରିବାକୁ ପଡ଼ିପାରେ।

**ସିଂହ** ଉପରିସ୍ଥଙ୍କ ଅନୁଗ୍ରହରୁ ଅଟକି ରହିଥିବା କାମଟି ସମ୍ମାନର ସହ ହଠାତ୍ ହୋଇଯିବ। ସାମାଜିକସ୍ତରରେ ବିରୋଧୀମାନେ ମୃଦୁ ଗୁଞ୍ଜରଣ ସୃଷ୍ଟି କରିପାରନ୍ତି। ଅବଶ୍ୟ ଉଚ୍ଚସ୍ତରରୁ ସାହାଯ୍ୟ ଓ ସହଯୋଗର ଅବାରିତ ଧାରା ଛୁଟି ଆସିବ। ଜମିଜମା, ନିର୍ମାଣ, ଆଇନ, ଅଦାଲତ କ୍ଷେତ୍ର ପାଇଁ ମଧ୍ୟମ ପ୍ରକାରର ସ୍ଥିତି ରହିପାରେ।

**କନ୍ୟା** ଦୀର୍ଘଦିନର ଅପୂରଣୀୟ ଆଶା ମନକୁ ଆଲୋଡ଼ନ କରିବା କାରଣରୁ ସାମୟିକ ଅଶାନ୍ତ ରହିବେ। କର୍ମକ୍ଷେତ୍ରରେ ଅବହେଳା ଯୋଗୁ କେତେକ କାମ ଲାଗି ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ବ୍ୟବସାୟିକ ସ୍ଥିତି ସୁଦୃଢ଼ ରହିବ। କଳା, କାରିଗରି, ସାହିତ୍ୟ, ସଙ୍ଗୀତ, ପ୍ରଭୃତି କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ତୁଳା** ପୂର୍ବ ସ୍ଥିରୀକୃତ ଯୋଜନାନୁଯାୟୀ କାର୍ଯ୍ୟାରମ୍ଭ କରନ୍ତୁ ଅବଶ୍ୟ ସଫଳ ହେବେ। ଆବଶ୍ୟକ ଅର୍ଥ ବିଭିନ୍ନ ସୂତ୍ରରୁ ପାଇବାରେ ଅସୁବିଧା ହେବନାହିଁ। ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା, କଳା, ସାହିତ୍ୟରେ ସମସ୍ୟା ସମାଧାନ ସକାଶେ ବିଳମ୍ବ ଘଟିପାରେ। ଶିଳ୍ପ, ବାଣିଜ୍ୟ, ରାଜନୀତି ଓ ପ୍ରଶାସନିକସ୍ତରରେ ସୁଫଳ ପାଇବେ।

**ବିଛା** ବିଭିନ୍ନ ପ୍ରକାର ସମସ୍ୟା ଭିତରେ ସମାଧାନର ସୂତ୍ର ଖୋଜି ପାଇବାରେ ଅସୁବିଧା ହେବନାହିଁ। ଆର୍ଥିକ ସ୍ଥିତିର ଦୂରବସ୍ଥା ପ୍ରତିଟି କ୍ଷେତ୍ରରେ ଅଗ୍ରଗତିର ପଥରୋଧ କରିପାରେ। ପାରିବାରିକ ସ୍ଥିତି ପୂର୍ବପରି ରହିବ କିନ୍ତୁ ପାରିପାର୍ଶ୍ୱିକ ସ୍ଥିତି ଶାନ୍ତ ରହି ନ ପାରେ। କ୍ରୀଡ଼ା, କଳା, ସାହିତ୍ୟ ଓ ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ।

**ଧନୁ** ପାରିବାରିକ ସମସ୍ୟା କ୍ରମଶଃ ଜଟିଳ ହେତୁ ଭାବପ୍ରବଣତା ବୃଦ୍ଧି ପାଇବ। ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ସାମୟିକ ଭାବେ ବିବ୍ରତ ହୋଇପାରନ୍ତି। ପଡ଼ୋଶୀମାନଙ୍କ ଉପରେ ପୂର୍ଣ୍ଣ ଭରସା କରିବା ପୂର୍ବରୁ ପରଖିନେବା ଭଲ ହେବ। ବାଣିଜ୍ୟ, ବ୍ୟବସାୟ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ର ଉନ୍ନତ ରହିବ।

**ମକର** ଆଜି ପ୍ରତ୍ୟୁଷରେ ଯେଉଁ କାମରେ ବାହାରିଛନ୍ତି ସେଥିରେ ସଫଳତା ପାଇବେ। କର୍ମକ୍ଷେତ୍ରରେ ଉପର ଅଧିକାରୀ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ରପ୍ତାନୀ, ଏଜେନ୍ସି, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ସଭାସମିତି କିମ୍ବା ଆନୁଷ୍ଠାନିକ କାମରେ ସମ୍ମାନିତ ହେବେ।

**କୁମ୍ଭ** ଆଜି ଦିନଟିରେ ଯେତେ ଭଲ କାମ କଲେ ମଧ୍ୟ ସମାଲୋଚିତ ହେବେ। ହଠାତ୍ ଜଣେ ବନ୍ଧୁଙ୍କୁ ଅନୁରୋଧ କରି ସମସ୍ୟା ସମାଧାନ ଲାଗି ଚେଷ୍ଟା କରିବେ। ମାଲିମକଦ୍ଦମା, ଜମିଜମା ବିବାଦ, ଅର୍ଥନୈତିକ କାର୍ଯ୍ୟ, ଭ୍ରମଣ ପ୍ରଭୃତି କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଆର୍ଥିକ ଉନ୍ନତି ଘଟିବ। କିଛି ବ୍ୟାଙ୍କ ଜମା ମଧ୍ୟ କରିବାର ସମ୍ଭାବନା ରହିଛି।

**ମୀନ** କୌଣସି ଆନୁଷ୍ଠାନିକ କର୍ମ ଭିତରେ ଗୁରୁଦାୟିତ୍ୱ ବହନ କରିବାକୁ ପଡ଼ିପାରେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧିହେତୁ ମନରେ ସରସତା ରହିବନାହିଁ। ଆଲୋଚନା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ। ପୂର୍ବାହ୍ନରେ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ନିମନ୍ତ୍ରଣ ପାଇ ବିସ୍ମୟାଭୂତ ହୋଇପାରନ୍ତି।

ଆଜି ବୈଶାଖ ମାସର ରୁକ୍ମିଣୀ ଅମାବାସ୍ୟା ଗୁରୁବାର, ଆଜି ଭାରତ ଓ ଓଡ଼ିଶାକୁ ଅଦୃଶ୍ୟ ରାହୁଗ୍ରସ୍ତ ବଳୟ-ପୂର୍ଣ୍ଣଗ୍ରାସ ସୂର୍ଯ୍ୟୋପରାଗ (ଯାହା ପାଳନୀୟ ନୁହେଁ), ଏପ୍ରିଲ ୨୦ ତାରିଖ, ରାଶି ନକ୍ଷତ୍ର-ଅଶ୍ୱନୀ/ମେଷ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୨୯ମି. ଗତେ ଘ.୦୭।୦୯ମି. ମଧ୍ୟେ, ଘ.୧୦।୩୦ମି. ଗତେ ଘ.୦୧।୦୧ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୧।୧୯ମି. ଗତେ ଘ.୦୨।୫୪ମି. ମଧ୍ୟେ ରାହୁକାଳ।



ସମ୍ବଲପୁରରେ ସାମ୍ପ୍ରଦାୟିକ ସଦ୍‌ଭାବନା ପ୍ରତିଷ୍ଠା ପାଇଁ ବିଜୁ ଜନତା ଦଳ ଭୁବନେଶ୍ୱର ସାଙ୍ଗଠନିକ ଜିଲା ପକ୍ଷରୁ ବୁଧବାର ବାହାରିଥିବା କ୍ୟାଣ୍ଡେଲ୍ ଶୋଭାଯାତ୍ରା।

**ସମ୍ବଲପୁର ହିଂସା ଘଟଣା**

# ବିଜେଡିର ସଦ୍‌ଭାବନା ଶୋଭାଯାତ୍ରା

ଭୁବନେଶ୍ୱର, ୧୯।୪(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ସଦାସର୍ବଦା ଅହିଂସାରେ ବିଶ୍ୱାସ କରନ୍ତି। କିନ୍ତୁ ରାଜ୍ୟରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ଜାତି ତଥା ଧର୍ମକୁ ନେଇ ଅଶାନ୍ତିର ବାତାବରଣ ସୃଷ୍ଟି କରୁଛି। ଏହି ସନ୍ଦର୍ଭରେ ସମ୍ବଲପୁରରେ ଶାନ୍ତି, ସମ୍ଭାବନା ଏବଂ ଭାଇଚାରା ବଜାୟ ରଖିବାକୁ ବିଜୁ ଯୁବଛାତ୍ର ଜନତା ଦଳ ପକ୍ଷରୁ ବୁଧବାର ଶାନ୍ତିପୂର୍ଣ୍ଣ ମହମ ଶୋଭାଯାତ୍ରା ଆୟୋଜନ କରାଯାଇଛି ବୋଲି ବିଜୁ ଯୁବ ଜନତା ଦଳ ରାଜ୍ୟ ସଭାପତି ବ୍ୟୋମକେଶ ରାୟ କହିଛନ୍ତି। ତାଙ୍କ ନେତୃତ୍ୱରେ ଅପରାହ୍ଣ ୫ଟା ସମୟରେ ହାଉସିଂ ବୋର୍ଡ ଛକଠାରେ ଏକାଧିକ ଦଳୀୟ ମହିଳା, ଯୁବ ଓ ଛାତ୍ର କର୍ମୀ ଏକାଠି ହୋଇଥିଲେ। ରାଜ୍ୟ ହାଉସିଂ ବୋର୍ଡ ଛକଠାରୁ ରାମ ମନ୍ଦିର ପର୍ଯ୍ୟନ୍ତ ଏହି ଶାନ୍ତିପୂର୍ଣ୍ଣ ମହମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରାରେ ଭୁବନେଶ୍ୱର(ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ ଯୁବ ଓ ଛାତ୍ରଙ୍କୁ ଉତ୍ସାହିତ କରିଛନ୍ତି। ଏହି ଶୋଭାଯାତ୍ରାରେ ବହୁ ବିଜେଡି ଯୁବ, ଛାତ୍ର ଏବଂ ମହିଳା ସଙ୍ଗଠନର ନେତା ଓ କର୍ମୀମାନେ ଯୋଗ ଦେଇଥିଲେ। ସେହିପରି ରାଜ୍ୟର ଅନ୍ୟ ଅଞ୍ଚଳଗୁଡ଼ିକରେ ମଧ୍ୟ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି।

ସୂଚନାଯୋଗ୍ୟ, ବିଜେଡି ପକ୍ଷରୁ ମଙ୍ଗଳବାର ଶାନ୍ତି ଶୋଭାଯାତ୍ରା ସମ୍ପର୍କରେ ସୂଚନା ଦିଆଯାଇ କୁହାଯାଇଥିଲା ଯେତେବେଳେ ସମ୍ବଲପୁରରେ ଶାନ୍ତି ଫେରୁଛି, ସେତିକିବେଳେ ରାଜ୍ୟ ଭାଜପା କେବଳ ରାଜନୈତିକ ଫାଇଦା ହାସଲ କରିବା ପାଇଁ ଲୋକଙ୍କୁ ହିଂସା କରିବାକୁ ଉସୁକାଇବାର ଉଦ୍ୟମ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବିଭିନ୍ନ ସ୍ପର୍ଶକାତର ଘଟଣାରେ ଏହା ସଦାବେଳେ ଭାଜପାର ରଣନୀତି ରହି ଆସିଛି। ସମ୍ବଲପୁରରେ ଯେଉଁମାନେ ଗଣ୍ଡଗୋଳରେ ସମ୍ପୃକ୍ତ ଥିଲେ, ପୋଲିସ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଗିରଫଦାରି ଜାରି ରହିଛି। ଯେଉଁମାନେ ହିଂସାକୁ ଉସୁକାଉଥିଲେ ସେମାନେ ମଧ୍ୟ ଆଇନର ସମ୍ମୁଖୀନ ହେବେ। ମାତ୍ର ଏଭଳି ସ୍ଥିତିରେ ହୀନ ରାଜନୈତିକ ଷଡ଼ଯନ୍ତ୍ର କରି ଭାଜପା ସାଢ଼େ ୪ କୋଟି ଓଡ଼ିଆ ଏବଂ ଓଡ଼ିଶାକୁ ବଦନାମ କରୁଛନ୍ତି। ଓଡ଼ିଶା ବିରୋଧରେ ଏହା ଭାଜପାର ସବୁଠୁ ବଡ଼ ଅପମାନ। ଏହି ପରିପ୍ରେକ୍ଷୀରେ ବିଜେଡି ରାଜ୍ୟବ୍ୟାପୀ ଶାନ୍ତି ଶୋଭାଯାତ୍ରା କରିବ ବୋଲି ଦଳର ମୁଖପାତ୍ର ଶ୍ରୀମୟୀ ମିଶ୍ର ସୂଚନା ଦେଇଛନ୍ତି।

# ୧୪ ଜିଲାରେ ବନ୍ଦ ଶାନ୍ତିପୂର୍ଣ୍ଣ

**ସମ୍ବଲପୁର ହିଂସା ଘଟଣାର ପ୍ରତିବାଦ**

- ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ଦେଖିବାକୁ ମିଳିଲା ପ୍ରଭାବ
- କୋହଳ ସତ୍ତ୍ୱେ ସମ୍ବଲପୁରରେ କର୍ଫ୍ୟୁର ଭ୍ରମ
- ସ୍ୱାଭାବିକ ହୋଇପାରୁନି ଇଣ୍ଟରନେଟ ସେବା

ସମ୍ବଲପୁର(ବ୍ୟୁରୋ)/ ନବରଙ୍ଗପୁର(ବି.ପ୍ର.),୧୯।୪

ସମ୍ବଲପୁରରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ଗତ ୧୨ ଓ ୧୪ ତାରିଖରେ ସୃଷ୍ଟ ସାମ୍ପ୍ରଦାୟିକ ହିଂସାର ପ୍ରଭାବ ଏବେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାକୁ ବ୍ୟାପିଛି। ଭାଜପା ସମର୍ଥନରେ ବୁଧବାର ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ଆହ୍ୱାନକ୍ରମେ ପଶ୍ଚିମ ଓଡ଼ିଶାର ୧୦ ଓ ଦକ୍ଷିଣ ଓଡ଼ିଶାର ୪ ଜିଲାରେ ୧୨ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ଶାନ୍ତିପୂର୍ଣ୍ଣ ଭାବେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦର ପ୍ରଭାବ ପ୍ରାୟ ଦେଖିବାକୁ ମିଳିଥିଲା। ଅପରପକ୍ଷରେ ସମ୍ବଲପୁରରେ କର୍ଫ୍ୟୁକୁ ସାମାନ୍ୟ କୋହଳ କରାଯାଇଥିବାବେଳେ ଇଣ୍ଟରନେଟ ସେବା ସ୍ୱାଭାବିକ ହୋଇପାରି ନାହିଁ। ଗୁରୁବାର ସକାଳ ୧୦ଟାପର୍ଯ୍ୟନ୍ତନେଟସେବାକୁବନ୍ଦକରାଯାଇଛି। ଫଳରେ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି।

ମିଳିଥିବା ସୂଚନା ଅନୁସାରେ ପଶ୍ଚିମ ଓଡ଼ିଶାର ଝାରସୁଗୁଡ଼ା, ଦେବଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, ବୌଦ୍ଧ, ସୋନପୁର, କଳାହାଣ୍ଡି, ବରଗଡ଼ ଜିଲାରେ ମଧ୍ୟ ବନ୍ଦକୁ ସମର୍ଥନ ମିଳିଥିଲା। ଏହି ସମସ୍ତ ଜିଲାରେ ଦୋକାନ ବଜାର ସାଙ୍ଗକୁ ସ୍କୁଲ, କଲେଜ, ସରକାରୀ ଅଫିସ, ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା। ରାସ୍ତାଘାଟ ଶୂନଶାନ ହୋଇପଡିଥିଲା। ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ପୋଲିସ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ବିଭିନ୍ନ ସ୍ଥାନରେ ସଭା ସମିତି ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇ ସମ୍ବଲପୁର ଦଙ୍ଗା ଘଟଣାକୁ ନିନ୍ଦା କରାଯାଇଥିଲା। ଏଥିସହ ପୋଲିସ ଓ ଜିଲା ପ୍ରଶାସନର ଅବହେଳା ଯୋଗୁ ଏଭଳି ସାମ୍ପ୍ରଦାୟିକ ଘଟଣା ଘଟିଲା ବୋଲି ଅଭିଯୋଗ କରାଯାଇଥିଲା। ସେହିପରି ଦକ୍ଷିଣ ଓଡ଼ିଶାର ନବରଙ୍ଗପୁର, କୋରାପୁଟ, ରାୟଗଡ଼ା ଏବଂ ମାଲକାନଗିରି ଜିଲାରେ ଶାନ୍ତିପୂର୍ଣ୍ଣଭାବେ ବନ୍ଦପାଳନ କରାଯାଇଥିଲା। ନବରଙ୍ଗପୁର ଜିଲା ସଦର, ଉମରକୋଟ ସହର ସମେତ ୧୦ଟି ବ୍ଲକରେ ବନ୍ଦ ଶାନ୍ତିପୂର୍ଣ୍ଣ ହୋଇଛି। ଦୋକାନ ବଜାର ସହ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ପିକେଟିଂ କରି ବନ୍ଦ କରାଯାଇଛି। ସ୍କୁଲ, କଲେଜ, ବ୍ୟାଙ୍କ, ଡାକଘର ଆଦି ବନ୍ଦ ରହିଥିଲା। ବନ୍ଦ ପ୍ରଭାବରେ ନବରଙ୍ଗପୁର ସହରର ଚାଉଁରିଆଗୁଡ଼ା ଛକ ନିକଟରେ ଗାଡ଼ିଗୁଡିକ ଅଟକି ରହିଥିଲା। ଫଳରେ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। କୋରାପୁଟ-ନବରଙ୍ଗପୁର-କଳାହାଣ୍ଡିକୁ ସଂଯୋଗ କରୁଥିବା ୨୬ ନମ୍ବର ଜାତୀୟ ରାଜପଥରେ ବିଭିନ୍ନ ହିନ୍ଦୁ ସଂଗଠନର କର୍ମକର୍ତ୍ତା ଧାରଣା ଦେଇଥିଲେ। ଜରୁରିକାଳୀନ ସେବା ବ୍ୟତୀତ ସମସ୍ତ ସେବା ବନ୍ଦ କରାଯାଇଛି। ନବରଙ୍ଗପୁର ପୋଲିସ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।



ସମ୍ବଲପୁରରେ କର୍ଫ୍ୟୁ କୋହଳ ସତ୍ତ୍ୱେ ବନ୍ଦ ପାଳନ ଯୋଗୁ ରାସ୍ତା ଶୂନ୍‌ଶାନ।

ସମ୍ବଲପୁରରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ହୋଇଥିବା ସାମ୍ପ୍ରଦାୟିକ ହିଂସା ଘଟଣା ନେଇ ଜିଲା ପ୍ରଶାସନ ନେଟ୍‌ସେବା ବନ୍ଦ କରିବା ସହ କର୍ଫ୍ୟୁ ଜାରି କରିଛି। ବୁଧବାର କର୍ଫ୍ୟୁ ସମୟ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କୋହଳ କରଯାଇଥିଲା। କୋହଳ ହେବା ସତ୍ତ୍ୱେ ସହରରେ କର୍ଫ୍ୟୁର ଭ୍ରମ ଦେଖିବାକୁ ମିଳିଥିଲା। ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ମିଳିତ ଭାବେ ପଶ୍ଚିମ ପ୍ରାନ୍ତ ବନ୍ଦ ଡାକରାକୁ ସମ୍ବଲପୁରରେ ଜନ ସମର୍ଥନ ମିଳିଥିଲା। ଲୋକମାନେ ସ୍ୱତଃପ୍ରବୃତ୍ତ ଭାବେ ବନ୍ଦ ଡାକରାକୁ ମାନିନେଇ ସହରର ଦୋକାନ ବଜାର ବନ୍ଦ ରଖିଥିଲେ। ଏପରି କି ଘରୋଇ ବ୍ୟବସାୟିକ ଅନୁଷ୍ଠାନ, ଶିକ୍ଷା ଅନୁଷ୍ଠାନ ମଧ୍ୟ ବନ୍ଦ ରହିଥିଲା। ଜିଲାରେ ଆଇନଶୃଙ୍ଖଳା ପରିସ୍ଥିତି ଲାଗିରହିଥିବାରୁ ଜିଲା ପ୍ରଶାସନର କେତେକ ଅଫିସ ଖୋଲା ରହିଥିଲା। ବନ୍ଦ ପାଳନ କରି ଏକତାର ବାର୍ତ୍ତା ଦେଇଛନ୍ତି ସମ୍ବଲପୁରବାସୀ। ପାନ ଦୋକାନଠାରୁ ଆରମ୍ଭ କରି ବଡ଼ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା। ସହରରେ ଏଭଳି ସ୍ଥିତି ରହିଥିବାବେଳେ ଗ୍ରାମାଞ୍ଚଳରେ ବନ୍ଦର ଆଂଶିକ ପ୍ରଭାବ ଦେଖିବାକୁ ମିଳିଥିଲା। ଜିଲା ପ୍ରଶାସନ ପକ୍ଷରୁ କର୍ଫ୍ୟୁ ଜାରି କରାଯାଇଛି। ତେଣୁ ଔପଚାରିକ ଭାବେ ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ କିମ୍ବା ଭାଜପା ପକ୍ଷରୁ ବିଧିବଦ୍ଧ ସୂଚନା ଦିଆଯାଇ ନ ଥିଲା। ନେଟ୍ ସେବା ବନ୍ଦ ଥିବାରୁ ବନ୍ଦ ପାଇଁ ପ୍ରସ୍ତୁତ କରାଯାଇଥିବା ଅଡିଓ ମଧ୍ୟ ଲୋକମାନଙ୍କ ପାଖରେ ପହଞ୍ଚିପାରି ନ ଥିଲା। ହେଲେ ଲୋକଙ୍କ ଭିତରେ ପରସ୍ପର ଆଲୋଚନା ମାଧ୍ୟମରେ ବନ୍ଦ ପ୍ରଚାର ହୋଇ ସହରରେ ସଫଳ ହୋଇଥିଲା। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ଗୋଟିଏ ପଟେ କର୍ଫ୍ୟୁ ଓ ଅନ୍ୟପଟେ ବନ୍ଦ ପାଳନକୁ ନେଇ ବିଭିନ୍ନ ସ୍ଥାନରେ ପୋଲିସ ପାଟ୍ରୋଲିଂ ଲାଗିରହିଥିଲା। ଲୋକମାନଙ୍କୁ ମଧ୍ୟ ସାମାନ୍ୟ ସମସ୍ୟା ହେଉଥିବା ଦେଖିବାକୁ ମିଳିଥିଲା। ବନ୍ଦ ପାଳନ ଯୋଗୁ ଗାଡି ଚଳାଚଳ ପ୍ରଭାବିତ ହୋଇଥିଲା। ହୋଟେଲ, ରେଷ୍ଟୁରାଣ୍ଟ ବନ୍ଦ ରହିଥିବାରୁ ଖାଦ୍ୟ ମିଳିବା କଷ୍ଟକର ହୋଇପଡ଼ିଥିଲା। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ଡାକରା ଦିଆଯାଇଥିବାବେଳେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ ରହିଥିଲା। ବନ୍ଦ ଡାକରା ସମୟ ଶେଷ ହେବା ପରେ କର୍ଫ୍ୟୁ କଟକଣା ଲାଗି ରହୁଥିଲା। ତେଣୁ ପରିସ୍ଥିତି ଆହୁରି ଜଟିଳ ହୋଇପଡିଥିଲା।

# ଧାର ଟଙ୍କା ମାଗିବାରୁ ମହିଳାଙ୍କୁ ବଳାତ୍କାର

**ରାଜଧାନୀରେ ଲଜ୍ଜା**

ଭୁବନେଶ୍ୱର,୧୯।୪ (ବ୍ୟୁରୋ)

ଧାର୍ ଟଙ୍କା ମାଗିବାରୁ ଜଣେ ମହିଳାଙ୍କୁ ବଳାତ୍କାର କରାଯାଇଛି। ପୁଣି ଏହାର ଭିଡିଓ ରେକର୍ଡ କରାଯିବା ସହ ଧମକ ଦିଆଯାଇ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଏଭଳି ଲଜ୍ଜାଜନକ ଘଟଣା ଘଟିଛି। ପୀଡିତା ଜଣକ ଭୟରେ ପାଟି ଚୁପ୍ କରି ରହିବା ସହ ଶେଷରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୧୬୭/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏଥିସହ ପୋଲିସ ଟିମ୍ ବୁଧବାର ପୀଡ଼ିତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଡାକ୍ତରୀମାଇନା କରାଇବା ସହ ତାଙ୍କର ବୟାନ ରେକର୍ଡ କରିଛି। ଥାନାଧିକାରୀ ସୁଧୀର କୁମାର ସାହୁ କହିଛନ୍ତି, ଏହି ମାମଲାରେ ସତ୍ୟାସତ୍ୟ ଜାଣିବାକୁ ଅଧିକ ତଦନ୍ତ କରାଯାଉଛି। ଅଭିଯୁକ୍ତଙ୍କୁ ଧରିବାକୁ ପ୍ରୟାସ କରାଯାଉଥିବା ସେ କହିଛନ୍ତି। ଏହି ଘଟଣା ପଦାକୁ ଆସିବା ପରେ ଚାରିଆଡ଼େ ଚର୍ଚ୍ଚା ଜୋର ଧରିଛି।

ଅଭିଯୋଗ ଅନୁଯାୟୀ, ଗଜପତିନଗର ଅଞ୍ଚଳରେ ପୀଡ଼ିତାଙ୍କର ଏକ ତେଜରାତି ଦୋକାନ ରହିଛି। କେନ୍ଦ୍ରାପଡ଼ାର ମୃତ୍ୟୁଞ୍ଜୟ ପାତ୍ର ନାମକ ୩୬ ବର୍ଷୀୟ ଯୁବକ ପୀଡ଼ିତାଙ୍କ ଦୋକାନକୁ ଆସି ଅନେକ ସମୟରେ ସଉଦା ନିଅନ୍ତି। ଏପରିକି ଯୁବକ ଜଣକ ଅନେକ ସମୟରେ ବାକିରେ ମଧ୍ୟ ମହିଳାଙ୍କଠାରୁ ସଉଦା ନିଅନ୍ତି। ଚିହ୍ନା ପରିଚିତ ହୋଇଯିବାରୁ ମୃତ୍ୟୁଞ୍ଜୟ ତାଙ୍କ ବାପାଙ୍କ ଦେହ ଅସୁସ୍ଥ କହି ପୀଡ଼ିତାଙ୍କ ଠାରୁ ଚାରି ଥରରେ ୫୦ ହଜାର ଟଙ୍କା ଧାର ନେଇଥିଲେ। ମାସକ ଭିତରେ ଫେରସ୍ତ କରିଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ସେ ନିର୍ଦ୍ଧାରିତ ସମୟ ଭିତରେ ଟଙ୍କା ନ ଦେବାରୁ ପୀଡ଼ିତା ଜଣକ ତାଙ୍କୁ ମାଗିଥିଲେ। ମାର୍ଚ୍ଚ ୨୯ ସନ୍ଧ୍ୟାରେ ଘରେ ଟଙ୍କା ଦେଇଦେବେ ବୋଲି ଯୁବକ ଜଣକ କହିଥିଲେ। ହେଲେ ଉକ୍ତ ଦିନ ପୀଡ଼ିତାଙ୍କ ସ୍ୱାମୀ ଘରେ ନ ଥିବାବେଳେ ଟଙ୍କା ଫେରସ୍ତ ଆଳରେ ଯୁବକ ଜଣକ କବାଟ ବନ୍ଦ କରି ମହିଳାଙ୍କୁ ଜୋର୍ ଜବରଦସ୍ତ ବଳାତ୍କାର କରିଥିଲେ। ଏହାକୁ ବିରୋଧ କରିବାରୁ ପୀଡ଼ିତାଙ୍କୁ ସେ ହତ୍ୟା ଧମକ ଦେବା ସହ ଏ ବିଷୟରେ ପୋଲିସ କିମ୍ବା ତାଙ୍କ ସ୍ୱାମୀଙ୍କୁ ନ ଜଣାଇଲେ ଭଲ ହେବ ନାହିଁ ବୋଲି କହିଥିଲେ। ଏପରିକି ଯୁବକ ଜଣକ ତାଙ୍କ ମୋବାଇଲରେ ବଳାତ୍କାର ସମୟର ଭିଡିଓ ରେକର୍ଡ କରିଥିଲେ ବୋଲି ମଙ୍ଗଳବାର ଦିଆଯାଇଥିବା ଅଭିଯୋଗ ଫର୍ଦ୍ଦରେ ପୀଡ଼ିତା ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ଘଟଣାକୁ ୨୦ ଦିନ ବିତିଯାଇଥିବା ବେଳେ ମହିଳାଙ୍କ ଅଭିଯୋଗ କରିବାକୁ ନେଇ ନାନା ପ୍ରଶ୍ନ ମଧ୍ୟ ଉଠିଛି। ଯଦି ଏହି ବଳାତ୍କାର ସତ ହୋଇଥାଏ ତେବେ ପୋଲିସକୁ ଏ ସଂକ୍ରାନ୍ତରେ ପ୍ରମାଣ ଯୋଗାଡ଼ କରିବା କଷ୍ଟସାଧ୍ୟ ହୋଇପାରେ ବୋଲି ମଧ୍ୟ କୁହାଯାଉଛି।

## ଶରଣକୁଳ କଲେଜରେ ଛାତ୍ରୀଛାତ୍ରଙ୍କୁ ନିର୍ଯାତନା

**ଅଧକ୍ଷ, ଅଧାପକଙ୍କ କୋଚିଂ ସେଣ୍ଟରରେ ନ ପଢ଼ିବାରୁ ଟାର୍ଗେଟ**

ନୟାଗଡ଼ ଅଫିସ,୧୯।୪

ନୟାଗଡ଼ ଜିଲା ଶରଣକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ ପ୍ରଥମ ବର୍ଷର ୨୪ ଛାତ୍ରୀଛାତ୍ରଙ୍କୁ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି। ଏନେଇ ସମସ୍ତ ଛାତ୍ରୀଛାତ୍ର ବୁଧବାର ଜିଲାପାଳ ଓ ଉପଜିଲାପାଳଙ୍କୁ ଭେଟି ବିଦ୍ୟାଳୟର ଅଧକ୍ଷ ଓ ଅଧାପକମାନଙ୍କ ବିରୋଧରେ ଫେରାଦ ହୋଇଛନ୍ତି। ଅଧକ୍ଷ ଓ ଅଧାପକଙ୍କ କୋଚିଂ ସେଣ୍ଟରରେ ପାଠ ନ ପଢ଼ିବାରୁ ଛାତ୍ରୀଛାତ୍ରଙ୍କୁ ପ୍ରାୟ ୧ବର୍ଷ ହେଲା ନିର୍ଯାତନା ଦିଆଯାଉଥିବା ଅଭିଯୋଗ କରାଯାଇଛି। ଅନ୍ୟପକ୍ଷେ ଛାତ୍ରୀଛାତ୍ରମାନଙ୍କୁ ମାରପିଟ୍ କରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ କାଢ଼ିଦେବା ପରେ ବାର୍ଷିକ ପରୀକ୍ଷା ଦେବାରୁ ସେମାନେ ବଞ୍ଚିତ ହୋଇଛନ୍ତି। ଟିସି ନେଇ ଅନ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପାଠ ପଢ଼ାଇବାକୁ ଛାତ୍ରୀଛାତ୍ର ନିବେଦନ କରିଛନ୍ତି। ଏ ସଂକ୍ରାନ୍ତରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଓ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ କହିଛନ୍ତି ଘଟଣାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ। ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଯେପରି ଅସୁବିଧା ନ ହେବ, ସେଥିପ୍ରତି ଗୁରୁତ୍ୱ ଦିଆଯିବ। ଉପଜିଲାପାଳ ଶକ୍ତିକାନ୍ତ ରାୟ କୁହନ୍ତି, କାହିଁକି ଏଭଳି ଘଟଣା ଘଟିଛି, କେଉଁମାନେ ଏଥିରେ ଦାୟୀ ସେନେଇ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଛାତ୍ରୀଛାତ୍ରମାନେ ନିଜ ପସନ୍ଦ ମୁତାବକ କଲେଜରେ ପାଠ ପଢ଼ିପାରିବେ ବୋଲି କହିଛନ୍ତି। ଶରଣକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ବସନ୍ତ ରଥ କୁହନ୍ତି, ନୟାଗଡ଼ର ୨୪ ଛାତ୍ରୀଛାତ୍ର ଯେଉଁ ଅଭିଯୋଗ ଆଣିଛନ୍ତି ତାହା ଭିତ୍ତିହୀନ। ସେମାନେ ବିଦ୍ୟାଳୟକୁ ଆସୁ ନ ଥିଲେ। ସେମାନଙ୍କୁ କୌଣସି ଅଧାପିକା, ଅଧାପକ ନିର୍ଯାତନା ଦେଇନାହାନ୍ତି। ପୁଣି ଅଧାପିକା, ଅଧାପକଙ୍କ କୋଚିଂ ସେଣ୍ଟରରେ ପାଠ ପଢ଼ାଇବାକୁ ବାଧ୍ୟ କରାଇବା ପ୍ରସଙ୍ଗ ମଧ୍ୟ ମିଥ୍ୟା ବୋଲି କହିଛନ୍ତି।

# ଅସମ୍ଭାଳ କଲାଣି ତାତି

**ବାରିପଦା ୪୪.୫, ନୂଆପଡ଼ା ୪୪.୪ ଡିଗ୍ରୀ**

- ୪୨ ଡିଗ୍ରୀ ଉପରେ ୧୬ ସହର
- ୧୧ ଜିଲାକୁ ୟେଲୋୱାର୍ନିଂ



ଭୁବନେଶ୍ୱର,୧୯।୪(ବ୍ୟୁରୋ)

ନିୟନ୍ତ୍ରଣକୁ ଆସୁନି ତାତି। ଆଜି କମିବ କାଲି କମିବ ଶୁଣି ଶୁଣି ମନ ଭାଙ୍ଗିଗଲାଣି। କେବେ ତାତିରୁ ତ୍ରାହି ମିଳିବ ତାହା କହିବା ମୁସ୍କିଲ। ବେଳକୁ ବେଳ ଅସହ୍ୟ ହେଉଛି ଗ୍ରୀଷ୍ମର ଜ୍ୱାଳା। ପାଣିପାଗ ଅନୁମାନ ମଧ୍ୟ କାମ କରୁନି। ସାରା ରାଜ୍ୟରେ ଖରାର ପ୍ରକୋପ ଅସମ୍ଭାଳ କରି ପକାଇଛି। ପ୍ରତ୍ୟେକ ଦିନ ୧ରୁ ୨ ଡିଗ୍ରୀ ତାପମାତ୍ରା ବଢ଼ିଯାଉଛି। ପ୍ରଚଣ୍ଡ ଗ୍ରୀଷ୍ମ ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ସକାଳ ୮ଟାରୁ ମାଡ଼ିଆସୁଛି ପ୍ରଚଣ୍ଡ ଗ୍ରୀଷ୍ମ। ସନ୍ଧ୍ୟା ୬ଟା ଯାଏ ମଧ୍ୟ ଗରମ ପବନରୁ ନିସ୍ତାର ମିଳୁନି। ରାତିରେ ଖରା ନ ଥିଲେ ମଧ୍ୟ ଗୁଳୁଗୁଳି କଲବଲ କରୁଛି। ଫ୍ୟାନ୍ ପବନ କାମ ଦେଉନାହିଁ। ମଣିଷ, ଜୀବଜନ୍ତୁ ସମସ୍ତେ ଛଟପଟ। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ୨୨ ତାରିଖ ଯାଏ ତାତି ପ୍ରକୋପ ଜାରି ରହିବ। ଗୁରୁବାର ଖୋର୍ଦ୍ଧା, କଟକ, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗୀର, ଦେବଗଡ଼ ଏବଂ ଅନୁଗୋଳର କେତେକ ସ୍ଥାନରେ ପ୍ରଚଣ୍ଡ ଗ୍ରୀଷ୍ମ ଲହରି ଜାରି ରହିବ। ଏନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ବୁଧବାର ରାଜ୍ୟର ୧୬ଟି ସହରରେ ତାପମାତ୍ରା ୪୨ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଥିବା ବେଳେ ୨ଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ଉପରେ ରହିଛି। ସେହିପରି ୧୦ଟି ସ୍ଥାନରେ ପାରଦ ୪୩ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ବାରିପଦାରେ ସର୍ବାଧିକ ତାପମାତ୍ରା ୪୪.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ନୂଆପଡ଼ା ୪୪.୪, ବଲାଙ୍ଗୀର ୪୪, ବୌଦ୍ଧ ୪୩.୯, ତାଳଚେର ୪୩.୮, ଅନୁଗୋଳ ୪୩.୭, ଝାରସୁଗୁଡ଼ା ୪୩.୬, ରାଉରକେଲା ୪୩.୩, ସମ୍ବଲପୁର ୪୩.୨, ଟିଟିଲାଗଡ଼ ୪୩.୧, ସୁନ୍ଦରଗଡ଼ ୪୩, ସୋନପୁର ୪୨.୫, ଭୁବନେଶ୍ୱର ୪୨.୫, ଭବାନୀପାଟଣା ୪୨.୫, ହୀରାକୁଦ ୪୨.୪, କଟକ ୪୨.୨, ଢେଙ୍କାନାଳ ୪୨, ନୟାଗଡ଼ ୪୨, ପାରଳାଖେମୁଣ୍ଡି ୪୧.୮, କେନ୍ଦ୍ରାପଡ଼ା ୪୧.୮, ଜଗତ୍‌ସିଂହପୁର ୪୧.୫, ଦେବଗଡ଼ ୪୧.୪, ଯାଜପୁର ୪୧, କେନ୍ଦୁଝର ୪୧, ଭଦ୍ରକ ୪୧, ଚାନ୍ଦବାଲି ୪୦.୯, ମାଲକାନଗିରି ୪୦.୯, ବରଗଡ଼ ୪୦.୬, ଖୋର୍ଦ୍ଧା ୪୦.୫ ଏବଂ ରାୟଗଡ଼ାରେ ସର୍ବାଧିକ ତାପମାତ୍ରା ୪୦.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

## ଇଭିଏମ୍ ସ୍ଥାନାନ୍ତର ପାଇଁ ଷ୍ଟ୍ରଙ୍ଗ୍ ରୁମ୍ ଖୋଲିବାକୁ ଅନୁମତି ଦେଲେ ହାଇକୋର୍ଟ

**ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କ ବିରୋଧରେ ନିର୍ବାଚନୀ ଅନିୟମିତତା ମାମଲା**

କଟକ ଅଫିସ,୧୯।୪

ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ବିରୋଧରେ ହୋଇଥିବା ନିର୍ବାଚନୀ ଅନିୟମିତତା ମାମଲାରେ ବାଲେଶ୍ୱର ଜିଲାପାଳଙ୍କ ପକ୍ଷରୁ ଇଭିଏମ୍ ଷ୍ଟ୍ରଙ୍ଗ୍ ରୁମ୍ ଖୋଲିବା ନେଇ ହୋଇଥିବା ଆବେଦନକୁ ହାଇକୋର୍ଟ ବୁଧବାର ଅନୁମତି ଦେଇଛନ୍ତି। ଇଭିଏମ୍ ସ୍ଥାନାନ୍ତର ଦ୍ୱାରା ମାମଲା ବିଚାରରେ କୌଣସି ପ୍ରତିବନ୍ଧକ ସୃଷ୍ଟି ହେବ ନାହିଁ ବୋଲି ଯଥାର୍ଥ ଯୁକ୍ତି ଶୁଣିବା ପରେ ବିଚାରପତି ଏସ୍. କେ. ସାହୁ ଏଥିପାଇଁ ଅନୁମତି ପ୍ରଦାନ କରି ଜିଲାପାଳଙ୍କ ପକ୍ଷରୁ ହୋଇଥିବା ମଧ୍ୟବର୍ତ୍ତିକାଳୀନ ମାମଲାର ଅନ୍ତ ଘଟାଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ଜିଲା ନିର୍ବାଚନ ଅଧିକାରୀ ହିସାବରେ ଜିଲାପାଳ ଇଭିଏମ୍‌ଗୁଡ଼ିକୁ ଷ୍ଟଙ୍ଗ୍‌ରୁମ୍‌ରୁ ଖୋଲିବାକୁ ଅଦାଲତଙ୍କ ଅନୁମତି ଲୋଡ଼ିଥିଲେ। ଇଭିଏମ୍ ଓ ଭିଭିପିଏଟିଗୁଡ଼ିକୁ ଆଗାମୀ ନିର୍ବାଚନ ବା ଅନ୍ୟ କୌଣସି କାରଣବଶତଃ ଷ୍ଟ୍ରଙ୍ଗରୁମ୍‌ରୁ ସ୍ଥାନାନ୍ତର କରାଯିବାର ଆବଶ୍ୟକତା ରହିଛି। ସେଗୁଡ଼ିକୁ ଭାରତୀୟ ନିର୍ବାଚନ କମିଶନଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ ଅନ୍ୟ ରାଜ୍ୟକୁ ବା ନିର୍ମାତା କମ୍ପାନୀକୁ ବା କମିଶନ୍‌ଙ୍କ ୱାର ହାଉସ୍‌କୁ ସ୍ଥାନାନ୍ତର କରିବାର ଆବଶ୍ୟକତା ଥିଲା। ଷ୍ଟ୍ରଙ୍ଗରୁମ୍ ଖୋଲିବା ଓ ଇଭିଏମ୍ ସ୍ଥାନାନ୍ତର ଦ୍ୱାରା ନିର୍ବାଚନ ଅନିୟମିତତା ମାମଲା ପ୍ରଭାବିତ ହେବାର କୌଣସି ଆଶଙ୍କା ନ ଥିବା ଅଦାଲତ ଅବଗତ ହେବା ପରେ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

# ମୁଖ୍ୟ ଶାସନ ସଚିବଙ୍କୁ କାରଣ ଦର୍ଶାଅ ନୋଟିସ

**ସ୍ୱେରେଜ ଟାଙ୍କିରେ ୨ ଶ୍ରମିକଙ୍କ ମୃତ୍ୟୁ ଘଟଣା**

**ଉତ୍ତର ପାଇଁ ୪ ସପ୍ତାହ ସମୟ ଦେଲେ ଏନ୍‌ଏଚ୍‌ଆର୍‌ସି**

କଟକ ଅଫିସ,୧୯।୪

ସ୍ୱେରେଜ ଚାମ୍ବର ସଫା କରୁଥିବାବେଳେ ଦୁଇ ଶ୍ରମିକଙ୍କ ମୃତ୍ୟୁ ଘଟଣା ପାଇଁ ରାଜ୍ୟ ସରକାର ଦାୟୀ। ଏଭଳି ମତ ଦେଇଛନ୍ତି ଜାତୀୟ ମାନବିକ ଅଧିକାର ଆୟୋଗ(ଏନ୍‌ଏଚ୍‌ଆର୍‌ସି)। କଟକ ସିଡିଏ ସେକ୍ଟର-୧୦ ଅଞ୍ଚଳରେ ୨୦୨୧ ଏପ୍ରିଲ ୧୫ରେ ଘଟିଥିବା ଏହି ଘଟଣାରେ ସରକାର ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ କାହିଁକି ନ ଦେବେ, ସେନେଇ ୪ ସପ୍ତାହ ମଧ୍ୟରେ ଉତ୍ତର ଦେବାକୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଆୟୋଗଙ୍କ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ପରବର୍ତ୍ତୀ ଶୁଣାଣି ଏକ ମାସ ପରେ ହେବାକୁ ଧାର୍ଯ୍ୟ ହୋଇଛି।

ମାମଲାର ବିବରଣୀରୁ ପ୍ରକାଶ, ସାରା ଦେଶରେ ମଣିଷମାନଙ୍କ ଦ୍ୱାରା ମଇଳା ସଫେଇ କାର୍ଯ୍ୟକୁ ନିଷେଧ କରାଯାଇଥିବାବେଳେ କଟକରେ ସ୍ୱେରେଜ ଚାମ୍ବରରେ ପଶି ଶ୍ରମିକମାନେ ମଳ ସଫା କରୁଥିଲେ। ସେମାନେ କୌଣସି ନିରାପତ୍ତା ସାମଗ୍ରୀ ବ୍ୟବହାର କରି ନ ଥିଲେ। ଫଳରେ ଚାମ୍ବର ମଧ୍ୟରେ ଶ୍ୱାସରୁଦ୍ଧ ହୋଇ ପାଟପୁରର ପି. ଶଙ୍କର ଓ ବଡମ୍ବାର ବିଷ୍ଣୁ ନାୟକଙ୍କର ମୃତ୍ୟୁ ଘଟିଥିଲା। ଏଥିରେ ଅନ୍ୟ ଜଣେ ଶ୍ରମିକ ଡି. ଶିବା ଗୁରୁତର ହୋଇଥିଲେ। କଟକ ମହାନଗର ନିଗମର ଅବହେଳା ଯୋଗୁ କଟକରେ ବାରମ୍ବାର ଏପରି ଘଟଣା ଘଟୁଛି ବୋଲି ଦର୍ଶାଇ ମାନବାଧିକାର କର୍ମୀ ତଥା ଆଡ୍‌ଭୋକେଟ ଅଖଣ୍ଡ ଏନ୍‌ଏଚ୍‌ଆର୍‌ସିରେ ପିଟିଶନ ଦାୟର କରିଥିଲେ। ମାମଲାକୁ ଗୁରୁତର ସହ ଗ୍ରହଣ କରି ଆୟୋଗ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ, କଟକ ମହାନଗର ନିଗମ କମିଶନର ଓ ପୋଲିସ କମିଶନରଙ୍କୁ ୨୦୨୨ ଡିସେମ୍ବର ୧୨ରେ ନୋଟିସ ଜାରି କରିଥିଲେ। ପୋଲିସ କମିଶନର ୨୦୨୩ ଜାନୁୟାରୀ ୭ରେ ଦେଇଥିବା ରିପୋର୍ଟରେ କୌଣସି ନିରାପତ୍ତାମୂଳକ ସାମଗ୍ରୀ ନ ଥାଇ ଏହି ଦୁଇଜଣ ସ୍ୱେରେଜ ଟାଙ୍କିରେ ପଶିଥିଲେ ବୋଲି ଦର୍ଶାଇଥିଲେ। ଏଥିସହ ପିଏଚ୍‌ଡି ଜୁନିୟର୍ ଇଞ୍ଜିନିୟର୍ ପ୍ରଦ୍ୟୁତ୍ କୁମାର ସାହୁ ଓ ଠିକାଦାର ଦୀପକ କୁମାର ନାୟକ ଏଥିପାଇଁ ଦାୟୀ ବୋଲି ବିଭାଗୀୟ ଅନୁସନ୍ଧାନରୁ ମଧ୍ୟ ଜଣାପଡ଼ିଥିଲା। ପରେ ଏମାନଙ୍କ ବିରୋଧରେ ସିଡିଏ ଫେଜ୍-୨ ଥାନାରେ ଏକ ମାମଲା ରୁଜୁ ହୋଇଥିଲା।

## ବିଞ୍ଝାରପୁର ବିଡିଓଙ୍କୁ ଲୋକାୟୁକ୍ତଙ୍କ ନୋଟିସ୍

**ଜାଲ୍ ବିଲ୍ କରି ସରକାରୀ ଅର୍ଥ ଆତ୍ମସାତ୍ ଘଟଣା**

ଯାଜପୁର ଅଫିସ,୧୯।୪

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକରେ ସରକାରୀ ଅର୍ଥ ହେର୍‌ଫେର୍ ଅଭିଯୋଗ ପିଛା ଛାଡୁନି। ଏହି ବ୍ଲକ ସୟଦପୁର ପଞ୍ଚାୟତରେ ହୋଇଥିବା ବିଭିନ୍ନ ଦୁର୍ନୀତି ସମ୍ପର୍କରେ ପୂର୍ବତନ ସରପଞ୍ଚ ତଥା ସାମାଜିକ କର୍ମୀ ଅବଦୁଲ କାଦିର ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ। ଏନେଇ ଲୋକାୟୁକ୍ତରେ ଏକ ମାମଲା (ନଂ.ଏଲୱାଇ- ୧୨୮/୨୦୨୩) ରୁଜୁ ହୋଇଥିଲା। ଉକ୍ତ ଆବେଦନକୁ ବିଚାର କରି ଲୋକାୟୁକ୍ତ ବିଞ୍ଝାରପୁର ବିଡିଓ ମିନତି ଜଗଦ୍ଦେବ, ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ଦାସ, କନିଷ୍ଠ ଯନ୍ତ୍ରୀ ଶିଶିର କୁମାର ନାୟକ ଓ ବିକାଶ ରଞ୍ଜନ ଦାସଙ୍କୁ ୬ ସପ୍ତାହ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ପୂର୍ବରୁ ଏମ୍‌ଜିଏନ୍‌ଆରଇଜିଏସ୍, ଆବାସ ଯୋଜନାରେ ଦୁର୍ନୀତି ଅଭିଯୋଗରେ କେତେଜଣ ସରକାରୀ କର୍ମଚାରୀ ନିଲମ୍ବିତ ହୋଇଥିଲେ। ଆହୁରି କେତେଜଣ କର୍ମଚାରୀ ଓ ଜନପ୍ରତିନିଧିଙ୍କୁ ଟଙ୍କା ଫେରସ୍ତ ପାଇଁ ନିର୍ଦ୍ଦେଶ ହୋଇଥିଲା। ଏବେ ବିଭିନ୍ନ ଯୋଜନାରେ ଜାଲ୍ ବିଲ୍ ଉପସ୍ଥାପନ କରି ବିପୁଳ ଅର୍ଥ ଲୁଟ ହୋଇଥିବା ନେଇ କାଦିର ଅଭିଯୋଗ କରିଛନ୍ତି। କେବଳ ସୟଦପୁର ପଞ୍ଚାୟତରେ ୬୫ ଲକ୍ଷ ଟଙ୍କାରୁ ଅଧିକ ଆତ୍ମସାତ୍ ହୋଇଥିବା ବେଳେ ସମସ୍ତ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟର ତଦନ୍ତ କରାଗଲେ ଏହି ଦୁର୍ନୀତି ୨୫ କୋଟି ଟଙ୍କାରୁ ଅଧିକ ହେବ ବୋଲି ଅଭିଯୋଗରେ ଦର୍ଶାଯାଇଛି।



ପ୍ରଥମେ ନିଜର ପ୍ରକୃତିକୁ ଭଲ ଭାବରେ ଜାଣିରଖ। ତା'ପରେ ନିଜର ଚିନ୍ତା, ଅନୁଭୂତି, କ୍ରିୟାକର୍ମ ଓ କଥାବାର୍ତ୍ତା ଉପରେ କର୍ତ୍ତୃତ୍ୱ ରଖ। ତା'ଫଳରେ ତୁମ ପ୍ରକୃତି ଉପରେ ତୁମର ପ୍ରଭୁତ୍ୱ ଆସିବ ଏବଂ ତା'ର ରୂପାନ୍ତର ସମ୍ଭବ ହେବ। -ଶ୍ରୀମା

# ଜଙ୍ଗଲ ସଂରକ୍ଷଣ ଏକମାତ୍ର ବାଟ





ଟାସୋ ଆଜେଭେଡୋ
ପୂର୍ବତନ ମହା-ନିର୍ଦ୍ଦେଶକ, ବ୍ରାଜିଲିଆନ୍ ଫରେଷ୍ଟ ସର୍ଭିସ

ଇଲୋନା ସାଜାବୋ
ସହ ପ୍ରତିଷ୍ଠାତା ଓ ଅଧ୍ୟକ୍ଷ, ଇଗାରାପେ ଇନ୍‌ଷ୍ଟିଚ୍ୟୁଟ

ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡି ସିଲ୍‌ଭା ଜାନୁୟାରୀ ୨୦୨୩ରେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ଆମାଜନରେ ଅବୈଧ ଜଙ୍ଗଲ ଧ୍ୱଂସ ଶେଷ କରିବା ଲାଗି ପ୍ରତିଶ୍ରୁତି ଦେଇଥିଲେ। ସେ ଜଙ୍ଗଲ ସୁରକ୍ଷାର ପାଣ୍ଠି ବୃଦ୍ଧି କରିବା ଲାଗି ଭାଗୀଦାରି ପ୍ରକ୍ରିୟାକୁ ପୁନର୍ଜୀବିତ କରିବା ସହ ଆମାଜନ ଅବବାହିକା ଦେଶଗୁଡ଼ିର ମୁଖ୍ୟମାନଙ୍କୁ ନେଇ ଅଗଷ୍ଟରେ ଏକ ସମ୍ମିଳନୀ କରିବାକୁ ଘୋଷଣା କରିଥିଲେ। ଏବେ ତାଙ୍କ ପଦକ୍ଷେପରୁ ଜଣାପଡ଼ିଛି ଯେ, ବିଶ୍ୱର ବୃହତ୍ତମ ଉଷ୍ଣମଣ୍ଡଳୀୟ ଜଙ୍ଗଲର ସୁରକ୍ଷା ପାଇଁ ବୈଶ୍ୱିକ ସହଯୋଗକୁ ଗତିଶୀଳ କରିବାକୁ ଲୁଲା ନିଶ୍ଚିତ ଅଛନ୍ତି। ତାଙ୍କର ମହତ୍ ଲକ୍ଷ୍ୟ ହାସଲ କରିବାକୁ ସେ ନରୱେ ଓ ଜର୍ମାନୀ ସମର୍ଥନରେ ନୂଆକରି ଆମାଜନ ଫଣ୍ଡ୍ ମଧ୍ୟ ଆରମ୍ଭ କରିଛନ୍ତି। ରାଷ୍ଟ୍ରପତି ଲୁଲା ଏବଂ ତାଙ୍କ ପରିବେଶ ମନ୍ତ୍ରୀ ମାରିନା ଡି ସିଲ୍‌ଭା ଆମାଜନ ସୁରକ୍ଷା ଓ ସଂରକ୍ଷଣକୁ ପ୍ରାଥମିକତା ଦେଇଛନ୍ତି। ସେମାନଙ୍କର ଏକ ବାସ୍ତବ ବିଚାର ରହିଛି। ଆମାଜନ, କଙ୍ଗୋ ଓ ଇଣ୍ଡୋନେସିଆରେ ଅକ୍ଷୁଣ୍ଣ ଥିବା ଜଙ୍ଗଲର ମୂଲ୍ୟ ସର୍ବାଧିକ ଓ ସେଗୁଡ଼ିକର ସଂରକ୍ଷଣ ବିନା ହାରାହାରି ବିଶ୍ୱତାପନକୁ ୧.୫ ଡିଗ୍ରୀ ସେଲସିୟସରୁ କମ୍ ରଖିବା ଆଶା ନାହିଁ। ଆମେ ବିଶ୍ୱାସ କରୁଛୁ, ସେଗୁଡ଼ିକର ସୁରକ୍ଷା ପାଇଁ ଏକ ନୂଆ ପ୍ରୋତ୍ସାହନଭିତ୍ତିକ ପଦ୍ଧତି ବା ଯୋଜନା ଆବଶ୍ୟକ, ଯାହା ସିଧାସଳଖ ଜଙ୍ଗଲ ସଂରକ୍ଷଣ ପାଇଁ ପାରିଶ୍ରମିକ ଯୋଗାଇଦେବାରେ ସାହାଯ୍ୟ କରିପାରିବ।

ଅଧିକାଂଶ ଜଳବାୟୁ ବିଜ୍ଞାନୀ ଏକମତ ଯେ, ଜୀବାଶ୍ମ ଇନ୍ଧନର ବ୍ୟବହାର ପର୍ଯ୍ୟାୟକ୍ରମେ ଦୂର କରିବା ଏବଂ ସବୁଜଗୃହ ବାଷ୍ପ ନିର୍ଗମନ ପରିମାଣ ତୁଳନାରେ ଏହାଠାରୁ ଅଧିକ ବାୟୁମଣ୍ଡଳରୁ ହଟାଇବା ହିଁ ବିଶ୍ୱତାପନ ହ୍ରାସ କରିବାର ଏକମାତ୍ର ଉପାୟ। କିନ୍ତୁ କେବଳ ନିର୍ଗମନ କମାଇବା ଯଥେଷ୍ଟ ହେବ ନାହିଁ। ମୁଖ୍ୟ କଥା ହେଉଛି ଜଙ୍ଗଲର ସୁରକ୍ଷା। ପୃଥିବୀ ଭୂଭାଗର ୩୧ ପ୍ରତିଶତ (ପାଖାପାଖି ୪ ବିଲିୟନ ହେକ୍ଟର)ଜଙ୍ଗଲ ଆଚ୍ଛାଦିତ। ଏହି ଜଙ୍ଗଲ ବର୍ଷକୁ ୭ ବିଲିୟନ ମେଟ୍ରିକ୍ ଟନ୍ କାର୍ବନ ଡାଇଅକ୍ସାଇଡ ଶୋଷିନେଉଛି। ଉଭୟ କାର୍ବନ ନିର୍ଗମନ ରୋକିବା ଏବଂ ଜୈବ ଭୌତିକ ପ୍ରଭାବକୁ ବିଚାରକୁ ନେଲେ ଉଷ୍ଣମଣ୍ଡଳୀୟ ଜଙ୍ଗଲର ୧ ଡିଗ୍ରୀ ବୈଶ୍ୱିକ ଶୀତଳନ ପ୍ରଭାବ ରହିଛି। ଏଣୁ ଜଙ୍ଗଲରୁ ଯେଉଁସବୁ ଗଛ କଟାଯାଇଛି ତାହାକୁ ବୃକ୍ଷରୋପଣ ମାଧ୍ୟମରେ ଭରଣା କରିବା ହିଁ ଜଙ୍ଗଲ ସୁରକ୍ଷାର ଏକମାତ୍ର ସମାଧାନ। ଏଥିପାଇଁ ଦୃଢ଼ ପଦକ୍ଷେପ ମଧ୍ୟ ନିଆଯାଉଛି। ଟ୍ରିଲିୟନ ଟ୍ରିଜ ଇନିସିଏଟିଭ୍ ଏବଂ ଗ୍ରେଟ୍ ଗ୍ରୀନ୍ ୱାଲ୍ ଭଳି ମଞ୍ଚ ସାହାରାର ଦକ୍ଷିଣରେ ଥିବା ଆଫ୍ରିକୀୟ ଦେଶଗୁଡ଼ିକର ସବୁଆଡ଼େ ପୁନର୍ବାର ଜଙ୍ଗଲ ସୃଷ୍ଟି କରିବା ଉପରେ ଧ୍ୟାନ ଦେଉଛନ୍ତି। କିନ୍ତୁ ପୁରୁଣା ଉଷ୍ଣମଣ୍ଡଳୀୟ ଜଙ୍ଗଲଗୁଡ଼ିକର ସଂରକ୍ଷଣ ଉପରେ ବି ସମାନ ଭାବେ ଗୁରୁତ୍ୱ ଦେବା ଆବଶ୍ୟକ। ଏହାର ସଂରକ୍ଷଣ କରାଗଲେ କାର୍ବନ ଅବଶୋଷଣ କରିବାରେ ଏଗୁଡ଼ିକ ପ୍ରମୁଖ ଭୂମିକା ନେଇପାରିବେ। ଅପରପଯେ ଅସଂରକ୍ଷିତ ଜଙ୍ଗଲଗୁଡ଼ିକ ଧ୍ୱଂସ ପାଇବା ଦ୍ୱାରା କାର୍ବନ ନିର୍ଗମନ ବଢ଼ିପାରେ, ଯାହା ଘଟୁଛି ଆମାଜନ ଅବବାହିକାର ଅନେକ ସ୍ଥାନରେ।



ଏବେ ଭୂପୃଷ୍ଠରେ ଗଛଗୁଡ଼ିକ ରଖିବାର ମୂଲ୍ୟ ସ୍ଥାପନ କରିବା ହିଁ ଏକ ଲୋକାଦୃତ ପଦକ୍ଷେପ। କାର୍ବନ ନିର୍ଗମନ ହ୍ରାସ କରିବା ଲାଗି କାର୍ବନ୍ କ୍ରେଡିଟ, ବାୟୋଡାଇଭର୍ସିଟି କ୍ରେଡିଟ୍ ଏବଂ ସମାନ ପ୍ରକାର ଉପାୟ ଉପରେ ଅଧିକ ନିବେଶ କରାଯାଉଛି। ହେଲେ ଏହିସବୁ ପଦକ୍ଷେପଗୁଡ଼ିକ ଏବେ ଯେଉଁଭଳି ତ୍ୱରିତ ଗତିରେ ଲାଗୁ ହେବା ଓ ଯେଉଁ ସ୍ତରରେ ପହଞ୍ଚିବା କଥା ତାହା ହୋଇନାହିଁ। ତେବେ ବିଶ୍ୱର ପ୍ରମୁଖ ଉଷ୍ଣମଣ୍ଡଳୀୟ ଜଙ୍ଗଲଗୁଡ଼ିକର କ୍ଷୟ ହ୍ରାସ କରିବାକୁ ଏଭଳି ବ୍ୟାପକ ନିବେଶ ଦରକାର। ବୃକ୍ଷରୋପଣଠାରୁ ଆରମ୍ଭ କରି ଶିଳ୍ପ ତଥା ମାନବୀୟ କାର୍ଯ୍ୟକଳାପ ଯୋଗୁ ବାୟୁମଣ୍ଡଳକୁ ନିର୍ଗମନ ହେଉଥିବା କାର୍ବନର କ୍ଷତି ପୂରଣ ଯାଏ ,ଏହିସବୁ ରଣନୀତି ୨୦୫୦ ସୁଦ୍ଧା ଶୂନ କାର୍ବନ ନିର୍ଗମନ ସ୍ତର ହାସଲ କରିବା ପାଇଁ ଉଦ୍ଦିଷ୍ଟ। କିନ୍ତୁ ନିର୍ଗମନ ହ୍ରାସ କରି ବିଶ୍ୱତାପନ କମାଇବା ସହ ପ୍ରାକୃତିକ ବ୍ୟବସ୍ଥାର ପୁନଃ ସର୍ଜନା ସକାଶେ ଏକ ଦୃଢ଼ ଓ ବିସ୍ତୃତ ଯୋଜନା ଆବଶ୍ୟକ; ଯାହା ୨୦୩୦ ସୁଦ୍ଧା ଜଙ୍ଗଲ ଧ୍ୱଂସ ରୋକିବା ସହ ୨୦୫୦ ସୁଦ୍ଧା ୧ ବିଲିୟନ ହେକ୍ଟର ଜଙ୍ଗଲ ସୃଷ୍ଟି କରିବାର ସର୍ବନିମ୍ନ ଗ୍ୟାରେଣ୍ଟି ଦେବ। କିନ୍ତୁ ପ୍ରଶ୍ନ ହେଉଛି,ଏଭଳି ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟଗୁଡ଼ିକରେ କିଭଳି ସଫଳ ହେବା। ମୋର ବିଶ୍ୱାସ, ଜଙ୍ଗଲ ସଂରକ୍ଷଣ ପାଇଁ ବ୍ୟକ୍ତି ଓ ସଂସ୍ଥା ଏପରିକି ଦେଶଗୁଡ଼ିକୁ ଅର୍ଥ ଦେବାର ଏକ ବୈଶ୍ୱିକ ଯୋଜନା ଆଗକୁ ସବୁଠୁ ଭଲ ବାଟ ହେବ। ଜଙ୍ଗଲ ସଂରକ୍ଷଣରୁ ବାସ୍ତବରେ ଲାଭ ମିଳିବ ବୋଲି ନିଶ୍ଚିତ କରାଯାଇ ଏହି ନୂତନ ବ୍ୟବସ୍ଥା ଏକ ଗତିଶୀଳ ନିବେଶକୁ ଉତ୍ସାହିତ କରିବା ଦରକାର। ଜଙ୍ଗଲର ଅକଳ୍ପନୀୟ ମୂଲ୍ୟ ସମ୍ପର୍କରେ ଅବଗତ ହେବା ସହ ଏକ ବାସ୍ତବ ତଥା ଅଭୂତପୂର୍ବ ସ୍ତରର ନିବେଶକୁ ତୁରନ୍ତ ସଞ୍ଚାଳନ କରିବା ଆବଶ୍ୟକ। ଏକ ବ୍ୟବସ୍ଥା ସୃଷ୍ଟି କରିବାର ମୂଳ ଆଧାର ଏମିତି ହେବା ଆବଶ୍ୟକ ଯାହା ପ୍ରତି ହେକ୍ଟର ଜଙ୍ଗଲ ସଂରକ୍ଷଣ ପାଇଁ ଅର୍ଥ ଯୋଗାଇଦେବ। ତେବେ ତ୍ୱରିତ କାର୍ଯ୍ୟକାରୀ କରିବା ପାଇଁ ପଦ୍ଧତିର ଡିଜାଇନ ସରଳ ଓ ସହଜ ଜ୍ଞାନଯୁକ୍ତ ହେବା ଉଚିତ। ଉଦାହରଣ ସ୍ୱରୂପ, ଜଣେ ବ୍ୟକ୍ତି, ଗୋଷ୍ଠୀ, କମ୍ପାନୀ କିମ୍ବା ସରକାରୀ ସଂସ୍ଥା ଏକ ଘରୋଇ କିମ୍ବା ସରକାରୀ ଜମିକୁ ପଞ୍ଜୀକୃତ କାର୍ଯ୍ୟାଳୟରେ ପଞ୍ଜୀକରଣ କରିପାରିବେ, ଯଦ୍ଦ୍ୱାରା ଜମି ପଞ୍ଜୀକରଣ କାର୍ଯ୍ୟକାଳ ଏବଂ ଜଙ୍ଗଲ ସ୍ଥାୟିତ୍ୱ ଉପରେ ସମୀକ୍ଷା କରାଯାଇପାରିବ। ଯଦି ପଞ୍ଜୀକୃତ ୧ ହେକ୍ଟର ଜଙ୍ଗଲ ଅକ୍ଷୁଣ୍ଣ ରହେ ତେବେ ସେହି ଅନୁଯାୟୀ ଅର୍ଥ ଦିଆଯିବ। ଅପରପଟେ ଯଦି ଜଙ୍ଗଲ ନ ଥାଏ ତେବେ କଡ଼ା ଜରିମାନା ଆଦାୟ କରାଯିବ। ସେହି ଅନୁଯାୟୀ ହିତାଧିକାରୀ ୧୦୦ ହେକ୍ଟର ଜମି କିମ୍ବା ସମସ୍ତ ପଞ୍ଜୀକୃତ ଜମି ପାଇଁ ସମାନୁପାତିକ କ୍ଷତି ସହିବାକୁ ହେବ। ଏହା ସ୍ପଷ୍ଟ ଯେ, ଗୋଟିଏ ପ୍ରୋଜେକ୍ଟକୁ ପାଣ୍ଠି ଯୋଗାଣ ସହ ଏହିସବୁ ଧାରାରେ କାମ କରିବାକୁ ହେଲେ ବିଶ୍ୱସ୍ତରରେ ସ୍ୱୀକୃତି ଓ ସହଯୋଗ ଦରକାର।

ଏଭଳି ଏକ ଯୋଜନା କାର୍ଯ୍ୟକାରୀ କରିବା କଷ୍ଟକର ହେଲେ ବି ଆମେ ଏଥିରେ ଅସହମତ ହୋଇପାରିବା ନାହିଁ। ପ୍ରତିଦିନ ଆମାଜନ ଜଙ୍ଗଲର ଗଛଗୁଡ଼ିକ ବାୟୁମଣ୍ଡଳକୁ ୨୦ ବିଲିୟନ ଜଳୀୟବାଷ୍ପ ଛାଡୁଛନ୍ତି। ଏକ ଆକଳନ ଅନୁଯାୟୀ ପାଣିରୁ ସମାନ ପରିମାଣ ବାଷ୍ପ ସୃଷ୍ଟି କରିବା ଲାଗି ୫୦,୦୦୦ ପାୱାର ପ୍ଲାଣ୍ଟରୁ ଉତ୍ପାଦିତ ବିଜୁଳି ଆବଶ୍ୟକ ପଡ଼ିବ କିମ୍ବା ପାଖାପାଖି ଦିନକୁ ଏଥିପାଇଁ ୧ ଟ୍ରିଲିୟନ ଡଲାର ଆବଶ୍ୟକ ପଡ଼ିବ। ଆମେ ଏବେ ଯେଭଳି କାର୍ବନ ନିର୍ଗମନ କରିବା ପରେ ତାହାକୁ ଆୟତ୍ତ କରିବା ପାଇଁ ଲମ୍ବା ଯୋଜନା କରୁଛୁ, ସେହିଭଳି ଜଙ୍ଗଲ ଧ୍ୱଂସକୁ ରୋକିବାକୁ ଏକ ଦୀର୍ଘମିଆଦୀ ଲକ୍ଷ୍ୟ ଭାବେ ବିଚାର କରିବା ଉଚିତ ନୁହେଁ। ଜଳବାୟୁ ପରିବର୍ତ୍ତନ କାହାକୁ ଅପେକ୍ଷା କରିବ ନାହିଁ। ଆମେ ଯଦି ଠିକ୍ ପଦକ୍ଷେପ ନେବା ଓ ତ୍ୱରିତ କାର୍ଯ୍ୟକରିବା ତେବେ ବର୍ତ୍ତମାନ ଥିବା ୧.୮ ବିଲିୟନ ହେକ୍ଟର ପରିମିତରୁ ଊର୍ଦ୍ଧ୍ୱ ଉଷ୍ଣମଣ୍ଡଳୀୟ ଜଙ୍ଗଲ ସଂରକ୍ଷଣ କରିବା ସହ ଅଧିକ ୧ ବିଲିୟନ ହେକ୍ଟର ଜଙ୍ଗଲ ପୁଣି ସୃଷ୍ଟି କରିପାରିବା। ଏବେ ଆମ ପାଖରେ ଥିବା ଜଙ୍ଗଲର ସଂରକ୍ଷଣ କରିବା ହିଁ ଏକ ଉଚିତ୍ ନିଷ୍ପତ୍ତି, କାରଣ ଏହା ହେଉଛି ଆମ ସାମୂହିକ ଭବିଷ୍ୟତକୁ ସୁରକ୍ଷିତ ରଖିବାର ଏକମାତ୍ର ବାଟ।

## ସଂଗ୍ରାମୀ କବି ବାଞ୍ଛାନିଧି

ନିଶାକର ରାଉତ

ବାଞ୍ଛାନିଧି ମହାନ୍ତି ୧୮୯୭ ଏପ୍ରିଲ ୨୦ ତାରିଖ ଭଦ୍ରକ ଜିଲା ଇରମ (ଚକଲା)ରେ ପିତା ଚିନ୍ତାମଣି ମହାନ୍ତି ଓ ମାତା ପବିତ୍ରା ଦେବୀଙ୍କ କୋଳମଣ୍ଡନ କରି ଭୂମିଷ୍ଠ ହୋଇଥିଲେ। ପିଲାଦିନରୁ ସଙ୍ଗୀତ, ଲେଖା ତଥା ସେବା ପ୍ରତି ତାଙ୍କର ଅଦମ୍ୟ ଇଚ୍ଛାଶକ୍ତି ଥିଲା। ବାଞ୍ଛାନିଧି ପିଲାଦିନରୁ ସମାଜ ସେବାର ପଥ ବାଛି ନେଇଥିଲେ। ସେତେବେଳେ ଭଦ୍ରକରେ ଗୋଟିଏ ସ୍କୁଲ ଥିଲା। ସେଥିରେ ବାଞ୍ଛାନିଧିଙ୍କ ନାମ ଲେଖାଗଲା। ମାତ୍ର ପାଠ ସହିତ ସଙ୍ଗୀତ ପ୍ରତି ତାଙ୍କର ମଧ୍ୟ ଆଗ୍ରହ ସୃଷ୍ଟି ହେଲା। ଏଥିରେ ତାଙ୍କର ବନ୍ଧୁ ବୈଷ୍ଣବ ଚରଣ ଦାସ ସାହାଯ୍ୟ କଲେ। ସେ ସଙ୍ଗୀତ ଓ ବାଦ୍ୟଯନ୍ତ୍ର ମଧ୍ୟ ଅଭ୍ୟାସ କରି ପାରଙ୍ଗମ ହୋଇପାରିଥିଲେ। ସେ ୧୯୧୧ ; ମାତ୍ରା ୧୪ ବର୍ଷରେ ମାଟ୍ରିକ୍ ପରୀକ୍ଷାରେ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ।

ଉଚ୍ଚଶିକ୍ଷା ପାଇଁ ବାଞ୍ଛାନିଧି କଟକ ରେଭେନ୍ସା କଲେଜରେ ନାମ ଲେଖାଇ ଥିଲେ। ପାଠ ପଢ଼ିବା ବେଳେ ଜଣେ ବନ୍ଧୁଙ୍କ ସହିତ ଘନିଷ୍ଠତା ହୋଇଥିଲା, ସେ ଥିଲେ କୃଷ୍ଣପ୍ରସାଦ ବସୁ। ଉଭୟ ପ୍ରତ୍ୟେକ ସନ୍ଧ୍ୟାରେ ମହାନଦୀ ପଠା ବାଲୁକାରେ ବସି ସଙ୍ଗୀତ ଓ ତାଳ ବିଷୟରେ ଚର୍ଚ୍ଚା କରୁଥିଲେ। ତା'ପରେ ବି.ଏ. ପଢ଼ା ଆରମ୍ଭ ହେଲା। କଲେଜ ପଢ଼ିଲା ସମୟରେ ସେ ଗୋପବନ୍ଧୁ ଦାସଙ୍କ ସହିତ ମଧ୍ୟ ବନ୍ଧୁତା ସ୍ଥାପନ କରିଥିଲେ। ୧୯୧୫ରେ ସେ ବି.ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ବାଞ୍ଛାନିଧି ବାବୁଙ୍କ କର୍ମମୟ କ୍ରାନ୍ତିକାରୀ ଜୀବନ



**୧୨୬ତମ ଜୟନ୍ତୀ ଉପଲକ୍ଷେ**

ଆରମ୍ଭ ହୁଏ ୧୯୧୯ ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ ପରେ। ସ୍ୱଦେଶୀ ଆନ୍ଦୋଳନ ଓ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହୋଇଯାଇଥାଏ। ବାଞ୍ଛାନିଧିବାବୁ ଏହି ଆନ୍ଦୋଳନରେ ସକ୍ରିୟ ଯୋଗ ଦେଇ ସାରା ଜିଲାରେ ଜାତୀୟ ସଙ୍ଗୀତ ମାଧ୍ୟମରେ ଲୋକମାନଙ୍କୁ ସଚେତନ ଓ ସକ୍ରିୟ ଯୋଗଦାନ ପାଇଁ ପ୍ରବର୍ତ୍ତାଉଥିଲେ। ସେ ଗାଁ ଗାଁରେ ସାଇକେଲରେ ବୁଲି ବୁଲି ହାରମୋନିୟମ ବଜାଇ ନିଜ ସୁମଧୁର ସଙ୍ଗୀତ ଗାନ ଦ୍ୱାରା ଗ୍ରାମବାସୀଙ୍କୁ ସଚେତନ କରି ସ୍ୱାଧୀନତା ସଂଗ୍ରାମରେ ଝାସ ଦେବା ପାଇଁ ଆକୃଷ୍ଟ କରିପାରୁଥିଲେ।

୧୯୨୫ରେ ମହାତ୍ମା ଗାନ୍ଧୀଙ୍କ ଦ୍ୱିତୀୟ ଥର ଭଦ୍ରକ ଓ ଓଡ଼ିଶା ଆଗମନରେ ଭଦ୍ରକ ବାଗୁରାଇ ସ୍କୁଲ ସଭାରେ ବାଞ୍ଛାନିଧିବାବୁ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ୧୯୩୦ରେ ମହାତ୍ମା ଗାନ୍ଧୀଙ୍କ ଲବଣ ସତ୍ୟାଗ୍ରହ ଆନ୍ଦୋଳନ ଓ ଦାଣ୍ଡିଯାତ୍ରା ଦ୍ୱାରା ସାରା ଭାରତର ବିଶେଷତଃ ସମୁଦ୍ରକୂଳିଆ ପ୍ରବେଶରେ ଆନ୍ଦୋଳନ ତୀବ୍ରରୁ ତୀବ୍ରତର ହୋଇଥିଲା। ବାଲେଶ୍ୱର ଜିଲା ଯେହେତୁ ସମୁଦ୍ର ସଂଲଗ୍ନ ଆନ୍ଦୋଳନରେ ବାଞ୍ଛାନିଧି ମହାନ୍ତି, ଚକ୍ରଧର ବେହେରା, ସନ୍ଥା ବେହେରା, ଭଗବାନ ଦୀକ୍ଷିତ, ଗୌରାଙ୍ଗ ମହାନ୍ତି, ହରେକୃଷ୍ଣ ମହତାବ, ନୀଳମଣି ରାଉତରାୟ, ଗଣେଶ ତ୍ରିପାଠୀ, କମଳା ପ୍ରସାଦ କର ଓ ଅନ୍ୟମାନଙ୍କ ସକ୍ରିୟ ସହଯୋଗରେ ବ୍ୟାପକରୁ ବ୍ୟାପକ ହୋଇଥିଲା।

ସାଧାରଣ ଲୋକଙ୍କୁ ସଚେତନ କରି ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେବା ପାଇଁ ସାଇକେଲରେ ଗାଁ ଗାଁ ବୁଲି ହାରମୋନିୟମ ଧରି ସୁମଧୁର ସ୍ୱରରେ ଜାତୀୟ ସଙ୍ଗୀତ ଗାଉଥିଲେ। ସେ ଜଣେ କର୍ମଯୋଗୀ ଥିଲେ। ମାତ୍ର ୪୧ବର୍ଷ ବଞ୍ଚି ଥିଲେ। ୧୯୩୮ ଏପ୍ରିଲ ୧୯ ତାରିଖରେ ବସନ୍ତ ରୋଗରେ ପୀଡ଼ିତ ହୋଇ ଭଦ୍ରକ ଡାକ୍ତରଖାନାରେ ଚିକିତ୍ସାଧୀନ ସମୟରେ ପ୍ରାଣ ତ୍ୟାଗ କରିଥିଲେ। କର୍ମମୟ ଜୀବନ ଥିଲା ମାତ୍ର ୨୦ ବର୍ଷ। ସମୟେ ସମୟେ ଭିଡ଼ ମଧ୍ୟରୁ ଜଣେ ଜଣେ ଅସାଧାରଣ ବ୍ୟକ୍ତିଙ୍କ ଆବିର୍ଭାବ ହୁଏ, ଯେଉଁମାନେ କି ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର ଓ ନିଆରା, ସେ ଥିଲେ ବାଞ୍ଛାନିଧି ବାବୁ। ସେ ଚାରୋଟି ଆନ୍ଦୋଳନରେ ସକ୍ରିୟ ଥିଲେ- ସ୍ୱାଧୀନତା, କନିକା, ଭାଷା ଓ ପ୍ରଦେଶ ଏକତ୍ରୀକରଣ।

**ବଚ୍ଛଦା, ଇରମ, ଭଦ୍ରକ**
**ମୋ- ୭୦୦୮୨୩୯୪୫୪**

## ଏଇ ଭାରତରେ

ବିହାରରେ ଜଣେ ବ୍ୟକ୍ତି ନିଜକୁ ଜୀବିତ ସାବ୍ୟସ୍ତ କରିବା ପାଇଁ ଅଧିକାରୀଙ୍କୁ ଗୁହାରି କରୁଥିବା ଘଟଣା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସେହି ବ୍ୟକ୍ତି ଜଣକ ହେଉଛନ୍ତି ବଗାହ ଜିଲା ମଠିଆ ଗାଁର ବାସିନ୍ଦା ୬୦ ବର୍ଷ ବୟସ୍କ ଚାଷୀ ଅରବିନ୍ଦ ପ୍ରସାଦ ଶାହା। ନିଜକୁ ଜୀବନ୍ତ ପ୍ରମାଣ କରିବାକୁ ସେ ମାସ ମାସ ଧରି ସରକାରୀ କାର୍ଯ୍ୟାଳୟରେ ବୁଲି ଅଧିକାରୀଙ୍କୁ ଗୁହାରି କରୁଛନ୍ତି। ନିଜ ଭାଇ ତାଙ୍କୁ ମୃତ ଘୋଷଣା କରି ସମସ୍ତ ଜମି ହାତେଇ ନେଇଛନ୍ତି। ଏପରିସ୍ଥଳେ ଅରବିନ୍ଦ ଜୀବିତ ଥିବାର ପ୍ରମାଣ ଦେଖାଇ ନିଜ ଜମି ପାଇବାକୁ ଉଦ୍ୟମ ଜାରି ରଖିଛନ୍ତି। ଅରବିନ୍ଦଙ୍କୁ ଜୋନାଲ କାର୍ଯ୍ୟାଳୟ ତଥା ସ୍ଥାନୀୟ ରାଜସ୍ୱ କାର୍ଯ୍ୟାଳୟ ମୃତ ଘୋଷଣା କରିଥିଲେ। ସେ ଜୋନାଲ ଅଫିସଠାରୁ ସବ୍‌ଡିଭିଜନାଲ ଅଫିସ ପର୍ଯ୍ୟନ୍ତ ଜୀବିତ ଥିବା ପ୍ରମାଣ କରିବାରେ ବ୍ୟସ୍ତ ଅଛନ୍ତି। ତାଙ୍କ ଭାଇଙ୍କଠାରୁ ଲାଞ୍ଚ ନେଇ ରାଜସ୍ୱ କାର୍ଯ୍ୟାଳୟର ଜଣେ କର୍ମଚାରୀ ଏହି କାର୍ଯ୍ୟ କରିଥିବା ଅରବିନ୍ଦ ପ୍ରସାଦ ଅଭିଯୋଗ କରିଛନ୍ତି। ଅରବିନ୍ଦ କହିଛନ୍ତି, ଗତ ତିନିମାସ ହେଲା ମୁଁ ମୋର ଜୀବନ୍ତ ପ୍ରମାଣ ପାଇଁ ସର୍କଲ ଏବଂ ସବ୍‌ଡିଭିଜନାଲ ଅଫିସରେ ବୁଲୁଛି, କିନ୍ତୁ କୌଣସି ଶୁଣାଣି ହୋଇନାହିଁ। ଏଥିସହିତ ଏହି ମାମଲାରେ ସର୍କଲ ଅଧିକାରୀ ଅଭିଷେକ ଆନନ୍ଦ କହିଛନ୍ତି, ସମଗ୍ର ଘଟଣାର ତଦନ୍ତ ପରେ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସ୍ଥାନୀୟ ରାଜସ୍ୱ କର୍ମଚାରୀଙ୍କ ଦ୍ୱାରା ତାଙ୍କୁ ମୃତ ଘୋଷଣା କରାଯାଇ ଜମିରୁ ବେଦଖଲ କରି ଦିଆଯାଇଥିଲା ଏବଂ ଜୋନାଲ ଅଫିସରେ ଅରବିନ୍ଦଙ୍କ ଆବେଦନକୁ କିପରି ଅଣଦେଖା କରାଯାଇଥିଲା, ତାହା ଏବେକାର କାର୍ଯ୍ୟପାଳିକା ଉପରେ ପ୍ରଶ୍ନ ଉଠାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଏପ୍ରିଲ ୧୯୯୮

- ଜମ୍ମୁ ଉଦ୍ଧାମପୁର ଜିଲାର ଏକ ଦୁର୍ଗମ ଗ୍ରାମ ଉପରେ ଚଢ଼ାଉ କରି ଉଗ୍ରବାଦୀମାନେ ମହିଳା, ଶିଶୁ ସମେତ ୧୩ ଜଣଙ୍କୁ ଗୁଳିକରି ହତ୍ୟା କରିଛନ୍ତି।
- ତାମିଲନାଡୁ ଓ କର୍ନାଟକର ମିଳିତ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଜଙ୍ଗଲ ଦସ୍ୟୁ ବୀରାପ୍ପାନର ୩ ସହଯୋଗୀଙ୍କୁ ଗିରଫ କରିଛି।
- ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟର ଅଧିକାରୀଙ୍କ ଦ୍ୱାରା କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ବୁଟା ସିଂ ଓ ତାଙ୍କର ଅନ୍ୟ ପରିବାର ସଦସ୍ୟଙ୍କ ବ୍ୟକ୍ତିଗତ ଆୟର ଅନୁସନ୍ଧାନ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 8 | 6 | | | |
| | | 9 | | | | | 3 | |
| 8 | | | 9 | 5 | | | | |
| | | | | | 2 | 9 | 1 | |
| 4 | | | | | 8 | 2 | | |
| | | | | | | 4 | | |
| 5 | | 3 | 1 | 7 | | | 8 | |
| | | 8 | 5 | | | | | |
| | | 6 | | | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 2 | 6 | 5 | 3 | 4 | 8 | 7 |
| 5 | 3 | 8 | 4 | 1 | 7 | 9 | 6 | 2 |
| 6 | 4 | 7 | 2 | 9 | 8 | 1 | 5 | 3 |
| 2 | 1 | 3 | 8 | 7 | 4 | 6 | 9 | 5 |
| 7 | 5 | 9 | 1 | 3 | 6 | 2 | 4 | 8 |
| 4 | 8 | 6 | 9 | 2 | 5 | 3 | 7 | 1 |
| 3 | 6 | 4 | 7 | 8 | 1 | 5 | 2 | 9 |
| 8 | 2 | 1 | 5 | 6 | 9 | 7 | 3 | 4 |
| 9 | 7 | 5 | 3 | 4 | 2 | 8 | 1 | 6 |

ଗତକାଲିର ଉତ୍ତର

# ପରାଗ ଓ ପାକ





ଡ. ଗୌରୀଶଙ୍କର ସାହୁ
ପ୍ରାଧ୍ୟାପକ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ହିମାଚଳ ପ୍ରଦେଶ, ଧର୍ମଶାଳା

ଡା. ପ୍ରଭାସ ରଞ୍ଜନ ତ୍ରିପାଠୀ
ପ୍ରାଧ୍ୟାପକ, ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ) ଭୁବନେଶ୍ୱର

ପରାଗ ଓ ଗ୍ରହଣ ଏହି ଦୁଇଟି ମହାଜାଗତିକ ଘଟଣା ଘଟିବା ସମୟରେ ଉପବାସ ବା ଲଘୁପାକ(ଅଳ୍ପ ଜାଳରେ ସିଝୁଥିବା ଖାଦ୍ୟ)ଭୋଜନ କରିବା ନା ଗୁରୁପାକ (ଅଧିକ ଜାଳ ଆବଶ୍ୟକ କରୁଥିବା ଖାଦ୍ୟ) ଭୋଜନ କରିବା, ଯାକୁ ନେଇ ବହୁ ସମୟରେ ବିତର୍କ ଓ ଖଣ୍ଡଯୁଦ୍ଧ ଚାଲୁଛି। ଯଦିଓ ଏ ସମୟରେ ଭୋଜନ ନିଷେଧ ନୁହେଁ ବରଂ ପାକ ନିଷେଧ କଥା କୁହାଯାଇଛି। ଆମ ଶାସ୍ତ୍ରରେ ବର୍ଣ୍ଣିତ ପାକ ବା ରୋଷେଇ ନିଷେଧ ଓ ସର୍ବୋପରି ବିବାଦରେ ଥିବା ଭୋଜନ ନିଷେଧ ସହ ସଂପର୍କିତ ଆଲୋଚନା ଏହି ଆଲେଖ୍ୟର ଲକ୍ଷ୍ୟ।

ଆସନ୍ତୁ ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣ ସମୟରେ ଖାଦ୍ୟପଦାର୍ଥର ଗୁଣବତ୍ତା ଉପରେ ଜୀବାଣୁ/କବକ/ବୀଜାଣୁମାନଙ୍କ ପ୍ରଭାବ କିପରି ରହିଥାଏ ଦେଖିବା। ଡ. ଜୟଶ୍ରୀ ଦେଶ୍‌ପାଣ୍ଡେ ଓ ଡ. ଲକ୍ଷ୍ମଣ ଗଙ୍ଗାୱାଣେ ୨୮ ଅକ୍ଟୋବର ୧୯୯୫ରେ ସଙ୍ଗଠିତ ସୂର୍ଯ୍ୟୋପରାଗ ସମୟରେ କରିଥିବା ଗବେଷଣା ପ୍ରଣିଧାନଯୋଗ୍ୟ। ଏହା ସ୍ପ୍ରିଞ୍ଜର ପ୍ରକାଶନର ଏରୋବାୟୋଲୋଜିଆ ଜର୍ନାଲର ତ୍ରୟୋଦଶ ସଂଖ୍ୟା ୧୯୯୭ ସଂସ୍କରଣରେ ପ୍ରକାଶିତ ହୋଇଛି। ସେମାନେ ତାଙ୍କ ନମୁନାକୁ ପୂର୍ଣ୍ଣ ସୂର୍ଯ୍ୟୋପରାଗ ସଙ୍ଗଠିତ କ୍ଷେତ୍ର ଉତ୍ତରପ୍ରଦେଶର କାଲପି ଓ ଆଂଶିକ ସୂର୍ଯ୍ୟୋପରାଗ ଅଞ୍ଚଳ, ମହାରାଷ୍ଟ୍ରର ଔରଙ୍ଗାବାଦରେ ରଖି ପରୀକ୍ଷା କଲେ। ଦେଖାଗଲା ପରାଗର ଠିକ୍ ପୂର୍ବରୁ ଓ ପରେ ଆସ୍ପଲଜିରସ ଫ୍ୟୁମିଗାଟସ୍, ଆସ୍ପରଜିଲସ ନିଡୁଲାନ୍‌ସ, ଆସ୍ପରଜିଲସ ନାଇଜର, ଆସ୍ପରଜିଲସ ଫ୍ଲାଭସ୍, କ୍ଲାଡୋସ୍ପୋରିଅମ୍, ଅକ୍ସିପୋରମ, ଆବ୍‌ସିଡିଆ କରିମ୍ବିଫେରା, କରଭୁଲାରିଆଲୁନାଟା ପ୍ରଭୃତି କବକ ଅସମ୍ଭବ ଭାବେ ବୃଦ୍ଧି ପାଉଛନ୍ତି ଧାରକ ପୃଷ୍ଠରେ। ପରାଗ ସମୟରେ ଆସ୍ପରଜିଲସ ନିଡୁଲାନ୍‌ସ, ସେଫାଲୋସ୍ପୋରିଅମ୍, ଫୁଜାରିଅମ୍, ମର୍ଟିଏଲେରା, ନିଗ୍ରୋସ୍ପୋରା ସାଚାରି, ଫୁନିକୁଲୋସମ୍ ପ୍ରଭୃତିକବକର ଅହେତୁକ ବଂଶ ବୃଦ୍ଧିହେଉଛି। ଏହିସବୁ ଜାତୀୟ କବକ ଖାଦ୍ୟ ଉପରେ ନେଳି ବସାଇ ଏହାକୁ ଅଖାଦ୍ୟରେ ପରିଣତ କରିଥାଏ। ଏହି ଅଣୁଜୀବଗୁଡ଼ିକ ଲିଭର, ଶ୍ୱାସନଳୀ ଓ ଫୁସ୍‌ଫୁସ୍‌କୁ ସଂକ୍ରମିତ କରିଥାଏ। ତେଣୁ ପୂର୍ବରୁ ପ୍ରସ୍ତୁତ ଖାଦ୍ୟ, ପରାଗ/ଗ୍ରହଣ ସମୟରେ ବା ଏହାପରେ ଭୋଜନ ସ୍ୱାସ୍ଥ୍ୟ ପାଇଁ ଅହିତକର। ଏହି ସମୟରେ ଅଲଟରନାରିଆ କବକ ହଠାତ୍ ସୃଷ୍ଟିହେବାର ଦେଖିଥିଲେ ଡ. ଦେଶ୍‌ପାଣ୍ଡେ।

ଆମେ ଜାଣୁ ଏହି କବକ ଆଳୁ, ବାଇଗଣ, ଲଙ୍କାମରିଚ, ବିଲାତି ବାଇଗଣ ଓ ଏହି ଜାତୀୟ ସୋଲାନାସି ଗଛରେ ରୋଗର ପ୍ରମୁଖ କାରଣ।

୨୨ ଜୁଲାଇ ୨୦୦୯ରେ ସଙ୍ଗଠିତ ପରାଗ ସମୟରେ ଇଣ୍ଡିଆନ କାଉନ୍‌ସିଲ ଅଫ ଏଗ୍ରିକଲ୍‌ଚରାଲ ରିସର୍ଚ୍ଚ(ଆଇସିଏଆର୍)ର ଗବେଷକ ଡ. ବିଜୟ ଭାରତୀଙ୍କ ପରୀକ୍ଷଣରୁ ଜଣାପଡ଼ିଥିଲା ଯେ ପରାଗ ସମୟରେ ପ୍ରାଣୀମାନଙ୍କଠାରେ ଥାଇରଏଡ୍ ଷ୍ଟିମୁଲେଟିଙ୍ଗ ହରମୋନ୍ (ଯାହା ବିପାକୀୟ କ୍ରିୟାକୁ ନିୟନ୍ତ୍ରିତ କରେ), କ୍ୟାଲ୍‌ସିୟମ ଓ ଆଲାନାଇନ୍ ଆମିନୋ ଟ୍ରାନ୍ସଫେରେଜ ପ୍ରଭୃତି ବୃଦ୍ଧି ପାଉଥାଏ। ଏହାଛଡ଼ା ଶରୀରର ସାର୍‌କାଡିଆମ୍-ରିଦମ୍



ପ୍ରଭାବିତ ହୋଇଥାଏ। ଏହି ସମୟରେ ବିଶେଷ ଫିଜିକୋ-କେମିକାଲ ପରିବର୍ତ୍ତନ ସଂଗଠିତ ହୋଇଥାଏ, ଯାହା ଜୈବରାସାୟନିକ ରାଶିଗୁଡ଼ିକୁ ପ୍ରଭାବିତ କରିଥାଏ। ଏହା ଇଣ୍ଡିଆନ ଜର୍ନାଲ୍ ଅଫ୍ ଆନିମଲ ସାଇନ୍ସର ୮୨ତମ ଅଙ୍କରେ ୨୦୧୨ ମସିହାରେ ପ୍ରକାଶିତ ହୋଇଥିଲା।

୨୨ ଜୁଲାଇ ୨୦୦୯ ଓ ୧୫ ଜୁଲାଇ ୨୦୧୦ରେ ଦୃଶ୍ୟମାନ ପରାଗ ସମୟରେ ଡ. ସନ୍ତୋଷଙ୍କ ଦ୍ୱାରା କରାଯାଇଥିବା ପରୀକ୍ଷଣରୁ ଜଣାପଡ଼ିଥିଲା ଯେ ଏହି ସମୟରେ ସମୁଦ୍ରଜଳର ପି.ଏଚ୍. ମୂଲ୍ୟ କମିଥାଏ ଓ ପୃଥିବୀପୃଷ୍ଠରେ ଚନ୍ଦ୍ରର ଛାଇ ୪୫ ପ୍ରତିଶତ ହେବାବେଳକୁ ସର୍ବନିମ୍ନ ହୋଇଥାଏ। ଆମ ଶରୀରର ସିଂହଭାଗ ଜଳମୟ। ପି.ଏଚ୍. କମିଲେ ଅମ୍ଳଦୋଷ ବଢ଼ିଥାଏ ଓ ଅନ୍ୟାନ୍ୟ ଶ୍ୱାସ, ହୃତ୍‌ପିଣ୍ଡ ଓ ଯକୃତଜନିତ ରୋଗକୁ ଡାକରା ମିଳିଥାଏ। ଡ. ସନ୍ତୋଷଙ୍କ ସନ୍ଦର୍ଭ ସିଏସ୍‌ଆଇଆର୍ ଦ୍ୱାରା ପ୍ରକାଶିତ ଜର୍ନାଲ ଆଇ.ଜେ.ଟି.କେ.ର ୨୦୧୮ ସଂସ୍କରଣର ୧୩(୪) ସଂଖ୍ୟାରେ ପ୍ରକାଶିତ ହୋଇଛି। ଏ ବିଷୟରେ ବିଶଦ୍ ଗବେଷଣା ହେଲେ ଗ୍ରହଣ ସମୟରେ ଆମ ଶରୀରରେ ଜଳର ପି.ଏଚ୍. ମୂଲ୍ୟର ପରିବର୍ତ୍ତନ ଓ ଏହାଦ୍ୱାରା ବିଭିନ୍ନ ପ୍ରକ୍ରିୟା କିପରି ପ୍ରଭାବିତ ହେଉଛି ଜଣାପଡ଼ିବ।

ଆମ ଚଳଣି, ପରମ୍ପରାରେ ଅନେକ କଥା ମଧ୍ୟରେ ଗଭୀର ରହସ୍ୟ ଲୁଚିରହିଛି। ଯେମିତି ଗ୍ରହଣ ସମୟରେ ଆମେ ଦହିରେ ଦର୍ଭ/କୁଶ ପକାଇ ରଖିଥାଉ। ଦର୍ଭ(ଦେଶ୍ମୋଟାକ୍ସା ବିପିନାଟା), କୁଶ (ଇମ୍ପେରାଟା ସିଲିନ୍ଡ୍ରିକା)। ଏସବୁ ଘାସଜାତୀୟ। ବୈଜ୍ଞାନିକ ଦୀନା ସନ୍ତନା ଗବେଷଣା କରି ଦେଖିଲେ ଯେ ଦର୍ଭର ପୃଷ୍ଠଦେଶରେ ସୂକ୍ଷ୍ମ(ନାନୋ)ସ୍ୱରୂପ ବିଦ୍ୟମାନ। ଏହି ବିଶେଷ ଗୁଣଯୋଗୁ ଏହା ଗାଈକ୍ଷୀରର ଦହିରେ ଲାକ୍ଟୋବାସିଲିର ବୃଦ୍ଧିକୁ ନିୟନ୍ତ୍ରିତ କରିଥାଏ ଓ ଖଟାହେବାରୁ ରକ୍ଷା କରିଥାଏ। ଶର୍କରାଜାତୀୟ ଖାଦ୍ୟକୁ ବାସି, ଗନ୍ଧିଆ ଓ ଆମିଳା ହେବାରୁ ରକ୍ଷା କରିଥାଏ ଦର୍ଭଖଣ୍ଡକ। ବୀଜାଣୁମାରକ ସୌରରଶ୍ମିର ଅଭାବ ପରିଲକ୍ଷିତ ହୋଇଥାଏ ପରାଗ ଓ ଗ୍ରହଣ ସମୟରେ। ଏହି ସମୟରେ ଶର୍କରାଜାତୀୟ ଖାଦ୍ୟ, ଦହି ପ୍ରଭୃତିକୁ ନଷ୍ଟହେବାରୁ ବଂଚାଇଥାଏ ଦର୍ଭ/କୁଶଜାତୀୟ ଘାସ। ଏହାଛଡ଼ା ଏହାର ହାଇଡ୍ରୋଫୋବିକ୍ ଗୁଣ ଯୋଗୁ ଦର୍ଭ ଖାଦ୍ୟପଦାର୍ଥ ସହ ରାସାୟନିକ ପ୍ରତିକ୍ରିୟା ମଧ୍ୟ କରି ନ ଥାଏ। କେତେ ବ୍ୟବସ୍ଥିତ ଆମ ପ୍ରକୃତି ! ପ୍ରକୃତିର ରହସ୍ୟ ଉନ୍ମୋଚନ କରିବାର ପ୍ରେରଣା ବେଳେବେଳେ ମହାଜାଗତିକ ଘଟଣା ହିଁ ଯୋଗାଇଥାଏ। ଆମେ ତାହାର ଭାଜନ ହେବା ଜରୁରୀ। ଅଖାଦ୍ୟ ଓ ଅଣୁଜୀବ ରୋଗର କାରଣ ୨୧ ଅଗଷ୍ଟ ୨୦୧୭ରେ ସଦ୍ୟ ସଙ୍ଗଠିତ ସୂର୍ଯ୍ୟୋପରାଗ ସମୟରେ ଡ. ଡାନିଏଲ ପି. ବେଭେଲି ଓ ସାଥୀମାନଙ୍କ ଗବେଷଣା ପ୍ରଣିଧାନଯୋଗ୍ୟ। ଏହି ସମୟରେ ଗଛର ପତ୍ରର ଅଙ୍ଗାରକାମ୍ଳ ଅଧିଗ୍ରହଣ କ୍ଷମତା ୧୪% କମ୍ ହୋଇଥାଏ। ୨୯ ମାର୍ଚ୍ଚ ୨୦୦୬ରେ ସଙ୍ଗଠିତ ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗ ସମୟରେ ଗ୍ରୀକ୍ ଗବେଷକ ଡ. ଜି. ଇକୋନୋମୋଉ ଓ ସାଥୀମାନଙ୍କ ୟୁରୋପିୟାନ୍ ଜିଓସାଇନ୍ସ ୟୁନିୟନ ଦ୍ୱାରା ପ୍ରକାଶିତ ଜର୍ନାଲ ଆଟମୋସ୍ପେରିକ କେମିଷ୍ଟ୍ରି ଆଣ୍ଡ ଫିଜିକ୍ସର ୨୦୦୮ ସଂସ୍କରଣର ଅଷ୍ଟମ ସଂଖ୍ୟାରେ ପ୍ରକାଶିତ ନିବନ୍ଧ ମୁତାବକ ପରାଗ ସମୟରେ ଗଛମାନଙ୍କର ଆଲୋକଶ୍ଳେଷଣ ସାମର୍ଥ୍ୟ ପାଞ୍ଚଭାଗରୁ ଭାଗେ ହୋଇଯାଇଥାଏ। ଅର୍ଥାତ୍ ସାଧାରଣତଃ ୧୦ଟି ଅମ୍ଳଜାନ ଅଣୁ ଦେଉଥିବା ଗଛ ୨ଟି ଅଣୁ ଦେବାକୁ ସକ୍ଷମ ହୋଇଥାଏ। ଏହି ଦୁଇଟି ଗବେଷଣାରୁ ଏହା ସ୍ପଷ୍ଟ ଯେ ପରାଗ ସମୟରେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ମାତ୍ରା ବଢୁଥିବାବେଳେ ଅମ୍ଳଜାନ ଆଶାତୀତ ଭାବେ ହ୍ରାସ ପାଇଥାଏ। ତେଣୁ ରୋଷେଇବାସ ଯାହା ଅଙ୍ଗାରକାମ୍ଳ ଧୂଆଁ ଛାଡ଼ିଥାଏ ତାହା ଏହି କେଇ ମୁହୂର୍ତ୍ତ ନ କଲେ ଭଲ। ପରାଗ ଓ ଗ୍ରହଣ ଦିନ ରୋଷେଇବାସ ଏବଂ ଅଙ୍ଗାରକାମ୍ଳ ସୃଷ୍ଟିର ଅନ୍ୟାନ୍ୟ କାରକଗୁଡ଼ିକୁ ନିଷେଧ କଲେ ସମାଜର ମଙ୍ଗଳ ହେବ। ପାକ ନିଷେଧ ବ୍ୟକ୍ତିଗତ ନୁହେଁ ବରଂ ସାମାଜିକ ଆବଶ୍ୟକତା।

## ପାଠକ ଶ୍ରେଷ୍ଠ ବିଚାରକ

### ଗଣତନ୍ତ୍ରର ତ୍ରୁଟିପୂର୍ଣ୍ଣ ନମୁନା

ମହାଶୟ,

ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ସରକାରଙ୍କୁ ପରାମର୍ଶ ଦେବାର ଏକ ପ୍ରମୁଖ ଭୂମିକା ଅଛି ଗଣମାଧ୍ୟମର। କିନ୍ତୁ ତା ପରିବର୍ତ୍ତେ ଯେଉଁଦିନଠାରୁ ମାଫିଆ ଗ୍ୟାଙ୍ଗଷ୍ଟର୍‌ଙ୍କ ଏନକାଉଣ୍ଟର ହେଲାଣି ସେଇଦିନଠାରୁ ପ୍ରାୟ ସବୁ ଟିଭି ଚ୍ୟାନେଲ ତା' ଉପରେ ଖବର ପ୍ରସାର କରିବାରେ ବ୍ୟସ୍ତ। ଟିଭି ଚ୍ୟାନେଲ ସେମାନଙ୍କ ନିଧନକୁ ବାରମ୍ବାର ପ୍ରସାର କରି ଅନ୍ୟାନ୍ୟ ଆନୁଷଙ୍ଗିକ ରୁଚିପୂର୍ଣ୍ଣ ଖବର ପ୍ରସାରକୁ ଅଣଦେଖା କରିବା ଦର୍ଶକମାନଙ୍କୁ ବ୍ୟଥିତ କରୁଛି। ମାଫିଆମାନଙ୍କ ବିରୋଧରେ ବିଭିନ୍ନ ପ୍ରକାର ଫୌଜଦାରି ଆପରାଧିକ ମାମଲା ରୁଜୁ କରାଯାଇଥିବା ସତ୍ତ୍ୱେ ସେମାନେ ଜନପ୍ରତିନିଧି ହେବା ଭାରତ ଗଣତନ୍ତ୍ରର ତ୍ରୁଟିପୂର୍ଣ୍ଣ ନମୁନା। ରାଷ୍ଟ୍ରର ସୁରକ୍ଷା ନେଇ ମାଫିଆ ଉନ୍ମାନଙ୍କ ଦମନ ପାଇଁ ସକଳସ୍ତରରେ ଆଇନର ଦଣ୍ଡବିଧି ଧାରାର କାର୍ଯ୍ୟକାରିତାରେ କଠୋରତା ଆଣିବା ଲାଗି ଚେଷ୍ଟା କରାଯିବା ଆବଶ୍ୟକ। ନ୍ୟାୟିକ ବ୍ୟବସ୍ଥା ଏବଂ ବିଚାରଧାରାରେ ବୈପ୍ଳବିକ ପରିବର୍ତ୍ତନ ଆଣିବାଗୁରୁତ୍ୱପୂର୍ଣ୍ଣ। ଏଇ ପ୍ରସଙ୍ଗ ଉପରେ ସରକାର, ନ୍ୟାୟପାଳିକା ଓ ପୋଲିସ ବିଭାଗ ସଚେତନ ହେବା ଆବଶ୍ୟକ। ଏହା ଘଟିଲେ ହିଁ ସର୍ବୋପରି ରାଷ୍ଟ୍ରର ମଙ୍ଗଳ ସାଧିତ ହୋଇପାରିବ।

**-ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ହେ ପୁରାଣ ପୁଣ୍ୟ ପାନ୍ଥ, ଦୀର୍ଘ ଯେଉଁ
ପଥ ଅତିକ୍ରମି
ଉଭା ହେଲ ଜୀବନର ଏକ ପ୍ରାନ୍ତେ
ଶ୍ରାନ୍ତ ପଦେ ଭ୍ରମି ?
-(ପ୍ରାଚୀନ ଓ ନବୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ




# ପାଣିରେ ଗଲା ୪ ଜୀବନ

■ ବୁଢ଼ାବଲଙ୍ଗରେ ବୁଡ଼ି ୨ ସମ୍ପର୍କୀୟ ଭାଇଙ୍କ ମୃତ୍ୟୁ
■ ମୃତଦେହ ଦାହ କରିବାକୁ ଆସି ବୈତରଣୀରେ ଭାସିଗଲେ ଯୁବକ

ବାଲେଶ୍ୱର ଅଫିସ/ଯାଜପୁର ଟାଉନ/ଟାଙ୍ଗୀ(ଖୋର୍ଦ୍ଧା)(ଡି.ଏନ୍.ଏ.), ୧୯।୪

ରାଜ୍ୟର ପୃଥକ୍ ସ୍ଥାନରେ ପାଣିରେ ବୁଡ଼ିଯାଇ ବୁଧବାର ୪ ଜଣଙ୍କ ମୃତ୍ୟୁ ଘଟିଛି। ବୁଢ଼ାବଲଙ୍ଗ ନଦୀରେ ଗାଧୋଇବା ବେଳେ ବୁଡ଼ିଯାଇ ଦୁଇ ସମ୍ପର୍କୀୟ ଭାଇଙ୍କ ଜୀବନ ଯାଇଛି। ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଞ୍ଚଳରେ ଏଭଳି ଦୁଃଖଦ ଘଟଣା ଘଟିଛି। ସେହିପରି ସମ୍ପର୍କୀୟଙ୍କ ମୃତଦେହ ସଂସ୍କାର କାର୍ଯ୍ୟ ସାରି ସ୍ନାନ କରୁଥିବାବେଳେ ଜଣେ ଯୁବକ ବୈତରଣୀ ସୁଅରେ ଭାସିଯାଇଛନ୍ତି। ଯାଜପୁର ସହର ନିକଟ ଦଶାଶ୍ୱମେଧ ଘାଟରେ ଘଟିଛି ଏଭଳି ଅଘଟଣ। ଅନୁରୂପ ଭାବେ ଗାଧୋଉଥିବାବେଳେ ପୋଖରୀରେ ବୁଡ଼ିଯାଇ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଞ୍ଚଳର ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି।

ବାଲେଶ୍ୱର ଜିଲା ରେମୁଣା ବ୍ଲକ ପତୁକା ଶାସନ ଗ୍ରାମର ଜ୍ଞାନରଞ୍ଜନ ପଣ୍ଡାଙ୍କ ପୁଅ ତୁଷାରକାନ୍ତ (୧୭) ଏବଂ ଜ୍ଞାନରଞ୍ଜନଙ୍କ ଭଣଜା ତଥା ଓଡ଼ିଶା ଝାଡ଼ଖଣ୍ଡ ସୀମାନ୍ତ ଗୁହ୍ୟାପାଳ ଗ୍ରାମର ବିକାଶ ପଣ୍ଡା(୮) ଗାଁ ନିକଟ ବୁଢ଼ାବଲଙ୍ଗ ନଦୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ପ୍ରଥମେ ବିକାଶଙ୍କ ଗୋଡ଼ ଖସିଯାଇଥିଲା। ସେ ପାଣିରେ ବୁଡ଼ିଯାଉଥିବା ଦେଖି ତୁଷାରକାନ୍ତ ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ହେଲେ ସେ ମଧ୍ୟ ପାଣିରେ ବୁଡ଼ି ଯାଇଥିଲେ। ରେମୁଣା ଅଗ୍ନିଶମ ବାହିନୀ ସହାୟତାରେ ପ୍ରଥମେ ତୁଷାରକାନ୍ତଙ୍କୁ ଉଦ୍ଧାର କରି ବୈଁଶିଙ୍ଗା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୀର୍ଘ ସମୟ ଖୋଜାଖୋଜି କରିବା ପରେ ଏକ ପଥରଖୋଲରୁ ବିକାଶଙ୍କ ମୃତଦେହ ଠାବ କରାଯାଇଥିଲା। ଶୋକାକୁଳ ପରିବେଶରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

ଯାଜପୁର ଥାନା ଅନ୍ତର୍ଗତ ହୀରାପୁର ଗ୍ରାମର ନୃସିଂହ ଚରଣ ମଲ୍ଲିକଙ୍କ ପୁଅ ନିଶିକାନ୍ତ ମଲ୍ଲିକ (୪୨) ସମ୍ପର୍କୀୟଙ୍କ ମୃତଦେହ ଦାହ କରିବା ପାଇଁ ବୈତରଣୀ ନଦୀର ଦଶାଶ୍ୱମେଧ ଘାଟ ବାରୁଣୀ ମହାଶ୍ମଶାନକୁ ଆସିଥିଲେ। ଦାହ କାର୍ଯ୍ୟ ଶେଷ ହେବାପରେ ଘାଟରେ ଗାଧୋଉଥିବାବେଳେ ଗୋଡ଼ ଖସିଯିବାରୁ ସେ ଗଭୀର ପାଣିରେ ନିଖୋଜ ହୋଇଯାଇଥିଲେ। ଅଗ୍ନିଶମ ବାହିନୀ ସହାୟତାରେ ତାଙ୍କୁ ଠାବ କରାଯାଇଥିଲା। ତେବେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ବୈତରଣୀ ନଦୀରେ ବେଆଇନଭାବେ ବାଲି ଖୋଳାଯାଉଥିବା ସେଠାରେ ବିରାଟ ଗଣ୍ଡ ସୃଷ୍ଟି ହୋଇଛି। ପ୍ରଶାସନ ପକ୍ଷରୁ ଗଣ୍ଡ ସମ୍ପର୍କରେ ସୂଚନା ଫଳକ ଲଗାଯାଇ ନ ଥିବାରୁ ଏଭଳି ଅଘଟଣ ଘଟିଥିବା ଚର୍ଚ୍ଚା ହେଉଛି।

ଅନୁରୂପ ଭାବେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଭଜାଗଡ଼ ଗ୍ରାମର ଆଲୋକ ବାରିକ (୧୦) ପୂର୍ବାହ୍ନରେ ବିଦ୍ୟାଳୟରୁ ଫେରି ସାଙ୍ଗସାଥୀଙ୍କ ସହ ଘର ନିକଟପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଇବା ବେଳେ ଗଭୀର ଜଳକୁ ଚାଲିଯିବାରୁ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ପୋଖରୀରୁ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ଆଲୋକଙ୍କୁ ମୃତ ଘୋଷଣା କରିଥିଲେ।

# ନିଖୋଜ ଯବାନଙ୍କ ବାଇକ୍ ଧାନମଣ୍ଡଳରୁ ଜବତ

■ ବାଇକ୍ ଚିହ୍ନଟ କଲେ ପରିବାର ଲୋକେ

ଚଣ୍ଡିଖୋଲ, ୧୯।୪(ଡି.ଏନ.ଏ.)

ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅଧୀନ ସୋମପୁର ଗ୍ରାମର ସିଆର୍‌ପିଏଫ୍ ଯବାନ ସୂର୍ଯ୍ୟକାନ୍ତ କହଁରଙ୍କ ନିଖୋଜର ୨ ଦିନ ପରେ ତାଙ୍କ ବାଇକ୍ ଠାବ କରାଯାଇଛି। ଯାଜପୁର ଜିଲା ବଡ଼ଚଣା ଥାନା ଧାନମଣ୍ଡଳ ଫାଣ୍ଡି ଅନ୍ତର୍ଗତ କୋଣାର୍କ ଝୋଟକଳ ରାସ୍ତା କଡ଼ରେ ମଙ୍ଗଳବାର ସକାଳେ ଏକ ବାଇକ ପଡ଼ିଥିବାଦେଖି ସ୍ଥାନୀୟ ଲୋକେ ଧାନମଣ୍ଡଳ ଫାଣ୍ଡିକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ହୋଣ୍ଡା ୟୁନିକର୍ନ ବାଇକ୍ ନଂ.(ଓଡି-୨୧-କେ-୮୬୭୪)କୁ ଜବତ କରି ଫାଣ୍ଡିକୁ ଆଣିଥିଲା। ଗାଡ଼ିର ନମ୍ବର ତଦାରଖ କରିବା ପରେ ଜଣା ପଡ଼ିଥିଲା ଯେ, ଏହା ଜଗତ୍‌ସିଂହପୁର ଜିଲା ଏରସମା ଥାନା ସୋମପୁର ଗ୍ରାମର ସୂର୍ଯ୍ୟକାନ୍ତଙ୍କର। ଏନେଇ ପୋଲିସ ଏରସମା ଥାନାକୁ ଖବର ଦେଇଥିଲା। ଏରସମା ପୋଲିସ ସୂର୍ଯ୍ୟକାନ୍ତଙ୍କ ପରିବାରକୁ ଜଣାଇବା ପରେ ସେମାନେ ବୁଧବାର ଧାନମଣ୍ଡଳ ଫାଣ୍ଡିରେ ପହଞ୍ଚି ବାଇକ୍‌କୁ ଚିହ୍ନଟ କରିଥିଲେ। ଏଥିସହିତ ପୋଲିସ ସହାୟତାରେ ନିକଟସ୍ଥ ପାହାଡ଼ରେ ଖୋଜାଖୋଜି କରିଥିଲେ। ହେଲେ ସୂର୍ଯ୍ୟକାନ୍ତଙ୍କ ପତ୍ତା ପାଇ ନ ଥିଲେ। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ସୂର୍ଯ୍ୟକାନ୍ତ ସିଆର୍‌ପିଏଫରେ ଚାକିରି କରିଥିଲେ। ସେ ଘରକୁ ଆସିଥିବାବେଳେ ଗତ ୨ ଦିନ ହେବ ନିଖୋଜ ଅଛନ୍ତି। ସୋମବାରଠାରୁ ତାଙ୍କ ମୋବାଇଲ ଫୋନ ସୁଇଚ ଅଫ୍ ରହିଛି। ଧାନମଣ୍ଡଳ ପାହାଡ଼ରେ ଖୋଜାଖୋଜି ସମୟରେ ବାଇକ୍‌ରେ ତେଲ ପକାଇବାର ଏକ ବିଲ ଚିରା ହୋଇ ପଡ଼ିଥିବା ପରିବାର ଲୋକେ ପାଇଥିଲେ। ଆଉ ଅଧିକ କୌଣସି ତଥ୍ୟ ମିଳିପାରି ନାହିଁ। ସୂର୍ଯ୍ୟକାନ୍ତଙ୍କ କାହା ସହିତ ବିବାଦ ନ ଥିଲା ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି।



ଜବତ ହୋଇଥିବା ବାଇକ୍।

# ୨ ଦୋଷୀଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

## ବ୍ରାଉନ୍‌ସୁଗାର କାରବାର ମାମଲା

ବାଲେଶ୍ୱର ଅଫିସ,୧୯।୪

ବ୍ରାଉନସୁଗାର କାରବାର ମାମଲାର ବିଚାର କରି ବୁଧବାର ବାଲେଶ୍ୱର ଓଡ଼ିଶା ପ୍ରୋଟେକ୍ସନ୍ ଇଣ୍ଟରେଷ୍ଟ ଅଫ୍ ଇନ୍‌ଭେଷ୍ଟର୍ସ ଡିପୋଜିଟର (ଓପିଆଇଡି) କୋର୍ଟ ବିଚାରପତି ବିଶ୍ୱଜିତ ଦାସ ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ୧ଲକ୍ଷ ଟଙ୍କା ଜରିମାନା ଆଦେଶ ଦିଆଯାଇଛି। ଜରିମାନା ଅନାଦେୟ ଅଧିକ ଆଉ ଏକ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଏହି ଖବର ପାଇବା ପରେ ଅଭିଯୁକ୍ତଙ୍କ ପରିବାର ଲୋକେ କୋର୍ଟ ପରିସରରେ ପହଞ୍ଚିଥିଲେ। ପୋଲିସ ଦୋଷୀଙ୍କୁ କୋର୍ଟରୁ ଜେଲକୁ ନେବା ବେଳେ ପୋଲିସ ଭ୍ୟାନ୍‌କୁ ପରିବାର ଲୋକେ ଘେରି ଯାଇଥିଲେ। କାନ୍ଦ ବୋବାଳିରେ ଫାଟି ପଡିଥିଲା କୋର୍ଟ ପରିସର।

୨୦୨୦ରେ ଏସ୍‌ଟିଏଫ୍ ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅଧୀନ ଏକ ହୋଟେଲରୁ ୩ଜଣ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୧କେଜି ୧୦୫ଗ୍ରାମ୍ ବ୍ରାଉନସୁଗାର, ନଗଦ ୮୫ହଜାରରୁ ଊର୍ଦ୍ଧ୍ୱ ଟଙ୍କା ସହ ମୋବାଇଲ ଜବତ କରାଯାଇଥିଲା। ଏସ୍‌ଟିଏଫ୍ ବ୍ରାଉନସୁଗାର ଚାଲାଣ ମାମଲାରେ ୩ଜଣଙ୍କୁ ଗିରଫ କରିଥିବା ବେଳେ ବୁଧବାର କେବଳ ଅଡ଼ରବଜାରର ସେକ ଜମିର ଓ ପ୍ରଭାତ କୁମାର ସେଠୀଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରାଯାଇଛି। ଏହି ମାମଲାରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଆଇନଜୀବୀ ସୁଲଳିତ କର ମାମଲାର ପରିଚାଳନା କରୁଥିଲେ।

# ଝିଅକୁ ଛୁରି ଭୁସି ଜେଲ ଗଲେ ବାପା

**ବ୍ରହ୍ମପୁର ଅଫିସ,୧୯।୪:** ଝିଅଙ୍କୁ ଛୁରି ଭୁସି ହତ୍ୟା ଉଦ୍ୟମ ଅଭିଯୋଗରେ ବ୍ରହ୍ମପୁର ନିମଖଣ୍ଡି ପୋଲିସ ଚଣ୍ଡୀପଦର ଓଡ଼ିଆସାହିର ବାପା ନନ୍ଦୀ ତାରିଣୀ(୬୫)ଙ୍କୁ ମଙ୍ଗଳବାର ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ପୋଲିସ ତାଙ୍କଠାରୁ ଛୁରି ଜବତ କରି ପିଏସ୍ ନଂ. ୧୨୯/୨୩ରେ ମାମଲା ରୁଜୁ କରିଛି। ପ୍ରକାଶ ଯେ, ନନ୍ଦୀ ତାରିଣୀଙ୍କ ଝିଅ ପ୍ରତିମା ଭୂୟାଁ କିଛିଦିନ ତଳେ ବାପଘରକୁ ଆସିଥିଲେ। ଗତ ୧୭ତାରିଖରେ ପ୍ରତିମା ଓ ତାଙ୍କ ମା’ ଦାଣ୍ଡରେ ବସିଥିଲେ। ହଠାତ ବାପା ନନ୍ଦୀ ଛୁରି ଧରି ଝିଅଙ୍କୁ ମରଣାନ୍ତକ ଆକ୍ରମଣ ସହ ତାଙ୍କ ମୁଣ୍ଡ, ପିଠି ଓ ହାତରେ ଛୁରା ମାଡ଼ କରିଥିଲେ। ଏପରିକି ନନ୍ଦୀ ଏକ କାତି ଆଣି ହତ୍ୟା ଉଦ୍ୟମ କରିବା ବେଳେ ପ୍ରତିମା ଚିତ୍କାର କରିଥିଲେ। ଗୁରୁତର ପ୍ରତିମାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା।

# ପୁଅ ଟାଙ୍ଗିଆ ଚୋଟରେ ବାପାଙ୍କ ମୃତ୍ୟୁ

ଛେଣ୍ଡିପଦା,୧୯।୪(ସ୍ୱ.ପ୍ର.)

ଅନୁଗୋଳ ଜିଲା ଜରପଡା ଥାନା କଞ୍ଚରା ଗ୍ରାମର ରାଜବୁରୀ ବାରିକ ସାହିରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ପୁଅଙ୍କ ଟାଙ୍ଗିଆ ଚୋଟରେ ବାପାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନୀଳାମ୍ବର ବାରିକ। ପ୍ରକାଶ ଯେ, ସନ୍ଧ୍ୟାରେ ନୀଳାମ୍ବର ଓ ତାଙ୍କ ସ୍ତ୍ରୀ ମାମିଙ୍କ ମଧ୍ୟରେ ପାରିବାରିକ ଘଟଣାକୁ ନେଇ ବଚସା ହୋଇଥିଲା। ଏହି ସମୟରେ ନୀଳାମ୍ବର ସ୍ତ୍ରୀଙ୍କୁ ମାରପିଟ କରିବା ସହିତ ଏକ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଖବରପାଇ ନୀଳାମ୍ବରଙ୍କ ସାନପୁଅ ସିପୁନ ବାରିକ ଘରେ ପହଞ୍ଚି ମା’ଙ୍କୁ ଆକ୍ରମଣ କରାଯାଉଥିବା ଦେଖି ଉତ୍‌କ୍ଷିପ୍ତ ହୋଇପଡ଼ିବା ସହ ଟାଙ୍ଗିଆ ଛଡ଼ାଇ ଆଣି ବାପାଙ୍କୁ ଆକ୍ରମଣ କରିଥିଲେ। ଫଳରେ ଟାଙ୍ଗିଆ ଚୋଟରେ ନୀଳାମ୍ବର ଘଟଣାସ୍ଥଳରେ ଟଳିପଡିଥିଲେ। ଗୁରୁତର ମାମିଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଥାନା ଅଧିକାରୀ ସରୋଜକାନ୍ତ ସାମଲ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛନ୍ତି। ଏ ନେଇ ଜରପଡା ଥାନାରେ ନଂ. ୧୨୪/୨୩ରେ ଏକ ମାମଲା ରୁଜୁ ହୋଇଛି। ଗୁରୁବାର ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିବା ପରେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯିବ ବୋଲି ଜରପଡା ଥାନା ଅଧିକାରୀ ସାମଲ ପ୍ରକାଶ କରିଛନ୍ତି।


SBI | ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା
ପ୍ଲଟ୍ ନଂ.୭୭୮, ପ୍ରଥମ ମହଲା, ସହିଦ ନଗର, ଭୁବନେଶ୍ୱର-୭୫୧୦୦୭

**ଗାଡି ବିକ୍ରୟ ବିଜ୍ଞପ୍ତିର ଭ୍ରମସଂଶୋଧନ**

ଦୈନିକ ଖବରକାଗଜ "ଧରିତ୍ରୀ"ରେ ତା. ୧୧.୦୪.୨୦୨୩ ରିଖରେ ପ୍ରକାଶିତ ଆମ୍ଭର ଗାଡି ବିକ୍ରୟ ବିଜ୍ଞପ୍ତିକୁ ନିମ୍ନଲିଖିତ ସଂଶୋଧନ ସହ ପଢ଼ିବାକୁ ଅନୁରୋଧ। ଋଣଗ୍ରହୀତା: ଇ. ଭେଙ୍କଟ ରାଓଙ୍କ ଗାଡିର ଚେସିସ୍ ନଂ.: MB1PBEFD9GEYV6728 ପରିବର୍ତ୍ତେ **MB1PBEFD9GEYV6726** ପଢ଼ିବାକୁ ଅନୁରୋଧ। ଅନ୍ୟାନ୍ୟ ତଥ୍ୟାବଳୀ ଅପରିବର୍ତ୍ତିତ ରହିବ।

ସ୍ଥାନ: ଭୁବନେଶ୍ୱର
ତା: ୧୯.୦୪.୨୦୨୩
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



**NOTICE FOR INVITING TENDER**
**DEPARTMENT OF AGRICULTURE, ANIMAL HUSBANDRY & COOPERATIVE**
**GOVERNMENT OF JHARKHAND**

**RE-eTENDER FOR SELECTION OF AGENCY FOR PMU**

FACT SHEET& IMPORTANT EVENT

| Sl. | Particulars | Detaits |
|---|---|---|
| 1. | Tender Title | Request for proposal for selecting an Agency as Project Management Unit (PMU) |
| 2. | Name of the advertiser | Director, Administration Department of Agriculture, Animal Husbandry & Cooperative, Government of Jharkhand 1st Floor, Nepal House, Doranda, Ranchi - 834002 |
| 3 | Floating of online RFP | Date: 04.05.2023 |
| 4. | Download of RFP document will start from | Date: 04.05.2023 to 15.05.2023 |
| 5. | Online submission of bid will start from | Date: 04.05.2023 |
| 6. | Pre- Bid Meeting/queries resolution | Date: 08.05.2023 15:00 Hour |
| 7. | Last date for submitting EMD & Tender fee in form of D.D & EMD as BG in original at the office of Director, Administration, Department of Agriculture, Animal Husbandry & Cooperative, Government of Jharkhand 1st Floor, Nepal House, Doranda, Ranchi - 834002 Ranchi by hand or registered post) | Date: 19.05.2023 15:00 Hour |
| 8. | Last date of online bid submission | Date: 22.05.2023 17:00 Hour |
| 9. | Date of Opening of Technical bid | Date: 29.05.2023 15:00 Hour |
| 10. | Result announcement of Technical Bid Evaluation | Date: 05.06.2023 17:00 Hour |
| 11. | Date of Opening of Financial bid | Date: 07.06.2023 14:00 Hour |
| 12. | Date of declaration of final results | Date: 09.06.2023 17:00 Hour |
| 13. | Cost of Tender (Demand Draft) | INR 5000 (Rupees Five Thousand only)DD in the favor of Department of Agriculture, Animal Husbandry & Cooperative, Jharkhand |
| 14. | Earnest Money Deposit (EMD) in the form of Bank Guarantee issued by any Nationalized Bank/Scheduled | INR 5,00,000 (Rupees Five Lakh only) in the favor of Department of Agriculture, Animal Husbandry & Cooperative, Jharkhand |
| 15. | Performance Guarantee from the awarded agency | 5% of the total professional fee from successful bidder |
| 16. | Method of Selection ( 3 Steps) | 1. Shortlisting of firm will be done based on technical criteria. 2. Technically qualified firms will be called for financial bid. 3. Lowest price quoting firm will be invited for final selection. |
| 17. | Assignment Duration | The tenure of assignment / contract would be for a period of **3 Years/36 months** from the date of signing of the contract. However, contract may be ex tended for a further period of 1 year based on requirement of department and on satisfactory work and mutually agreeable terms. |

**Note:** 1. Department reserves the right to change any schedule of bidding process. Please visit given website mentioned in document regularly for the same.
2. Proposals must be received not later than time, date in the Fact Sheet. Proposals that are received after the deadline will not be considered in this procurement process.
All online events will happen at the e-tender portal viz. https://www.jharkhandtenders.gov.in.

PR 295534Agriculture(23-24)#D
Sd/-
Director Administration



**DISTRICT OFFICE, BALASORE**
**(Social Welfare Section)**
**NOTICE**

No.1131/ SW. Dt.18.04.2023
I-E-16/2023

No.g-08:- Applications are invited from the intending retired Govt. employees in the prescribed application form appended herewith for re-engagement as ICDS Supervisors and Junior Assistant (Statistics) for smooth functioning of the DSWO and CDPO Offices in Balasore district with the following terms and conditions.

A. **Terms & conditions**:
1. The re-engagement shall be made initially for a period of two years or till regular posting of such base level post, whichever is earlier.
2. However, in case of non-filling up of such base level posts, their re-engagment may be further considered for their extension with the prior approval of the Department subject to satisfactory performance upto a total period of four years with spells of one year each not beyond the age of sixty-five years of age in any case or till the posts are filled up by regular process whichever is earlier.
3. The Govt. employees retired from Govt. service on attaining the age of superannuation must be below the age of sixty five years having good service records and are physically fit.
4. Under no circumstances should the engagement be continued beyond the approved timeline.
5. For the post of supervisors, retired personnel with past experience in W & CD Department, SSEPD Department, Health Department, School and Mass Education Department, SCSTM & BC Department, PR & DW Department will be considered. Preference will be given to women and skilled with computers.
6. For the post of Junior Assistant (Statistics), any retired staff having experience of office work from any department will be considered. Preference will be given to those who are skilled with computers.
7. The engagement will be made following the guideline of GA & PG Deptt. resolution dated 27.08.2014 and Finance Department OM No. 24533 dt.29.09.2022.
8. The re-employed officers shall be governed by the provisions of Odisha Government Servants Conduct Rules, 1957 and shall be liable to be proceeded against for their misconduct, omissions and commissions as per the provisions under the Odisha Pension Rules 1992.
9. The re-employment can be terminated at any time by the appointing authority due to unsatisfactory performance of any of the re-employed officer by giving one month notice.
10. The undersigned reserves the right to cancel the notification without assigning any reasons thereof.

Sd./- COLLECTOR, BALASORE
OIPR-19355/11/0001/2324



**UNIMONI FINANCIAL SERVICES LIMITED**
RO: N.G. 12 & 13 Ground Floor, North Block, Manipal Centre, Dickenson Road, Bangalore - 560 042. CIN No.U85110KA1995PLC018175

**ସାର୍ବଜନିକ ସୂଚନା**

ଜନସାଧାରଣଙ୍କୁ ଏହା ସୁଚିତ କରାଯାଉଛି କି ୟୁନିମୋନୀ ଫାଇନାନ୍ସିଆଲ ସର୍ଭିସେଜ ଲିମିଟେଡ ନିଜ ପାଖରେ ବନ୍ଧକ ରଖିଥିବା ସୁନା ଆଭୁଷଣର ନିଲାମ କରିବାକୁ ଯାଉଛି। ଏହି ନିଲାମ ଦିନାଙ୍କ **24.04.2023** କୁ ସକାଳ/ସନ୍ଧ୍ୟା-10.00 ଘଟିକାରେ (ଠିକଣା) BUILDING NO.354, PURBANCHAL, KALIKAPUR, OPPOSITE OF SBI, CALCUTTA - 700078. ରେ ହେବ। ସୁନା ଆଭୁଷଣ ଆମର ଏମିତି ବିଭିନ୍ନ ଗ୍ରାହକଙ୍କର ଅଟେ, ଯିଏ ନିଜର ଋଣ ସୁଝି ପାରିନାହାନ୍ତି। ନିଲାମର ସୁଚନା ଏହି ଋଣକର୍ତ୍ତା ଗ୍ରାହକଙ୍କୁ ବି ଦିଆଯାଇସାରିଛି। ନିଲାମ ପାଇଁ ଉପଲବ୍ଧ ସୁନା ଆଭୁଷଣ କିଛି ଗ୍ରାହକଙ୍କ ଦେୟ ଋଣ ଖାତା ସମ୍ବନ୍ଧିତ ଅଟେ। ଏହି ଗ୍ରାହକଙ୍କ ନାମ ସେମାନଙ୍କ ସମ୍ବନ୍ଧିତ ଶାଖା ସହିତ ତଳେ ଦିଆଯାଉଛି।

**Loan Nos: BHUBANESWAR (BUU)- 1964652, 1941761**

For more details, please contact : **Mr. Palash Ray - 9333473008**
*(Reserves the right to alter the number of accounts to be auctioned &/ postpone / cancel the auction without any prior notice.)*



ଓଡ଼ିଆ ଭାଷା ପ୍ରତିଷ୍ଠାନ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
**ବିଜ୍ଞାପନ**
RR-02

ଓଡ଼ିଆ ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଗୋଟିଏ ବିତ୍ତ ତଥା ପ୍ରଶାସନିକ ଅଧିକାରୀ ପଦବୀ ଚୁକ୍ତିଭିତ୍ତିକଭାବେ ପୂରଣ ନିମନ୍ତେ ଇଚ୍ଛୁକ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ପ୍ରାର୍ଥୀ ଯେ କୌଣସି ସରକାରୀ କାର୍ଯ୍ୟାଳୟରୁ ଓଡ଼ିଶା ପ୍ରଶାସନିକ ସେବା କିମ୍ବା ଅର୍ଥ ସେବାର କନିଷ୍ଠ ବର୍ଗର ଅଧିକାରୀ ବା ତଦୂର୍ଦ୍ଧ୍ୱ ପଦବୀରେ କାର୍ଯ୍ୟକରି ଅବସର ଗ୍ରହଣ କରିଥିବେ ଓ କାର୍ଯ୍ୟାଳୟର ପ୍ରଶାସନିକ ପରିଚାଳନା କ୍ଷେତ୍ରରେ ଅଭିଜ୍ଞତା ହାସଲ କରିଥିବେ। ପ୍ରାର୍ଥୀ ନିଜର ଯୋଗ୍ୟତା, ଅଭିଜ୍ଞତା ଇତ୍ୟାଦିର ପ୍ରମାଣପତ୍ର ସହ ପ୍ରତିଷ୍ଠାନ ୱେବ୍‌ସାଇଟ୍‌ରେ ଉପଲବ୍ଧ ନମୁନା ଫର୍ମ ଓ ସର୍ତ୍ତାବଳୀ ଡାଉନଲୋଡ୍ କରି ସ୍ପିଡ୍‌ପୋଷ୍ଟ କିମ୍ବା ଇ-ମେଲ୍ ମାଧ୍ୟମରେ ଆବେଦନ କରିପାରିବେ। ଆବେଦନପତ୍ର ତା୦୬.୦୫.୨୦୨୩ରିଖ ଅପରାହ୍ଣ ଘ.୫.୦୦ଟିକା ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଦରଖାସ୍ତ ପଠାଇବା ଠିକଣା
ନିର୍ଦ୍ଦେଶକ
ଓଡ଼ିଆ ଭାଷା ପ୍ରତିଷ୍ଠାନ,
ସଂସ୍କୃତି ଭବନ, ଭୁବନେଶ୍ୱର-୧୪
E-mail:odiabhasapratisthan@yahoo.co.in
Website:www.odiabhasapratisthana.in

ସ୍ୱା-
ନିର୍ଦ୍ଦେଶକ
ଓଡ଼ିଆ ଭାଷା ପ୍ରତିଷ୍ଠାନ
ଭୁବନେଶ୍ୱର
OIPR-03026/11/0001/2324



**कार्यपालक अभियंता का कार्यालय**
**पेयजल एवं स्वच्छता प्रमंडल, राँची पश्चिम, राँची**

ई–प्रोक्योरमेंट अति अल्पकालीन निविदा सूचना (12th Call)
जिसका **PR No. 255948 (Drinking Water and Sanitaion)** 2021–22 है।
**Tender Reference No. - DWSD/RW/SVS-05/2021-22 Date - 18-04-2023**

| S.No | Name of the Work | Cluster Name | Sub Cluster/Group No. | Block | Estimate Cost (in Lac) | Ernest money (in Lac) | BOQ cost (in Rs.) |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of Solar Based Mini Water Supply Schemes (SVS) in Different Block, comprising of suitable R.C.C. / Framed structure ESR, Distribution Lines, Source (as required) and FHTC all complete job in the Different Block of District Ranchi under Drinking Water & Sanitation Division, Ranchi West, Ranchi for the year of 2021-22 (on Turn Key Basis) | 2A | 2A (i) | Chanho | 828.03 | 8.29 | 10000.00 |

| | | |
|---|---|---|
| 3 | कार्य पूर्ण करने की अवधि | 09 Months + 1 months (trial and run) |
| 4 | वेबसाइट पर निविदा प्रकाशन की तिथि एवं समय | 19-04-2023 at 04:00 P.M |
| 5 | बीड प्राप्ति के लिए अन्तिम तिथि / समय | 25-04-2023 up to 04:00 P.M |
| 6 | निविदा की हार्ड कॉपी जमा करने की तिथि / समय / स्थान | 26-04-2023 up to 04:00 P.M कार्यपालक अभियंता, पेयजल एवं स्वच्छता प्रमण्डल, राँची पश्चिम, राँची / अधीक्षण अभियंता, पेयजल एवं स्वच्छता, राँची अंचल, राँची। |
| 7 | बीड खोलने की तिथि / समय | 27-04-2023 up to 04:00 P.M |
| 8 | निविदा प्रकाषित करने वाले कार्यालय का नाम एवं पता। | कार्यपालक अभियंता, पेयजल एवं स्वच्छता प्रमण्डल, राँची पश्चिम, राँची। |
| 9 | ई–प्रोक्योरमेंट सेल का हेल्पलाईन संख्या | 0651-2491247 |

•किसी भी प्रकार का बदलाव http://jharkhandtendars.gov.in पर देखा जा सकता है।
•अन्य किसी भी प्रकार की सूचना http://jharkhandtendars.gov.in पर देखा जा सकता है।
•निविदा में प्राक्कलित राशि घट–बढ़ सकती है, तत्पश्चात अग्रधन की राशि मान्य होगा।

कार्यपालक अभियंता,
पेयजल एवं स्वच्छता प्रमंडल,
राँची पश्चिम, राँची

PR 295482 (Drinking Water and Sanitation)23-24*D



ବ୍ୟାଙ୍କ ଅଫ୍ ବରୋଦା Bank of Baroda
**କ୍ଷେତ୍ରୀୟ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା**
ପ୍ଲଟ ନଂ.:୮୩୧/୩୮୨୩, ସାମପୁର, କଳିଙ୍ଗ ନଗର, ଭୁବନେଶ୍ୱର - ୦୩, ମୋ.: ୭୩୨୮୮୩୪୧୪୨
ଫୋନ୍: ୦୬୭୪-୨୩୮୭୧୦୦, ଇ-ମେଲ୍ : sarbhu@bankofbaroda.com
**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ଆପେଣ୍ଡିକ୍ସ-୪-ଏ (ରୁଲ୍ସ ୬(୨) ଏବଂ ୮(୬) ଅନୁଯାୟୀ ପ୍ରଦତ୍ତ) ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ନୋଟିସ**
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ନିୟମ ୮(୬)ଅନୁଯାୟୀ ସ୍ଥାବର ଏବଂ ୬(୨) ଅନୁଯାୟୀ ଅସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା (ବନ୍ଧକଦାତା) ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ବ୍ୟାଙ୍କ ଅଫ୍ ବରୋଦା** ର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା) ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ବିନା ଆଇନଗତ ସହାୟତା** ଭିତ୍ତିରେ ଇ-ନିଲାମ ମାଧ୍ୟମ ରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି। **ଋଣଗ୍ରହୀତା, ବନ୍ଧକଦାତା, ଜାମିନ୍‌ଦାର, ସୁରକ୍ଷିତ ସମ୍ପତ୍ତି, ଦେୟ, ସଂରକ୍ଷିତ ମୂଲ୍ୟ, ଅମାନତ ରାଶି, ବିଡ୍ ବର୍ଦ୍ଧିତ ରାଶି, ଇ-ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ।**

| କ୍ର ନଂ. | ମୂଳଶାଖା/ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କର ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ ସହିତ ଜ୍ଞାତ ଥିବା ଏନ୍‌କମ୍ବ୍ରାନ୍‌ସେସ୍ ଯଦି ଥାଏ | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ/ବକେୟା ଦେୟ (ସୁରକ୍ଷିତ ଋଣ) | ଇ-ନିଲାମ ତାରିଖ ଓ ସମୟ | ଦଖଲ ସମ୍ପତ୍ତିର ସ୍ଥିତି (ସାଙ୍କେତିକ/ ଭୌତିକ) | ସମ୍ପତ୍ତି ନିରୀକ୍ଷଣ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD(ରାଶି) / ବିଡ୍ ବର୍ଦ୍ଧିତ ରାଶି |
|---|---|---|---|---|---|---|---|
| ୦୧. | ଖଣ୍ଡଗିରି ଶାଖା: ଋଣଗ୍ରହୀତାମାନେ: (୧) ମେସର୍ସ ଆଖଣ୍ଡଳମଣୀ ଡିଷ୍ଟ୍ରିବ୍ୟୁଟର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ମମତା ରଥ, ଶ୍ରୀ ରାଧା ମୋହନ ରଥ, (୨) ଶ୍ରୀମତୀ ମମତା ରଥ ଏବଂ ଶ୍ରୀ ରାଧା ମୋହନ ରଥ, ଉଭୟଙ୍କ ଠିକଣା ସା: ୪୫, ଜିଜିପି ଏନ୍‌କ୍ଲେଭ୍, ରସୁଲଗଡ଼, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା / ଜାମିନ୍‌ଦାର: ଶ୍ରୀ ଚିତ ରଞ୍ଜନ ପଟନାୟକ, ପିତା: ବିପିନ ଚରଣ ପଟନାୟକ, ପ୍ଲଟ୍ ନଂ.: ଏଚ୍‌ଆଇଜି-୩/୮, ବିଡିଏ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୧୬ | ଶ୍ରୀ ରାଧା ମୋହନ ରଥ ଏବଂ ଶ୍ରୀମତୀ ମମତା ରଥଙ୍କ ନାମରେ ଥିବା ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୧୩୩୦/୪୪୦୩ ର ପ୍ଲଟ୍ ନଂ.: ୩୭୮୭/୭୫୮୮ ଏବଂ ପ୍ଲଟ୍ ନଂ.: ୩୭୯୦/୭୫୮୭, କ୍ଷେତ୍ର: ଏକର ୦.୦୪୪ ଡିସିମିଲି ଏବଂ ଖାତା ନଂ.: ୧୩୩୦/୨୫୨୯ ର ପ୍ଲଟ୍ ନଂ.: ୩୭୯୦/୮୦୯୬, କ୍ଷେତ୍ର: ଏକର ୦.୦୪୫ ଡିସିମିଲି, ମୌଜା: ଭୁବନେଶ୍ୱର ୟୁନିଟ୍: ୩୮, ପାଣ୍ଡରା, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୪୫, ପଶ୍ଚିମ: ପ୍ଲଟ୍ ନଂ.: ୪୩, ଉତ୍ତର: ପ୍ଲଟ୍ ନଂ.: ୩୭୯୩ ଏବଂ ୩୭୬୪, ଦକ୍ଷିଣ: ରାସ୍ତା | ୧୧.୦୯.୨୦୧୫ / ୧୪.୦୬.୨୦୧୯ / ତା.୩୧.୦୮.୨୦୧୫ ସୁଦ୍ଧା ଟ.୧,୪୬,୮୫,୪୨୧/- ଯୁକ୍ତ ୩୧.୦୮.୨୦୧୫ ଠାରୁ ସୁଧ, ସେବାବଦ ଖର୍ଚ୍ଚ ଏବଂ ଦେୟ ବିଯୁକ୍ତ ଋଣ ଅସୁଲି ଯଦି କିଛି ଥାଏ | ୦୮.୦୫.୨୦୨୩ ଅପରାହ୍ନ ୨ ଘଟିକାରୁ ସନ୍ଧ୍ୟା ୬ ଘଟିକା | ଭୌତିକ | ୦୩.୦୫.୨୦୨୩ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ଟ.୧,୮୮,୮୬,୦୦୦/- / ଟ.୧୮,୮୮,୬୦୦/- / ଟ.୫୦,୦୦୦/- |

ନିୟମ ଏବଂ ସର୍ତ୍ତାବଳୀ : ଆଗ୍ରହୀ ନିଲାମଧାରୀମାନେ **www.mstcecommerce.com** ରେ ଲଗଇନ୍ କରି **EMD** (ଅମାନତ ରାଶି) ତା.୦୬.୦୫.୨୦୨୩ ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଅନ୍‌ଲାଇନ୍ ମାଧ୍ୟମରେ ଦାଖଲ କରିପାରିବେ।
ନିଲାମର ସବିଶେଷ ନିୟମ ଓ ସର୍ତ୍ତାବଳୀ ନିମନ୍ତେ ଲିଙ୍କ୍ **https://www.bankofbaroda.com/e-auction.htm, www.mstcecommerce.com, and https://ibapi.in** ରେ ଦେଖନ୍ତୁ।
କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଯୋଗାଯୋଗ ନଂ.: (୦୬୭୪) ୨୩୮୭୧୦୦, ମୋ: ୭୩୨୮୮୩୪୧୪୨ରେ ଯୋଗାଯୋଗ କରିପାରିବେ।
ଅଧିକ ବିବରଣୀ ନିମନ୍ତେ ଏହି କୋଡ୍‌କୁ ସ୍କାନ୍ କରନ୍ତୁ।
ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୫),୮(୬) ଏବଂ ୯(୧) ଅନୁଯାୟୀ ବିକ୍ରୟ ପାଇଁ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନିମନ୍ତେ ୧୫ ଦିନିଆ ନୋଟିସ୍।
ତାରିଖ : ୧୯.୦୪.୨୦୨୩, ସ୍ଥାନ : ଭୁବନେଶ୍ୱର
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

## ନନ୍ଦନକାନନରେ ଗଧିଆ ମୃତ

ବାରଙ୍ଗ,(ଡି.ଏନ୍.ଏ.): ନନ୍ଦନକାନନରେ ବୁଧବାର ଏକ ବୟସ୍କ ଗଧିଆ 'ଦିଲୀପ'ର ମୃତ୍ୟୁ ହୋଇଛି। ଗତ କିଛି ଦିନଧରି ଦିଲୀପ ଅସୁସ୍ଥତା ଅନୁଭବ କରିବାସହ ଖାଇବା ଛାଡିଦେଇଥିଲା। ଚିକିତ୍ସା କରାଯାଇଥିଲେ ମଧ ତା'ର ସ୍ୱାସ୍ଥ୍ୟରେ ଉନ୍ନତି ହୋଇ ନଥିଲା। ଦିଲୀପର ମୁହଁରେ ଟ୍ୟୁମର ହୋଇ ଧୀରେ ଧୀରେ ବଢ଼ିବାରୁ ସେ ଖାଇପାରି ନ ଥିଲେ। ଶେଷରେ ବୁଧବାର ସକାଳେ ୬ନମ୍ବର ଏନ୍‌କ୍ଲୋଜରରେ ଦିଲୀପ ମରିପଡିଥିବାର କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ମୃତ୍ୟୁର କାରଣ ଜାଣିବା ପାଇଁ ବ୍ୟବଚ୍ଛେଦ କରାଯାଇଛି। ଦିଲୀପର ମୃତ୍ୟୁ ପରେ ନନ୍ଦନକାନନରେ ଗଧିଆ ସଂଖ୍ୟା ହ୍ରାସପାଇ ୫ରେ ପହଞ୍ଚିଛି।



# 'ସମସ୍ତ ଦିବ୍ୟାଙ୍ଗଙ୍କ ନିକଟରେ ସେବା ପହଞ୍ଚିବ'

## ବିଜୁ ମହାବୀର ଜୟପୁର ଫୁଟ୍ ସେଣ୍ଟର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଖୋର୍ଦ୍ଧା ଅଫିସ,୧୯।୪

ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ପ୍ରତ୍ୟଙ୍ଗ ଯୋଗାଣ ପାଇଁ ଓଡ଼ିଶା ସରକାର ଏବଂ ଶ୍ରୀ ଭଗବାନ ମହାବୀର ବିକଳାଙ୍ଗ ସହାୟତା ସମିତି (ବିଏମ୍‌ଭିଏସ୍‌ଏସ୍) ଜୟପୁରର ମିଳିତ ପ୍ରୟାସରେ ଖୋର୍ଦ୍ଧା ଗୁରୁଜଙ୍ଗଠାରେ ନବନିର୍ମିତ ବିଜୁ ମହାବୀର ଜୟପୁଟ ଫୁଟ୍ ସେଣ୍ଟରକୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ସେହିପରି ଭ୍ରାମ୍ୟମାଣ ମୋବାଇଲ ଯାନକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବା ସହ କେତେଜଣ ଦିବ୍ୟାଙ୍ଗଙ୍କୁ ଶ୍ରବଣ ଯନ୍ତ୍ର, ଟ୍ରାଇ ସାଇକେଲ, ହୁଇଲଚେୟାର ବଣ୍ଟନ କରିଛନ୍ତି। ମଞ୍ଚ ଉପରେ ସଂସ୍ଥା ପକ୍ଷରୁ ଏମ୍. ଖାନ୍ ନାମକ ଦିବ୍ୟାଙ୍ଗଙ୍କ କୃତ୍ରିମ ଅଙ୍ଗ ରୋପଣ କରାଯାଇଥିଲା। ସମ୍ପୃକ୍ତ ବ୍ୟକ୍ତି ହୁଇଲଚେୟାରରୁ ଉଠି ଚାଲିଥିଲେ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ସମେତ ସଂସ୍ଥା ପ୍ରତି ସେ କୃତଜ୍ଞତା ଜ୍ଞାପନ କରିଥିଲେ।

ଏହି ଅବସରରେ ଆୟୋଜିତ ସଭାରେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଥିଲେ, ଖୋର୍ଦ୍ଧାଠାରେ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଯୋଗାଣ କେନ୍ଦ୍ରକୁ ଉଦ୍‌ଘାଟନ କରି ମୁଁ ଅତ୍ୟନ୍ତ ଖୁସି। ଆନନ୍ଦର କଥା, ଓଡ଼ିଶାରେ ଏହି ସେବା ଆରମ୍ଭ ହୋଇଛି। ଏହା ଦ୍ୱାରା ରାଜ୍ୟର ଦିବ୍ୟାଙ୍ଗଙ୍କ ମନରେ ନୂତନ ଆଶା ସଞ୍ଚାର ହୋଇଛି। ଜୟପୁର ଫୁଟ୍ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଜରିଆରେ ଦିବ୍ୟାଙ୍ଗମାନେ ସକ୍ଷମ ହୋଇପାରିବେ। ପଦ୍ମଭୂଷଣ ଡା. ଡି. ଆର୍. ମେହେଟ୍ଟା ହେଉଛନ୍ତି ଜୟପୁର ଫୁଟ୍ ସେଣ୍ଟରର ପ୍ରତିଷ୍ଠାତା। ଦେଶ ବିଦେଶରେ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଯୋଗାଣ କ୍ଷେତ୍ରରେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ସଂସ୍ଥା ଭାବେ ଜୟପୁର ଫୁଟ୍ ସେଣ୍ଟରର ସୁନାମ ରହିଛି। ଏହି ସଂସ୍ଥା ବିଶ୍ୱରେ ୨୧ଲକ୍ଷ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ପ୍ରତ୍ୟଙ୍ଗ ଯୋଗାଇ ସେମାନଙ୍କୁ ସକ୍ଷମ କରିପାରିଛି। ଦିବ୍ୟାଙ୍ଗଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି। ସେମାନଙ୍କୁ ସାମାଜିକ ସ୍ରୋତରେ ସାମିଲ କରିବା ତଥା ସ୍ୱାବଲମ୍ବୀ, ସଶକ୍ତୀକରଣ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଦିବ୍ୟାଙ୍ଗମାନେ ସମାଜର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ତେଣୁ ସେମାନଙ୍କୁ ଉପଯୁକ୍ତ ଥଇଥାନ କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଏଥିଲାଗି ସମସ୍ତେ ମିଳିମିଶି କାମ କରିବାକୁ ପରାମର୍ଶ ଦେଇଥିଲେ। ଏଣିକି ଦିବ୍ୟାଙ୍ଗମାନଙ୍କୁ ଆଉ ମେଡିକାଲ ଆସିବାକୁ ପଡ଼ିବ ନାହିଁ। ସେମାନଙ୍କ ନିକଟରେ ସେବା ପହଞ୍ଚିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କହିଥିଲେ।

ସ୍ୱାଗତ ଭାଷଣ ଦେଇ ବିଏମ୍‌ଭିଏସ୍‌ଏସ୍ ପ୍ରତିଷ୍ଠାତା ଚେୟାରମ୍ୟାନ ଡା. ଡି. ଆର୍. ମେହେଟ୍ଟା କହିଲେ, ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଯୋଗାଣ ଆମ ସାମାଜିକ ପ୍ରତିବଦ୍ଧତା। ୧୯୭୫ ମସିହାରୁ ଏହି ସଂସ୍ଥା ଦେଶବିଦେଶରେ ଦିବ୍ୟାଙ୍ଗଙ୍କୁ ସକ୍ଷମ କରିବା ଦିଗରେ ନିରନ୍ତର ପ୍ରୟାସ କରୁଛି। ଭ୍ରାମ୍ୟମାଣ ଯାନ ଜରିଆରେ ସବୁ ଜିଲାରେ ଦିବ୍ୟାଙ୍ଗଙ୍କୁ ଅଙ୍ଗପ୍ରତ୍ୟଙ୍ଗ ଯୋଗାଇ ଦିଆଯିବ। ଯେଉଁମାନେ ଆର୍ଥିକ ସ୍ୱଚ୍ଛଳତା କାରଣରୁ କୃତ୍ରିମ ଅଙ୍ଗ ପ୍ରତ୍ୟଙ୍ଗ ପ୍ରତ୍ୟାରୋପଣ କରିପାରୁନାହାନ୍ତି, ସେମାନଙ୍କୁ ଏହି ସଂସ୍ଥା ବିନା ଖର୍ଚ୍ଚରେ ସେବା ଯୋଗାଇଦେବ ବୋଲି ମେହେଟ୍ଟା ପ୍ରକାଶ କରିଥିଲେ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଲେ, ଗତବର୍ଷ ଉକ୍ତ ସଂସ୍ଥା ସହ ଓଡ଼ିଶା ସରକାର ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ପ୍ରବାଦ ପୁରୁଷ ବିଜୁବାବୁଙ୍କ ସ୍ମୃତିରେ ଏହି କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଛନ୍ତି। ସେହିପରି ସଂସ୍ଥାର ମୁଖ୍ୟ କାର୍ଯ୍ୟନିର୍ବାହୀ ସତିଶ ମେହେଟା ଧନ୍ୟବାଦ ଅର୍ପଣ କରି କହିଲେ, ୨୦ ତାରିଖ ଗୁରୁବାରଠାରୁ ଏଠାରେ ସେବା ଉପଲବ୍ଧ ହେବ। ଏହି ସଂସ୍ଥା ୨୦୨୪ ସୁଦ୍ଧା ଓଡ଼ିଶାର ସବୁ ଜିଲାରେ ଭ୍ରାମ୍ୟମାଣ ଯାନ ଯୋଗେ ସେବା ପହଞ୍ଚାଇବ। ପ୍ରତି ଜିଲାରେ କ୍ୟାମ୍ପ କରାଯିବ। ସର୍ବଭାରତୀୟ ସ୍ତରରେ ଏହା ୨୯ତମ କେନ୍ଦ୍ର। ଆଗକୁ ପଞ୍ଜାବ ଓ ହରିୟାଣାରେ କେନ୍ଦ୍ର ଖୋଲାଯିବ ବୋଲି ସେ ସୂଚନା ଦେଇଥିଲେ। ପ୍ରଶାସନ ପକ୍ଷରୁ ଏକ ଡାଟା ପ୍ରସ୍ତୁତ କରାଯାଇଛି ଏବଂ ଜିଲାର ସମସ୍ତ ଦିବ୍ୟାଙ୍ଗଙ୍କୁ ସେବା ଯୋଗାଇଦେବା ଲାଗି ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲାପରିଷଦ ସିଇଓ ଦିଗନ୍ତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ ନେତୃତ୍ୱରେ ୬ ଡିଏସ୍‌ପି, ୧୦ ଆଇଆଇସି, ୩୦ ଏସ୍‌ଆଇ,ଏଏସ୍‌ଆଇ, କନ୍‌ଷ୍ଟେବଲଙ୍କ ସମେତ ୧୦ ପ୍ଲାଟୁନ ଫୋର୍ସ ମୁତୟନ ଥିଲେ।



ଗୁରୁଜଙ୍ଗଠାରେ ନବନିର୍ମିତ ବିଜୁ ମହାବୀର ଜୟପୁଟ ଫୁଟ୍ ସେଣ୍ଟରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି।


**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୧୯.୦୪.୨୦୨୩

| ୩,୦୯,୪୫୩ ଟଙ୍କା | |
|---|---|
| ସୁନା | ୧.୫୦୦ ଗ୍ରାମ୍ |
| ରୁପା | ୧୭.୧୦୦ ଗ୍ରାମ୍ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଜାତୀୟ କବି ବାଞ୍ଛାନିଧି ମହାନ୍ତି ସ୍ମୃତି ସଂସଦ ଭୁବନେଶ୍ୱର ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ବାଞ୍ଛାନିଧି ମହାନ୍ତିଙ୍କ ୧୨୬ତମ ଜୟନ୍ତୀ ଅବସରରେ ମାଲ୍ୟାର୍ପଣ, ରାଜଭବନ ଛକ, ସକାଳ ୮ଟା, କବିତା ପାଠ, ବୁଦ୍ଧ ମନ୍ଦିର, ୟୁନିଟ୍-୩, ଅପରାହ୍ନ ୫ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ଗଣକବି ବୈଷ୍ଣବ ପାଣିଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପାଖ, ସକାଳ ୮ଟା ୩୦।
- ବୁଦ୍ଧ ଜୟନ୍ତୀକୁ ଓଡ଼ିଶା ସରକାର ଛୁଟି ଘୋଷଣା କରନ୍ତୁ ଓ ଅନ୍ୟାନ୍ୟ ପ୍ରସ୍ତାବ ପାଇଁ ଦାବି, କଳିଙ୍ଗ ବୁଦ୍ଧ ମନ୍ଦିର, ୟୁନିଟ୍-୯, ପୂର୍ବାହ୍ନ ୧୧ଟା ୩୦।
- ବକ୍ସି ଜଗବନ୍ଧୁ ଇଂଲିଶ୍ ମିଡିୟମ୍ ସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, ସ୍କୁଲ ପରିସର, ବକ୍ସି ଜଗବନ୍ଧୁ ନଗର, ଅପରାହ୍ନ ୫ଟା।
- କେଦାରନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ କେଦାରନାଥ ମହାପାତ୍ରଙ୍କ ୪୧ତମ ଶ୍ରାଦ୍ଧୋତ୍ସବ, କେଦାରନାଥ ଗବେଷଣା ପ୍ରତିଷ୍ଠାନ ସଭାଗୃହ, ସନ୍ଧ୍ୟା ୬ଟା ୩୦।
- ଗୋପୀନାଥ ମହାନ୍ତି ସ୍ମାରକୀ ବକ୍ତୃତା, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା
- ନବମ ବାର୍ଷିକ ଉତ୍ସବ ପାଳିତ ଓ ଭଜନ ସନ୍ଧ୍ୟା, ସାଇ ମନ୍ଦିର, ହାଇଟେକ୍ ଛକ, ସନ୍ଧ୍ୟା ୭ଟା ୩୦।
- ରାମଲୀଳାର ଉଦ୍‌ଯାପନୀ ଉତ୍ସବରେ ରାବଣ ବଧ, ରାବଣପୋଡ଼ି ଓ ବାଣଯାତ୍ରା, ବେଣୁପୁର ରାମଲୀଳା ପଡ଼ିଆ, ରାତି ୧୧ଟା।

କଟକ
- ମା' ବୁଡ଼ୀମଙ୍ଗଳାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ନିମନ୍ତେ ଶୁଭାଧିବାସ, ପାଟରାସାହି, ସକାଳ ୭ଟା।
- ରିସର୍ଚ୍ଚ ମେଥୋଡୋଲୋଜି ଉପରେ ଦୁଇଦିନିଆ ଜାତୀୟ କର୍ମଶାଳା ଉଦ୍‌ଯାପନ, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ, ପୂର୍ବାହ୍ନ ୧୧ଟା।

# ରାଜ୍ୟର ପ୍ରଥମ ଆଦର୍ଶ ମହିଳା ଭେଣ୍ଡିଂ ଜୋନ୍ ଖୋଲିଲା

## ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

- ଭେଣ୍ଡିଂ ଜୋନ୍‌ରେ ରହିଛି ୪୧ ଦୋକାନ ଘର
- ମହିଳାଙ୍କୁ ସଫଳ ଉଦ୍ୟୋଗୀ କରିବାକୁ ପ୍ରୟାସ
- ଏସ୍‌ଏଚ୍‌ଜି ମହିଳାଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ ବିକ୍ରି ସୁଯୋଗ

ଭୁବନେଶ୍ୱର,୧୯।୪(ବ୍ୟୁରୋ)

ରାଜଧାନୀରେ ଖୋଲିଲା ରାଜ୍ୟର ପ୍ରଥମ ଆଦର୍ଶ ମହିଳା ଭେଣ୍ଡିଂ ଜୋନ୍। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଢୁମୁଢୁମା କସ୍‌ମୋପୋଲିସ୍ ଅଞ୍ଚଳରେ ନିର୍ମିତ ଏହି ଭେଣ୍ଡିଂ ଜୋନ୍‌କୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଏହି ଭେଣ୍ଡିଂ ଜୋନ୍‌ରେ ୪୧ଟି ଦୋକାନ ଘର ରହିଥିବାବେଳେ ଏହାର ପରିବେଶକୁ ଅତ୍ୟାଧୁନିକ ରୂପ ଦିଆଯାଇଛି। ସୁନ୍ଦର ଆଲୋକ ଓ ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା ସହ ଶୌଚାଳୟର ସୁବିଧା ରହିଛି। ସେହିପରି ଗ୍ରାହକଙ୍କ ବସିବା ପାଇଁ ସ୍ଥାନ ଓ ପାର୍କିଂର ବନ୍ଦୋବସ୍ତ କରାଯାଇଛି। ସ୍ଥାନୀୟ ଅଭିରାମ ଆଞ୍ଚଳିକ ମହିଳା ମହାସଂଘ ଏହାର ନିର୍ମାଣ ଦାୟିତ୍ୱ ନେଇଥିବାବେଳେ ଏଠାରେ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ନିଜେ ଉତ୍ପାଦନ କରିଥିବା ବିଭିନ୍ନ ସାମଗ୍ରୀ ବିକ୍ରି କରିବେ। ଭେଣ୍ଡିଂ ଜୋନ୍ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ସହ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ ପ୍ରମୁଖ ଯୋଗଦେଇଥିଲେ। ପାରମ୍ପରିକ ନୃତ୍ୟଗୀତ ସହ ଶଙ୍ଖବାଦନ ତଥା ହୁଳହୁଳି ପକାଇ ମହିଳାମାନେ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଆଗାମୀ ଦିନରେ ମହାନଗର ନିଗମାଞ୍ଚଳରେ ଅଧିକ ସଂଖ୍ୟକ ମହିଳା ଭେଣ୍ଡିଂ ଜୋନ୍ ନିର୍ମାଣ କରାଯିବ ଓ ଏଥିରେ ଅଧିକରୁ ଅଧିକ ମହିଳା ଲାଭବାନ ହେବେ ବୋଲି ମନ୍ତ୍ରୀ ଉଷାଦେବୀ କହିଛନ୍ତି। ମେୟର ସୁଲୋଚନା ଦାସ କହିଲେ, ମହିଳାଙ୍କ ବିକାଶ ଦିଗରେ ମୁଖ୍ୟମନ୍ତ୍ରୀ ଯେଉଁ ସ୍ୱପ୍ନ ଦେଖିଛନ୍ତି, ତାହାକୁ ପୂରଣ କରିବାର ଏହା ଏକ ଛୋଟ ପ୍ରୟାସ। ମହିଳାମାନେ ପ୍ରସ୍ତୁତ କରୁଥିବା ସାମଗ୍ରୀର ବଜାର ସୃଷ୍ଟି ସହ ସେମାନେ କିପରି ଜଣେ ଜଣେ ସଫଳ ଉଦ୍ୟୋଗୀ ହୋଇପାରିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଉଥିବା ସେ କହିଥିଲେ। ବିଧାୟକ ସୁଶାନ୍ତ ରାଉତ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଏମ୍‌ସି ଡେପୁଟି ମେୟର ମଞ୍ଜୁଲତା କହଁର, ବିଭିନ୍ନ ୱାର୍ଡର କର୍ପୋରେଟରଙ୍କ ସମେତ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ମହିଳାମାନେ ଉପସ୍ଥିତ ଥିଲେ। ତେବେ ମୁଖ୍ୟମନ୍ତ୍ରୀ ମହିଳାଙ୍କ ଦୋକାନ ଘର ବୁଲି ଦେଖିବା ସହ କିଛି ଅଭିଭାଷଣ ଦେବେ ବୋଲି ସମସ୍ତେ ଅପେକ୍ଷା କରିଥିଲେ। ହେଲେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନୀ ଫଳକ ଅନାବରଣ କରି କିଛି ମିନିଟ୍ ମଧ୍ୟରେ ଫେରିଯିବାରୁ ଅନେକଙ୍କ ମଧ୍ୟରେ ନିରାଶା ଭାବ ଦେଖିବାକୁ ମିଳିଥିଲା।



ରାଜ୍ୟର ପ୍ରଥମ ଆଦର୍ଶ ମହିଳା ଭେଣ୍ଡିଂ ଜୋନ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି। ଉପସ୍ଥିତ ଅଛନ୍ତି ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ ଓ ଅନ୍ୟମାନେ।

## ହସ୍ତଶିଳ୍ପ ମେଳା ଭଳି ଲାଗୁଛି


ଅତିଥିମାନେ ମେଳାକୁ ବୁଲି ଦେଖିବା ସହ ମହିଳା ଉଦ୍ୟୋଗୀଙ୍କୁ ଉତ୍ସାହିତ କରୁଛନ୍ତି।

ନବନିର୍ମିତ ଭେଣ୍ଡିଂ ଜୋନ୍‌ରେ ଥିବା ୪୧ଟି ଦୋକାନ ମଧ୍ୟରୁ ୩୦ଟି ବିଭିନ୍ନ ଜୋନ୍‌ର ଏସ୍‌ଏଚ୍‌ଜିକୁ ଦିଆଯାଇଛି। ଅନ୍ୟ ୧୦ଟିକୁ ଓରମାସ୍ ଭଳି ବିଭିନ୍ନ ସରକାରୀ ଅନୁଷ୍ଠାନକୁ ଆବଣ୍ଟନ କରାଯାଇଛି। ଅନ୍ୟ ଗୋଟିଏ ଘର କାର୍ଯ୍ୟାଳୟ ଭାବେ ବ୍ୟବହାର କରାଯିବ। ମହିଳା ବ୍ୟବସାୟୀମାନେ ବିଭିନ୍ନ ଘରସଜ୍ଜା ସାମଗ୍ରୀ, ହାତ ତିଆରି ଖେଳଣା, ହାତ ତିଆରି ବଡ଼ି ପାମ୍ପଡଠାରୁ ଆରମ୍ଭ କରି ବିଭିନ୍ନ ଖାଦ୍ୟର ପସରା ମେଲିଛନ୍ତି। ସେହିପରି ବର୍ତ୍ତମାନ ସମୟରେ ଜନାଦୃତି ଲାଭ କରିଥିବା ମାଣ୍ଡିଆଜାତ ଦ୍ରବ୍ୟ ଏଠାରେ ଉପଲବ୍ଧ ହେଉଛି। ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ଧୂପକାଠି, ଫିନାଇଲ୍, ପାପୋଛ ସହ ବିଭିନ୍ନ ଘରକରଣା ଜିନିଷ ଏଠାରେ ବିକ୍ରି କରିବାର ସୁଯୋଗ ଦିଆଯାଇଛି। ରାଜଧାନୀର କେବଳ ମେଳା ମହୋତ୍ସବରେ ଯେଉଁସବୁ ଜିନିଷପତ୍ର ମିଳୁଥିଲା, ଏଠାରେ ତାହା ବର୍ଷ ସାରା ସହରବାସୀଙ୍କୁ ମିଳିପାରିବ। ଏଥିସହ ମହିଳାମାନେ ବର୍ଷ ତମାମ ବିକ୍ରିବଟାର ସୁଯୋଗ ପାଇବା ସହ ଅଧିକ ଉପକୃତ ହୋଇପାରିବେ। ଏହା ହସ୍ତଶିଳ୍ପ ମେଳା ଭଳି ଲାଗୁଥିବା ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଲୋକେ କହିଛନ୍ତି।




## ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ପ୍ରଶାନ୍ତ


@ ପ୍ରିୟଙ୍କା


@ ସରୋଜ


@ ସ୍ମିତରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ମେ ୬ ରେ ୨୫ତମ ଶିଶୁ ମହୋତ୍ସବ 'କଳିଙ୍ଗ'

ଭୁବନେଶ୍ୱର,୧୯।୪(ବ୍ୟୁରୋ)

ଚଳିତ ବର୍ଷର ୨୫ତମ ଶିଶୁ ମହୋତ୍ସବ 'କଳିଙ୍ଗ' ମେ ୬ତାରିଖରେ ସ୍ଥାନୀୟ ସୂଚନା ଭବନଠାରେ ଅନୁଷ୍ଠିତ ହେବ। ଏ ସମ୍ପର୍କରେ ସବିଶେଷ ସୂଚନା ଦେଇ ଶିଶୁ ମହୋତ୍ସବର ସମ୍ପାଦିକା ରେଣୁକା ମିଶ୍ର କହିଛନ୍ତି ଯେ, ଏହି ମହୋତ୍ସବରେ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ଏକକ ସଙ୍ଗୀତ, ଓଡ଼ିଶୀ, ପାରମ୍ପରିକ ଓ ଆଧୁନିକ ନୃତ୍ୟ, ବକ୍ତୃତା, ସାଧାରଣ ଜ୍ଞାନ ଏବଂ କୌତୁକିଆ ପୋଷାକ, ଗ୍ରୁପ୍ ଡ୍ୟାନ୍ସ ଓ ଗ୍ରୁପ ସଙ୍ଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ। ନର୍ସରୀଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଏଥିରେ ଭାଗ ନେଇପାରିବେ। ଜଣେ ପ୍ରତିଯୋଗୀ ସର୍ବାଧିକ ୩ ଗୋଟି ପ୍ରତିଯୋଗିତାରେ ଭାଗ ନେଇ ପାରିବେ। ପ୍ରତିଯୋଗିତାଗୁଡ଼ିକ ପୂର୍ବାହ୍ନ ୯ଘଟିକାରୁ ଆରମ୍ଭ ହୋଇ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ଚାଲିବ। ଏହି ମହୋତ୍ସବରେ ଅଂଶ ଗ୍ରହଣ ପାଇଁ ନାମପଞ୍ଜିକରଣ ଚଳିତ ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବ।

# ଲାଞ୍ଚ ନେଇ ଧରାପଡ଼ିଲେ ବରିଷ୍ଠ କିରାଣି

ପୁରୀ ଅଫିସ, ୧୯।୪

ଲାଞ୍ଚ ନେବା ଅଭିଯୋଗରେ ପୁରୀ ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟର ବରିଷ୍ଠ କିରାଣି ରଘୁନାଥ ବିଶୋୟୀ ବୁଧବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଏକ ଜମିର କ୍ଷମତାପତ୍ର ଦଲିଲ୍ ଜାରି କରିବା ପାଇଁ ରଘୁନାଥ ଜଣେ ବ୍ୟକ୍ତିଙ୍କଠାରୁ ୫ହଜାର ଟଙ୍କା ଲାଞ୍ଚ ନେବାବେଳେ ତାଙ୍କୁ ଭିଜିଲାନ୍ସ ଗିରଫ କରିଥିଲା। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ପୋଲିସ ଏକ କେସ୍ (ନଂ. ୧୦/୨୩) ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ପୁରୀର ଜଣେ ବ୍ୟକ୍ତି ଗୋଟିଏ ଜମିକୁ ନିଜ ନାମକୁ ଆଣିବାକୁ ସବ୍‌ରେଜିଷ୍ଟ୍ରାର ଅଫିସ୍‌ରେ ଆବେଦନ କରିଥିଲେ। ସମସ୍ତ ଯାଞ୍ଚ ପ୍ରକ୍ରିୟା ସରିଯାଇଥିଲା। କେବଳ କ୍ଷମତାପତ୍ର ଦଲିଲ୍ ଜାରି ହେବାର ଥିଲା। ଏହି ଦଲିଲ୍ ଜାରି କରିବା ପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ରଘୁନାଥ ୧୦ହଜାର ଟଙ୍କା ମାଗିଥିଲେ। ହେଲେ ତାଙ୍କ ପାଖରେ ଏତେ ଟଙ୍କା ନ ଥିବାରୁ ସେ ମନା କରିଥିଲେ। ପରେ ୫ହଜାର ଟଙ୍କା ଦେବାକୁ କହିବା ସହ ଏନେଇ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ଟିମ୍‌ର ଯୋଜନା ମୁତାବକ ବୁଧବାର ସମ୍ପୃକ୍ତ ବ୍ୟକ୍ତି ରସାୟନ ମିଶ୍ରିତ ୫ହଜାର ଟଙ୍କା ନେଇ ସବ୍-ରେଜିଷ୍ଟ୍ରାର ଅଫିସକୁ ଯାଇଥିଲେ। ସେଠାରେ ରଘୁନାଥଙ୍କ ହାତକୁ ସେହି ଟଙ୍କା ଦେଇଥିଲେ। ଏହି ସମୟରେ ଭିଜିଲାନ୍ସ ଟିମ୍ ଚଢ଼ଉ କରି ରଘୁନାଥଙ୍କଠାରୁ ଉକ୍ତ ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା।


ରଘୁନାଥ ବିଶୋୟୀ

## ସଂକ୍ଷେପରେ

### ଶ୍ରୀ ଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା ପ୍ରସ୍ତୁତି

ପୁରୁଣାଭୁବନେଶ୍ୱର,୧୯।୪(ଡି.ଏନ୍.ଏ.)- ଆସନ୍ତା ୨୩ ତାରିଖ ରବିବାର ଅକ୍ଷୟ ତୃତୀୟା ଅବସରରେ ଶ୍ରୀଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା ଆରମ୍ଭ ହେବ। ଶ୍ରୀ ଲିଙ୍ଗରାଜଙ୍କ ମା' ପାର୍ବତୀ, ପ୍ରଭୁ ଦୋଳଗୋବିନ୍ଦ ଚାପ ଡ଼ଙ୍ଗାରେ ବିନ୍ଦୁସାଗରରେ ଚାପକ୍ରୀଡ଼ା କରିବେ। ଠାକୁରଙ୍କ ଏହି ୨୨ ଦିନିଆ ଚନ୍ଦନ ଯାତ୍ରା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଥିଲା। ଏଥିରେ ଏଡିଏମ୍ ପ୍ରଫୁଲ୍ଲ ସ୍ୱାଇଁ ଅଧକ୍ଷତା କରିଥିଲେ। ଯାତ୍ରାଦିନ ସକାଳ ୯.୩୦ରୁ ଠାରୁ ସମସ୍ତ ନୀତିକାନ୍ତି ଆରମ୍ଭ କରାଯିବାପାଇଁ ସ୍ଥିର କରାଯାଇଥିଲା। ମଧାହ୍ନ ୧୨ଟା ପର୍ଯ୍ୟନ୍ତ ସାହାଣମେଲା ଦର୍ଶନ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ। ଅପରାହ୍ନ ୫.୩୦ଦ୍ୱିପ୍ରହର ଧୂପ ହୋଇ ଶ୍ରୀଜୀଉମାନେ ଚନ୍ଦନଯାତ୍ରାକୁ ବାହାରିବେ। ଠାକୁର ଚନ୍ଦନ ଯାତ୍ରାକୁ ଯିବା ଏବଂ ପ୍ରସ୍ଥାନ କରିବା ରଥଦାଣ୍ଡ, ତଳବଜାର, ତିନିମୁଣ୍ଡିଆ ଗଳି ରାସ୍ତାର ଉଭୟ ପାର୍ଶ୍ୱରେ ୨୨ଦିନ ଧରି ଆମିଷ ବିକ୍ରୟ ଏବଂ ଫାଷ୍ଟଫୁଡ଼ ଦୋକାନକୁ ନିଷେଧ କରାଯାଇଛି। ପୂଜାପଣ୍ଡା, ନାଉରିଆ ସେବାୟତ, ଅପଟିଆ ସେବାୟତ, ପତ୍ରି ସେବାୟକଙ୍କ ପରି ସମସ୍ତ ସେବାୟତଙ୍କର ବର୍ଦ୍ଧିତ ପାଉଣା ଚଳିତବର୍ଷ ଲାଗୁ ହେବାର ସୂଚନା ଦିଆଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟି ଅବନୀକାନ୍ତ ପଟ୍ଟନାୟକ ସମସ୍ତ ନିଯୋଗର ସେକ୍ରେଟାରୀ, ସମ୍ପାଦକ ଉପସ୍ଥିତ ଥିଲେ।

### ଅଣକୁଶଳୀ ଶ୍ରମିକଙ୍କୁ ୨୬ ହଜାର ମଜୁରି ପ୍ରଦାନ ଦାବି

ଭୁବନେଶ୍ୱର,୧୯।୪(ବ୍ୟୁରୋ) - ଅଣକୁଶଳୀ ଶ୍ରମିକଙ୍କୁ ମାସିକ ସର୍ବନିମ୍ନ ୨୬ ହଜାର ଟଙ୍କା ମଜୁରି ପ୍ରଦାନ ଦାବିରେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ସିଆଇଟିୟୁ ପକ୍ଷରୁ ଦାବି ହୋଇଛି। ଏନେଇ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ବଜାର ଦରଦାମ ବଢ଼ି ବଢ଼ି ଚାଲିଥିବାବେଳେ ଯାତାୟାତ, ଚିକିତ୍ସା, ଶିକ୍ଷା କ୍ଷେତ୍ରରେ ଖର୍ଚ୍ଚ ଉପରେ କୌଣସି ରୋକ୍ ନାହିଁ। ଏପରି ପରିସ୍ଥିତିରେ ଅଣକୁଶଳୀ ଶ୍ରମିକମାନେ ସ୍ୱଳ୍ପ ମଜୁରିରେ କାଳାତିପାତ କରିବା କଷ୍ଟକର ହୋଇପଡ଼ିଥିବା ସିଆଇଟିୟୁ ପକ୍ଷରୁ କୁହାଯାଇଛି। ସେହିପରି ଭାଜପା ସରକାର ଶ୍ରମିକଙ୍କ ଅଧିକାର କ୍ଷୁଣ୍ଣ କରିବା ସହ ଶ୍ରମିକଙ୍କୁ ଧର୍ମ ଓ ଜାତିରେ ବିଭାଜନ କରୁଥିବା ଅଭିଯୋଗ ହୋଇଛି। ରାଜ୍ୟର ସମସ୍ତ ସରକାରୀ ଅଫିସ୍, ସ୍କୁଲ, କଲେଜ୍, ଡାକ୍ତରଖାନା ଆଦିରେ ଖାଲି ପଡ଼ିଥିବା ୨ ଲକ୍ଷ ୬୨ ହଜାର ପଦବୀରେ ସ୍ଥାୟୀ ନିଯୁକ୍ତି ପ୍ରଦାନ ହେଉ ନ ଥିବା ସିଆଇଟିୟୁର ସର୍ବଭାରତୀୟ ଉପସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି ଓ ରାଜ୍ୟ ସଭାପତି ଜନାର୍ଦ୍ଦନ ପତି ସୂଚନା ଦେଇଛନ୍ତି।

# କୃଷି ଶିକ୍ଷାର ହବ୍ ହେବ ଏନ୍ଆର୍ଆର୍ଆଇ

- ଚଳିତ ବର୍ଷରୁ ୩ ପାଠ୍ୟକ୍ରମରେ ପାଠପଢ଼ା
- ୬୦ ସିଟ୍‌କୁ ମିଳିଛି ଅନୁମୋଦନ

କଟକ ଅଫିସ,୧୯।୪




କଟକ ଉପକଣ୍ଠ ବିଦ୍ୟାଧରପୁରଠାରେ ଥିବା ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ (ଏନ୍ଆର୍ଆର୍ଆଇ) କୃଷି ଶିକ୍ଷାର ହବ୍ ପାଲଟିବ। ଏହି ଐତିହାସିକ ପ୍ରତିଷ୍ଠାନ କୃଷି ଗବେଷଣା ସହ ଶିକ୍ଷାଦାନର ଏକ ପ୍ରମୁଖ ପ୍ରତିଷ୍ଠାନ ହେବ। କୃଷିଶିକ୍ଷା ନିମନ୍ତେ ଚୟନ ହୋଇଥିବା ଦେଶର ପ୍ରମୁଖ ୧୫ଟି ସହର ମଧ୍ୟରେ କଟକ ସାମିଲ ହୋଇ ଗୌରବ ବୃଦ୍ଧି କରିଛି। ଚଳିତବର୍ଷ ପ୍ରଥମଥର ପାଇଁ ଛାତ୍ରୀଛାତ୍ରମାନେ ୩ ପ୍ରକାର ପାଠ୍ୟକ୍ରମ (ବିଏସ୍.ସି. ଏଜି, ଏମ୍ଏସ୍.ସି. ଏଜି. ଓ ପିଏଚ୍.ଡି.)ରେ ନାମ ଲେଖାଇବାର ସୁଯୋଗ ପାଇବେ ବୋଲି ପ୍ରତିଷ୍ଠାନ ପକ୍ଷରୁ ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ, ଦେଶରେ ନୂତନ ଶିକ୍ଷାନୀତି ପ୍ରଣୟନ ହେବା ପରେ ନୂଆଦିଲ୍ଲୀସ୍ଥିତ ଇଣ୍ଡିଆନ୍ ଏଗ୍ରିକଲଚରାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ଅଧୀନରେ ଦେଶର ୧୫ଟି ସହରରେ କୃଷିଶିକ୍ଷାର ହବ୍ ପ୍ରତିଷ୍ଠା କରାଯାଇଛି। ହାଇଦ୍ରାବାଦ, କୋଲକାତା, ପୁଣେ, ପାଟ୍‌ନା, ଲକ୍ଷ୍ନୌ, ରାୟପୁର ଭଳି କଟକ ଏଥିରେ ସ୍ଥାନ ପାଇଛି। କଟକସ୍ଥିତ ଏନ୍ଆର୍ଆର୍ଆଇରେ ୩ଟି ପାଠ୍ୟକ୍ରମରେ ୬୦ଟି ସିଟ୍‌କୁ ଅନୁମୋଦନ ମିଳିଛି। ସେଥିମଧ୍ୟରେ ବିଏସ୍‌ସି ଏଜି ପାଠ୍ୟକ୍ରମରେ ୩୦, ଏମ୍ଏସ୍‌ସି ଏଜି ପାଠ୍ୟକ୍ରମରେ ୨୦ ଓ ପିଏଚ୍‌ଡି ପାଠ୍ୟକ୍ରମରେ ୧୦ଟି ସିଟ୍ ରହିଛି। ଚଳିତବର୍ଷଠାରୁ ପାଠପଢ଼ା ଆରମ୍ଭ ହେବା ନିମନ୍ତେ ଜାତୀୟ ସ୍ତରରେ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ଦ୍ୱାରା ପ୍ରବେଶିକା ପରୀକ୍ଷା ପାଇଁ ଛାତ୍ରୀଛାତ୍ରମାନେ ଆବେଦନ କରିଛନ୍ତି। ଜୁଲାଇରେ ନାମଲେଖା ହେବା ପରେ ଅଗଷ୍ଟରୁ ପାଠପଢ଼ା ଆରମ୍ଭ ହେବ। ଦୀର୍ଘବର୍ଷ ଧରି ଏହି ପ୍ରତିଷ୍ଠାନ ବିଶ୍ୱକୁ ନୂଆ ନୂଆ କିସମର ଧାନ ଉତ୍ପାଦନ କରି ଭେଟି ଦେଇଥିବାବେଳେ ଏବେ ପୁଣି ଶିକ୍ଷାକ୍ଷେତ୍ରରେ ଏକ ନୂତନ ଦିଗନ୍ତ ସୃଷ୍ଟି କରିବାକୁ ଯାଉଛି, ଯାହାକୁ ନେଇ ଓଡ଼ିଶା ସମେତ ରାଜ୍ୟ ବାହାରର ମେଧାବୀ ଛାତ୍ରୀଛାତ୍ରମାନେ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି।

ଏନ୍ଆର୍ଆର୍ଆଇ ନିର୍ଦ୍ଦେଶକ ଡ. ଅମରେଶ କୁମାର ନାୟକ କହିଛନ୍ତି, ପ୍ରତିଷ୍ଠାନ ଭିତ୍ତିଭୂମି ଅନୁସାରେ ୬୦ଟି ସିଟ୍‌ରେ ପାଠପଢ଼ା ନିମନ୍ତେ ଅନୁମୋଦନ ମିଳିଛି। ଆଗାମୀ ଦିନରେ ଭିତ୍ତିଭୂମିକୁ ସୁଦୃଢ଼ କରାଯିବା ସହ ସିଟ୍ ସଂଖ୍ୟା ବଢ଼ିବା ନେଇ ଆଶାବାଦୀ ରହିଛୁ। ଚଳିତବର୍ଷ ପାଠପଢ଼ା ନିମନ୍ତେ ସ୍ମାର୍ଟ କ୍ଲାସ୍ ରୁମ୍ ସାଙ୍ଗକୁ ଅନ୍ୟାନ୍ୟ ବ୍ୟବସ୍ଥା, ଉପକରଣ ରହିଛି। ଶିକ୍ଷାଦାନ ନିମନ୍ତେ ଏଠାରେ ୧୦୦ ଜଣ କୃଷି ବୈଜ୍ଞାନିକ ଅଛନ୍ତି। ଛାତ୍ରୀଛାତ୍ରଙ୍କ ରହିବା ନିମନ୍ତେ ହଷ୍ଟେଲ ରହିଛି। ନୂଆ ଶିକ୍ଷାନୀତି ଅନୁଯାୟୀ କୃଷିଶିକ୍ଷା ନିମନ୍ତେ ସବୁପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା ପ୍ରସ୍ତୁତ ରହିଛି। ପୂର୍ବରୁ ରାୟପୁର ଇନ୍ଦିରା ଗାନ୍ଧୀ ବିଶ୍ୱବିଦ୍ୟାଳୟ ସମେତ ଓୟୁଏଟି, ଉତ୍କଳ ବିଶ୍ୱବିଦ୍ୟାଳୟ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ସୋଆ, ଶାନ୍ତି ନିକେତନକୁ ଛାତ୍ରୀଛାତ୍ରମାନେ ସେମାନଙ୍କର ଥେସିସ୍ ପ୍ରସ୍ତୁତ କରିବା ନିମନ୍ତେ ଆସୁଥିଲେ। ହେଲେ ଏବେ ଏଠାରେ ଅନୁମୋଦିତ ୩ଟି ପାଠ୍ୟକ୍ରମରେ ପାଠପଢ଼ା ହେବ, ଯାହା ଜାତୀୟ ସ୍ତରରେ ଓଡ଼ିଶାର ନାମକୁ ଉଜ୍ଜ୍ୱଳ କରିବ।

# 'ଗୀତରେ ଗୀତରେ' ପ୍ରଶାନ୍ତ ପାଢ଼ୀଙ୍କ ୩୮ ବର୍ଷର ଯାତ୍ରା



ଭୁବନେଶ୍ୱର,୧୯।୪(ବ୍ୟୁରୋ)

ଓଡ଼ିଶାର ପ୍ରତିଷ୍ଠିତ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀଙ୍କ ୩୮ବର୍ଷର ସଙ୍ଗୀତ ଯାତ୍ରାକୁ ନେଇ ବୁଧବାର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ହୋଇଥିଲା ସଙ୍ଗୀତ ସନ୍ଧ୍ୟା 'ଗୀତରେ ଗୀତରେ'। ଏସ୍ ଏସ୍ ମିଡ଼ିଆ କ୍ରିଏସନ ପ୍ରସ୍ତୁତ ଏହି କାର୍ଯ୍ୟକ୍ରମରେ ପ୍ରଶାନ୍ତ ପାଢ଼ୀଙ୍କ ଅନେକ ଚଳଚ୍ଚିତ୍ର ଗୀତକୁ ପରିବେଷଣ କରାଯାଇ ନୂଆ ପିଢ଼ିର କଣ୍ଠଶିଳ୍ପୀଙ୍କୁ ଆଗକୁ ନେବାର ଚେଷ୍ଟା କରାଯାଇଥିଲା। କଣ୍ଠଶିଳ୍ପୀ ବିଭୁ କିଶୋର, ମାନସ ପ୍ରିତମ, କୁଲ୍‌ଦୀପ ପଟ୍ଟନାୟକ, ପ୍ରଦୀପ ପଲେଇ, ସତ୍ତିକ ପାଢ଼ୀ, ଲିପ୍ସା ମହାପାତ୍ର, ଅର୍ପିତା ଚୌଧୁରୀ, ରୋଜାଲିନ ମିଶ୍ର, ପ୍ରତିଭା ପ୍ରଧାନ, ଦେବାଂଶୀ ଦାଶ ପ୍ରମୁଖ ପ୍ରଶାନ୍ତ ପାଢ଼ୀଙ୍କ ସଙ୍ଗୀତ ନିର୍ଦ୍ଦେଶନାର ଗୀତ ପରିବେଷଣ କରିଥିଲେ। ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ ଦାସ, ଆଇପିଏସ୍ ଅଫିସର ସତ୍ୟଜିତ ନାୟକ, ସୌଭାଗ୍ୟ ମିଶ୍ର, ପ୍ରଯୋଜକ ଲିଟୁ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ, ଦୀପ୍ତିମୟୀ ମହାନ୍ତି, ଜିଜ୍ଞାଶିଷ ମହାପାତ୍ର, ଗଣେଶ ଜେନା, ଜିତୁ ମଙ୍ଗରାଜ ଓ ଗୌରୀଶଙ୍କର ପଣ୍ଡା ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଅତିଥିଙ୍କ ଦ୍ୱାରା 'ଗୀତରେ ଗୀତରେ ପ୍ରଶାନ୍ତ ପାଢ଼ୀ' ନାମକ ଏକ ସ୍ମରଣିକା ଉନ୍ମୋଚନ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ କଳାକାର ରାକ୍ଷୀ ଦାଶ ସଂଯୋଜନା କରିଥିଲେ।

# ଦୟା, ମାନବିକତା, ସ୍ନେହ ଓ ସୌହାର୍ଦ୍ଦ୍ୟ ସବୁ ଧର୍ମର ମୂଳ ଆଧାର




କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଇଫ୍‌ତାର ପାର୍ଟିରେ ଡ. ଅଚ୍ୟୁତ ସାମନ୍ତଙ୍କ ସହ ଅନ୍ୟମାନେ।

## କିଟ୍‌ରେ ଇଫ୍‌ତାର ପାଳନ

ଭୁବନେଶ୍ୱର,୧୯।୪(ବ୍ୟୁରୋ)

ପ୍ରତିବର୍ଷ ଭଳି ଚଳିତବର୍ଷ କିଟ୍ ବିଶ୍ୱବିଦ୍ୟାଳୟରେ ବୁଧବାର ଇଫ୍‌ତାର ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ମୁସଲ୍‌ମାନ ସଂପ୍ରଦାୟର ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଓ ଭାରତ ସମେତ ବିଭିନ୍ନ ଦେଶର ଛାତ୍ରୀଛାତ୍ରଙ୍କୁ ନେଇ ଇଫ୍‌ତାର ପାର୍ଟିର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କିଟ୍ ଓ କିସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ସବୁ ଧର୍ମର ମୂଳ ଆଧାର ହେଉଛି ଦୟା, ମାନବିକତା, ସ୍ନେହ ଓ ସୌହାର୍ଦ୍ଦ୍ୟ। ଅନ୍ୟକୁ ଭଲ ପାଇବା, ଅନ୍ୟମାନଙ୍କଠାରୁ ଭଲ ପାଇବା ଓ ସ୍ନେହ ପାଇବା ପାଇଁ ଚେଷ୍ଟା କରିବା ଜରୁରୀ। ଏହା ଦ୍ୱାରା ମଣିଷକୁ ଆତ୍ମସନ୍ତୋଷ ମିଳିବା ସହ ଅନ୍ୟମାନେ ମଧ୍ୟ ଏଥିରୁ ଆନନ୍ଦ ପାଇଥାନ୍ତି। ପରସ୍ପରକୁ ଭଲ ପାଇବା ଦ୍ୱାରା ଅନେକ ମାନସିକ ଓ ସାମାଜିକ ସମସ୍ୟା ଦୂର ହୋଇପାରିବ। ଏଥିପାଇଁ ନିଜ ଜୀବନରେ ଆର୍ଟ ଅଫ ଗିଭିଂକୁ ଏକ ଅଭ୍ୟାସରେ ପରଣିତ କରିବା ପାଇଁ ସାମନ୍ତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତା ସାମନ୍ତ, ଉପକୁଳପତି ପ୍ରଫେସର ଶରଣଜିତ୍ ସିଂହ, ପ୍ରଫେସର ଡା. ସିବିକେ ମହାନ୍ତି, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତିଙ୍କ ସମେତ କିଟ ଓ କିସ୍‌ର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

# ଖାଦ୍ୟ ସୁରକ୍ଷାକୁ ବିଏମ୍‌ସିର ଗୁରୁତ୍ୱ

ଭୁବନେଶ୍ୱର,୧୯।୪(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଖାଦ୍ୟ ସୁରକ୍ଷାକୁ ନେଇ ଏକ ବୈଠକ ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ବିଏମ୍‌ସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜନସ୍ୱାସ୍ଥ୍ୟ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ନଗର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦୀପକ କୁମାର ବିଶୋଇ ଓ ସହଯୋଗୀ ଖାଦ୍ୟ ସୁରକ୍ଷା ଅଧିକାରୀମାନେ ଯୋଗଦେଇଥିଲେ। ଖାଦ୍ୟରେ ଅପମିଶ୍ରଣ, ଖାଦ୍ୟ ରଖାଯାଇଥିବା ସମୟ ଅବଧି, ଖାଦ୍ୟର ଗ୍ରହଣୀୟତା, ଖାଦ୍ୟ ବାବଦ ସୂଚନା ଦୋକାନୀମାନେ କିପରି ଭାବେ ଦେଉଛନ୍ତି ସେ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ସମସ୍ତ ଜୋନ୍‌ରେ ଯାଞ୍ଚ ସହ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ କହିଥିଲେ। ଏହାସହିତ ବର୍ତ୍ତମାନ ବିଭିନ୍ନ ଅଞ୍ଚଳରେ ଥଣ୍ଡା ପାନୀୟ ବିକ୍ରି ହେଉଥିବାବେଳେ ଏହାର ମାନ ଯାଞ୍ଚ କରିବା ଓ ମଶା ବଂଶ ବୃଦ୍ଧି ରୋକିବା ପାଇଁ ନିୟମିତ ପଦକ୍ଷେପ ନେବାକୁ କୁହାଯାଇଛି। ବିଏମ୍‌ସି ତରଫରୁ ଚାଲୁ ରହିଥିବା ସ୍ୱତନ୍ତ୍ର ପ୍ରଚାର ଗାଡିରେ ଖାଦ୍ୟ ସୁରକ୍ଷା ଓ ପରିଚ୍ଛନ୍ନତାଜନିତ ସଚେତନତା ବାର୍ତ୍ତା ଦେବାକୁ ନିର୍ଦ୍ଦେଶ ରହିଛି।

# ବିରିବାଟିରେ ପ୍ରତିଷ୍ଠା ହେବ ଅଣୁଶ୍ରେଣୀଭୁକ୍ତ ଶିଳ୍ପଭିତ୍ତିକ ପାର୍କ

କଟକ ଅଫିସ, ୧୯।୪

କଟକଜିଲାର ବିରିବାଟିଠାରେ ଅଣୁଶ୍ରେଣୀଭୁକ୍ତ ଶିଳ୍ପଭିତ୍ତିକ ପାର୍କ ପ୍ରତିଷ୍ଠା କରାଯିବ। ଏଥିପାଇଁ ଆବଶ୍ୟକ ଜମି ଚିହ୍ନଟ କରାଯାଇଛି। ହାଇଦ୍ରାବାଦସ୍ଥିତ ଆସୋସିଏଶନ ଅଫ୍ ଲେଡି ଏଣ୍ଟ୍ରେପ୍ରିନିଓର ଅଫ୍ ଇଣ୍ଡିଆର ୫ ଜଣିଆ ବିଶେଷଜ୍ଞ ଦଳ ବୁଧବାର କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ କହିଥିଲେ, ପ୍ରାୟ ୬ ଏକର ପରିମିତ ଜମିରେ ରାଜ୍ୟର ପ୍ରଥମ ଅଣୁଶ୍ରେଣୀଭୁକ୍ତ ଶିଳ୍ପଭିତ୍ତିକ ପାର୍କ ସ୍ୱୟଂସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି)ର ମହିଳାଙ୍କ ନିମନ୍ତେ ପ୍ରତିଷ୍ଠା କରାଯିବ। ଏହି ପାର୍କର ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଅନୁଯାୟୀ କଳେବର ନିର୍ଦ୍ଧାରଣ ହେବ। ଶିଳ୍ପଭିତ୍ତିକ ପାର୍କଗୁଡ଼ିକ ଏସ୍ଏଚ୍‌ଜି ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ବଜାର ଚାହିଦା ମେଣ୍ଟାଇବ। ସେହିପରି ଶିଳ୍ପଭିତ୍ତିକ ବଜାର ଜରିଆରେ ନୂତନ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରାଯିବ ବୋଲି ଜିଲାପାଳ କହିଥିଲେ। ବୈଠକରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅମ୍ବର କୁମାର କର, ମିଶନଶକ୍ତି ବିଭାଗର ଯୁଗ୍ମ ସଚିବ ବିନୋଦ ଜେନା, ସୌମିତ୍ ମିଶ୍ର, ତେଲେଙ୍ଗାନାର ଅଣୁଶିଳ୍ପ ଉଦ୍ୟୋଗୀ ଉନ୍ନୟନ ନିର୍ଦ୍ଦେଶକ ଏ. ଅଜୟ, ବିଶେଷଜ୍ଞ ଆର୍. ହ୍ରିଷିକେଶ ମହାଦେବ, ଏଏଲଇଏପି ଦକ୍ଷତା କେନ୍ଦ୍ରର ଅଧ୍ୟକ୍ଷା ଅନ୍ନପୂର୍ଣ୍ଣା, ନିର୍ଦ୍ଦେଶକ ମାଧବୀ ଏବଂ ଲ୍ୟାଣ୍ଡ କମିଟି ଅଧ୍ୟକ୍ଷ ସ୍ୱରୂପାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ନାକ୍ ଟିମ୍

## ଏ++ ମାନ୍ୟତା ଦୌଡ଼

- ଛାତ୍ରୀଛାତ୍ର, ଅଭିଭାବକଙ୍କ ମତ ନେଲେ
- ୨୫ଥର କଟିଲା ବିଦ୍ୟୁତ୍

ଭୁବନେଶ୍ୱର,୧୯।୪(ବ୍ୟୁରୋ)



ଉତ୍କଳ ବିଶ୍ୱବିଦ୍ୟାଳୟରେ ବୁଧବାର ରାଷ୍ଟ୍ରୀୟ ମୂଲ୍ୟାୟନ ଓ ଅନୁମୋଦନ ପରିଷଦ (ନାକ୍) ଟିମ୍ ପହଞ୍ଚିଛନ୍ତି। ଦୀର୍ଘ ୫ବର୍ଷ ପରେ ୩ଦିନ ପାଇଁ ଏହି ଟିମ୍ ବିଶ୍ୱବିଦ୍ୟାଳୟ ପରିଦର୍ଶନରେ ଆସିଛନ୍ତି। ପ୍ରଥମ ଦିନରେ ବିଶ୍ୱବିଦ୍ୟାଳୟ କନ୍‌ଭୋକେଶନ ହଲ୍‌ରେ ଆୟୋଜିତ ଆଲୋଚନାରେ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇ ସେମାନଙ୍କ ଅନୁଭୂତି ଓ ସମସ୍ୟା ସମ୍ପର୍କରେ ମତ ରଖିଥିଲେ। ସେହିପରି ପୁରାତନ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ସହ ମଧ୍ୟ ଏହି ଟିମ୍ ଆଲୋଚନା କରିଥିବା ଜଣାପଡ଼ିଛି। ବିଶ୍ୱବିଦ୍ୟାଳୟକୁ ଗ୍ରେଡ୍ ଦେବାରେ ଏହି ସମସ୍ତ ମତାମତକୁ ଟିମ୍ ବିଚାରକୁ ନେବ। 'ଏ+' ମାନ୍ୟତା ପାଇସାରିଥିବା ଏହି ବିଶ୍ୱବିଦ୍ୟାଳୟ 'ଏ++' ମାନ୍ୟତା ଦୌଡ଼ରେ ରହିଛି। ଏଥିପାଇଁ ଶ୍ରେଣୀଗୃହଠାରୁ ଆରମ୍ଭ କରି ଉଦ୍ୟାନ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ କରି ନାକ୍ ଟିମ୍ ଆଗରେ ଉପସ୍ଥାପନ କରାଯାଇଛି। ବର୍ତ୍ତମାନ ବିଶ୍ୱବିଦ୍ୟାଳୟରେ ଡିଜିଟାଲ ପ୍ଲାଟ୍‌ଫର୍ମ ପ୍ରସ୍ତୁତି, କ୍ୟାମ୍ପସକୁ ସ୍ୱଚ୍ଛ ଓ ସବୁଜ କରିବା ଦିଗରେ ମଧ୍ୟ ଧ୍ୟାନ ଦିଆଯାଇଛି। ଅନ୍ୟପଟେ ଶିକ୍ଷା, ଗବେଷଣା, ଭିତ୍ତିଭୂମି ବିକାଶ ଓ କ୍ୟାମ୍ପସ ବାତାବରଣ କିପରି ଶୃଙ୍ଖଳିତ ରହିବ, ସେଥିପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ରହିଛି। ଏ ଅବସରରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନ୍ୟପଟେ ନାକ୍ ଟିମ୍ ପରିଦର୍ଶନ କାଳରେ ବିଶ୍ୱବିଦ୍ୟାଳୟରେ ବିଦ୍ୟୁତ୍ କାଟ୍ ବିଶ୍ୱବିଦ୍ୟାଳୟର ଖରାପ ଛବି ଚିତ୍ରଣ କରିଛି। ପରିଦର୍ଶନ କାଳରେ ୨୫ରୁ ଉର୍ଦ୍ଧ୍ୱଥର ବିଦ୍ୟୁତ୍ କାଟ୍ ହୋଇଥିବା ଜଣାପଡ଼ିଛି। ତେବେ ଗୁରୁବାର ଏହି ଟିମ୍ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି।

# ୧୦ଟଙ୍କାରେ ମିଳିବ ମୋ ଖତ

ଭୁବନେଶ୍ୱର,୧୯।୪(ବ୍ୟୁରୋ)

ଆସନ୍ତା ଜୁଲାଇ ୩୧ତାରିଖରୁ ଖତ ପିଛା ୧୦ଟଙ୍କା ଛାଡ଼ କରାଯିବ। ଅର୍ଥାତ୍ କିଲୋଗ୍ରାମ ପ୍ରତି ଖତ ୧୦ଟଙ୍କାରେ ମିଳିବ। ଏନେଇ ବୁଧବାର ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଭାଗର ପ୍ରମୁଖ ସଚିବ ଡି. ମାଥିଭାଥାନନ୍ ଜଙ୍ଗଲ ଓ ପରିବେଶ, କୃଷି ଓ କୃଷକ ସଶକ୍ତୀକରଣ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଅନୁସୂଚିତ ଜାତି ଓ ଜନଜାତି, ପଛୁଆବର୍ଗ, ହସ୍ତତନ୍ତ, ହସ୍ତକଳା ଓ ବୟନ ଶିଳ୍ପ ବିଭାଗକୁ ଚିଠି ଲେଖି ଏ ସମ୍ବନ୍ଧରେ ଜଣାଇଛନ୍ତି। ମୌସୁମୀକୁ ଆଖି ଆଗରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ମୋ ଖତ ପକ୍ଷରୁ ଖତର ଦାମ୍ କିଲୋ ପିଛା ୨୦ଟଙ୍କା ରହିଛି।

# କଟକରେ ସୁପ୍ରିମକୋର୍ଟର ଭର୍ଚୁଆଲ୍ ବେଞ୍ଚ ପ୍ରତିଷ୍ଠା ସୁପାରିସ

## ରାଷ୍ଟ୍ରପତିଙ୍କୁ ପତ୍ର ଲେଖିଲା ହାଇକୋର୍ଟ ବାର୍ ଆସୋସିଏଶନ୍

କଟକ ଅଫିସ,୧୯।୪

ଓଡ଼ିଶା ହାଇକୋର୍ଟ ପରିସରରେ ସୁପ୍ରିମକୋର୍ଟର ଭର୍ଚୁଆଲ ବେଞ୍ଚ ପ୍ରତିଷ୍ଠା, ଇ-ଫାଇଲିଂ କାଉଣ୍ଟର ଏବଂ ଏଓଆର୍ ନିଯୁକ୍ତି ପାଇଁ ରାଷ୍ଟ୍ରପତିଙ୍କୁ ହାଇକୋର୍ଟ ବାର୍ ଆସୋସିଏଶନ୍ ପକ୍ଷରୁ ପତ୍ର ଲେଖାଯାଇଛି। ଓଡ଼ିଶାବାସୀଙ୍କ ବୃହତ୍ତର ସ୍ୱାର୍ଥଦୃଷ୍ଟିରୁ ଦ୍ୱାରଦେଶରେ ନ୍ୟାୟ ପ୍ରଦାନ ପାଇଁ ଦେଶର ସର୍ବୋଚ୍ଚ ନ୍ୟାୟାଳୟର ଏହି ସୁବିଧା ପ୍ରଦାନ ପାଇଁ ରାଷ୍ଟ୍ରପତି ପଦକ୍ଷେପ ନେବାକୁ ନିବେଦନ କରାଯାଇଛି।

ଆବେଦନପତ୍ର ଅନୁଯାୟୀ, ଓଡ଼ିଶାର ଲୋକମାନେ କୋଭିଡ୍ ମହାମାରୀ ଯୋଗୁ ଆର୍ଥିକ ତଥା ମାନସିକ ଭାବରେ ଦୁର୍ବଳ ହେବା ସହ ବହୁ ସମସ୍ୟା ମଧ୍ୟରେ ଗତି କରୁଛନ୍ତି। ବହୁ ନ୍ୟାୟୋଚିତ ମାମଲା ସମାଧାନ ନ ହୋଇ ପଡ଼ିରହିଛି। ଅଦାଲତି ମାମଲାରୁ ଲୋକେ ମୁକୁଳି ପାରୁ ନାହାନ୍ତି। ଓଡ଼ିଶା ହାଇକୋର୍ଟ ପକ୍ଷରୁ ସାରା ରାଜ୍ୟରେ ୨୦ଟି ଭର୍ଚୁଆଲ ବେଞ୍ଚ ଖୋଲାଯାଇଛି, ଯଦ୍ୱାରା ରାଜ୍ୟର ଗରିବ ଲୋକମାନେ ଉପକୃତ ହେବା ସହ ନିଜ ଅଞ୍ଚଳରେ ରହି ହାଇକୋର୍ଟରେ ମାମଲା ରୁଜୁ କରିବା ସହ ଶୁଣାଣିରେ ହାଜର ହେବା ଆଦି ବହୁ ପ୍ରକାର ସୁବିଧା ପାଇପାରୁଛନ୍ତି। ଏହାଦ୍ୱାରା ସେମାନଙ୍କ ସମୟ ଏବଂ ଅର୍ଥ ବଞ୍ଚିପାରୁଛି। ବନ୍ୟା, ବାତ୍ୟା ସମେତ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ରାଜ୍ୟର ଅଧିକାଂଶ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଛି। ଏପରିସ୍ଥଳେ ସୁପ୍ରିମକୋର୍ଟ ଯାଇ ଅର୍ଥ ଖର୍ଚ୍ଚ କରିବାକୁ ସେମାନଙ୍କ ନିକଟରେ ସମ୍ବଳ ନାହିଁ। ନ୍ୟାୟ ପାଇଁ ଲଢ଼ିବାକୁ ସେମାନେ ଅସମର୍ଥ ହେଉଛନ୍ତି। ସୁପ୍ରିମକୋର୍ଟକୁ ବ୍ୟୟବହୁଳ ଯାତ୍ରା କରି ନ ପାରିବା କାରଣରୁ ଲୋକମାନେ ନିଜ ସ୍ୱାଧୀନତା ଓ ଅଧିକାର ହାସଲ କରିପାରୁ ନାହାନ୍ତି। ଅନେକ ମାମଲା ବିଚାର ପାଇଁ ଯୋଗ୍ୟ ହୋଇଥିଲେ ବି ସେଗୁଡ଼ିକ ଖାରଜ ହୋଇଯାଉଛି। ସ୍ୱଳ୍ପ ସଂଖ୍ୟକ ମାମଲା ଓଡ଼ିଶାରୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ ହେବା ପାଇଁ ଯାଉଛି। ତେଣୁ ଆବେଦନକୁ ବିଚାର କରି ପଦକ୍ଷେପ ନେବା ନିମନ୍ତେ ପ୍ରାର୍ଥନା କରାଯାଇଛି। ଆବେଦନର ନକଲ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ର ଆଇନ୍ ମନ୍ତ୍ରୀ, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି, ରାଜ୍ୟ ଆଇନମନ୍ତ୍ରୀ, ବାର କାଉନ୍‌ସିଲ୍ ଅଫ ଇଣ୍ଡିଆ, ବାର୍ କାଉନ୍‌ସିଲ୍ ଅଫ ଓଡ଼ିଶା ଓ ହାଇକୋର୍ଟ ବାର୍ ଆସୋସିଏଶନ୍‌ର ସଭାପତିଙ୍କୁ ମଧ୍ୟ ପ୍ରେରଣ କରାଯାଇଛି।




ଭୁବନେଶ୍ୱରସ୍ଥିତ ବିଜେଇଏମ୍ ସ୍କୁଲରେ ବୁଧବାରଠାରୁ ଆରମ୍ଭ ହୋଇଥିବା ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।




ବେଦାନ୍ତକୁ ଜମି ଅଧିଗ୍ରହଣରେ ହୋଇଥିବା ଚଞ୍ଚକତାର ପ୍ରତିବାଦ କରି ଭାରତୀୟ ବିକାଶ ପରିଷଦ ପକ୍ଷରୁ ବୁଧବାର ଲୋୟର ପିଏମ୍‌ଜିଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

**ଟାଙ୍ଗୀ(ଖୋର୍ଦ୍ଧା), ୧୯।୪(ଡି.ଏନ.ଏ.):** ଖୋର୍ଦ୍ଧା ଟାଙ୍ଗୀସ୍ଥିତ ୧୬ ନଂ. ଜାତୀୟ ରାଜପଥରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଟାଙ୍ଗୀ ଥାନା ଅଧୀନ ବ୍ରାହ୍ମଣ୍ଡି ଗ୍ରାମର ବିଶ୍ୱମୋହନ ପଲେଇ(୩୧)। ସୂଚନା ମୁତାବକ, ବିଶ୍ୱମୋହନ ଏକ ବାଇକ୍ ଯୋଗେ ବ୍ରାହ୍ମଣ୍ଡିରୁ ବାଲୁଗାଁ ଅଭିମୁଖେ ଯାଉଥିଲେ। ୧୬ ନଂ. ଜାତୀୟ ରାଜପଥ ଚଣ୍ଡେଶ୍ୱର ପେଟ୍ରୋଲ ପମ୍ପ ନିକଟରେ ଏକ ଅଜଣା ଗାଡି ତାଙ୍କ ବାଇକ୍‌କୁ ପଛ ପଟୁ ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ସେଠାରେ ସେ ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଯୁବକଙ୍କୁ ଟାଙ୍ଗୀ ମେଡିକାଲକୁ ନେଇଥିଲା। କିନ୍ତୁ ସେଠାରେ ଡାକ୍ତର ବିଶ୍ୱମୋହନଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ସହ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ପୋଲିସ ଜବତ କରି ତଦନ୍ତ କରୁଛି। ପୋଲିସ ସିସିଟିଭି ଫୁଟେଜକୁ ଅନୁଧ୍ୟାନ କରି ତଦନ୍ତ କରୁଛି।

### ହନୁମାନଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ଜଟଣୀ,୧୯।୪(ଡି.ଏନ୍.ଏ.):** ଜଟଣୀ ବ୍ଲକ ଅଙ୍ଗାରପଡା ପଞ୍ଚାୟତ ଅନ୍ତର୍ଗତ ମହୁଲ ଗ୍ରାମସ୍ଥ ଶ୍ରୀଶ୍ରୀ ସଙ୍କଟମୋଚନ ହନୁମାନଙ୍କ ୧୭ତମ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ହୋଇ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମହୁଲ ଗ୍ରାମବାସୀ ଓ ମନ୍ଦିର ପରିଚାଳନା କମିଟି ଦ୍ୱାରା ଏହି କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଯଜ୍ଞ ଉତ୍ସବରେ ପଣ୍ଡିତମାନଙ୍କ ଦ୍ୱାରା ତା ଗତ ୧୫ତାରିଖ ପ୍ରଥମ ଦିବସରେ ଅଙ୍କୁରାରୋପଣ କରାଯାଇଥିଲା। ଦ୍ୱିତୀୟ ଦିବସରେ ଜଳଯାତ୍ରା, ସର୍ବଦେବାଦେବୀ ଆବାହନ, ଆଗିନୀ ସ୍ଥାପନ ସହିତ ରାମନାଟକ କରାଯାଇଥିଲା। ତୃତୀୟ ଦିବସରେ ସୂର୍ଯ୍ୟପୂଜା, ଚଣ୍ଡୀପୂଜା, ଆହୁତି ଓ ରାମନାଟକ ଅନୁଷ୍ଠିତ ହୋଇଥିଲା। ଚତୁର୍ଥ ଦିବସରେ ସୂର୍ଯ୍ୟପୂଜା, ଗୋପୂଜା, ରୁଦ୍ରାଭିଷେକ ଯଜ୍ଞ ଓ ନାଟକ ଅନୁଷ୍ଠିତ ହୋଇଥିଲା। ବୁଧବାର ଉଦ୍‌ଯାପନୀ ବା ପୂର୍ଣ୍ଣଆହୁତି ଅବସରରେ ଯଜ୍ଞରେ ସମସ୍ତ ରୀତିନୀତି ବିଧିବିଧାନ ସହିତ ପୂଜାର୍ଚ୍ଚନା ପରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ପାଞ୍ଚ ଦିନ ବ୍ୟାପୀ ଅନୁଷ୍ଠିତ ପୂର୍ଣ୍ଣାହୁତି ଅବସରରେ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ ପ୍ରସାଦ ସେବନ କରିବା ସହିତ ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ସମସ୍ତ କାର୍ଯ୍ୟକୁ ଆୟୋଜକ ମନ୍ଦିର ପରିଚାଳନା କମିଟି ମହୁଲ ଗ୍ରାମବାସୀ ସାହାଯ୍ୟ ଓ ସହଯୋଗ କରିଥିଲେ।

### ସଙ୍କଟ ମୋଚନଙ୍କ ଅଷ୍ଟମ ଜନ୍ମ ବାର୍ଷିକୋତ୍ସବ

**ବେଗୁନିଆ,୧୯।୪(ଡି.ଏନ୍.ଏ.):** ବେଗୁନିଆ ବ୍ଲକ କୁଞ୍ଜୁରି ପଞ୍ଚାୟତ ଅନ୍ତର୍ଗତ ଗୋଡିସାହି ଗ୍ରାମରେ ଅବସ୍ଥିତ ସଙ୍କଟ ମୋଚନ ହନୁମାନଙ୍କ ଅଷ୍ଟମ ଜନ୍ମ ବାର୍ଷିକୋତ୍ସବ ବୁଧବାର ପାଳିତ ହୋଇଯାଇଛି। ପୀଠ ପରିସରରେ ଯଜ୍ଞ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ଯଜ୍ଞ କର୍ତ୍ତା ଭାବେ ଅଜୟ ନନ୍ଦ ଓ କର୍ତ୍ତୀ ବିମଳା ଦାୟିତ୍ୱ ତୁଲାଇଥିଲେ। ପ୍ରବଚକ ଶ୍ରୀକୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଯଜ୍ଞ ସ୍ଥଳୀରେ ଅନନ୍ତ କୁମାର ସାହୁ, ବସନ୍ତ ସାହୁ, ପ୍ରମୋଦ ସାହୁ, ପ୍ରଦୀପ୍ତ ସାହୁ, ଜିତେନ୍ଦ୍ର ସାହୁ, ଅଚ୍ୟୁତ ସାହୁ, କୀର୍ତ୍ତି ସାହୁ, ଅରବିନ୍ଦ ସାହୁ, ଯଶୋବନ୍ତ ସାହୁଙ୍କ ସହିତ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଉତ୍ସବ ପାଳନ କରାଯାଇଥିଲା।

# ଜରିମାନାରୁ ବର୍ତ୍ତିବା ପାଇଁ ଗାଡ଼ି ନମ୍ବର ନକଲ

**ନିରାକାରପୁର,୧୭।୪(ଡି.ଏନ୍.ଏ.)**

ଏବେ ମୋଟରଯାନ ଆଇନ ଉଲ୍ଲଂଘନକାରୀଙ୍କ ଉପରେ ପ୍ରଶାସନ ପକ୍ଷରୁ କଡ଼ାକଡ଼ି ନିୟମ ଗ୍ରହଣ କରାଯାଇଛି। ତେବେ ଜରିମାନା ଓ ଧରପଗଡ଼ଠାରୁ ବର୍ତ୍ତିବା ପାଇଁ କେତେଜଣ ଠକ ଏବଂ ଚୋରା ଗାଡ଼ି ବ୍ୟବହାର କରୁଥିବା ବ୍ୟକ୍ତି ବିଭିନ୍ନ ପ୍ରକାର କୌଶଳ ଅବଲମ୍ବନ କରୁଛନ୍ତି। କେତେଜଣ ଠକ ଅନ୍ୟ ଗାଡ଼ିର ନମ୍ବର ନକଲ କରି ନିଜ ଗାଡ଼ିରେ ଲଗାଇ ମନଇଚ୍ଛା ବଜାର ଉପରେ ବୁଲୁଛନ୍ତି। ଯାହା ଯୋଗୁ ଉକ୍ତ ନମ୍ବର ଥିବା ପ୍ରକୃତ ଗାଡ଼ି ମାଲିକମାନେ ଶୃଙ୍ଖଳାଟାରେ ତଣ୍ଡ ଗଣୁଥିବା ଦେଖିବାକୁ ମିଳିଛି। ଏଭଳି ଏକ ଘଟଣା ଖୋର୍ଦ୍ଧା ଜିଲା ନିରାକାରପୁର ଥାନାରେ ଘଟିବା ପରେ ପ୍ରକୃତ ଗାଡ଼ି ମାଲିକ ଜଣକ ଲିଖିତ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଅଞ୍ଚଳର ଆର୍ତ୍ତତ୍ରାଣ ସାହୁ ଏହାର ଶିକାର ହୋଇ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଥିବା ସହ ଜଗତ୍‌ସିଂହପୁର ଆର୍‌ଟିଓ ପକ୍ଷରୁ ଆସିଥିବା ନୋଟିସରେ ପ୍ରତି ଉତ୍ତର ଦେଇଛନ୍ତି ବୋଲି ସେ ଜଣାଇଛନ୍ତି। ଆର୍‌ଟିଓ ଦେଇଥିବା ନୋଟିସ୍‌କୁ ସେ ସ୍ଥାନୀୟ ଥାନାଧିକାରୀଙ୍କୁ ଦେଖାଇଛନ୍ତି।

ଅଭିଯୋଗ ଅନୁଯାୟୀ, ତାଙ୍କ ଗାଡ଼ି ଓଡି-୦୨ଏଏଚ୍-୦୪୦୬ ନମ୍ବରରେ କେହି ବ୍ୟକ୍ତି ଜାଲିଆତି ଭାବେ ବ୍ୟବହାର କରି ଦ୍ରୁତ ଗତିରେ ଗାଡି ଚଳାଇ ଗତ ୬ତାରିଖରେ ଓଡ଼ିଶା ପରିବହନ ଆଇନ ଉଲ୍ଲଂଘନ କରିଥିଲେ। ଏ ନେଇ ୭ହଜାର ଟଙ୍କାର ଜରିମାନାର ନୋଟିସ୍ ଜଗତ୍‌ସିଂହପୁର ଜିଲା ଆର୍‌ଟିଓ ବିଭାଗ ପକ୍ଷରୁ ତାଙ୍କ ନିକଟକୁ ଆସିଥିଲା। କିନ୍ତୁ ଜଗତ୍‌ସିଂପୁର ପରିବହନ ଦେଇଥିବା ଗାଡି ଫଟୋ ତାଙ୍କ ଗାଡି ଫଟୋ ସହ ମିଶୁନାହିଁ। ତାଙ୍କ ଗାଡି ନାଲି ରଙ୍ଗ ପ୍ୟାସନ ହୋଇଥିବା ବେଳେ ସେ ଆଉ ଏକ ଗାଡ଼ି ଫଟୋ ପଠାଇଛନ୍ତି। ଫଳରେ ଅନ୍ୟ ଜଣେ ତାଙ୍କ ଗାଡ଼ିର ନମ୍ବର ନକଲ କରିଥିବା ଜାଣି ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହାର ସମାଧାନ ନହେଲେ ସେ କୋର୍ଟର ଆଶ୍ରୟ ନେବେ ବୋଲି କହିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଚଳାଇଛି।





ଏକା ନମ୍ବର ଲାଗିଥିବା ଦୁଇ ବାଇକ୍।

## ଚିନ୍ତାରେ ପ୍ରକୃତ ଗାଡ଼ି ମାଲିକ

ସେହିଭଳି କିଛି ଦିନ ତଳେ ଜଙ୍କିଆ ଅଞ୍ଚଳର ଜଣେ ଯୁବକ ଫାଇନାନ୍ସ କମ୍ପାନୀରୁ ବଞ୍ଚିବା ପାଇଁ ଅନ୍ୟ ଜଣଙ୍କ ଗାଡି ନମ୍ବର ନିଜ ଗାଡିରେ ଲଗାଇ ଧରାପଡିଥିବା ଜଣାପଡିଛି। ରାମେଶ୍ୱର ପଞ୍ଚାୟତ ଖଜୁରିପଡା ଗ୍ରାମର ଜଣେ ବ୍ୟକ୍ତିଙ୍କ କାର୍ କେନ୍ଦ୍ରାପଡା ଅଞ୍ଚଳରୁ ଦ୍ରୁତଗତି ଗାଡି ଚାଳନା ନେଇ ୭ ହଜାର ଟଙ୍କା ଜରିମାନା ଆସିଛି। ସେହିପରି ନିରାକାରପୁର ନରେନ୍ଦ୍ରପୁର ଗ୍ରାମର ଭାଲୁ ପରିଡାଙ୍କ ଗାଡି ଦୁଇମାସ ହେଲା କୁଆଡ଼େ ଯାଇ ନଥିଲେ ମଧ୍ୟ ତାଙ୍କର ୧୦୦୦ଟଙ୍କା ଫାଇନ ଆସିଛି। ତେବେ ଚୋରମାନେ ଆଉ ଚୋରାଗାଡି ଚଳାଇ ପାରୁ ନଥିବା ବେଳେ ଏଭଳି କୌଶଳ ଅବଲମ୍ବନ କରୁଛନ୍ତି। ତେଣୁ ଏଭଳି ଠକଙ୍କୁ ଧରି ଉଚିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହୋଇଛି।



ଚିଲିକା ବ୍ଲକ ଅନ୍ତର୍ଗତ ବଉଳାବନ୍ଧ ଗ୍ରାମ ପାଟଣା ସାହିରେ ଚାଲିଥିବା ରାମ ନାଟକର ଏକ ଦୃଶ୍ୟ।

### ବଉଳାବନ୍ଧରେ ରାମ ନାଟକ ଉଦ୍‌ଯାପିତ

**ଟାଙ୍ଗୀ(ଖୋର୍ଦ୍ଧା), ୧୯।୪(ଡି.ଏନ.ଏ.)**

ଚଳିତ ବର୍ଷ ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅନ୍ତର୍ଗତ ବଉଳାବନ୍ଧ ଗ୍ରାମ ପାଟଣା ସାହିରେ ଅବସ୍ଥାପିତ ଶ୍ରୀ ଶ୍ରୀ ରଘୁନାଥ ଦେବଙ୍କ ପୀଠରେ ଶୁକ୍ଳ ପକ୍ଷ ଶ୍ରୀରାମ ନବମୀଠାରୁ ୨୧ଦିନଧରିଅନୁଷ୍ଠିତ ରାମ ନାଟକ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଶ୍ରୀରାମ ନବମୀ ଦିନ ମାନସିକଧାରୀ ଭକ୍ତମାନେ ମାନସିକ କରି ଶ୍ରୀ ଶ୍ରୀ ରଘୁନାଥ ଦେବଙ୍କ ପୀଠରେ କଳସ (କୁମ୍ଭ)ବସାଇଥାଆନ୍ତି। ଚଳିତ ବର୍ଷ ସମୁଦାୟ ୧୩୨୪ଟି କଳସ ବସିଥିଲା। ଶ୍ରୀରାମ ନବମୀ ଦିନଠାରୁ ପ୍ରତିଦିନ ରାତ୍ରୀରେ ରାମ ନାଟକ ଅନୁଷ୍ଠିତ ହୁଏ। ଶହଶହ ସଂଖ୍ୟାରେ ଭକ୍ତମାନେ ଯୋଗଦେଇ ରାମ ନାଟକ ଦେଖିଥାନ୍ତି। ଉଦ୍‌ଯାପନୀ ଦିବସରେ ମାନସିକଧାରୀ ଭକ୍ତମାନେ ଠାକୁରଙ୍କ ପାଖେ ମାନସିକ କରି ବସାଇଥିବା କଳସକୁ ଧରି ଗ୍ରାମ ପରିକ୍ରମା କରିବା ପରେ ପୁଷ୍କରିଣୀରେ ବିସର୍ଜନ କରିଥିଲେ। ଉକ୍ତ କାର୍ଯକ୍ରମରେ ପୁରୀ, ନୟାଗଡ଼, ଗଞ୍ଜାମ ଓ ଖୋର୍ଦ୍ଧା ଜିଲାର ଭକ୍ତମାନେ ଯୋଗଦେଇ ଭଗବାନଙ୍କ ଆଶୀର୍ବାଦ ଲାଭ କରିଥିଲେ। ଶ୍ରୀରାମ ନବମୀ ଯାତ୍ରା ଶାନ୍ତିଶୃଙ୍ଖଳା ସହ ସମାପନ ହୋଇଥିବାରୁ ଗ୍ରାମ୍ୟ କମିଟି ସଭାପତି ନୃସିଂହଚରଣ ନାୟକ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ସିଲିଣ୍ଡର ଫାଟିବାରୁ ଦୋକାନରେ ନିଆଁ

**ଜଟଣୀ,୧୯।୪(ଡି.ଏନ୍.ଏ.)**

ଜଟଣୀ ବ୍ଲକ ଅଧୀନ ବେଣାପଞ୍ଜରୀ ଗ୍ରାମରେ ବୁଧବାର ଏକ ଗ୍ୟାସ ସିଲିଣ୍ଡର ଫାଟି ଯିବାରୁ ଏକ ଦୋକାନରେ ନିଆଁ ଲାଗିଯାଇଥିଲା। ସୂଚନା ମୁତାବକ ଉକ୍ତ ବେଣାପଞ୍ଜରୀ ଗ୍ରାମର ସୟଦ ଖାଁ ନିଜ ଦୋକାନରେ ଚା କରୁଥିବା ସମୟରେ କୌଣସି କାରଣରୁ ଗ୍ୟାସ ସିଲିଣ୍ଡରଟି ଫାଟି ଯାଇଥିଲା। ନିଆଁ ଲାଗିବା ଫଳରେ ଦୋକାନରେ ଥିବା ସମସ୍ତ ବସ୍ତୁ ଓ ସାମଗ୍ରୀ ଜଳି ଯାଇଥିଲା। ତେବେ ଦୋକାନୀ ଭାଗ୍ୟ ବଶତଃ ରକ୍ଷା ପାଇଯାଇଥିଲେ। ଖବରପାଇ ଘଟଣାସ୍ଥଳରେ ଜଟଣୀ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ପରେ ସରପଞ୍ଚ ଓ ବିଧାୟକ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ଦୋକାନୀକୁ ଆଶ୍ୱାସନା ଦେବା ସହିତ କିଛି ଆର୍ଥିକ ସହାୟତା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

# ପଞ୍ଚାୟତରେ ନାହିଁ ଜଳଛତ୍ର, ଅସ୍ତବ୍ୟସ୍ତ ପଥଚାରୀ

**ଗମ୍ଭାରୀମୁଣ୍ଡା,୧୯।୪(ଡି.ଏନ୍.ଏ.)**

ରାଜ୍ୟରେ ଗତ ସପ୍ତାହ ହେବ ପ୍ରବଳ ରୌଦ୍ର ତାପ ହେବାରେ ଲାଗିଛି। ଅନେକ ଜିଲାରେ ପାରଦ ୪୦ଉପରେ ରହୁଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗ୍ରୀଷ୍ମକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସ୍କୁଲ, କଲେଜ ସକାଳୁଆ ସହ ଛୁଟି ମଧ୍ୟ କରୁଛନ୍ତି। ଏପରିକି ଜନସାଧାରଣ ଓ ପଶୁପକ୍ଷୀଙ୍କ ପାଇଁ ପାନୀୟ ଜଳର ସୁବ୍ୟବସ୍ଥା କରିବାକୁ ବିଭାଗୀୟ ସ୍ତରରେ କଡ଼ା ନିର୍ଦ୍ଦେଶ ଦେବା ସହ ଲୋକଙ୍କୁ ମଧ୍ୟ ସତର୍କତା ଅବଲମ୍ବନ ମାନିବାକୁ କହିଛନ୍ତି। କିନ୍ତୁ ବାଣପୁର ଅଞ୍ଚଳରେ ଅନେକ ପଞ୍ଚାୟତରେ ପ୍ରଶାସନ ପକ୍ଷରୁ ଜଳଛତ୍ରଟିଏ ଖୋଲାଯାଇ ନ ଥିବା ଦେଖିବାକୁ ମିଳିଛି। ଫଳରେ ପଥଚାରୀମାନେ ଟିକେ ପାନୀୟ ଜଳ ପାଇବା ପାଇଁ ନାନା ହଇରାଣ ହେଉଛନ୍ତି। ଗମ୍ଭାରୀମୁଣ୍ଡା ପଞ୍ଚାୟତ, କୁଲେଇ ପଞ୍ଚାୟତ, ତୋରସିଂହ, ଦେଓଗାଁ ଓ ଆୟତପୁର ପଞ୍ଚାୟତର କେଉଁଠି ବି ପାନୀୟ ଜଳଛତ୍ରର କିଛି ବ୍ୟବସ୍ଥା କରାଯାଇନାହିଁ। ସରକାରଙ୍କ ତରଫରୁ ଅନେକ ପଦକ୍ଷେପ ନିଆଯାଇଥିଲେ ମଧ୍ୟ ପଞ୍ଚାୟତର ସରପଞ୍ଚଙ୍କର କୌଣସି ସଚେତନତା ନ ଥିବାରୁ ସାଧାରଣ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଛି। ପ୍ରବଳ ତାତି ସହ ଅସହ୍ୟ ଗୁଳୁଗୁଳି ଲୋକଙ୍କୁ ହନ୍ତସନ୍ତ କରୁଥିବା ବେଳେ ବିଭିନ୍ନ କାର୍ଯ୍ୟରେ ବାହାରେ ଥିବା ପଥଚାରୀମାନେ ଜଳଛତ୍ର ପାଉ ନାହାନ୍ତି। ଜନସାଧାରଣ ଖରା ଦାଉରେ ଡହଳ ବିକଳ ହୋଇ ଘରୁ ବାହାରକୁ ବାହାରି ନ ପାରିବାରୁ ରାସ୍ତା ଘାଟ ଖାଁ ଖାଁ ହୋଇପଡ଼ିଥିବାର ଦେଖିବାକୁ ମିଳିଥିଲା। ତେଣୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ପ୍ରତି ପଞ୍ଚାୟତରେ ଜଳଛତ୍ର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

# ଶ୍ରୀ ଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା ପ୍ରସ୍ତୁତି

**ପୁରୁଣା ଭୁବନେଶ୍ୱର, ୧୯।୪ (ଡି.ଏନ୍.ଏ.)**

ଆସନ୍ତା ୨୩ ତାରିଖ ରବିବାର ଅକ୍ଷୟ ତୃତୀୟା ଅବସରରେ ଶ୍ରୀଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା ଆରମ୍ଭ ହେବ। ଶ୍ରୀ ଲିଙ୍ଗରାଜଙ୍କ ମା' ପାର୍ବତୀ, ପ୍ରଭୁ ଦୋଳଗୋବିନ୍ଦ ଚାପ ଡ଼ଙ୍ଗାରେ ବିନ୍ଦୁସାଗରରେ ଚାପକ୍ରୀଡ଼ା କରିବେ। ଠାକୁରଙ୍କ ଏହି ୨୨ ଦିନିଆ ଚନ୍ଦନ ଯାତ୍ରା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଥିଲା। ଏଥିରେ ଏଡିଏମ୍ ପ୍ରଫୁଲ୍ଲ ସ୍ୱାଇଁ ଅଧକ୍ଷତା କରିଥିଲେ। ଯାତ୍ରାଦିନ ସକାଳ ୯.୩୦ରୁ ଠାରୁ ସମସ୍ତ ନୀତିକାନ୍ତି ଆରମ୍ଭ କରାଯିବାପାଇଁ ସ୍ଥିର କରାଯାଇଥିଲା। ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ସାହାଣମେଳା ଦର୍ଶନ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ। ଅପରାହ୍ନ ୫.୩୦ଦ୍ୱିପ୍ରହର ଧୂପ ହୋଇ ଶ୍ରୀଜୀଉମାନେ ଚନ୍ଦନଯାତ୍ରାକୁ ବାହାରିବେ। ଠାକୁର ଚନ୍ଦନ ଯାତ୍ରାକୁ ଯିବା ଏବଂ ପ୍ରସ୍ଥାନ କରିବା ରଥଦାଣ୍ଡ, ତଳବଜାର, ତିନିମୁଣ୍ଡିଆ ଗଳି ରାସ୍ତାର ଉଭୟ ପାର୍ଶ୍ୱରେ ୨୨ଦିନ ଧରି ଆମିଷ ବିକ୍ରୟ ଏବଂ ଫାଷ୍ଟଫୁଡ୍ ଦୋକାନକୁ ନିଷେଧ କରାଯାଇଛି। ପୂଜାପଣ୍ଡା, ନାଉରିଆ ସେବାୟତ, ଅପଟିଆ ସେବାୟତ, ପତ୍ରି ସେବାୟକଙ୍କ ପରି ସମସ୍ତ ସେବାୟତଙ୍କର ବର୍ଦ୍ଧିତ ପାଉଣା ଚଳିତବର୍ଷ ଲାଗୁ ହେବାର ସୂଚନା ଦିଆଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟି ଅବନୀକାନ୍ତ ପଟ୍ଟନାୟକ ସମସ୍ତ ନିଯୋଗର ସେକ୍ରେଟାରୀ, ସମ୍ପାଦକ ଉପସ୍ଥିତ ଥିଲେ।

# ଶିକ୍ଷାନୁଷ୍ଠାନ ପାଲଟିଲା କୃତ୍ରିମ ଅଙ୍ଗ ଉତ୍ପାଦନ କେନ୍ଦ୍ର

**ଖୋର୍ଦ୍ଧା ଅଫିସ,୧୯।୪**

ଓଡ଼ିଶା ସରକାରଙ୍କ ସହଭାଗିତାରେ ଶ୍ରୀଭଗବାନ ମହାବୀର ବିକଳାଙ୍ଗ ସହାୟତା ସମିତି (ବିଏମ୍‌ଭିଏସ୍‌ଏସ୍) ଜୟପୁର ପକ୍ଷରୁ ଗୁରୁଜଙ୍ଗଠାରେ ନବନିର୍ମିତ ବିଜୁ ମହାବୀର ଜୟପୁର ଫୁଟ ସେଣ୍ଟରକୁ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଛନ୍ତି। ୧୯୪୧ ମସିହାରେ ଏହି କେନ୍ଦ୍ର ପ୍ରଥମେ ପ୍ରାଥମିକ ଶିକ୍ଷାନୁଷ୍ଠାନ ଭାବେ ଗଢି ଉଠିଥିଲା। ଏହାର ନାମ ରହିଥିଲା ଗୁରୁଜଙ୍ଗ ପ୍ରାଥମିକ ବିଦ୍ୟାଳୟ। ସ୍କୁଲ ମିଶ୍ରଣ ପରେ ଏହି ବିଦ୍ୟାଳୟ ଗତ ୫ବର୍ଷ ହେବ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଥିଲା। ଏପରିକି ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଥିଲା। ଉକ୍ତ କୋଠାରେ କୃତ୍ରିମ ଅଙ୍ଗ ପ୍ରତ୍ୟଙ୍ଗ ଯୋଗାଣ କେନ୍ଦ୍ର ଲାଗି ସରକାର ବିଏମ୍‌ଭିଏସ୍‌ଏସ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ପ୍ରଦାନ କରିଥିଲେ। ଏହି କେନ୍ଦ୍ର ସମଗ୍ର ଓଡ଼ିଶାରେ ସେବା ପ୍ରଦାନ କରିବ। ଏହା ଦ୍ୱାରା ଦିବ୍ୟାଙ୍ଗମାନେ ଉପକୃତ ହେବେ। କବି ସଚ୍ଚି ରାଉତରାୟଙ୍କ ଗାଁରେ ଏହି କେନ୍ଦ୍ର ନିର୍ମାଣ ଦ୍ୱାରା ଉକ୍ତ ଗ୍ରାମର ଗୌରବ ବୃଦ୍ଧି ପାଇଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ କହିଛନ୍ତି। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଛନ୍ତି, ଦିବ୍ୟାଙ୍ଗଙ୍କ ସର୍ବାଙ୍ଗୀନ ବିକାଶ ଲାଗି ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ସେହିଭଳି ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ କହିଛନ୍ତି, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଉ ଏକ ନୂତନ ଫର୍ଦ୍ଦ ଯୋଡି ହେଲା। ଏଣିକି ଦିବ୍ୟାଙ୍ଗ ମାନେ ସ୍ୱାବଲମ୍ବୀ ହୋଇପାରିବେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୦୮ ଆମ୍ବୁଲାନ୍ସକୁ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ଏପାଖସେପାଖ...

### ବିରୋଧ କରିବାରୁ କଂଗ୍ରେସ ନେତା ୬ ଘଣ୍ଟା ଅଟକ

ଗୁରୁଜଙ୍ଗରେ ନବନିର୍ମିତ ବିଜୁ ମହାବୀର ଜୟପୁର ଫୁଟ ସେଣ୍ଟର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସ୍ଥାନୀୟ ବାସିନ୍ଦା ଓ ଜନପ୍ରତିନିଧିଙ୍କୁ ନିମନ୍ତ୍ରଣ କରା ନ ଯିବା, କେବଳ ଶାସକଦଳ ନେତାଙ୍କୁ ଡକାଯାଇଥିବା ନେଇ ବିରୋଧ କରିବାରୁ କଂଗ୍ରେସ ନେତା ରଣଜିତ ମହାପାତ୍ରଙ୍କୁ ମହଙ୍ଗା ପଡ଼ିଛି। ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ୫ଘଣ୍ଟା ପୂର୍ବରୁ ଟାଉନ ପୋଲିସ ତାଙ୍କୁ ଉଠାଇ ନେଇ ଥାନାରେ ଅଟକ ରଖିଥିଲା। ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ ସାରି ଖୋର୍ଦ୍ଧାରୁ ଫେରିଯିବା ପରେ ପୋଲିସ ତାଙ୍କୁ ଛାଡ଼ିଥିଲା। ରଣଜିତ କହିଛନ୍ତି, କାର୍ଯ୍ୟକ୍ରମରେ କାହିଁକି ସ୍ଥାନୀୟ ବାସିନ୍ଦା, ଗ୍ରାମ୍ୟ ପଞ୍ଚୁଦଳ କମିଟିକୁ ନିମନ୍ତ୍ରଣ ଦିଆଯାଇନାହିଁ ବୋଲି ମୁଁ ମଙ୍ଗଳବାର ମେଳଣ ପଡିଆରେ ପାଟିତୁଣ୍ଡ କରିଥିଲି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ କେବଳ ବିଜେଡି ନେତାଙ୍କୁ ନିମନ୍ତ୍ରଣ କରାଯାଇଥିବା ବେଳେ ସ୍ଥାନୀୟ ବୁଦ୍ଧିଜୀବୀ, ଶିକ୍ଷାବିତ ଏପରିକି ଜନପ୍ରତିନିଧିଙ୍କୁ ଅଣଦେଖା ନେଇ ବିରୋଧ କରିଥିଲି। ଏହି ଖବର ପୋଲିସ ନିକଟରେ ପହଞ୍ଚିଥିଲା। ବୁଧବାର ମଧ୍ୟାହ୍ନରେ ଟାଉନ ଥାନା ଅଧିକାରୀ କୌଣସି କାମରେ ଥାନାକୁ ଆସିବାକୁ ଫୋନ କରିଥିଲେ। ସୌଜନ୍ୟତା ଦୃଷ୍ଟିରୁ ମୁଁ ଥାନାରେ ପହଞ୍ଚିଥିଲି। ଥାନାଧିକାରୀ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ବିରୋଧ କରିଥିବାରୁ କୌଣସି ଅଘଟଣ ଆଶଙ୍କାରେ ଆପଣ ଥାନାରେ ଅଟକ ରହିବେ।

### ମାଳ ମାଳ କର୍ମୀ ପଶିଗଲେ

ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଦୃଷ୍ଟିରୁ ଜିଲା ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପ୍ରଶାସନ ପକ୍ଷରୁ କେତେଜଣ ଜନ ପ୍ରତିନିଧିଙ୍କୁ ନିମନ୍ତ୍ରଣପତ୍ର ଦିଆଯାଇଥିଲା। ସଭାରେ ଯୋଗଦାନ ଲାଗି ଦିଆଯାଇଥିବା ଅନୁମତିପତ୍ର ବାଧ୍ୟତାମୂଳକ ରହିଥିଲା। ତେବେ ମୁଖ୍ୟମନ୍ତ୍ରୀ ଆସିବାର ୧ଘଣ୍ଟା ପୂର୍ବରୁ ହଠାତ୍ ମାଳମାଳ ଶାସକ ଦଳ ନେତା ଓ କର୍ମୀ ସୁରକ୍ଷା ବଳୟକୁ ଭେଦି ଭିତରକୁ ପଶିଥିଲେ। ଫାଟକ ନିକଟରେ ସୁରକ୍ଷା କର୍ମୀ ରହିଥିଲେ ବି କେହି ଅଟକାଇ ନ ଥିଲେ। ସେପଟେ ସ୍ଥାନୀୟ ମହିଳାମାନେ କାର୍ଯ୍ୟକ୍ରମ ସ୍ଥଳକୁ ଯିବାକୁ ମେଳଣ ପଡ଼ିଆରେ ପହଞ୍ଚିଥିଲେ। ତେବେ ସେଠାରେ ଥିବା ସୁରକ୍ଷା କର୍ମୀ ନିମନ୍ତ୍ରଣ ପତ୍ର ନ ଥିବା କହି ଫେରାଇ ଦେଇଥିଲେ।

### ଗଣମାଧ୍ୟମ ପ୍ରତିନିଧିଙ୍କୁ ଅଣଦେଖା

ମୁଖ୍ୟମନ୍ତ୍ରୀଙ୍କ ସାଧାରଣ ସଭାସ୍ଥଳକୁ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିଙ୍କୁ କ୍ୟାମେରା, ବୁମ୍ ନେଇ ପ୍ରବେଶ ଉପରେ କଟକଣା ଜାରି କରାଯାଇଥିଲା। କେବଳ ନିଜ ପରିଚୟପତ୍ର ଦେଇ ଭିତରକୁ ଯିବା ପାଇଁ ଅନୁମତି ରହିଥିଲା। ଏପରିକି ମୋବାଇଲରେ ଫଟୋ ଉଠାଇବା ଉପରେ କଟକଣା ରହିଥିଲା। ସ୍ୱତନ୍ତ୍ର ଗ୍ୟାଲେରୀ ନ ଥିଲା। ଫଳରେ ଖବରଦାତାମାନେ ଏଭଳି ଅଣଦେଖାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ।

### ଶେଷ ମୁହୂର୍ତ୍ତରେ ଯୋଡ଼ି ହେଲେ ବିଧାୟକ

କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କ ନାମ ନ ଥିଲା। କେବଳ ମନ୍ତ୍ରୀ ଅଶୋକ ପଣ୍ଡା, ସଂସ୍ଥାର ପ୍ରତିଷ୍ଠାତା ଚେୟାରମ୍ୟାନ ଏବଂ ସିଇଓଙ୍କ ନାମ ଉଲ୍ଲେଖ ରହିଥିଲା। ତେବେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ବେଳେ ସବୁ ଓଲଟପାଲଟ ହୋଇଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସହ ସ୍ଥାନୀୟ ବିଧାୟକ ମିତ୍ର ସାଥିରେ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ବେଳେ ଖୋର୍ଦ୍ଧା ବିଧାୟକ ଉପସ୍ଥିତ ଥିବାବେଳେ ବେଗୁନିଆ ବିଧାୟକଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା ଜୋର ଧରିଥିଲା।

# ପଞ୍ଚମ ପଞ୍ଚାୟତ ସମିତି ସାଧାରଣ ବୈଠକ



ଜଟଣୀର ପଞ୍ଚମ ପଞ୍ଚାୟତ ସମିତି ସାଧାରଣ ବୈଠକରେ ଯୋଗଦେଇଥିବା ଅଧିକାରୀ ଏବଂ ଜନପ୍ରତିନିଧିମାନେ।

**ଜଟଣୀ,୧୯।୪(ଡି.ଏନ୍.ଏ.)**

ଜଟଣୀ ପଞ୍ଚାୟତ ସମିତି ପକ୍ଷରୁ ବୁଧବାର ପଞ୍ଚମ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜଟଣୀ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭା ଗୃହରେ ଆୟୋଜିତ ଉକ୍ତ ବୈଠକରେ ପଞ୍ଚାୟତ ସମିତି ଅଧକ୍ଷା ଜୟନ୍ତୀ ଛୋଟରାୟ ସଭାପତିତ୍ୱ କରିଥିଲେ। ବ୍ଲକ ଉନ୍ନୟନ ଅଧିକାରୀ ସରୋଜ କୁମାର ରାଉତ ବୈଠକ ପରିଚାଳନା କରିଥିଲେ। ଏହି ପଞ୍ଚମ ବୈଠକରେ ଭୁବନେଶ୍ୱର ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ରବିନାରାୟଣ ସ୍ୱାଇଁ, ବିଧାୟକ ପ୍ରତିନିଧି ଧ୍ରୁବଚରଣ ମହାପାତ୍ର, ସମସ୍ତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ, ଜିଲା ପରିଷଦ ସଭ୍ୟା ସଭ୍ୟଙ୍କ ସହିତ ବିଭିନ୍ନ କର୍ମଚାରୀ ଯୋଗଦେଇଥିଲେ । ଏହି ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ଯୋଗାଣ ଓ ସମବାୟ, ସାମାଜିକ ନିରାପତ୍ତା, ସମନ୍ୱୟ ଶିଶୁ ବିକାଶ କାର୍ଯ୍ୟକ୍ରମ, ପାନୀୟ ଜଳ, କୃଷି ଓ ପଶୁ ପାଳନ ଆଦି ବିଭିନ୍ନ ବିଭାଗ ବିଷୟରେ ଆଲୋଚନା କରାଯିବା ସହିତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଥିଲା ଏବଂ ପୂର୍ବ ବୈଠକର ବିବରଣୀ ପାଠ କରାଯାଇଥିଲା।

# ବରୁଣେଇ ପାଣ୍ଡବଘରା ଗୁମ୍ଫା ସଂରକ୍ଷଣ ଜରୁରୀ

**ଖୋର୍ଦ୍ଧା ଅଫିସ,୧୯।୪**

ଖୋରଧା ରାଧାଗୋବିନ୍ଦ ଶେଫାଳି ସଂଗ୍ରହାଳୟ ପକ୍ଷରୁ ବିଶ୍ୱ ଐତିହ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ରଣପୁର କଲେଜର ପ୍ରାକ୍ତନ ଅଧକ୍ଷ ଡ. ପତିତପାବନ ଦଳେଇ ମୁଖ୍ୟ ଅତିଥି, ଜିଲା ଶିକ୍ଷା ଓ ପ୍ରଶିକ୍ଷଣର ଅଧ୍ୟାପକ ସନ୍ତୋଷ କୁମାର ଗୌଡ, ମୁଖ୍ୟବକ୍ତା, ସ୍ଥାନୀୟ ବିଜେବି ହାଇସ୍କୁଲର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ରାୟ ଏବଂ ସ୍କାଉଟ ମାଷ୍ଟର୍ ନବ କିଶୋର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଂଗ୍ରାହକ ଓ ଗବେଷକ ଗୋପାଳକୃଷ୍ଣ ଦାସ ପୌରୋହିତ୍ୟ କରିଥିଲେ। ଖୋର୍ଦ୍ଧାର ଐତିହ୍ୟ କୀର୍ତ୍ତିରାଜି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଖୋରଧାର ଧ୍ୱଂସାଭିମୁଖୀ ପ୍ରାଚୀନ କୀର୍ତ୍ତିର ପୁନରୁଦ୍ଧାର ପାଇଁ ଆଲୋଚନା ହୋଇଥିଲା । ବରୁଣେଇ ପାହାଡ଼ ଶୀର୍ଷରେ ପାଣ୍ଡବ ଘରା ଗୁମ୍ଫାରେ ତୃତୀୟ ଚତୁର୍ଥ ଶତାବ୍ଦୀର ଓଡ଼ିଆ ଲିପି, ବୌଦ୍ଧ ଧର୍ମାବଲମ୍ବୀଙ୍କ ରହଣୀସ୍ଥଳ ଅଧୁନା ଧ୍ୱଂସାଭିମୁଖୀ। ୧୮୩୬ରେ ବ୍ରିଟିଶ ଗବେଷକ ମାରଖାମ୍ କିଟୋ ଏବଂ ୧୮୭୬ରେ ବିଖ୍ୟାତ୍ ପ୍ରତ୍ନତତ୍ତ୍ୱବିତ୍ ସାର୍ ଆଲେକଜାଣ୍ଡାର କନିଙ୍ଗହାମ୍‌ଙ୍କ ସହଯୋଗୀ ଜେ.ଡି. ବେଗଲର୍ ଏହି ଲିପି ସମ୍ପର୍କରେ କୋଲକାତାରୁ ପ୍ରକାଶିତ 'ଏସିଆଟିକ୍ ଜର୍ନାଲ୍'ରେ ପ୍ରକାଶିତ କରିଥିଲେ। ସେହିପରି ନରଣଗଡ଼ ସନ୍ନିକଟ ଭୋଗପୁରସ୍ଥିତ ପାହାଡ଼ରେ ଖୋଦିତ ପ୍ରାଚୀନ ଲିପି ଖୋଦିତ ଗୁମ୍ଫା ରହିଛି। ଯଥାଶୀଘ୍ର ଏହାକୁ ସଂରକ୍ଷଣ କରା ନ ଗଲେ ପ୍ରାଚୀନ ଓଡ଼ିଆ ଲିପିର କ୍ରମବିକଶିତ ପ୍ରାମାଣିକ ତଥ୍ୟ ନଷ୍ଟ ହୋଇଯିବ। ସେହିପରି ଖୋର୍ଦ୍ଧାରେ ସହସ୍ର ବର୍ଷ ଧରି ଅସଂଖ୍ୟ ଯୁଦ୍ଧରେ ବୀରଗତି ପ୍ରାପ୍ତ ସହିଦମାନଙ୍କ ସ୍ମୃତିରେ ସ୍ଥାପିତ ବୀରଶିଳା ବାଜପୁର, କାଇପଦର, ଖୁଦୁପୁର ଆଦି ସ୍ଥାନରେ ରହିଛି । ଜିଲା ପ୍ରଶାସନ ସଂସ୍କୃତି ଭବନ ପରିସରସ୍ଥ ସଂଗ୍ରହାଳୟକୁ ଏଗୁଡ଼ିକୁ ନ ଆଣିଲେ ସେଗୁଡ଼ିକ ବିଲୁପ୍ତ ହୋଇଯିବ। ଭାଗବତ ଟୁଙ୍ଗୀ ଗାଦିରେ ଥିବା ତାଳପତ୍ର ପୋଥି ସଂରକ୍ଷଣ ପାଇଁ ସଚେତନତା ଜରୁରୀ। ଅତିଥିମାନେ ସଂଗ୍ରହାଳୟରେ ଥିବା ସହସ୍ରାଧିକ ବର୍ଷର ପ୍ରତ୍ନତାତ୍ତ୍ୱିକ ଦ୍ରବ୍ୟଗୁଡ଼ିକ ଦେଖିଥିଲେ। ସୁଶ୍ରୀ ଗୀତାଞ୍ଜଳି ଦାସ ଧନ୍ୟବାଦ ଦେଇଥିଲେ।



ବିଶ୍ୱ ଐତିହ୍ୟ ପାଳନ ଅବସରରେ ଯୋଗଦେଇଥିବା ଅତିଥି।

**ଅବକାରୀ ଚଢ଼ାଉ, ୧୦୪ କେଜି ଗଞ୍ଜେଇ ଜବତ**

**କଟକ ଅଫିସ:** ରାଜ୍ୟ ଅବକାରୀ ଫ୍ଲାଇଂ ସ୍କ୍ୱାର୍ଡ ପକ୍ଷରୁ ତ୍ରିଶୁଳିଆ ଛକ ନିକଟରେ ଚଢ଼ାଉ କରାଯାଇ କାର୍ ସହ ୧୦୪ କେଜି ଗଞ୍ଜେଇ ବୁଧବାର ଜବତ କରାଯାଇଛି। ଏହି ବେଆଇନ କାରବାରରେ ଜଡ଼ିତ ଥିବା ଫୁଲବାଣୀର ଲଳିତ ଦିଗଲ(୩୮)କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇ ଫିରିଙ୍ଗିଆରୁ ବାଲେଶ୍ୱର ଯାଉଥିଲାବେଳେ ଜବତ କରାଯାଇଥିଲା। ଇନ୍ସପେକ୍ଟର ଉମାକାନ୍ତ ସ୍ୱାଇଁ, ଏଏସ୍ଆଇ ନଟବର ମଲ୍ଲିକ, ବ୍ରଜକିଶୋର ବିନ୍ଧାଣି, ଅଜୟ ବେହେରା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

## ସଂକ୍ଷେପରେ

### ଦୋକାନରୁ ଚୋରି, ୨ ଗିରଫ

**କଣ୍ଟାପଡା,୧୯।୪(ଡି.ଏନ୍.ଏ.):** ଦୋକାନରୁ ଚୋରି କରିବା ଘଟଣାରେ ଓଲଟପୁର ପୋଲିସ ୨ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କଣ୍ଟାପଡା ଗ୍ରାମର ରଣଜିତ୍ କୁମାର ଭୋଇ ଓ ସଞ୍ଜୟ୍ ସାହୁ। କଣ୍ଟାପଡା ବଜାରରେ ସର୍ବେଶ୍ୱର ମୁଦୁଲିଙ୍କ ବିଦ୍ୟୁତ୍ ସରଞ୍ଜାମ ଦୋକାନ ରହିଛି। ସେ ଗତ ୧୨ ତାରିଖ ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ପରଦିନ ସକାଳେ ଦୋକାନ ଖୋଲିବାକୁ ଆସି କବାଟ ଭଙ୍ଗା ଯାଇ ଡ୍ରୟରରେ ଥିବା ୧୦୦୦ ଟଙ୍କା ଓ ୭୦,୦୦୦ ଟଙ୍କା ମୂଲ୍ୟର ବିଦ୍ୟୁତ୍ ତାର ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ସେହିପରି ବଜାରରେ ଥିବା ପୂର୍ଣ୍ଣଚନ୍ଦ୍ର ବାରିକଙ୍କ ତେଜରାତି ଦୋକାନ, ସୁଧୀର ବାରିକଙ୍କ ଭେରାଇଟ ଷ୍ଟୋର, ଉପେନ୍ଦ୍ର ସାହୁଙ୍କ ପାନ ଦୋକାନ ସମେତ ଅନ୍ୟ କେତେକ ଦୋକାନରୁ ଚୋରି ହୋଇଥିବା ଦେଖିବାକୁ ମିଳିଥିଲା। ସୋମବାର ବିଳମ୍ବିତ ରାତିରେ କଣ୍ଟାପଡା ତହସିଲ ନିକଟରେ ରଣଜିତ୍ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବାବେଳେ ପାଟ୍ରୋଲିଂ କରୁଥିବା ପୋଲିସ ତାଙ୍କୁ କାବୁ କରିଥିଲା। ଯାଞ୍ଚବେଳେ ତାଙ୍କ ନିକଟରୁ ତାଲାଭଙ୍ଗା ସରଞ୍ଜାମ, କଟର ଓ ୧୬୪୫ ଟଙ୍କା ଜବତ କରାଯାଇଥିଲା। ଥାନାକୁ ଆଣି ପଚରାଉଚରା କରାଯିବାରୁ ସେ ବିଦ୍ୟୁତ୍ ତାରକୁ କଣ୍ଟାପଡା ଗ୍ରାମର ସଞ୍ଜୟ୍ ସାହୁଙ୍କୁ ୩,୫୦୦ ଟଙ୍କାରେ ବିକ୍ରି କରିଥିବା କହିଥିଲେ। ଏପରି କି ରଣଜିତ୍ କଣ୍ଟାପଡା ଅଞ୍ଚଳର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରରୁ ପ୍ରାୟ ୬ଟି ଗ୍ୟାସ୍ ସିଲିଣ୍ଡର ଚୋରି କରି ଅଡଶପୁର ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଥିବା କହିଥିଲେ। ପରେ ପୋଲିସ ସଞ୍ଜୟ୍‌ଙ୍କୁ ଗିରଫ କରିବା ସହ ଚୋରି ତାର ଜବତ କରିଥିଲା। ମାତ୍ର ଅଡଶପୁର ଅଞ୍ଚଳର ସମ୍ପୃକ୍ତ ଯୁବକଙ୍କଠାରୁ ଚୋରି ସିଲିଣ୍ଡରଗୁଡିକ ଜବତ କରାଯାଇଥିଲା।

### ସିଏମ୍‌ସି ପକ୍ଷରୁ ଜବରଦଖଲ ଉଚ୍ଛେଦ

**କଟକ ଅଫିସ,୧୯।୪:** କଟକ ମହାନଗର ନିଗମ(ସିଏମ୍‌ସି) ଏନ୍‌ଫୋର୍ସମେଣ୍ଟ ଟିମ୍ ଓ ଟ୍ରାଫିକ ପୋଲିସ ପକ୍ଷରୁ ବୁଧବାର ଅରୁଣୋଦୟ ମାର୍କେଟଠାରୁ ବାଦାମବାଡି ଥାନା ପର୍ଯ୍ୟନ୍ତ ଗୋଟିଏ ପଟ ରାସ୍ତାରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ବେଆଇନ ଭାବେ ରାସ୍ତାକୁ ମାଡି ବ୍ୟବସାୟ ଚଳାଉଥିବା ଏକାଧିକ ବ୍ୟବସାୟୀଙ୍କର ଅସ୍ଥାୟୀ ନିର୍ମାଣକୁ ଭାଙ୍ଗି ଦିଆଯାଇଛି। ଏଥିସହ ସେମାନଙ୍କର ବିଜ୍ଞାପନ ସାଇନବୋର୍ଡକୁ ଜବତ କରାଯାଇଥିଲା। ବିଶେଷକରି ଜବରଦଖଲ ଓ ଟ୍ରାଫିକ ନିୟମ ଉଲ୍ଲଙ୍ଘନ କରି ବ୍ୟବସାୟ କରୁଥିବା ଏକାଧିକ ବ୍ୟବସାୟୀଙ୍କଠାରୁ ୧୪,୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ସେଥିମଧ୍ୟରୁ ୧୦, ୫୦୦ ଟଙ୍କା ସିଏମ୍‌ସି ଖାତାକୁ ଯାଇଥିଲାବେଳେ ଟ୍ରାଫିକ ବିଭାଗ ଜରିମାନା ବାବଦକୁ ୪ ହଜାର ଟଙ୍କା ଆଦାୟ କରିଛି। ପାର୍କିଂକୁ ନେଇ ବାରମ୍ବାର ତାଗିଦ୍ ସତ୍ତ୍ୱେ ବଜାର କୋଲକତା ଆଇନ ଅମାନ୍ୟ କରି ରାସ୍ତାରେ ଗାଡ଼ି ପାର୍କିଂ କରାଇଥିବା ନେଇ ତା’ଠାରୁ ୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ସିଏମ୍‌ସି ଡେପୁଟି କମିଶନର ଅଜୟ୍ କୁମାର ମହାନ୍ତି, ଟ୍ରାଫିକ ଇନ୍ସପେକ୍ଟର କିଶୋର ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଏହି ଉଚ୍ଛେଦ କାର୍ଯ୍ୟକ୍ରମରେ ସିଏମ୍‌ସିର ପଞ୍ଚାନନ ପାଲ, ସ୍କ୍ୱାଡ ସଦସ୍ୟ ପ୍ରଫୁଲ୍ଲ ମଙ୍ଗଲ, ବିଭୁତି ରାୟ୍, କଟକ ଜିଲା ଏନ୍‌ଫୋର୍ସମେଣ୍ଟ ଫୋର୍ସର ୬ଟି ସହ ୧ ପ୍ଲାଟୁନ୍ ଫୋର୍ସ ସାମିଲ ହୋଇଥିଲେ।

# ବିରିବାଟିରେ ପ୍ରତିଷ୍ଠା ହେବ ଅଣୁଶ୍ରେଣୀଭୁକ୍ତ ଶିଳ୍ପଭିତ୍ତିକ ପାର୍କ

**କଟକ ଅଫିସ, ୧୯।୪**

- ■ କ୍ଷେତ୍ର ପରିଦର୍ଶନ କଲେ ହାଇଦ୍ରାବାଦର ୫ ଜଣିଆ ବିଶେଷଜ୍ଞ ଦଳ
- ■ ଏସ୍ଏଚ୍‌ଜି ମହିଳାଙ୍କ ଆର୍ଥିକ ମେରୁଦଣ୍ଡ ସୁଦୃଢ କରିବ
- ■ ନୂତନ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରାଯିବ

କଟକ ଜିଲାର ବିରିବାଟିଠାରେ ଅଣୁଶ୍ରେଣୀଭୁକ୍ତ ଶିଳ୍ପଭିତ୍ତିକ ପାର୍କ ପ୍ରତିଷ୍ଠା କରାଯିବ। ଏଥିପାଇଁ ଆବଶ୍ୟକ ଜମି ଚିହ୍ନଟ କରାଯାଇଛି। ହାଇଦ୍ରାବାଦସ୍ଥିତ ଆସୋସିଏଶନ ଅଫ୍ ଲେଡି ଏଣ୍ଟ୍ରେପ୍ରିନିଓର ଅଫ୍ ଇଣ୍ଡିଆର ୫ ଜଣିଆ ବିଶେଷଜ୍ଞ ଦଳ ବୁଧବାର କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ କହିଥିଲେ, ପ୍ରାୟ ୬ ଏକର ପରିମିତ ଜମିରେ ରାଜ୍ୟର ପ୍ରଥମ ଅଣୁଶ୍ରେଣୀଭୁକ୍ତ ଶିଳ୍ପଭିତ୍ତିକ ପାର୍କ ସ୍ୱୟଂସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି)ର ମହିଳାଙ୍କ ନିମନ୍ତେ ପ୍ରତିଷ୍ଠା କରାଯିବ। ଏହି ପାର୍କର ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଅନୁଯାୟୀ କଳେବର ନିର୍ଦ୍ଧାରଣ ହେବ। ଶିଳ୍ପଭିତ୍ତିକ ପାର୍କଗୁଡିକ ଏସ୍ଏଚ୍‌ଜି ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ବଜାର ଚାହିଦା ମେଣ୍ଟାଇବ। ଏଥିସହ ସେମାନଙ୍କ ଆର୍ଥିକ ମେରୁଦଣ୍ଡକୁ ସୁଦୃଢ କରିବ। ସେହିପରି ଶିଳ୍ପଭିତ୍ତିକ ବଜାର ଜରିଆରେ ନୂତନ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରାଯିବ ବୋଲି ଜିଲାପାଳ କହିଥିଲେ। ବୈଠକରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅମ୍ବର କୁମାର କର ଯୋଗଦେଇ ପ୍ରକଳ୍ପ ପ୍ରତିଷ୍ଠା ଦିଗରେ ଆବଶ୍ୟକ ଭିତ୍ତିଭୂମି ବିଷୟରେ କହିଥିଲେ। ସେହିପରି ରାଜ୍ୟ ସରକାରଙ୍କ ମିଶନଶକ୍ତି ବିଭାଗର ଯୁଗ୍ମ ସଚିବ ବିନୋଦ ଜେନା, ଜୀବିକା ବିଶେଷଜ୍ଞ ସୌମିତ୍ ମିଶ୍ର, ତେଲେଙ୍ଗାନାର ଅଣୁଶିଳ୍ପ ଉଦ୍ୟୋଗୀ ଉନ୍ନୟନ ନିର୍ଦ୍ଦେଶକ ଏ. ଅଜୟ, ବିଶେଷଜ୍ଞ ଆର୍. ହ୍ରିଷିକେଶ ମହାଦେବ, ଏଏଲଇଏପି ଦକ୍ଷତା କେନ୍ଦ୍ରର ଅଧ୍ୟକ୍ଷା ଅନ୍ନପୂର୍ଣ୍ଣା, ନିର୍ଦ୍ଦେଶକ ମାଧବୀ ଏବଂ ଲ୍ୟାଣ୍ଡ୍ କମିଟି ଅଧ୍ୟକ୍ଷ ସ୍ୱରୂପା ପ୍ରମୁଖ ଉପସ୍ଥିତ ରହି ପ୍ରକଳ୍ପର ସଫଳ ରୂପାୟନ ଦିଗରେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ସଦର ବିଡିଓ ରାଜୀବ ଲୋଚନ ପରିଡା, ମିଶନ ଶକ୍ତିର ଜିଲା ସଂଯୋଜିକା ସ୍ୱାଗତିକା ପରିଡା, ଓର୍‌ମାସ୍‌ର ଯୁଗ୍ମ ମୁଖ୍ୟ ନିର୍ବାହୀ ଅଧିକାରୀ ବିପିନ ରାଉତ ଉପସ୍ଥିତ ଥିଲେ।


ବିଶେଷଜ୍ଞ ଦଳ ପକ୍ଷରୁ କ୍ଷେତ୍ର ପରିଦର୍ଶନ କରାଯାଉଛି।

## ‘ଆର୍ଥିକ ଉନ୍ନତିରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ’

**କଟକ ଅଫିସ,୧୯।୪**

ପରିବାରର ଆର୍ଥିକ ଉନ୍ନତିରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ପକ୍ଷରୁ ଆୟୋଜିତ ଅନ୍‌ଲାଇନ ଆନ୍ତର୍ଜାତିକ ପାଠଚକ୍ରରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ଗାୟତ୍ରୀ ବିଶ୍ୱାଳ ପୌରୋହିତ୍ୟ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ବନ୍ଦନା ପାଠକ ଅତିଥି ପରିଚୟ ଦେଇଥିଲେ। ପ୍ରଜ୍ଞାପାରମିତା ମହାନ୍ତି, ମନ୍ଦାକିନୀ ସାହୁ, ସୋନିଆ ମହାନ୍ତି, ଓମିକା ସିଂ, ଶ୍ୱେତା ମହାନ୍ତି, ମନିଷା ପଟ୍ଟନାୟକ ପ୍ରମୁଖ ଆର୍ଥିକ ଉନ୍ନତିରେ ମହିଳାମାନଙ୍କ ଭୂମିକା ଶୀର୍ଷକରେ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଗୃହ ବିଜ୍ଞାନ ବିଭାଗୀୟ ମୁଖ୍ୟ ଇନ୍ଦୁରେଖା ମହାପାତ୍ର, ଇଂଲିଶ ବିଭାଗ ମୁଖ୍ୟ ଶଶିକାନ୍ତ ବାରିକ, ରସାୟନ ବିଭାଗ ମୁଖ୍ୟ ଡ. ସ୍ୱପ୍ନଶଙ୍କର ନାୟକ ଆଲୋଚନାରେ ଭାଗ ନେଇଥିଲେ। ପ୍ରାଚୀତନୟା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା ଓ ଅଧ୍ୟାପିକା ମମତାରାଣୀ ସାହୁ ଧନ୍ୟବାଦ ଦେଇଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲା ନଗର କଂଗ୍ରେସ



କଟକ ନଗର କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ।

**କଟକ ଅଫିସ, ୧୯।୪**

ଗଣତନ୍ତ୍ର ଓ ଗଣତାନ୍ତ୍ରିକ ଅନୁଷ୍ଠାନ ସୁରକ୍ଷା ଏବଂ ଦେଶ ବଞ୍ଚାଅ ଦାବି ନେଇ କଟକ ନଗର କଂଗ୍ରେସ ପକ୍ଷରୁ ଜୟ ଭାରତ ସତ୍ୟାଗ୍ରହ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିସହ ନଗର କଂଗ୍ରେସ ସଭାପତି ସୁରେଶ ମହାପାତ୍ରଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏ ସମ୍ପର୍କିତ ଏକ ସ୍ମାରକପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଦିଆଯାଇଥିଲା। ସ୍ମାରକପତ୍ରରେ ଦର୍ଶାଯାଇଛି, କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ପାଇଁ ଅହରହ ସ୍ୱର ଉତ୍ତୋଳନ କରି ଆସୁଛନ୍ତି। ପୁଞ୍ଜିପତି, ଶିଳ୍ପପତିଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ସମ୍ପର୍କକୁ ନେଇ ଦେଶବ୍ୟାପୀ ଚର୍ଚ୍ଚା ଜୋର ଧରିଥିଲା। ବିରୋଧୀ ଦଳ ପକ୍ଷରୁ ଯୁଗ୍ମ ସଂସଦୀୟ କମିଟି(ଜେପିସି) ଦ୍ୱାରା ତଦନ୍ତ କରିବାକୁ ଦାବି ମଧ୍ୟ କରାଯାଉଥିଲା। କେନ୍ଦ୍ର ସରକାର ନିଜର ଦୋଷ ଦୁର୍ବଳତାକୁ ଲୁଚାଇବା ପାଇଁ ରାହୁଲଙ୍କ ସଦସ୍ୟ ପଦ ରଦ୍ଦ କରି ଦେଇଛନ୍ତି। ଏଣୁ ଯେପର୍ଯ୍ୟନ୍ତ ପ୍ରକୃତ ତଥ୍ୟ ଲୋକଲୋଚନକୁ ନ ଆସିଛି କଂଗ୍ରେସ ସ୍ୱର ଉତ୍ତୋଳନ କରିଚାଲିଥିବ। ଏଥିସହ ଜେପିସି ଦ୍ୱାରା ତଦନ୍ତ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ଉକ୍ତ ଘେରାଉରେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ପିସିସି ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବାଙ୍କନିଧି ବେହେରା, ନଗର କଂଗ୍ରେସ ସଂଯୋଜକ ରାଜେନ୍ଦ୍ର ପଟ୍ଟନାୟକ, ଦଳୀୟ ନେତା ବିଶ୍ୱନାଥ ଶତପଥୀ, କର୍ପୋରେଟର ଜେ. କାମେଶ୍ୱର ରାଓ, ବରଦା ସାହୁ, ବିପିନ ପଶାୟତ ପ୍ରମୁଖ ସାମିଲ ହୋଇଥିଲେ।

## ବେଲ୍‌ଭ୍ୟୁ ଛକରେ ରହିବ ୩ ରଥ

**ଚାନ୍ଦିନୀଚୌକ ରଥଯାତ୍ରା ବୈଠକ**

**କଟକ ଅଫିସ,୧୯।୪**

ଚଳିତବର୍ଷ ଚାନ୍ଦିନୀଚୌକସ୍ଥିତ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଉତ୍ସବର ସ୍ଥାନ ପରିବର୍ତ୍ତନ ପାଇଁ ଜଗନ୍ନାଥ ମନ୍ଦିର ପରିଚାଳନା ସମିତି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପ୍ରତିବର୍ଷ ରଥଯାତ୍ରାରେ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିରଠାରୁ ୩ ଠାକୁର ୩ ରଥରେ ବିଜେ କରି କାଫଲା ଫାଣ୍ଡି ସମ୍ମୁଖ ଅସ୍ଥାୟୀ ଗୁଣ୍ଡିଚା ମନ୍ଦିରରେ ବାହୁଡା ପର୍ଯ୍ୟନ୍ତ ଅବସ୍ଥାନ କରିଥାନ୍ତି। ହେଲେ ଚଳିତବର୍ଷ ଏହି କାର୍ଯ୍ୟକ୍ରମ ପରିବର୍ତ୍ତନ କରିବା ପାଇଁ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ପରିଚାଳନା ସମିତି ଓ କଟକ ମହାନଗର ନିଗମ(ସିଏମ୍‌ସି)ର ଉଚ୍ଚ ପଦାଧିକାରୀଙ୍କୁ ନେଇ ବୁଧବାର ନିଗମ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଏମ୍‌ସି ମେୟର ସୁବାସ ସିଂ, କମିଶନର ନିଖିଲ ପୱନ କଲ୍ୟାଣ, ଡେପୁଟି କମିଶନର ଅଜୟ ମହାନ୍ତି, କଟକ ମହାନଗର ପୂଜା କମିଟି ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଉପସ୍ଥିତ ଥିଲେ। ଚଳିତବର୍ଷ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିରରୁ ୩ଟି ରଥ ବାହାରି ବନ୍ଧବାଶେଳୀ ଛକ, ନୃସିଂହନାଥ ମଠ ଛକ, ମଙ୍ଗଳାସାହି ଛକ, କାଫଲା ଫାଣ୍ଡି ଛକ, ମହାନ୍ତିପଡା ଛକ, ସତୀଚୌରା ଛକରୁ ରିଂରୋଡ଼ ଦେଇ କାଠଯୋଡି ବେଲଭ୍ୟୁ ଛକ ନିକଟରେ ପହଞ୍ଚିବ। ସେଠାରେ ୯ ଦିନ ବ୍ୟାପି ରଥ ରହିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ପରିଚାଳନା ସମିତି ପକ୍ଷରୁ ଭିକାରୀ ଦାସ, ପ୍ରତାପ କିଶୋର ସିଂ, ବିଜୟ ବେହେରା, ଆଡ୍‌ଭୋକେଟ ବିଶ୍ୱନାଥ ଦାସ, ଆଶିଷ ସାହୁ, କେ. ଭାସ୍କର ରାଓ, ବିଜୟ ଦଳେଇ, ଦିଲୀପ ପ୍ରଧାନ, ଅଜୟ ଦାସ, ରମେଶ ବେହେରାଙ୍କ ସହ ଅନ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପରିସରରେ ଅଗ୍ନି ନିରାପତ୍ତାକୁ ନେଇ ବୁଧବାର ଅଗ୍ନିଶମ ବିଭାଗ ପକ୍ଷରୁ ଅନୁଷ୍ଠିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ।

## ବିପର୍ଯ୍ୟୟ ମୁକାବିଲା ସମ୍ପର୍କିତ କର୍ମଶାଳା

**କଟକ ଅଫିସ,୧୯।୪**

କଟକ ମହାନଗର ନିଗମ(ସିଏମ୍‌ସି)ର ବିଜୁଭବନ ସମ୍ମିଳନୀ କକ୍ଷରେ ବୁଧବାର ବିପର୍ଯ୍ୟରୁ ରକ୍ଷା ପାଇଁ ସମୁତ୍ଥାନ ଶକ୍ତି ବୃଦ୍ଧି ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବିପର୍ଯ୍ୟୟରୁ ମୁକୁଳିବା ପାଇଁ ସମୁତ୍ଥାନ ଶକ୍ତି ବୃଦ୍ଧି କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ କିପରି ଗ୍ରହଣ କରାଯାଇପାରିବ ସେ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ସିଏମ୍‌ସିର ମିଳିତ ସହଯୋଗରେ ଆୟୋଜିତ କର୍ମଶାଳାରେ ବିପତ୍ତିରୁ ରକ୍ଷା ପାଇଁ କଟକ ସହରର ଭିତ୍ତିଭୂମିକୁ ଅଧିକ ସୁଦୃଢ କରିବା ନିମନ୍ତେ ବିଚାର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ ମତବ୍ୟକ୍ତ କରିଥିଲେ। ବିଶେଷକରି ବିଜୁଳି, ପାନୀୟ ଜଳ, କଠିନ ବର୍ଜ୍ୟବସ୍ତୁ, ସ୍ୱେରେଜ ବ୍ୟବସ୍ଥା, ନର୍ଦ୍ଦମା ଜଳ, ରାସ୍ତାଘାଟ ଓ ଟେଲିଫୋନ ସେବାକୁ ନେଇ କିପରି ସତର୍କତା ଅବଲମ୍ବନ କରାଯାଇପାରିବ ସେ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କର୍ମଶାଳାରେ ସିନିୟର ସ୍ପେସାଲିଷ୍ଟ ନଲେଜ ମ୍ୟାନେଜମେଣ୍ଟ(ସିଡିଆରଆଇ) ନେହା ଭାଟିଆ, ଚିଫ୍ ଅପରେଟିଂ ଅଫିସର ବିନୁ ମାଥ୍ୟୁ(ଟିଏଆରୟୁ), ଜନାର୍ଦ୍ଦନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଅପମିଶ୍ରିତ ଖାଦ୍ୟ ଚିହ୍ନଟ କରିବେ ଛାତ୍ରୀଛାତ୍ର

**କଟକ ଅଫିସ,୧୯।୪**

**ସ୍କୁଲ, କଲେଜରେ ଦିଆଯିବ ପ୍ରଶିକ୍ଷଣ**

କଟକ ସହରର ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ ଓ ଫାଷ୍ଟଫୁଡ୍ ଦୋକାନରେ ଅପମିଶ୍ରିତ ଓ ବାସୀ ଖାଦ୍ୟ ବିକ୍ରି କରାଯାଉଛି। ଏହାକୁ ଖାଇବା ଦ୍ୱାରା ଲୋକମାନେ ରୋଗରେ ଆକ୍ରାନ୍ତ ହେଉଛନ୍ତି। ତେଣୁ ଏହା ଉପରେ ରୋକ୍ ଲଗାଇବା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଛି। ସହର ଜନସଂଖ୍ୟା ଦୃଷ୍ଟିରୁ ଯୁବପିଢ଼ିଙ୍କ ସଂଖ୍ୟା ଅଧିକ ରହିଛି। ଫଳରେ ବଜାରରେ ବିକ୍ରି ହେଉଥିବା ଖାଦ୍ୟର ମାନ ଉପରେ ନଜର ରଖିବେ ଛାତ୍ରୀଛାତ୍ର। ଏଥିପାଇଁ ସହରରେ ଥିବା ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦିଆଯିବ। ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ପ୍ରତ୍ୟେକ ସ୍କୁଲ ଓ କଲେଜରେ ଏଥିପାଇଁ କର୍ମଶାଳା ଆୟୋଜନ କରାଯିବ। ବଜାରରେ ବିକ୍ରି ହେଉଥିବା ଅପମିଶ୍ରିତ ଖାଦ୍ୟ ଚିହ୍ନଟ କରିବା ପାଇଁ ଫଟୋ ଓ ଭିଡିଓ ମାଧ୍ୟମରେ ସେମାନଙ୍କୁ ତାଲିମ ଦିଆଯିବ। ଅପମିଶ୍ରିତ ଖାଦ୍ୟ ବିକ୍ରି ହେଉଥିଲେ କଣ ପଦକ୍ଷେପ ନେବେ ସେନେଇ ମଧ୍ୟ ସୂଚନା ଦିଆଯିବ। ଏନେଇ ସ୍ୱାସ୍ଥ୍ୟ ଅଧିକାରୀ ମହାପାତ୍ର କହିଛନ୍ତି, ଅପମିଶ୍ରିତ ଖାଦ୍ୟ ଓ ଖାଦ୍ୟର ମାନ ଜାଣିବା ପାଇଁ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦିଆଯିବ। ଅପମିଶ୍ରଣ ବିରୋଧରେ ସେମାନେ ସ୍ୱର ଉଠାଇବେ। ଏହାଦ୍ୱାରା ଯଦି ବ୍ୟବସାୟୀମାନେ ଖାଦ୍ୟର ମାନରେ ପରିବର୍ତ୍ତନ ନ କରନ୍ତି ତେବେ ସିଏମ୍‌ସି ଖାଦ୍ୟସୁରକ୍ଷା ବିଭାଗକୁ ଛାତ୍ରୀଛାତ୍ରମାନେ ଖବର ଦେଇପାରିବେ। ଏଥିପାଇଁ ସେମାନଙ୍କୁ ସ୍ୱତନ୍ତ୍ର ନମ୍ବର ଦିଆଯିବ। ଫଳରେ ସେମାନେ ଯୋଗାଯୋଗ କରି ଅଭିଯୋଗ କରିପାରିବେ। ହାଇସ୍କୁଲ ଓ କଲେଜଗୁଡିକୁ ଏଥିପାଇଁ ଚିଠି କରାଯାଇଛି। ବର୍ତ୍ତମାନ ହାଇସ୍କୁଲ ଓ କଲେଜରେ ପରୀକ୍ଷା ଚାଲିଛି। ପରୀକ୍ଷା ଶେଷ ହେବା ପରେ ଖାଦ୍ୟ ସୁରକ୍ଷା ବିଭାଗର ଟିମ୍ ହାଇସ୍କୁଲ ଓ କଲେଜଗୁଡିକରେ କର୍ମାଶାଳା କରିବେ।


କଟକ ନୂଆବଜାରସ୍ଥିତ ତାରିଣୀ ମନ୍ଦିରର ବାର୍ଷିକ ଉତ୍ସବ ଅବସରରେ ବୁଧବାର ମନ୍ଦିର ପରିସରରେ ଅନୁଷ୍ଠିତ ଭଜନ ସନ୍ଧ୍ୟା।

# ସମ୍ବଲପୁରରେ ସଦ୍‌ଭାବନା ପ୍ରତିଷ୍ଠା ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା

**କଟକ ଅଫିସ,୧୯।୪**

ସମ୍ବଲପୁରରେ ସାମ୍ପ୍ରଦାୟିକ ସଦ୍‌ଭାବନା ପ୍ରତିଷ୍ଠା ପାଇଁ ବିଜୁ ଯୁବ, ଛାତ୍ର ଓ ମହିଳା ଜନତା ଦଳ ତରଫରୁ କ୍ୟାଣ୍ଡେଲ ଶୋଭାଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ବକ୍ସିବଜାର ସମାଜ ଅଫିସ ଛକଠାରୁ ଶୋଭାଯାତ୍ରା ବାହାରି ଅମରେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବିଧାୟକ ସୌଭିକ୍ ବିଶ୍ୱାଳ, ସିଏମ୍‌ସି ମେୟର ସୁବାସ ସିଂ, ରାଜ୍ୟ ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ, ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ସିଂ, ଜ୍ଞାନେନ୍ଦ୍ର ଗିରି ଗୋସ୍ୱାମୀ, ଆଶିଷ ସାହୁ, ଧର୍ମେଶ ନାୟକ, ବିଜୟ ବେହେରା, ଜନସନ ମହାପାତ୍ର, ପୂର୍ଣ୍ଣିମା ସିଂ, ସ୍ମୃତିରଞ୍ଜନ ନାୟକ, ଅଶୋକ ମିଶ୍ର, ସିଦ୍ଧାର୍ଥ କୁମାର ନାୟକ, ଭବାନୀ ଶଙ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ବିଜୁ ଯୁବ, ଛାତ୍ର ଓ ମହିଳା ଜନତା ଦଳ ପକ୍ଷରୁ ବାହାରିଥିବା କ୍ୟାଣ୍ଡଲ ଶୋଭାଯାତ୍ରା।

# ‘ଗବେଷଣା ଦ୍ୱାରା ଛାତ୍ରୀଛାତ୍ରଙ୍କ ଦକ୍ଷତାର ବିକାଶ ଘଟିଥାଏ’

**ଏମ୍‌ଏଲ୍‌ୟୁରେ ଜାତୀୟ କର୍ମଶାଳା ଉଦ୍‌ଘାଟିତ**

**କଟକ ଅଫିସ,୧୯।୪**

କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ(ଏମ୍‌ଏଲ୍‌ୟୁ)ରେ ‘ଗବେଷଣା ପ୍ରଣାଳୀ’ ଉପରେ ଦୁଇ ଦିନିଆ ଜାତୀୟ କର୍ମଶାଳା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. କମଳଜିତ ସିଂ ଏହାକୁ ଉଦ୍‌ଘାଟନ କରି ଏହା ଛାତ୍ରୀଛାତ୍ରଙ୍କ ପାଇଁ ଗବେଷଣା ଅଧ୍ୟୟନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି କହିଥିଲେ। କୁଳସଚିବ ନିରୁପମା ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ପିଜି କାଉନ୍‌ସିଲ ଅଧ୍ୟକ୍ଷା ଡ. ସୌମିତ୍ର ଚାଟାର୍ଜୀ କହିଥିଲେ, ଗବେଷଣା ଦ୍ୱାରା ଛାତ୍ରୀଛାତ୍ରମାନଙ୍କ ଦକ୍ଷତାର ବିକାଶ ଘଟିଥାଏ। ବିତ୍ତ ନିୟନ୍ତ୍ରକ ଡ. ଚିତ୍ତରଞ୍ଜନ ନାୟକ କହିଥିଲେ, ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଉପରେ ଅଧିକ ଜ୍ଞାନ ଆହାରଣ କରିବା ଦିଗରେ ଛାତ୍ରୀଛାତ୍ରଙ୍କ ପାଇଁ କର୍ମଶାଳା ଏକ ସୁଯୋଗ ଆଣିଦେଇଥାଏ। ଡ. ହରିଣ୍ୟମୟୀ ମିଶ୍ର କର୍ମଶାଳାର ଲକ୍ଷ୍ୟ ଏବଂ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏହି କର୍ମଶାଳାର ପ୍ରଥମ ଦିନରେ ଦୁଇଟି ବୈଷୟିକ ଅଧିବେଶନ ହୋଇଥିଲା। ମୁମ୍ବାଇର ଅମିତ ଲ ସ୍କୁଲର ନିର୍ଦ୍ଦେଶକ ପ୍ରଫେସର ଡ. କୁଶାଲ ଭିଭୁତେ ଏବଂ ଔରଙ୍ଗାବାଦସ୍ଥିତ ଏମ୍‌ପି ଲ କଲେଜର ପ୍ରଫେସର ଡ. ଅପର୍ଣ୍ଣା କୋଟ୍ଟାପଲ୍ଲେ ଯୋଗଦେଇ ଆଇନ ଗବେଷଣା ବିଷୟରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ସାଙ୍ଗଠନିକ ସମ୍ପାଦକ ସତ୍ୟଜିତ୍ ପଟ୍ଟନାୟକ ବୈଷୟିକ ଅଧିବେଶନ ପରିଚାଳନା କରିଥିଲେ। ଛାତ୍ର କଲ୍ୟାଣ ଅଧିକାରୀ ଡ. ନିଧି ଚୌହାନ ଧନ୍ୟବାଦ ଦେଇଥିଲେ।



ଏମ୍‌ଏଲ୍‌ୟୁରେ ଅନୁଷ୍ଠିତ ଜାତୀୟ କର୍ମଶାଳାରେ ଯୋଗଦେଇଥିବା ଅତିଥିବୃନ୍ଦ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ନାବାଳକ ମୃତ

ନିମାପଡ଼ା,୧୯।୪(ଡି.ଏନ୍.ଏ.)- ନିଆଳା ଥାନା ଅନ୍ତର୍ଗତ ମାଧବ ପ୍ରଧାନ ସାହିର ଜଣେ ୧୨ ବର୍ଷୀୟଙ୍କ ବୁଧବାର ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଛି। ସେ ହେଲେ ତ୍ରିଲୋଚନ ଭୋଇଙ୍କ ପୁଅ ସିପୁନ ଭୋଇ। ଏନେଇ ଚୋରିଛକ ପୋଲିସ ୧/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସିପୁନ ସକାଳେ ଗ୍ରାମର ଏକ ପୋଖରୀକୁ ସାଙ୍ଗମାନଙ୍କ ସହ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ଅସାବଧାନତା ବଶତଃ ସିପୁନଙ୍କ ଗୋଡ଼ ଖସିଯିବାରୁ ସେ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ସାଙ୍ଗମାନେ ଏସମ୍ପର୍କରେ ସିପୁନଙ୍କ ଘରେ ଖବର ଦେବାରୁ ସେମାନେ ଘଟଣାସ୍ଥଳରେ ପହଞ୍ଚି ପୋଖରୀରୁ ତାଙ୍କୁ ପୋଖରୀରୁ ଉଦ୍ଧାର କରି ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ସିପୁନଙ୍କୁ ମୃତ ଘୋଷଣା କରିଥିଲେ। ଚାରିଛକ ଥାନା ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରିଥିଲା।

### ସ୍ୱାଗତ ଜଣାଇ ବିଜୟ ଉତ୍ସବ ପାଳନ କରାଯିବ

**ବେଦାନ୍ତ ବିଶ୍ୱବିଦ୍ୟାଳୟ ସଂକ୍ରାନ୍ତ କୋର୍ଟ ରାୟ**

ପୁରୀ ଅଫିସ, ୧୯।୪: ପୁରୀରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ଜମି ଅଧିଗ୍ରହଣ ବେଆଇନ ବୋଲି ସୁପ୍ରିମକୋର୍ଟ ରାୟ ପରେ ଜିଲାରେ ଚାଷୀଙ୍କ ମଧ୍ୟରେ ଉତ୍ସାହ ଓ ଆନନ୍ଦ ପରିଲକ୍ଷିତ ହୋଇଛି। ଏ ବିଜୟର ସମ୍ପୂର୍ଣ୍ଣ ଶ୍ରେୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର। ଏଥିନିମନ୍ତେ ଆସନ୍ତା ମେ ମାସରେ ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଜୟ ଉତ୍ସବ ପାଳନ କରାଯିବ ବୋଲି ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି ଆବାହକ ତଥା ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ କହିଛନ୍ତି। ବୁଧବାର ବେଲଦଳଠାରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି ଦ୍ୱାରା ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅଧକ୍ଷତା କରି ଆବାହକ ରଥ କହିଥିଲେ, ପବିତ୍ର ଅକ୍ଷୟତୃତୀୟ ଦିନ ଚାଷୀ ଭାଇମାନେ ନିଜ ଚାଷଜମିରେ ଅଖିମୁଠି ଅନୁକୂଳ କରି ନିଜ ଅଧିକାର ସାବ୍ୟସ୍ତ କରିବେ। ଆଗାମୀ ମେ ମାସରେ ପାଳିତ ହେବାକୁ ଯାଉଥିବା ବିଜୟ ଶୋଭାଯାତ୍ରାରେ ସୁପ୍ରିମକୋର୍ଟଙ୍କ ବରିଷ୍ଠ ଅଧିବକ୍ତା ପ୍ରଶାନ୍ତ ଭୂଷଣ, ନର୍ମଦା ବଞ୍ଚାଓ ଆନ୍ଦୋଳନର ପୁରୋଧା ମେଧା ପାଟକର, ରାଜ୍ୟର ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀ, ପରିବେଶବିତ୍, ସାମାଜିକ କର୍ମୀ ଚାଷୀ ଭାଇ ମାନେ ଏହି ବିଜୟ ଉତ୍ସବରେ ଯୋଗଦାନ କରିବେ। ପ୍ରାୟ ୧୦ ହଜାର ଲୋକ ଏଥିରେ ଭାଗ ନେବାର କାର୍ଯ୍ୟକ୍ରମ ରହିଛି। ସୁପ୍ରିମକୋର୍ଟଙ୍କ ରାୟକୁ ଓଡ଼ିଆରେ ଅନୁବାଦ କରାଯାଇ ଲୋକଙ୍କୁ ଆବଣ୍ଟନ କରାଯିବ। ଆଗାମୀ ଦିନରେ କିଭଳି ସେମାନେ ଜମି ଫେରିପାଇବେ ସେ ନେଇ ସରକାରଙ୍କ ପାଖରେ ଦାବି ରଖାଯିବ। ଏହି ବୈଠକରେ ବାଇଶି ମୌଜା ଅନ୍ତର୍ଗତ ସମସ୍ତ ପଞ୍ଚାୟତର ସଭାପତିକର୍ମକର୍ତ୍ତାବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧି ସଂଘର୍ଷ ସମିତିର ସଭାପତି ଦାମୋଦର ପ୍ରଧାନ, ବିଷ୍ଣୁ ପ୍ରସାଦ ମିଶ୍ର, ଗଙ୍ଗାଧର ପ୍ରଧାନ, ଉମା ଚରଣ ପ୍ରଧାନ, ଲକ୍ଷ୍ମଣ ପ୍ରଧାନ, ଦେବୀ ପ୍ରସାଦ ପୃଷ୍ଟି, ଏନ୍‌ସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, କୈଳାସ ସ୍ୱାଇଁ, ପର୍ଶୁରାମ ପ୍ରଧାନ, ମଧୁସୂଦନ ରାଉତରାୟ, ମାଧବ ପରିଡ଼ା, ରାଜକିଶୋର ଜେନା, ଗଙ୍ଗାଧର ପ୍ରଧାନ, କିଶୋର ପ୍ରଧାନ, ଶିବପ୍ରସାଦ ବେହେରା, ରାଜକିଶୋର ସ୍ୱାଇଁ, ଅବିନାଶ ମିଶ୍ର, ସ୍ୱାଧୀନ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ସୁଆଣ୍ଡୋ ପ୍ରକଳ୍ପ ପରିଦର୍ଶନ କଲେ ଜିଲାପାଳ

ପୁରୀ ଅଫିସ/ସାକ୍ଷୀଗୋପାଳ, ୧୯।୪ (ଡି.ଏନ୍.ଏ/ସ୍ୱ.ପ୍ର.)



ଜିଲାପାଳ ସମର୍ଥ ବର୍ମା ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମସ୍ଥାନ ସୁଆଣ୍ଡୋର ଷଠିଘର, ନୂତନ ଭାବେ ପ୍ରସ୍ତୁତ ହୋଇଥିବା ଗୋପବନ୍ଧୁ ସଂଗ୍ରହାଳୟ ଓ ଗୋପବନ୍ଧୁ ପାର୍କ ଆଦି ସ୍ଥାନକୁ ବୁଧବାର ଜିଲାପାଳ ସମର୍ଥ ବର୍ମା ପରିଦର୍ଶନ କରିଛନ୍ତି। ଜିଲାପାଳ ପ୍ରଥମେ ସୁଆଣ୍ଡୋରେ ପହଞ୍ଚି ଗ୍ରାମ ପ୍ରାରମ୍ଭରେ ଥିବା ଲୋକେଶ୍ୱର ମନ୍ଦିର ଦେଖିଥିଲେ। ପରେ ଷଠିଘର, ଗୋପବନ୍ଧୁ ମ୍ୟୁଜିୟମ ଓ ପାର୍କ ବୁଲି ଦେଖିଥିଲେ। ଟିକେଟ କାଉଣ୍ଟରରେ ପହଞ୍ଚି ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ପର୍ଯ୍ୟଟକଙ୍କ ପଞ୍ଜୀକରଣ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଟିକେଟ କରୁଥିବା ଲୋକଙ୍କୁ ଖରା ଓ ବର୍ଷାରୁ ରକ୍ଷା ଦେବା ପାଇଁ ଟିକେଟ ଗୃହ ପାଖରେ ଶେଡ୍ ନିର୍ମାଣ ବା ଛାଇ ବ୍ୟବସ୍ଥା କରିବାକୁ ଓଡ଼ିଶା ବ୍ରିଜ୍ ଆଣ୍ଡ୍ କନ୍‌ଷ୍ଟ୍ରକ୍‌ଶନ୍ କର୍ପୋରେଶନ (ଓବିସିସି) କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରିଦର୍ଶନରେ ଆସିଥିବା ପର୍ଯ୍ୟଟକଙ୍କୁ ସ୍ଥାନୀୟ ଆବଶ୍ୟକତା ବିଷୟରେ ପଚାରି ବୁଝିଥିଲେ। ସମ୍ପୂର୍ଣ୍ଣ ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହ ପାନୀୟଜଳ ଇତ୍ୟାଦି ବ୍ୟବସ୍ଥା କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ପରେ ଜିଲାପାଳ ବର୍ମା ସତ୍ୟବାଦୀରେ ନିର୍ମାଣ ହେଉଥିବା

### ଓଡ଼ିଆ ବିଶ୍ୱବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ବୁଲି ଦେଖିଲେ

ଓଡ଼ିଆ ବିଶ୍ୱବିଦ୍ୟାଳୟର କାର୍ଯ୍ୟ ସମୀକ୍ଷା କରିଥିଲେ। ଏହି ପରିଦର୍ଶନ ସମୟରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ସତ୍ୟବାଦୀ ତହସିଲଦାର ଜୟନ୍ତ ଜୟସିଂ, ପଣ୍ଡିତ ଗୋପବନ୍ଧୁଙ୍କ ସମ୍ପର୍କୀୟ ଧୀରେନ ଦାସ, ଓବିସିସି ନିର୍ବାହୀ ଯନ୍ତ୍ରୀ ସୁନ୍ଦର ମାଧବ ପାଢ଼ୀ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପଥର ବୋଝେଇ ଟ୍ରକ୍ ଧକ୍କାରେ ଜଣେ ମୃତ

ପିପିଲି,୧୯।୪(ସ୍ୱ.ପ୍ର./ଡି.ଏନ୍.ଏ.)

ପିପିଲି-ଜଟଣୀ ମୁଖ୍ୟ ରାସ୍ତା ଡେଲାଙ୍ଗ ଛକଠାରେ ବୁଧବାର ରାତି ୮ଟା ୩୦ରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପିପିଲି ଥାନା ଅନ୍ତର୍ଗତ ଭାରତୀପୁର ଗ୍ରାମର ସୁରେନ୍ଦ୍ରନାଥ ବେହେରା (୫୦)। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇ ଟ୍ରକ ଡ୍ରାଇଭରଙ୍କୁ ସ୍ଥାନୀୟ ଲୋକମାନେ ଆକ୍ରମଣ କରୁଥିବା ବେଳେ ପିପିଲି ପୋଲିସ ପହଞ୍ଚି ଡ୍ରାଇଭରଙ୍କୁ ଉଦ୍ଧାର କରି ଥାନାରେ ଅଟକ ରଖିଛନ୍ତି। ସୂଚନା ଅନୁଯାୟୀ, ସୁରେନ୍ଦ୍ରନାଥ କୌଣସି କାମରେ ଜଟଣୀ ପିପିଲି ମୁଖ୍ୟ ରାସ୍ତା ଡେଲାଙ୍ଗ ଛକ ଠାରେ ଚାଲି ଚାଲି ଯାଉଥିଲେ। ସେପଟେ ଜଟଣୀରୁ ପିପିଲି ଅଭିମୁଖେ ଏକ ପଥର ବୋଝେଇ ଟ୍ରକ ଓଆର୍ ୦୨ ଏଏ ୮୦୪୫ ଆସି ସୁରେନ୍ଦ୍ରଙ୍କୁ ଧକ୍କା ଦେଇଥିଲା। ଟ୍ରକ ଚକା ତଳେ ସୁରେନ୍ଦ୍ରନାଥଙ୍କ ମୁଣ୍ଡ ଆସିଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସ୍ଥାନୀୟ ଲୋକେ ପାଟିତୁଣ୍ଡ କରି ଡ୍ରାଇଭରଙ୍କୁ କାବୁ କରିନେଇଥିଲେ। ଖବର ପାଇ ପିପିଲି ଥାନା ଏସ୍‌ଆଇ ସନ୍ଦୀପ ଦାଶ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଡ୍ରାଇଭରଙ୍କୁ ଉଦ୍ଧାର କରିଥିଲା। ଟ୍ରକ ଓ ସୁରେନ୍ଦ୍ରଙ୍କ ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଥିବା ପିପିଲି ଥାନା ଅଧିକାରୀ ଅଭିମନ୍ୟୁ ନାୟକ କହିଛନ୍ତି।

# ସିଆର୍‌ପିସି-୧୧୦ ଉଲ୍ଲଂଘନ: ୫ଜଣଙ୍କୁ ଜେଲ

ପୁରୀ ଅଫିସ, ୧୯।୪

ସିଆର୍‌ପିସି-୧୧୦ର ଉଲ୍ଲଂଘନ କରିଥିବା ଅଭିଯୋଗରେ ୫ଜଣ ଅଭ୍ୟାସଗତ ଅପରାଧୀଙ୍କୁ ୨ରୁ ୩ବର୍ଷ ପର୍ଯ୍ୟନ୍ତ ଜେଲରେ ରହିବାକୁ ନିର୍ଦ୍ଦେଶ ଜାରି ହୋଇଛି। ଏନେଇ ବୁଧବାର ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ନିର୍ଦ୍ଦେଶ ଜାରି ହୋଇଥିବା ଅଭ୍ୟାସଗତ ଅପରାଧୀମାନେ ହେଲେ ମାର୍କଣ୍ଡେଶ୍ୱର ସାହିର ଜୁଏଲ ଓରଫ ସଞ୍ଜୟ କୁମାର ଦାସ, ଟାଉନ ଥାନା ଅଧୀନ ମାଟିମଣ୍ଡପ ସାହିର ମହାବୀର ପ୍ରଧାନ, ସମୁଦ୍ରକୂଳ ଥାନା ଅଧୀନ ବାଙ୍କିମୁହାଣର ପ୍ରତାପ ପଟ୍ଟନାୟକ, ବଳିଆପଣ୍ଡା ଥାନା ଗୌଡ଼ବାଡ଼ ସାହିର ରାଜା ଓରଫ ରାଜେନ୍ଦ୍ର ନାୟକ, ଟାଉନ ଥାନା ଗୁଡିଆ ସାହିର କିଶନ ଓରଫ କେଶବ ପୃଷ୍ଟି। ଏମାନଙ୍କ ମଧ୍ୟରୁ କିଶନ ୨୦୨୬ ଜାନୁୟାରୀ ଯାଏ ଜେଲ୍‌ରେ ରହିବାକୁ ନିର୍ଦ୍ଦେଶ ହୋଇଥିବାବେଳେ ୨୦୨୫ ପର୍ଯ୍ୟନ୍ତ ଅନ୍ୟ ୪ଜଣ ରହିବେ। ଗତ ଏକବର୍ଷ ମଧ୍ୟରେ ୨୬୩ଜଣ ଅଭ୍ୟାସଗତ ଅପରାଧୀ ସିଆର୍‌ପିସି-୧୧୦ରେ ବୁକ୍ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୦୫ଜଣ ସିଆର୍‌ପିସି-୧୧୦ର ସର୍ତ୍ତାବଳୀ ମାନିବା ପାଇଁ ଚୁକ୍ତିପତ୍ରରେ ସ୍ୱାକ୍ଷର କରିଛନ୍ତି। ସେହିପରି ୧୫୮ଜଣଙ୍କ ମାମଲା ବିଚାରାଧୀନ ରହିଛି। ଏଥିସହ ୩୪ଜଣଙ୍କ ବିରୋଧରେ ଗିରଫ ପରୱାନା ଜାରି ହୋଇଛି। ଏହି ୩୪ଜଣଙ୍କ ମଧ୍ୟରୁ ୧୧ଜଣଙ୍କୁ ଗିରଫ କରାଯାଇଛି। ସେହିପରି ଏମାନଙ୍କ ମଧ୍ୟରୁ ୧୮ଜଣ ଅପରାଧୀ ସିଆର୍‌ପିସି-୧୧୦ର ସର୍ତ୍ତାବଳୀ ଉଲ୍ଲଙ୍ଘନ କରିଛନ୍ତି। ୧୮ ଜଣଙ୍କ ମଧ୍ୟରୁ ୫ଜଣଙ୍କୁ ୨ରୁ ୩ବର୍ଷ ପର୍ଯ୍ୟନ୍ତ ଜେଲ୍‌ରେ ରଖାଯିବାକୁ ବୁଧବାର ନିର୍ଦ୍ଦେଶ ଜାରି କରାଯାଇଛି।

# ସାରଙ୍ଗଯୋଡ଼ିରେ ଲୋକ ସଂସ୍କୃତି ମହୋତ୍ସବ


ସାରଙ୍ଗଯୋଡ଼ିରେ ଆୟୋଜିତ ଲୋକ ସଂସ୍କୃତି ମହୋତ୍ସବରେ ଯୋଗଦେଇଥିବା ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିମାନେ।

ସାକ୍ଷୀଗୋପାଳ ୧୯।୪(ଡି.ଏନ୍.ଏ.)

ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ସାରଙ୍ଗଯୋଡି ସଂକୀର୍ତ୍ତନ ଓ ଲୋକ ସଂସ୍କୃତି ମହୋତ୍ସବ ସତ୍ୟବାଦୀ ବ୍ଲକର ଲୋକକଳା ଗ୍ରାମ ସାରଙ୍ଗଯୋଡି ମେଳଣ ପଡ଼ିଆରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମା' କ୍ଷେତ୍ରପାଳୀ ମୃଦଙ୍ଗ ବାଦ୍ୟ ପରିଷଦ ଓ କୈଳାଶ ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦଙ୍କ ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଯୋଗ ଦେଇଥିଲେ। ସତ୍ୟବାଦୀ ବ୍ଲକ ଲୋକକଳା ସଙ୍ଘ ଉପସଭାପତି ରମେଶଚନ୍ଦ୍ର ପଲେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୁରୁ ଶ୍ରୀ ଗୋବିନ୍ଦ ପାଳ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ବିଜୟଚନ୍ଦ୍ର ଛାଟୋଇ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସଂକୀର୍ତ୍ତନ ଗୁରୁ ଶୁଭସୁନ୍ଦର ଘଟୁଆରୀ, ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ ଅଧକ୍ଷ ଓ ଗୁରୁ ବଦ୍ରିନାରାୟଣ, କୁଳମଣି ବିଶ୍ୱାଳ ଓ ଗୁରୁ କୈଳାଶଚନ୍ଦ୍ର ପଲେଇ ପ୍ରମୁଖ ଯୋଗଦେଇ ବିଭିନ୍ନ କଳା ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସତ୍ୟବାଦୀ ଖବରଦାତା ବସନ୍ତ ପଟ୍ଟନାୟକ ଓ ଅଶୋକ ବେହେରାଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ଜିଲା ସଂସ୍କୃତି ଅଧିକାରୀ ଓ ଅନ୍ୟ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଅନୁଷ୍ଠାନ ପକ୍ଷରୁ ଗୁରୁ ଦୁର୍ଗାପ୍ରସାଦ ମହାପାତ୍ରଙ୍କ ସହିତ ବିଭିନ୍ନ କଳାରେ ନିପୁଣତା ଏବଂ ବ୍ୟକ୍ତି ବିଶେଷଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସାରଙ୍ଗଯୋଡି ଲୋକକଳା ମହୋତ୍ସବର ଆବାହକ ଦୁର୍ଗେଶ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ୩୮.୪୫ ଗ୍ରାମ ବ୍ରାଉନ ସୁଗାର ଜବତ: ୩ ଗିରଫ

ପୁରୀ ଅଫିସ, ୧୯।୪

ବ୍ରାଉନ ସୁଗାର କାରବାର ଅଭିଯୋଗରେ ୩ ଜଣଙ୍କୁ ବୁଧବାର ବାସେଳିସାହି ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଦରଜିପୋଖରୀ ଛକ ଅଞ୍ଚଳର ଶୁଭାଶିଷ ସ୍ୱାଇଁ, ବାସେଳି ସାହି ଥାନା ଅନ୍ତର୍ଗତ ମଙ୍ଗଳାଘାଟ ଅଞ୍ଚଳର ବାସୁଦେବ ମହାପାତ୍ର ଏବଂ ସଦରଥାନା ଅନ୍ତର୍ଗତ ବାଲିଘାଟ ଭାରତୀପୁରର ଜଗନ୍ନାଥ ମହାରଣା। ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ୩୮.୪୫ ଗ୍ରାମ ବ୍ରାଉନ ସୁଗାର ସମେତ ୩ ହଜାର ଟଙ୍କା, ୫ଟି ମୋବାଇଲ ଫୋନ ଏବଂ ଗୋଟିଏ ପଲସର ବାଇକ (ନଂ. ଓଡି୧୩ ଏଲ ୧୬୬୨) ଜବତ କରିଛି। ଏ ନେଇ ବାସେଳି ସାହି ଥାନା ପୋଲିସ ଏକ କେସ୍ (ନଂ. ୯୬/୨୩) ରୁଜୁ କରିଛି। ବାସେଳିସାହି ଥାନା ଅନ୍ତର୍ଗତ ଫ୍ଲୋରିସ ଇଣ୍ଡିଆ ନିକଟ ଏକ ପରିତ୍ୟକ୍ତ ଘରେ ଅଭିଯୁକ୍ତମାନେ ଏକାଠି ହୋଇ ବ୍ରାଉନ ସୁଗାର କରବାର କରୁଥିଲେ। ଖବରପାଇ ପୋଲିସ ସେଠାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲା।

### ଶ୍ରୀ ଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା ପ୍ରସ୍ତୁତି

ପୁରୁଣା ଭୁବନେଶ୍ୱର, ୧୯।୪ (ଡି.ଏନ୍.ଏ.)

ଆସନ୍ତା ୨୩ ତାରିଖ ଅକ୍ଷୟ ତୃତୀୟାରେ ଶ୍ରୀଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା ଆରମ୍ଭ ହେବ। ଶ୍ରୀ ଲିଙ୍ଗରାଜଙ୍କ ମା' ପାର୍ବତୀ, ପ୍ରଭୁ ଦୋଳଗୋବିନ୍ଦ ଚାପ ଡ଼ଙ୍ଗାରେ ବିନ୍ଦୁସାଗରରେ ଚାପକ୍ରୀଡ଼ା କରିବେ। ଠାକୁରଙ୍କ ଏହି ୨୨ ଦିନିଆ ଚନ୍ଦନ ଯାତ୍ରା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଥିଲା। ଏଥିରେ ଏଡିଏମ୍ ପ୍ରଫୁଲ୍ଲ ସ୍ୱାଇଁ ଅଧକ୍ଷତା କରିଥିଲେ। ଯାତ୍ରାଦିନ ସକାଳ ୯.୩୦ରୁ ଠାରୁ ସମସ୍ତ ନୀତିକାନ୍ତି ଆରମ୍ଭ କରାଯିବା ପାଇଁ ସ୍ଥିର କରାଯାଇଥିଲା। ତିନିମୁଣ୍ଡିଆ ଗଳି ରାସ୍ତାର ଉଭୟ ପାର୍ଶ୍ୱରେ ୨୨ଦିନ ଧରି ଆମିଷ ବିକ୍ରୟ ଏବଂ ଫାଷ୍ଟଫୁଡ଼ ଦୋକାନକୁ ନିଷେଧ କରାଯାଇଛି। ବୈଠକରେ ଟ୍ରଷ୍ଟି ଅବନୀକାନ୍ତ ପଟ୍ଟନାୟକ ସମସ୍ତ ନିଯୋଗର ସେକ୍ରେଟାରୀ, ସମ୍ପାଦକ ଉପସ୍ଥିତ ଥିଲେ।

# ଉତ୍କଳୀୟ ନବବର୍ଷ ପାଳିତ


ଅଖଣ୍ଡ ଭାରତ କେଶରୀୟା ହିନ୍ଦୁ ପରିଷଦ ପକ୍ଷରୁ ରାଜ୍ୟପାଳଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ପୁରୀ ଅଫିସ, ୧୯।୪

ଅଖଣ୍ଡ ଭାରତ କେଶରୀୟା ହିନ୍ଦୁ ପରିଷଦ ପକ୍ଷରୁ ଉତ୍କଳୀୟ ନବବର୍ଷ ବୁଧବାର ସ୍ଥାନୀୟ ପୌରସଦନ ପରିସରରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ପୂର୍ବତନ ଏମ୍‌ପି ପ୍ରସନ୍ନ କୁମାର ପାଟଶାଣୀ, ପୂର୍ବତନ ଜିଲାପରିଷଦ ଅଧକ୍ଷ ଶଙ୍କର ପରିଡା, ଅଖଣ୍ଡ ଭାରତ କେଶରୀୟା ହିନ୍ଦୁ ପରିଷଦର ରାଜ୍ୟ ସଭାପତି ସର୍ବେଶ୍ୱର ବେହୁରା, ସଂସ୍ଥାପକ ଟିଟନ ସାହୁ, ମହିଳା ମୋର୍ଚ୍ଚା ସଭାନେତ୍ରୀ ବନ୍ଦିତା ତ୍ରିପାଠୀ, ଯୁବ ବାହିନୀ ସଭାପତି ପ୍ରଭାତ କୁମାର ସାମଲ, ଭାଜପା ଜାତୀୟ ପରିଷଦ ସଦସ୍ୟ ତଥା ବରିଷ୍ଠ ସେବାୟତ ମଧୁସୂଦନ ସିଂହାରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଷଦର ମାର୍ଗଦର୍ଶକ ରବିନ୍ଦ୍ର କୁମାର ଶତପଥୀ, ରାଜ୍ୟ ସାଧାରଣ ସମ୍ପାଦକ ନିଗମାନନ୍ଦ ଜେନା, ଉପସଭାପତି ସିଦ୍ଧାର୍ଥ ଶଙ୍କର, ଉପ ସଭାନେତ୍ରୀ ଅଭୀପ୍ସା ନାୟକ, ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ବନ୍ଦନା ଦାସ କାନୁନଗୋ, ଜାତୀୟ ମହିଳା ମୋର୍ଚ୍ଚା ସମ୍ପାଦିକା ଡଲି ବେହୁରା, ରାଜ୍ୟ ପ୍ରବକ୍ତା ସୁମନ୍ତ ନାୟକ, ଜିଲା ସଭାପତି ବିଶୁଦ୍ଧାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପରିଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ପରିଷଦ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ବ୍ୟବସ୍ଥାପକ ଭାବେ ସଙ୍ଗଠନର ସଂଯୋଜକ ରାଜେଶ କୁମାର ନନ୍ଦ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ତୁରନ୍ତ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ

### ରଥଯାତ୍ରା ନେଇ ବିପର୍ଯ୍ୟୟ ପରିଚାଳନା ବୈଠକ

ପୁରୀ ଅଫିସ, ୧୯।୪

ଆସନ୍ତା ଜୁନ୍ ୨୦ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏହି ରଥଯାତ୍ରାରେ ଦେଶ ବିଦେଶର ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ଘୋଷଯାତ୍ରାକୁ ସୁଚାରୁ ରୂପେ ପରିଚାଳନା ପାଇଁ ପ୍ରଶାସନ ଗୁରୁ ଦାୟିତ୍ୱ ବହନ କରିଥାଏ। ତେଣୁ ରଥଯାତ୍ରା ସମୟରେ କୌଣସି ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରସ୍ତୁତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ କହିଛନ୍ତି। ବୁଧବାର ଅପରାହ୍ନରେ ସର୍କିଟ ହାଉସରେ ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଏସ୍‌ଓପି ବା ମାନକ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ଅତିରିକ୍ତ ଜଲାପାଳ ସାହୁ କହିଥିଲେ, ବିପର୍ଯ୍ୟୟ ମୁକାବିଲାରେ ସମସ୍ତ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିପର୍ଯ୍ୟୟର ପୂର୍ବ, ବିପର୍ଯ୍ୟୟ ସମୟ ଓ ବିପର୍ଯ୍ୟୟ ପରବର୍ତ୍ତୀ ମୁକାବିଲା ପାଇଁ ପ୍ରସ୍ତୁତିକୁ ଚୂଡ଼ାନ୍ତ କରିବାକୁ ସେ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ପରିବହନ, ରାସ୍ତାଘାଟ ମରାମତି ଓ ଉନ୍ନତିକରଣ, ପାର୍କିଂ ବ୍ୟବସ୍ଥା, ଆଇନଶୃଙ୍ଖଳା, ସୂଚନା କେନ୍ଦ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ୱେଚ୍ଛାସେବୀ ନିୟୋଜନ, ଶିଶୁ ସୁରକ୍ଷା, ପର୍ଯ୍ୟଟନ, ଅଗ୍ନି ନିର୍ବାପକ ଏବଂ ଅନ୍ୟାନ୍ୟ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରି ତୁରନ୍ତ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଜିଲା ଜରୁରିକାଳୀନ ବିଭାଗର ଡେପୁଟି କଲେକ୍ଟର ଜିତେନ୍ଦ୍ର ପାତ୍ର ସମସ୍ତଙ୍କୁ ସ୍ୱାଗତ କରିବା ସହ ସମସ୍ତ କାର୍ଯ୍ୟରେ ସହଯୋଗ ପାଇଁ ଅନୁରୋଧ କରିଥିଲେ। ଏଥିରେ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

# କଲେଜ ଜାଗାରେ ବେଆଇନ ପ୍ରାଚୀର ନିର୍ମାଣ ନେଇ ଅସନ୍ତୋଷ

କୋଣାର୍କ,୧୯।୪ (ଡି.ଏନ୍.ଏ.)


ଭଗବତୀ ମହାବିଦ୍ୟାଳୟ ଜାଗାରେ ବେଆଇନ ପାଚେରି ନିର୍ମାଣ କରାଯାଇଛି।

ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କସ୍ଥିତ ପୁରାତନ ଶିକ୍ଷାନୁଷ୍ଠାନ ଭଗବତୀ ମହାବିଦ୍ୟାଳୟ ଜାଗାରେ କୋଣାର୍କ ଗ୍ରାମ୍ୟ ନିର୍ମାଣ ଉପଖଣ୍ଡ ପକ୍ଷରୁ ବେଆଇନ ପ୍ରାଚୀର ନିର୍ମାଣ କାର୍ଯ୍ୟକୁ ନେଇ ଅସନ୍ତୋଷ ବୃଦ୍ଧି ପାଇଛି। ଏନେଇ ବେଆଇନ ନିର୍ମାଣରେ ରୋକ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂଗଠନ ପକ୍ଷରୁ କୋଣାର୍କ ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ଯେ, କୋଣାର୍କ ଗ୍ରାମ୍ୟ ନିର୍ମାଣ ଉପଖଣ୍ଡ କାର୍ଯ୍ୟାଳୟ ପାର୍ଶ୍ୱରେ ଭଗବତୀ ମହାବିଦ୍ୟାଳୟ ରହିଛି। ମହାବିଦ୍ୟାଳୟ ଜାଗାରେ ଉପଖଣ୍ଡ କାର୍ଯ୍ୟାଳୟ ବେଆଇନ ପ୍ରାଚୀର ନିର୍ମାଣ କରୁଥିବାବେଳେ ଏହାକୁ ନେଇ ଅଧ୍ୟୟନରତ ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ, ଶିକ୍ଷାବିତ୍‌ଙ୍କ ସମେତ ଅଞ୍ଚଳବାସୀ ନାପସନ୍ଦ କରିଛନ୍ତି।

ସରକାରୀ ନିୟମ ଅନୁଯାୟୀ, କୌଣସି ପ୍ରକଳ୍ପ ନିର୍ମାଣ ପୂର୍ବରୁ ବିଭାଗ ନାମରେ ଥିବା ଜାଗା ଆଧାରରେ ଫିଜିବିଲିଟି ରିପୋର୍ଟ ପ୍ରସ୍ତୁତ କରାଯାଇ ପ୍ରକଳ୍ପ କାର୍ଯ୍ୟକାରୀ ନିମନ୍ତେ ସରକାରୀ ଅର୍ଥ ମଞ୍ଜୁରୀ କରାଯାଇଥାଏ। ମାତ୍ର କୋଣାର୍କ ଗ୍ରାମ୍ୟ ନିର୍ମାଣ ଉପଖଣ୍ଡ ନାମରେ ଜାଗା ନ ଥାଇ କଲେଜ ଜାଗାରେ କେଉଁ ନିୟମ ଆଧାରରେ ବିଭାଗ ବଙ୍ଗଳା ନିମନ୍ତେ ଫିଜିବିଲିଟି ରିପୋର୍ଟ ପ୍ରସ୍ତୁତ କରାଯାଇ ଅର୍ଥ ମଞ୍ଜୁର କରାଗଲା ତାହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଅଧ୍ୟୟନରତ ଛାତ୍ରୀଛାତ୍ର ଓ ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଦାବି ହୋଇଛି। କଲେଜ ଜାଗାରେ ଗ୍ରାମ୍ୟ ନିର୍ମାଣ ବିଭାଗ ବେଆଇନ ପ୍ରାଚୀର ନିର୍ମାଣ କରିବା ଖବରପାଇ କୋଣାର୍କ ଭଗବତୀ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂଗଠନର ଉପଦେଷ୍ଟା ରାଜକିଶୋର ମହାପାତ୍ରଙ୍କ ନେତୃତ୍ୱରେ ପୁରାତନ ଛାତ୍ର ସଂଗଠନ ପକ୍ଷରୁ ଏହି ବେଆଇନ ନିର୍ମାଣ କାର୍ଯ୍ୟକୁ ବନ୍ଦ କରାଯାଇଥିଲା। ଏହି ଘଟଣାକୁ ନେଇ ପୁରାତନ ଛାତ୍ର ସଂଗଠନ ପକ୍ଷରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ କଲେଜ ଜାଗାରେ ଏଭଳି ବେଆଇନ ନିର୍ମାଣ କାର୍ଯ୍ୟକୁ ନେଇ କୋଣାର୍କ ଥାନାରେ ଗତ ୧୦ ତାରିଖରେ ଲିଖିତ ଅଭିଯୋଗ ହୋଇଥିବା ପୁରାତନ ଛାତ୍ର ସଂଗଠନ ସଭାପତି ହୃଦାନନ୍ଦ ସେଠୀ କହିଛନ୍ତି। ଆଗାମୀ ଦିନରେ ଏହି ନିର୍ମାଣ କାର୍ଯ୍ୟ ଅନ୍ୟତ୍ର ସ୍ଥାନାନ୍ତରିତ କରା ନ ଗଲେ କୋଣାର୍କରେ ବ୍ୟାପକ ଛାତ୍ର ଆନ୍ଦୋଳନର ସୂତ୍ରପାତ ହେବ ବୋଲି ପୁରାତନ ଛାତ୍ର ସଂଗଠନ ପକ୍ଷରୁ ମତବ୍ୟକ୍ତ ହୋଇଛି।

# ଶ୍ରୀମନ୍ଦିର ପ୍ରଶାସନର ଫାଇଲ ହଜିବା ନେଇ ଏତଲା

ପୁରୀ ଅଫିସ,୧୯।୪

ଶ୍ରୀମନ୍ଦିର ପ୍ରଶାସନର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଫାଇଲକୁ ରାଜ୍ୟ ସରକାରଙ୍କ ଆଇନ ବିଭାଗ ହଜାଇ ଦେଇଥିବା ନେଇ ମଙ୍ଗଳବାର ଜଣାପଡ଼ିଥିଲା। ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ (ଜେଟିଏ)ର ଦୁଇଟି ଫାଇଲକୁ ରାଜ୍ୟ ଆଇନ ବିଭାଗ ବହୁ ଖୋଜାଖୋଜି କଲା ପରେ ମଧ୍ୟ ପାଇ ନ ଥିଲା। ତେଣୁ ଆଇନ୍ ବିଭାଗ ପକ୍ଷରୁ ହଜିଯାଇଥିବା ଫାଇଲ ଖୋଜାଯିବାକୁ ସବୁ ବିଭାଗକୁ ଚିଠି କରିଛି। ତେବେ ସରକାରଙ୍କ ଏପରି ଦାୟିତ୍ୱହୀନ କାର୍ଯ୍ୟକୁ ନିନ୍ଦା କରି ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଘଟଣାର ତଦନ୍ତ ଦାବିରେ ବୁଧବାର ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି।

ଶ୍ରୀଜଗନ୍ନାଥ ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ଏତଲାରେ ଦର୍ଶାଇଛନ୍ତି, ଶ୍ରୀମନ୍ଦିର ପ୍ରଶାସନର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଫାଇଲ ସରକାରୀ ଦପ୍ତରରୁ ହଜିଯାଇଛି ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏବେ ପ୍ରଶ୍ନ ଉଠୁଛି ସରକାରୀ ଦପ୍ତର କୌଣସି ଘର କିମ୍ବା କ୍ଲବ୍ ନୁହେଁ ଯେ ଫାଇଲ ହଜିଯିବ। କାରଣ ଫାଇଲ କିରାଣିଙ୍କଠାରୁ ଅଫିସରଙ୍କ ପର୍ଯ୍ୟନ୍ତ ବିଭିନ୍ନ ସ୍ତରରେ ବିଭିନ୍ନ ଟେବୁଲକୁ ଯାଇଥାଏ। ଅନ୍ୟପକ୍ଷରେ ହାଇକୋର୍ଟରେ ଜବାବ ଦାଖଲ କରିବାକୁ ଥିବା ଶ୍ରୀମନ୍ଦିରର ଫାଇଲ ହଜିଛି। ତେଣୁ ଫାଇଲ ହଜିବା ସରକାରଙ୍କ ଷଡ଼ଯନ୍ତ୍ର ନୁହେଁ ତ? ହାଇକୋର୍ଟରେ ମାମଲାକୁ ଗଡାଇବା ପାଇଁ ଓ ସମୟ ନେବାକୁ ଏହା ସରକାରଙ୍କ ସୁଚିନ୍ତିତ ଯୋଜନା ନୁହେଁ ତ? ଫାଇଲ ହଜିବା ନେଇ ସରକାରୀ ଚିଠିକୁ ଖବରଦାତାମାନଙ୍କୁ ବଣ୍ଟାଯିବା ପଛର ରହସ୍ୟ କଣ ବୋଲି ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ସରକାରୀ ବେଆଇନ କାର୍ଯ୍ୟ ଧରାପଡ଼ିଯିବା ଭୟରେ ଜାଣିଶୁଣି ଫାଇଲ ହଜାଇ ଦିଆଯାଇଥିବା ଶ୍ରୀଜଗନ୍ନାଥ ସେବା ସନ୍ଦେହ ପ୍ରକାଶ କରିଛି। ରତ୍ନଭଣ୍ଡାର ଚାବି ହଜିବା, ଫାଇଲ ହଜିବା, ଶ୍ରୀମନ୍ଦିର ପ୍ରଶାସନର ମାଲିକାନାରେ ଥିବା ଖଣି ଓ ଜମିବାଡ଼ି କାଗଜପତ୍ର ହଜିବା ପଛର ରହସ୍ୟର ତଦନ୍ତ କରାଯାଉ ବୋଲି ପଟ୍ଟନାୟକ ଦାବି କରିଛନ୍ତି। ଏ ନେଇ ତଦନ୍ତ କରା ନ ଗଲେ ପଟ୍ଟନାୟକ କୋର୍ଟକୁ ଯିବା ସହ ସିବିଆଇ ତଦନ୍ତ ପାଇଁ ଦାବି ଜଣାଇବେ ବୋଲି ପ୍ରକାଶ କରିଛନ୍ତି।


ଶ୍ରୀଜଗନ୍ନାଥ ସେନା ପକ୍ଷରୁ ସିଂହଦ୍ୱାର ଥାନାରେ ଏତଲା ଦିଆଯାଉଛି।

## ସଂକ୍ଷେପରେ

### ସ୍ତ୍ରୀର ତଣ୍ଟି ଚିପି ହତ୍ୟା ଘଟଣା
## ଜେଲ ଗଲେ ଅଭିଯୁକ୍ତ ସ୍ୱାମୀ

ଭୁବନେଶ୍ୱର,୧୯।୪ (ବ୍ୟୁରୋ)
ଭରତପୁର ଥାନା ଅନ୍ତର୍ଗତ ମହାଲକ୍ଷ୍ମୀବିହାରସ୍ଥିତ ତେଲଗୁ ବସ୍ତିରେ ସ୍ତ୍ରୀଙ୍କୁ ତଣ୍ଟିଚିପି ହତ୍ୟା ଘଟଣାରେ ଅଭିଯୁକ୍ତ ସ୍ୱାମୀ ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଞ୍ଚଳର ସାଗର ପ୍ରଧାନ(୨୬)ଙ୍କ ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପରକୀୟା ପ୍ରୀତି ସନ୍ଦେହରେ ବହୁ ଦିନଧରି ମନରେ କୁହୁଳିଥିବା ରାଗର ବଶବର୍ତ୍ତୀ ହୋଇ ଅଭିଯୁକ୍ତ ସାଗର ତାଙ୍କ ସ୍ତ୍ରୀ ମାମା ପ୍ରଧାନଙ୍କୁ ତଣ୍ଟି ଚିପି ହତ୍ୟା କରିଥିଲେ। ଏପରିକି ହତ୍ୟା ପରେ ସେ ଫେରାର ନ ହୋଇ ଘର ବାହାରେ ବସି ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ ବୋଲି ଜୋନ୍-୩ ଏସିପି ପ୍ରଦୀପ କୁମାର ରାଉତ କହିଛନ୍ତି। ଅନ୍ୟପଟେ ଅଭିଯୁକ୍ତ ସାଗର ଓ ମାମା ଲିଭ୍ଇନ୍‌ରେ ରହୁଥିବା ସ୍ଥାନୀୟ ଲୋକେ କହୁଥିବାରୁ ଏହାର ତଦନ୍ତ ଚାଲିଥିବା ସେ କହିଛନ୍ତି। ପୋଲିସ ସୂଚନାନୁସାରେ, ଅଭିଯୁକ୍ତ ସାଗର ମୃତା ମହିଳା ମାମାଙ୍କୁ ୨୦୧୯ ପ୍ରେମ ବିବାହ କରିବା ପରେ ଘର ଛାଡ଼ି କଟକ ଆସି ରହୁଥିଲେ। ସେଠାରେ ସାଗର ରଙ୍ଗ ମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ଗତ ଦୁଇମାସ ତଳେ କଟକରୁ ଭୁବନେଶ୍ୱର ଚାଲି ଆସି ତେଲୁଗୁ ବସ୍ତିରେ ଏକ ଘର ଭଡା ନେଇ ରହୁଥିଲେ। ହେଲେ ସ୍ତ୍ରୀ ମାମା କାହା ସହ ଫୋନ୍‌ରେ ବାରମ୍ବାର କଥା ହେଉଥିବାରୁ ତାଙ୍କ ଚରିତ୍ରକୁ ନେଇ ସ୍ୱାମୀ ସାଗରଙ୍କ ମନରେ ସନ୍ଦେହ ହେବା ସହ ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ସବୁବେଳେ ଝଗଡ଼ା ହେଉଥିଲା। ମଙ୍ଗଳବାର ଅପରାହ୍ନରେ ଉଭୟଙ୍କ ମଧ୍ୟରେ ପୁନର୍ବାର ଝଗଡା ଆରମ୍ଭ ହେବା ସହିତ ଉଗ୍ରରୂପ ନେଇଥିଲା।

## ଚୋରା ମୋବାଇଲ ଫୋନ୍ ବିକ୍ରିବେଳେ ୨ ଗିରଫ

ଭୁବନେଶ୍ୱର,୧୯।୪ (ବ୍ୟୁରୋ)- ଚୋରା ମୋବାଇଲକୁ କମ୍ ଦାମ୍‌ରେ କିଣି ଅଧିକରେ ବିକ୍ରି କରୁଥିବାବେଳେ କ୍ୟାପିଟାଲ ଥାନା ପୋଲିସ ସଂପୃକ୍ତ ୨ଜଣ ଯୁବକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ବଡଗଡ ଥାନା ଅଞ୍ଚଳର ଦୀପକ ସାହା ଓ ଜୟନ୍ତ କୁମାର ସେଠୀ। ସେମାନଙ୍କ ୩ଟି ଚୋରା ମୋବାଇଲ ଜବତ କରାଯାଇଛି। ସୂଚନାନୁସାରେ, ଅଭିଯୁକ୍ତଦ୍ୱୟ ୟୁନିଟ୍-୨ ବଜାର ନିକଟରେ ଚୋରା ମୋବାଇଲ ଫୋନ ବିକ୍ରି ଲାଗି ଗ୍ରାହକ ଖୋଜୁଥିବା ପୋଲିସ ସୂଚନା ପାଇବା ପରେ ପାଟ୍ରୋଲିଂ ଟିମ୍ ଘଟଣା ସ୍ଥଳରେ ଚଢାଉ କରି ସେମାନଙ୍କୁ କାବୁ କରିଥିଲା। ଯାଞ୍ଚବେଳେ ଉଭୟଙ୍କ ନିକଟରୁ ୩ ଗୋଟି ଚୋରା ମୋବାଇଲ ଜବତ ହୋଇଥିଲା।

## ପଞ୍ଚାୟତସ୍ତରୀୟ ସାଙ୍ଗଠନିକ ବୈଠକ

ବାଲକାଟୀ,୧୯।୪(ଡି.ଏନ୍.ଏ.)
ସ୍ଥାନୀୟ ହୀରାପୁର ଅତିଥି ଭବନରେ ଜୟଦେବ ବିଧାୟକ ଅରବିନ୍ଦ ଢାଲିଙ୍କ ନେତୃତ୍ୱରେ ବୁଧବାର ପଞ୍ଚାୟତସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଧାୟକଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଯଥା ଆଲୋକୀକରଣ, ବିଭିନ୍ନ ନଦୀରେ ସେତୁ ନିର୍ମାଣ, ସ୍ୱାସ୍ଥ୍ୟ ଓ ଶିକ୍ଷାର ବିକାଶ ପାଇଁ ନିଜ ଆଞ୍ଚଳିକ ପାଣ୍ଠି ବ୍ୟୟରେ କରାଯାଇଥିବା କାର୍ଯ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଆଗାମୀ ଦିନରେ ଆଉ ଦୁଇଟି ସେତୁ ପାଣ୍ଡରା ନିକଟ ନଦୀ ଓ ରାମଚନ୍ଦ୍ରପୁର ନିକଟରେ ବ୍ୟାରେଜ ନିର୍ମାଣର ସୂଚନା ଦେଇଥିଲେ। ଏହି ଦୁଇଟି ବ୍ୟାରେଜ ନିର୍ମାଣ ହେଲେ ଅଞ୍ଚଳରୁ ସାଧାରଣ ଲୋକ ଜଳସଙ୍କଟରୁ ମୁକ୍ତ ହେବେ। ଏଥିସହିତ ଚାଷୀମାନଙ୍କ ଜମିରେ ଜଳ ସେଚନ ସହଜରେ ହୋଇପାରିବ ବୋଲି କହିଥିଲେ। ଏହି ବୈଠକରେ ଜୟଦେବ ନିର୍ବାଚନ ମଣ୍ଡଳୀର ୪ ପଞ୍ଚାୟତ ତଥା ଉମାଦେଇ ସମିତି ସଭ୍ୟ ରଞ୍ଜନ ମହାପାତ୍ର, ସରପଞ୍ଚ ରମାଲତା ନାୟକ, ବିଧାୟକଙ୍କ ପ୍ରତିନିଧି ପ୍ରିୟବ୍ରତ ପାତ୍ର, ବହୁ ସରପଞ୍ଚ, ସମିତି ସଭ୍ୟ ଓ ପ୍ରତାପ ଶାସନ ପଞ୍ଚାୟତର କର୍ମୀ ବସନ୍ତ ଦାଶ, ଶଙ୍କର ସାହୁ, ନୟନା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

**ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁଙ୍କ ବିସ୍ଫୋରକ ବୟାନ**

## 'ବଡ଼ବଡ଼ିଆଙ୍କ ଚକ୍ରାନ୍ତର ପର୍ଦ୍ଦାଫାସ କରିବୁ'

ଭୁବନେଶ୍ୱର,୧୮।୪(ବ୍ୟୁରୋ)



ଚର୍ଚ୍ଚିତ ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ ଏକ ବିସ୍ଫୋରକ ବୟାନ ଦେଇଛନ୍ତି। ସବୁ ବଡ଼ବଡ଼ିଆଙ୍କ ପର୍ଦ୍ଦାଫାସ କରିବୁ ବୋଲି ଜଗବନ୍ଧୁ କ୍ଷୋଭର ସହ କହିଛନ୍ତି। ବୁଧବାର ଚିକିତ୍ସା ପାଇଁ ଝାରପଡ଼ା ଜେଲରୁ କ୍ୟାପିଟାଲ ହସ୍ପିଟାଲ ଯାଉଥିବାବେଳେ ଜଗବନ୍ଧୁ କହିଛନ୍ତି, ଯାହା ସବୁ ଘଟିଲା ସବୁ ଅକ୍ଷୟ ପରିଜାଙ୍କ ଚକ୍ରାନ୍ତ। ଶ୍ରଦ୍ଧାଞ୍ଜଳି ବେହେରାଙ୍କୁ ପଇସା ଲାଳସା ଦେଖାଇ ସେ ଆମ ନାଁରେ ଏମିତି ଅଠା ବୋଳିଛନ୍ତି। ତାଙ୍କ ସହ କିଛି ବଡ଼ବଡ଼ିଆ ଲୋକ ମିଶିକି ରହିଛନ୍ତି। ଶ୍ରଦ୍ଧାଞ୍ଜଳିଙ୍କୁ ଲୁଚାଯାଇ ରଖାଯାଇଛି। ତାଙ୍କୁ ଶୀଘ୍ର ବାହାର କରନ୍ତୁ ବୋଲି ଜଗବନ୍ଧୁ କହିଛନ୍ତି। ଅନ୍ୟପଟେ ଏହା ପୂର୍ବରୁ ଅର୍ଥାତ୍ ମାର୍ଚ୍ଚ ୧୦ରେ ଅର୍ଚ୍ଚନା କୋର୍ଟରେ ହାଜର ହୋଇ ଶ୍ରଦ୍ଧାଞ୍ଜଳିଙ୍କୁ କାହିଁକି ଗିରଫ କରାଯାଉ ନାହିଁ ବୋଲି ପ୍ରଶ୍ନ ଉଠାଇଥିଲେ। ଏପରିକି ଶ୍ରଦ୍ଧାଞ୍ଜଳିଙ୍କ ପାଇଁ ଭିନ୍ନ ଆଇନ ଅଛି କି ବୋଲି ମଧ୍ୟ ସେ କହିଥିଲେ। ତେବେ ଜେଲରେ ଥିବା ଦମ୍ପତିଙ୍କ ଏଭଳି ବୟାନକୁ ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, ବହୁଚର୍ଚ୍ଚିତ ହନିଟ୍ରାପ୍ ଓ ବେଆଇନ ଅର୍ଥ କାରବାର ମାମଲାରେ ଅର୍ଚ୍ଚନା ନାଗ, ସ୍ୱାମୀ ଜଗବନ୍ଧୁ ଚାନ୍ଦ ଓ ସହଯୋଗୀ ଖଗେଶ୍ୱର ବେହେରା ଦୀର୍ଘଦିନ ହେବ ଝାରପଡ଼ା ଜେଲରେ ରହିଛନ୍ତି। ଅର୍ଚ୍ଚନାଙ୍କୁ ନୟାପଲ୍ଲୀ ଥାନା ମାମଲାରେ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ମିଳିଥିବାବେଳେ ଖଣ୍ଡଗିରି ଥାନା ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମାମଲାରେ ଜାମିନ ମିଳିନାହିଁ। ଇଡି ମାମଲାରେ ଅର୍ଚ୍ଚନାଙ୍କ ପକ୍ଷରୁ ହୋଇଥିବା ଜାମିନ ଆବେଦନର ଶୁଣାଣି ଜୁନ୍ ୨୬ରେ ରହିଛି।

## ଜନ ପ୍ରତିନିଧିଙ୍କ ନାଁ ନ ଥିବାରୁ ଫଳକ ଗାଏବ

**ଜୟଦେବ ବିଜେଡିରେ ଗୋଷ୍ଠୀ କନ୍ଦଳ**

**ଫଳକ ଉଦ୍ଧାର ପରେ ବିଧାୟକଙ୍କ ଭିତ୍ତିପ୍ରସ୍ତର ସ୍ଥାପନ**

ବାଲକାଟୀ/ବାଲିପାଟଣା,୧୯।୪(ଡି.ଏନ୍.ଏ.)





ପୂର୍ତ୍ତ ବିଭାଗ ଡିଭିଜନ ୨ ପକ୍ଷରୁ ଉତ୍ତରାଠାରୁ ନିମାପଡ଼ା ରାସ୍ତାର ଚାରିଆକିଆ ରାସ୍ତାର ବୁଧବାର ବାଲକାଟୀରେ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଥିଲା। ହେଲେ କାର୍ଯ୍ୟକ୍ରମର କିଛି ଘଣ୍ଟା ପୂର୍ବରୁ ଫଳକ ହଠାତ୍ ଉଦ୍‌ଘାଟନ ସ୍ଥଳରୁ ଗାଏବ ହୋଇଯାଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତତ୍‌କ୍ଷଣାତ୍ ବିଭିନ୍ନ ଜାଗାରେ ତଦନ୍ତ କରି ସ୍ଥାନୀୟ ଏକ ଘରୁ ଫଳକ ଉଦ୍ଧାର କରିଥିଲେ। ଏହାପରେ ବିଧାୟକ ଡ.ଅରବିନ୍ଦ ଢାଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ଚାରିଆକିଆ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅନ୍ୟପଟେ ଫଳକ ଗାଏବ ପୁଣି ପୋଲିସ ଦ୍ୱାରା ଉଦ୍ଧାରକୁ ନେଇ ଉତ୍ସବ ସ୍ଥଳରେ ବିଜେଡିର ଦୁଇ ଗୋଷ୍ଠୀ ମଧ୍ୟରେ ବାଦବିବାଦ ଲାଗିଥିଲେ। ଫଳରେ ଜୟଦେବରେ ବିଜେଡି ଗୋଷ୍ଠୀ କନ୍ଦଳ ଏବେ ପଦାରେ ପଡ଼ିଛି।

ସୂଚନା ଅନୁଯାୟୀ, ଉତ୍ତରାଠାରୁ ନିମାପଡା ଯାଏଁ ଚାରିଆକିଆ ରାସ୍ତାର ଦୋହରିକରଣ ନିମନ୍ତେ ପ୍ରଥମ ପର୍ଯ୍ୟାୟ କାମ ବାଲକାଟୀ ଦୁଲ୍ଲାଦେବୀ ମନ୍ଦିର ନିକଟରେ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ପୂର୍ବାହ୍ନ ୧୦ଟାରେ ଥିଲା। ଫଳକରେ କେବଳ ବିଧାୟକ ଢାଲିଙ୍କ ନାମ ଥିବାବେଳେ ସ୍ଥାନୀୟ କୌଣସି ଜନ ପ୍ରତିନିଧିଙ୍କ ନାମ ନଥିଲା। ଏହାକୁ ବିରୋଧ କରି ବିଧାୟକ ଆସିବା ପୂର୍ବରୁ କେହି ଦୁର୍ବୃତ୍ତ ଉତ୍ସବ ସ୍ଥଳରେ ପହଞ୍ଚି ଫଳକକୁ ତାଡି ନେଇ ପ୍ରତାପ ଶାସନ ବାଳକ ବିଦ୍ୟାଳୟ ନିକଟସ୍ଥ ଏକ ଘରେ ଲୁଚାଇ ରଖିଥିଲେ। ଏହି ଘଟଣା ବିଷୟରେ ବିଧାୟକ ଜାଣିବା ପରେ ସ୍ଥାନୀୟ ପୋଲିସ ଦ୍ୱାରା ତଦନ୍ତ କରାଇ ହାଇସ୍କୁଲ ପାଖ ଉକ୍ତ ଘରେ ଚଢ଼ାଉ କରି ଫଳକ ଉଦ୍ଧାର କରିଥିଲା। ପୋଲିସ ଫଳକ ଉଦ୍ଧାର କରି କାର୍ଯ୍ୟ ନେଇଥିବା ଠିକାଦାରଙ୍କୁ ଦେବା ପରେ ଉତ୍ସବ ସ୍ଥଳରେ ପୁଣି ଫଳକ ଲାଗିଥିଲା। ପରେ ବିଧାୟକ ଢାଲି ନିଜ ସମର୍ଥକଙ୍କୁ ନେଇ ଉତ୍ସବସ୍ଥଳରେ ପହଞ୍ଚି ଚାରିଆକିଆ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେ କହିଥିଲେ ପ୍ରଥମ ପର୍ଯ୍ୟାୟରେ ଦୁଲାଦେଇ ନିକଟରୁ ବାଲିପାଟଣା ସରିପୁର ଛକ ପର୍ଯ୍ୟନ୍ତ ପ୍ରଶସ୍ତୀକରଣରେ ୬୫ଫୁଟ ଓସାରିଆ ଚାରି ଥାକିଆ ରାସ୍ତା ପାଇଁ ୩୮କୋଟି ଟଙ୍କା ମଞ୍ଜୁର ହୋଇଛି। ଖୁବ୍‌ଶୀଘ୍ର କାମ ଆରମ୍ଭ ହୋଇ ୨ବର୍ଷ ମଧ୍ୟରେ ସରିବ। ଏହି କାର୍ଯ୍ୟରେ ପୂର୍ତ୍ତବିଭାଗ ନିର୍ବାହୀ ଯନ୍ତ୍ରୀ ଜଗବନ୍ଧୁ ରାଓ, କାର୍ଯ୍ୟ ଏଜେନ୍ସି କେବିଏନର ସୁବାସ ଚନ୍ଦ୍ର ମହାନ୍ତି, କନିଷ୍ଠ ଯନ୍ତ୍ରୀ ନବଘନ ବେହେରା, ସହକାରୀ ଯନ୍ତ୍ରୀ ପ୍ରଭୁଦତ୍ତ ପ୍ରଧାନ ଓ ବିଜୟ କୁମାର ବରିହା ଉପସ୍ଥିତ ଥିଲେ। ଅପରପକ୍ଷେ ସରପଞ୍ଚ ରୀନା ବେହେରା, ଜିଲା ପରିଷଦ ସଭ୍ୟା କୁନୁମୁନ ଲେଙ୍କାଙ୍କ ନାମ ଫଳକରେ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିବା ସହ ନିଜ ସମର୍ଥକଙ୍କ ସହ ଆସି ଏହି କାର୍ଯ୍ୟକୁ ବିରୋଧ କରିଥିଲେ। ଯାହାକି ବିଧାୟକଙ୍କ ଗୋଷ୍ଠୀ ସହ ପାଟିତୁଣ୍ଡ ହୋଇ ଅଡୁଆ ପରିସ୍ଥିତି ଉପୁଜିଥିଲା। ପୋଲିସ ଉଭୟ ଗୋଷ୍ଠୀଙ୍କୁ ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ଏ ନେଇ ବିଧାୟକ ଢାଲି କୁହନ୍ତି, ସ୍ଥାନୀୟ ପଞ୍ଚାୟତରେ ଯାହା ବି କାର୍ଯ୍ୟକ୍ରମ ହେଉଛି ସେଠି ବିଧାୟକଙ୍କ ନା ରହୁନି, ଯାହାକୁ ମୁଁ କେବେ ବିରୋଧ କରିନି। ଆଜି ଯେଉଁ କାର୍ଯ୍ୟକ୍ରମଟି ହେଉଛି ସେଇଟା ପୂର୍ତ୍ତ ବିଭାଗ କରୁଛି ଫଳକରେ କାହା ନା ରଖିବେ ନ ରଖିବେ ସେମାନଙ୍କ ଦାୟିତ୍ୱ। ଏହି ରାସ୍ତା ଚାରିଥାକିଆ ହେଲେ ହଜାର ହଜାର ଲୋକ ଉପକୃତ ହେବେ। ଉନ୍ନୟନ କାମରେ ବିରୋଧ କରିବା ଉଚିତ ନୁହେଁ ବୋଲି ବିଧାୟକ କହିଥିଲେ।

## ପଥର ଖଣି ସୁପରଭାଇଜରଙ୍କୁ ପଥରରେ ଛେଚି ହତ୍ୟା



ଉତ୍ତ୍ୟକ୍ତ ଲୋକେ ୬୫ ନଂ. ରାଜ୍ୟ ରାଜପଥ ଅବରୋଧ କରିଛନ୍ତି।

- ପୂର୍ବ ଶତ୍ରୁତାରୁ ପୁଅକୁ ମାରିଦେଲେ
- ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

ଟିଗିରିଆ, ୧୯।୪(ଡି.ଏନ.ଏ.)
କଟକ ଜିଲା ଟିଗିରିଆ ଥାନା ଅନ୍ତର୍ଗତ ଜେମାଦେଈପୁର ପଞ୍ଚାୟତର ଏକ ପଥର ଖଣିରେ ସୁପରଭାଇଜର ଭାବେ କାର୍ଯ୍ୟରତ ଯୁବକଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବୁଧବାର ପଥରରେ ଛେଚି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଆକ୍ରମଣକାରୀ ଯୁବକମାନେ ଫେରାର ଅଛନ୍ତି।

ଅଭିଯୋଗ ମୁତାବକ, ଜେମାଦେଈପୁର ପଞ୍ଚାୟତ ବଉଳସାହିର ବିଶ୍ୱନାଥ ବାରିକ (୨୫) ଭେଜିଆ ଜଙ୍ଗଲ ନିକଟସ୍ଥ ବାଇଖାଲୀ କଳାମୁଗୁନି ପଥର ଖଣିରେ ସୁପରଭାଇଜର ଭାବେ କାର୍ଯ୍ୟ କରନ୍ତି। ବୁଧବାର ସକାଳୁ ସେ ଖଣିକୁ କାମ କରିବାକୁ ଯାଇଥିଲେ। ମଧ୍ୟାହ୍ନରେ ବିଶ୍ୱନାଥଙ୍କ ମା' ମଞ୍ଜୁଲତା ଓ ବାପା ବେଣୁଧର ପୁଅ ପାଇଁ ଭାତ ଖାଇବାକୁ ନେଇ ଯାଇଥିଲେ। ଖାଇ ସାରିଲା ବେଳକୁ ୫୦୦ ମିଟର ଦୂର ଭୋଗଡ଼ା ପଞ୍ଚାୟତର ଗୋକର୍ଣ୍ଣଖାଲ ଗ୍ରାମର ୨୫ ଜଣ ଯୁବକ ଲୁହା ରଡ଼ ଧରି ଆସି ପୁଅ ବେକରେ ଗାମୁଛା ପକାଇ ଘୋଷାରି ପ୍ରବଳ ମାଡ଼ ମାରି ନେଇ ଯାଇଥିଲେ। ଖଣି ମାଲିକ ଜ୍ୟାଫତ ଖାଁଙ୍କ ମାଧ୍ୟମରେ ଥାନାକୁ ଖବର ଦେବାରୁ ପୋଲିସ ଆସିଥିଲା। ସେତେବେଳକୁ ବିଶ୍ୱନାଥଙ୍କ ମୃତଦେହ ଗୋକର୍ଣ୍ଣଖାଲ ଶବରସାହି ନିକଟସ୍ଥ ରେଙ୍ଗାଲି ଦକ୍ଷିଣ କେନାଲ ନିକଟରେ ଖଣ୍ଡିଆ ଖାବରା ଅବସ୍ଥାରେ ପଛ ପଟେ ହାତବନ୍ଧା ହୋଇ ପଡ଼ିଥିଲା। ମୃତଦେହକୁ ଉଦ୍ଧାର କରି ସ୍ଥାନୀୟ ଯୁବକମାନେ ଜେମାଦେଈପୁର ପଞ୍ଚାୟତ ସଂଲଗ୍ନ ୬୫ ନଂ. ରାଜ୍ୟ ରାଜପଥ ଅବରୋଧ କରିଥିଲେ। ଖବରପାଇ ଆଇଆଇସି ସୁଚିତ୍ରା ଜେନା, ଆଠଗଡ଼ ଏସ୍‌ଡିପିଓ ବିଜୟ କୁମାର ବିଶି, ଟିଗିରିଆ ତହସିଲଦାର ପ୍ରମୋଦ କୁମାର ବାସ୍କେ, ରାସ୍ତା ଅବରୋଧକାରୀଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ଅଭିଯୁକ୍ତମାନଙ୍କୁ ୨୪ ଘଣ୍ଟା ମଧ୍ୟରେ ଗିରଫ କରିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ପୋଲିସ ମୃତଦେହକୁ ଜବତ କରି ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବାପା ବେଣୁଧରଙ୍କ ଅଭିଯୋଗ ଅନୁଯାୟୀ, ମାର୍ଚ୍ଚ ୮ ତାରିଖ ହୋଲି ଦିନ ଏକ ଗଣ୍ଡଗୋଳରେ ଗୋକର୍ଣ୍ଣଖାଲ ଗ୍ରାମର ୪ ଜଣ ଯୁବକଙ୍କୁ ପୁଅ ବିଶ୍ୱନାଥ ଓ ସହଯୋଗୀ ମାଡ ମାରିଥିବା କାରଣରୁ ହତ୍ୟା କରାଯାଇଛି। ଏ ନେଇ ଥାନାରେ ନଂ. ୭୬/୨୩ରେ ମାମଲା ରୁଜୁ ହୋଇଛି। ଏଏସ୍‌ଆଇ ସନ୍ତୋଷ କୁମାର ପ୍ରଧାନ ଏହି ଘଟଣାର ତଦନ୍ତ କରୁଛନ୍ତି। ଖବର ଲେଖା ପର୍ଯ୍ୟନ୍ତ ପୋଲିସ କାହାକୁ ଗିରଫ କରି ନ ଥିବା ଥାନା ସୂତ୍ରରୁ ପ୍ରକାଶ। ସୂଚନାଯୋଗ୍ୟ, ମୃତ ବିଶ୍ୱନାଥ କଟରା ଗ୍ୟାଙ୍ଗ ନାମରେ ଏକ ଗ୍ୟାଙ୍ଗ କରି ବାଡ଼ିଆ ପିଟା କରିଥିବା ଟିଗିରିଆ ଅଞ୍ଚଳରେ ଚର୍ଚ୍ଚାରେ ଥିଲେ।

## ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



ପୁରୁଣା ଭୁବନେଶ୍ୱର,୧୯।୪(ଡି.ଏନ୍.ଏ.)
ଏକାମ୍ର ନିର୍ବାଚନ ମଣ୍ଡଳୀର ୱାର୍ଡ ନଂ-୬୦ ଏବଂ ୬୧ରେ ପ୍ରାୟ ୨କୋଟି ଟଙ୍କାର ପ୍ରକଳ୍ପର ବୁଧବାର ଶିଳାନ୍ୟାସ କରାଯାଇଛି। ୱାର୍ଡ ନଂ-୬୦ର ଯମେଶ୍ୱର ପାଟଣା, ନାରାୟଣୀ କ୍ଲବ ନିକଟ, ଟାଉନ ପଡ଼ିଆ ଖେଳ ପଡ଼ିଆ ନିକଟ, ଲିଙ୍ଗରାଜ ନଗର ଲେନ-୬, ଡାକରା ବିଭୀଷଣେଶ୍ୱର ଅଞ୍ଚଳ, କପିଳେଶ୍ୱର ଅଞ୍ଚଳର ରାସ୍ତା ଓ ନାଳ ନିର୍ମାଣ ପାଇଁ ଶିଳନ୍ୟାସ କରାଯାଇଥିଲା। ସେହିଭଳି ୱାର୍ଡ ନଂ-୬୧, ଏଲ-୮୦ ସମ୍ମୁଖ ରାସ୍ତା, ଏକାମ୍ର କଲେଜ ସମ୍ମୁଖ ଏବଂ ଆନୀ ହାଉସ ଛକ ନିକଟ ପ୍ରଭୃତି ଅଞ୍ଚଳର ରାସ୍ତା ନିର୍ମାଣ ପାଇଁ ମଧ୍ୟ ଶିଳନ୍ୟାସ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ଏହି ସମସ୍ତ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, କର୍ପୋରେଟର ଚନ୍ଦ୍ରଶେଖର ମଲ୍ଲିଆ, ଶିବନାରାୟଣ ରାଏ. ଅମରେଶ ଜେନା ଏବଂ ବହୁ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

**ସରସ୍ୱତୀ ଶିକ୍ଷା ମନ୍ଦିରର ବାର୍ଷିକ ଉତ୍ସବ 'ବୈଶାଖୀ'**

## ସତ୍ ଚିନ୍ତନ କରିବାକୁ ବିଦ୍ୟାର୍ଥୀଙ୍କୁ ପରାମର୍ଶ

ବାଲିଅନ୍ତା,୧୯।୪(ଡି.ଏନ୍.ଏ.)



ରାଜଧାନୀ ଉପକଣ୍ଠ ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିରର ୧୭ତମ ବାର୍ଷିକ ଉତ୍ସବ 'ବୈଶାଖୀ-୨୦୨୩' ବିଦ୍ୟାଳୟ ପ୍ରତିଷ୍ଠାତା- ସମ୍ପାଦକ ସୁରେନ୍ଦ୍ର ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ପଦ୍ମଶ୍ରୀ ବାବା ବଳିଆ ଯୋଗଦେଇ ପିଲାଙ୍କୁ ଭଲ ମଣିଷ ହେବାକୁ ଅଭିଭାବକମାନେ ସଂକଳ୍ପବଦ୍ଧ ହେବାକୁ କହିଥିଲେ। କୁକାର୍ଯ୍ୟଠାରୁ ଦୂରେଇ ରହି ସତ୍‌କର୍ମ ସତ୍ ଚିନ୍ତନ କରିବାକୁ ବିଦ୍ୟାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ରୂପେ କର୍ପୋରେଟର ସୁକୁମାର ସାହୁ ଓ ଉମ୍ବରୁଧର ଜେନା ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଆଚାର୍ଯ୍ୟ ଜୟଶ୍ରୀ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ହେମନ୍ତ ନାୟକ ଅତିଥି ପରିଚୟ ଦେଇଥିବାବେଳେ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣ ଜେନା ଧନ୍ୟବାଦ ଦେଇଥିଲେ। ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିରେ ୧ ହଜାରରୁ ଉର୍ଦ୍ଧ୍ୱ ଅଭିଭାବକ, ଛାତ୍ରୀଛାତ୍ର ଓ ସ୍ଥାନୀୟ ଅଞ୍ଚଳବାସୀ ଯୋଗଦେଇଥିଲେ।

## ଶ୍ରୀମନ୍ଦିର ପ୍ରଶାସନର ଫାଇଲ ହଜିବା ନେଇ ଏତଲା

ପୁରୀ ଅଫିସ,୧୯।୪
ଶ୍ରୀମନ୍ଦିର ପ୍ରଶାସନର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଫାଇଲକୁ ରାଜ୍ୟ ସରକାରଙ୍କ ଆଇନ୍ ବିଭାଗ ହଜାଇ ଦେଇଥିବା ନେଇ ମଙ୍ଗଳବାର ଜଣାପଡ଼ିଥିଲା। ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାରଙ୍କ ଏପରି ଦାୟିତ୍ୱହୀନ କାର୍ଯ୍ୟକୁ ନିନ୍ଦା କରି ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଘଟଣାର ତଦନ୍ତ ଦାବିରେ ବୁଧବାର ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି।

## ବିଏମ୍‌ସି, ପୋଲିସର ଅବହେଳାକୁ ଦାୟୀ କଲା ସଂଘ

**ମାର୍କେଟ୍ ବିଲ୍ଡିଂରେ ତୁଟୁନି ସ୍ଥାୟୀ-ଉଠା ଦୋକାନୀ ବିବାଦ**

ଭୁବନେଶ୍ୱର,୧୯।୪(ବ୍ୟୁରୋ)
ମାର୍କେଟ ବିଲ୍ଡିଂରେ ଥିବା ସ୍ଥାୟୀ ବ୍ୟବସାୟୀ ଓ ଉଠାଦୋକାନୀଙ୍କ ମଧ୍ୟରେ ଲାଗିରହିଥିବା ବିବାଦ ତୁଟୁନି। ଗତ ୧୭ ତାରିଖରେ ମାର୍କେଟ ଆସୋସିଏଶନ ସଦସ୍ୟ ପୋଲିସ ସହାୟତାରେ ଉଠାଦୋକାନୀଙ୍କୁ ମାର୍କେଟ ବିଲ୍ଡିଂରୁ ହଟାଇଥିଲେ। ମାତ୍ର ଉଠାଦୋକାନୀମାନେ ବୁଧବାର ପୁଣି ମାର୍କେଟ ବିଲ୍ଡିଂକୁ ଫେରିବା ସହ ବେପାର କରିଛନ୍ତି। ମାର୍କେଟ ବିଲ୍ଡିଂର ପ୍ରବେଶପଥକୁ ଦଖଲ କରି ଉଠାଦୋକାନୀମାନେ ବ୍ୟବସାୟ କରୁଥିବାବେଳେ ଯାତାୟାତରେ ଅସୁବିଧା ହୋଇଥିଲା। ପରେ ମାର୍କେଟ ଆଶୋସିଏଶନ ପକ୍ଷରୁ ବଳପୂର୍ବକ ସେମାନଙ୍କୁ ହଟାଯାଇଥିଲା, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଆସୋସିଏଶନ ସଭାପତି ପ୍ରଦ୍ୟୁମ୍ନ କୁମାର ଜେନା କହିଛନ୍ତି, ବିଏମ୍‌ସି ଓ ପୋଲିସ କାର୍ଯ୍ୟାନୁଷ୍ଠାନର ଅଭାବ ଯୋଗୁଁ ଏପରିସ୍ଥିତି ଉପୁଜିଛି। ମାର୍କେଟ ବିଲ୍ଡିଂ ଜବରଦଖଲରେ ବିଏମ୍‌ସି ସାମିଲ ଥିବା କହି ପ୍ରଦ୍ୟୁମ୍ନ କ୍ଷୋଭ ପ୍ରକାଶ କରିଛନ୍ତି।

ସୂଚନାଥାଉକି, ଗତ କିଛିଦିନ ତଳେ ବହୁ ବାଦ ବିବାଦ ପରେ ମାର୍କେଟ ବିଲ୍ଡିଂରୁ ଉଠାଦୋକାନୀଙ୍କୁ ମାର୍କେଟ ଆସୋସିଏଶନ ହଟାଇଥିଲା। ମାତ୍ର ବୁଧବାର ପୁଣି ଥରେ ଉଠାଦୋକନୀମାନେ ମାର୍କେଟ ବିଲ୍ଡିଂ ପରିସରରେ ନିଜ ଆସ୍ଥାନ ଜମାଇଥିଲେ। ଉଠାଦୋକନୀଙ୍କଠାରୁ ବିଏମ୍‌ସିକୁ କୌଣସି ରାଜସ୍ୱ ମିଳୁନାହିଁ, ହେଲେ ଉଠାଦୋକାନୀଙ୍କ ପ୍ରତି ଅନୁକମ୍ପା ଦେଖାଉଥିବା ଅଭିଯୋଗ ହୋଇଛି। ଗତ ୩ ତାରିଖ ଓ ୭ ତାରିଖରେ ବିଏମ୍‌ସି ଅଧିକାରୀଙ୍କ ନିକଟରେ ମାର୍କେଟ ଆସୋସିଏଶନ ଦ୍ୱାରସ୍ଥ ହେବା ପରେ ମଧ୍ୟ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପଟେ ମାର୍କେଟ୍ ବିଲ୍ଡିଂରେ ଲାଗିରହିଥିବା ସମସ୍ୟାର ସମୀକ୍ଷା କରିବେ ବୋଲି ମେୟର ସୁଲୋଚନା ଦାସ କହିଛନ୍ତି।

## ବଡ଼ଗଡ଼ ଝାମୁଯାତ୍ରା ମହୋତ୍ସବ ଉଦ୍‌ଯାପିତ

ପୁରୁଣା ଭୁବନେଶ୍ୱର,୧୯।୪(ଡି.ଏନ୍.ଏ.)
ସ୍ଥାନୀୟ ବଡ଼ଗଡ଼ ଗ୍ରାମର ମା'ମଙ୍ଗଳାଙ୍କ ଝାମୁ ଯାତ୍ରା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ୫ଦିନ ଧରି ଚାଲିଥିବା ଏହି ମହୋତ୍ସବର ଶେଷ ସନ୍ଧ୍ୟାରେ ଗ୍ରାମର ଯୁବକମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା ନାଟକ "ସୁଖ ସାତପର ଦୁଃଖ ନିଜର"। ଏଥିରେ ହାସ୍ୟ ଅଭିନେତା ଦିଲୀପ ବେଉରାଙ୍କ ଚରିତ୍ର ବେଶ ମନମୁଗ୍ଧ କରିଥିଲା। ଏହି ଅବସରରେ ସଫଳ ନିର୍ଦ୍ଦେଶନା ପାଇଁ ହରିହର ବେହେରା ଏବଂ ତ୍ରିଦେବ ଛୋଟରାୟଙ୍କୁ ସମ୍ମାନିତ କରାଯାଇଥିଲା। ଗ୍ରାମବାସୀଙ୍କ ସହଯୋଗ, ବାପୁଜୀ କ୍ଲବ ଓ ବ୍ରାଇଟଷ୍ଟାର ଯୁବକ ସଂଘର ସମସ୍ତ କର୍ମକର୍ତ୍ତାଙ୍କ ପାଇଁ ମା'ମଙ୍ଗଳାଙ୍କର ଏହି ପର୍ବ ଶୃଙ୍ଖଳିତଭାବେ ସମାପନ ହୋଇଛି। ସଫଳ ପରିଚାଳନା ପାଇଁ ମଣ୍ଟୁ ନାୟକ ଏବଂ ଝାମୁ ଯାତ୍ରା ସାହିପକ୍ଷରୁ ସଂଗ୍ରାମ ମାର୍ଥାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ରବୀନ୍ଦ୍ର କୁମାର ଦଳେଇ, ଆଦିତ୍ୟ ଗଜେନ୍ଦ୍ର ଓ ପ୍ରତାପ ଛୋଟରାୟଙ୍କ ସହଯୋଗରେ ଆୟୋଜିତ ଏହି ମହୋତ୍ସବକୁ ଭୀମସେନ ସାମନ୍ତରାୟ, ପବିତ୍ର ଗଜେନ୍ଦ୍ର, କୃଷ୍ଣଚନ୍ଦ୍ର ବେହେରା, ସୁଶାନ୍ତ ପାତ୍ର, ଗଜେନ୍ଦ୍ର ଦଳେଇ, ସୌମ୍ୟରଞ୍ଜନ ସେଠୀ, ବାପିନ ମହାନ୍ତି, ଦୀପକ ପ୍ରଧାନ, ଅଜୟ ବେହେରା, ଆଶିଷ ମହାନ୍ତି, ରିତେଶ ଜେନା, ଲଗନଜିତ୍ ମହାନ୍ତି, ରଞ୍ଜିତ ସାହାଣୀ, ସୋମୁ ମାନସିଂହ, ପ୍ରିତମ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ଆଜି ରାବଣ ବଧରେ ସରିବ ରାମଲୀଳା

ବାଲିଅନ୍ତା,୧୯।୪(ଡି.ଏନ୍.ଏ.)



ଦୀର୍ଘ ୨୧ ଦିନ ଧରି ବେଣୁପୁର ରାମଲୀଳା ପଡ଼ିଆରେ ଚାଲିଥିବା ପାରମ୍ପରିକ ରାମଲୀଳା ମହୋତ୍ସବ ଗୁରୁବାର ରାତିରେ ଉଦ୍‌ଯାପିତ ହେବ। ରାମନବମୀଠାରୁ ପ୍ରତିଦିନ ରାତିରେ ରାମଲୀଳା ଗୀତିନାଟ୍ୟ ପ୍ରଦର୍ଶିତ ହେଉଛି। ଶ୍ରୀନୀଳକଣ୍ଠେଶ୍ୱର ଦେବ ରାମଲୀଳା ପ୍ରଚାର ସମିତି ଆନୁକୂଲ୍ୟରେ ୪୪ ବର୍ଷ ଧରି ଏହି ରାମଲୀଳା ପରିବେଷିତ ହୋଇଆସୁଛି। ପୌରାଣିକ କଥାବସ୍ତୁକୁ ନେଇ ସଂସ୍କୃତି ଓ କଳାକାର ଗ୍ରାମ ରୂପେ ପରିଚିତ ଏହି ବେଣୁପୁର ଗ୍ରାମର ଯୁବକଙ୍କ ଦ୍ୱାରା ରାମଲୀଳା କାର୍ଯ୍ୟକ୍ରମ ଚାଲିଛି। ରାମଲୀଳା ଦେଖିବାକୁ ଭୁବନେଶ୍ୱର ସମେତ ଆଖପାଖ ୫୦ ଗ୍ରାମରୁ ଲୋକଙ୍କ ସୁଅ ଛୁଟୁଛି। ଗୁରୁବାର ରାମଲୀଳାର ଶେଷ ରଜନୀରେ ରାବଣବଧ, ରାବଣପୋଡ଼ି ବାଣ ପ୍ରଦର୍ଶନ କରାଯିବ ବୋଲି ଗ୍ରାମର ମହେଶ ଚନ୍ଦ୍ର ରାୟ କହିଛନ୍ତି।

## ଦୁଇ ବେପାରୀଙ୍କୁ ଅଢ଼େଇ ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର,୧୮।୪(ବ୍ୟୁରୋ)

**ରାଜଧାନୀରେ ୮ ଚୋରା ବନ୍ଧୁକ ଜବତ ମାମଲା**

- ୨୦୨୦ ଅକ୍ଟୋବର ୧୫ରେ ଅଭିଯୁକ୍ତଙ୍କୁ ଧରିଥିଲା ଏସ୍‌ଟିଏଫ୍
- ଚଢ଼ାଉବେଳେ ଖସି ଯାଇଥିଲେ ଅନ୍ୟଜଣେ ଅଭିଯୁକ୍ତ

କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଚନ୍ଦକା ଅଞ୍ଚଳରୁ ୮ ଚୋରା ବନ୍ଧୁକ ଜବତ ସହ ୨ ବେପାରୀଙ୍କୁ ଗିରଫ କରିବା ମାମଲାରେ ଭୁବନେଶ୍ୱର ତୃତୀୟ ଅତିରିକ୍ତ ଜିଲା ଓ ଦୌରା ଜଜ୍ ବୁଧବାର ରାୟ ପ୍ରକାଶ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଖୋର୍ଦ୍ଧା ସଦର ଥାନା ଅଞ୍ଚଳର ରାକେଶ କୁମାର ଜେନା (୩୪) ଓ ବିକାଶ ବେହେରା (୨୯)ଙ୍କୁ ଅଢ଼େଇ ବର୍ଷ ଜେଲଦଣ୍ଡ ହୋଇଛି। ଏଥିସହ ଅଭିଯୁକ୍ତଦ୍ୱୟଙ୍କୁ ୧୦ ହଜାର ଲେଖାଏ ଅର୍ଥଦଣ୍ଡରେ ମଧ୍ୟ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ ଅଧିକ ୨ ମାସ ଜେଲ ଭୋଗିବାକୁ ବିଚାରପତି ସସ୍ମିତା ପାଢ଼ୀ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୨୦ ଅକ୍ଟୋବର ୧୫ ସନ୍ଧ୍ୟାରେ ଚନ୍ଦକା ଦାଶପୁର ବ୍ରିଜ ନିକଟରେ ବନ୍ଧୁକ କାରବାର ହେଉଥିବା ଖବର ପାଇ ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରିଥିଲା। ଏକ ବାଇକରେ ବ୍ୟାଗ ଯୋଗେ ବନ୍ଧୁକ ଆଣି ଚାଲାଣ କରିବାକୁ ରାକେଶ, ବିକାଶ ଓ ସହଯୋଗୀ ନିଲୁ ବେହେରା ଠିଆ ହୋଇଥିବାବେଳେ ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରିଥିଲା। ହେଲେ ଅନ୍ଧାରର ସୁଯୋଗ ନେଇ ନିଲୁ ସେଠାରୁ ଖସି ପଳାଇଥିଲେ। ଏସ୍‌ଟିଏଫ୍ ଟିମ୍ ରାକେଶ, ବିକାଶଙ୍କୁ ଗିରଫ କରିବା ପରେ ସେମାନେ ଧରିଥିବା ବ୍ୟାଗ୍‌ରୁ ୮ଟି ବନ୍ଧୁକ ଓ ୧୨ଟି ଅଫୁଟା ଗୁଳି ଜବତ କରିଥିଲା। ଏନେଇ ଏସ୍‌ଟିଏଫ୍ ଏକ ମାମଲା (ନଂ.୨୫/୨୦୨୦) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରିବା ପରେ ଉଭୟଙ୍କୁ ଜେଲ ପଠାଯାଇଥିଲା। ୨୦୨୧ ଜାନୁୟାରୀ ୧୫ରେ ଏହି ମାମାଲାରେ କୋର୍ଟରେ ଏସ୍‌ଟିଏଫ୍ ଚାର୍ଜଶିଟ ଦାଖଲ କରିବା ପରେ ଶୁଣାଣି ଆରମ୍ଭ ହୋଇଥିଲା। ୬ ଜଣଙ୍କ ସାକ୍ଷ୍ୟ ଓ ଅନ୍ୟ ଦସ୍ତାବିଜ ଆଧାରରେ କୋର୍ଟ ରାୟ ଶୁଣାଇଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ରଶ୍ମୀରଞ୍ଜନ ବ୍ରହ୍ମା ମାମଲା ପରିଚାଳନା କରୁଥିଲେ।

**୩ ଦିନରେ ସାଲେପୁରରେ ୨ କରୋନା ପଜିଟିଭ**

ସାଲେପୁର,(ଡି.ଏନ.ଏ.) ସାଲେପୁର ଅଞ୍ଚଳରେ ୩ ଦିନ ମଧ୍ୟରେ ୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୂତ୍ରରୁ ଜଣାପଡିଛି। ବାଲିସାହି ୩୫ ବର୍ଷୀୟ ମହିଳା ଓ ଅଲ୍ଲାପୁରର ୪୫ ବର୍ଷୀୟ ଯୁବକ ପଜିଟିଭ ଚିହ୍ନଟ ହୋଇଛନ୍ତି। ତେବେ ପ୍ରାୟ ୧୦ ଦିନ ମଧ୍ୟରେ ସାଲେପୁର ଅଞ୍ଚଳରେ ୫ ଜଣ ପଜିଟିଭ ଚିହ୍ନଟ ହୋଇଥିବା ଜଣାଯାଇଛି।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କଣ୍ଟାପଡା,୧୯।୪(ଡି.ଏନ୍.ଏ.): ଓଲଟପୁର ଥାନା ଅନ୍ତର୍ଗତ ବାଘୁଆ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ତାଙ୍କ ପୁତୁରାଙ୍କ ଝୁଲନ୍ତା ମୃତଦେହକୁ ବୁଧବାର ପୋଲିସ ଜବତ କରିଛି। ସେ ହେଲେ ଭୁବନେଶ୍ୱରସ୍ଥିତ କଣ୍ଟାଗୋଠ ଗ୍ରାମର ବିଶ୍ୱଜିତ୍ ବେହେରା(୨୫)। ମିଳିଥିବା ସୂଚନା ଅନୁଯାୟୀ, ବିଶ୍ୱଜିତ୍ ବାଘୁଆ ଗ୍ରାମର ମଉସା ଗୋପାଳ ବେହେରାଙ୍କ ଘରକୁ ମଙ୍ଗଳବାର ସନ୍ଧ୍ୟାରେ ବୁଲିବାକୁ ଆସିଥିଲେ। ସେ ଖାଇସାରି ନିକଟରେ ଥିବା ଗୋପାଳଙ୍କ ଅନ୍ୟ ଏକ ଘରକୁ ଶୋଇବା ପାଇଁ ଯାଇଥିଲେ। ବୁଧବାର ସକାଳେ ବିଶ୍ୱଜିତ୍ ଉଠିବାରେ ବିଳମ୍ବ ହେବାରୁ ଗୋପାଳଙ୍କ ପୁଅ ସନ୍ତୋଷ ସେଠାକୁ ଯାଇ ଡାକିଥିଲେ। ହେଲେ ସେ କବାଟ ଖୋଲି ନ ଥିଲେ। ଫଳରେ ଘରର ଝରକା ତଡାଯିବାରୁ ବିଶ୍ୱଜିତ୍‌ଙ୍କ ମୃତଦେହ ଫ୍ୟାନରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଏ ନେଇ ଗୋପାଳ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବାବେଳେ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩/୨୩) ରୁଜୁ ହୋଇଛି।

### ସାମପୁର ମତ୍ସ୍ୟ ସେବା ସମବାୟ ସମିତିର ବୈଠକ

ବାଙ୍କୀ,୧୯।୪(ସ୍ୱ.ପ୍ର.):ବାଙ୍କୀ ବ୍ଲକ ଅନ୍ତର୍ଗତ ସାମପୁର ମତ୍ସ୍ୟ ସେବା ସମିତିର ସାଧାରଣ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ପ୍ରାଣକୃଷ୍ଣ ଦଳେଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜୁ ପଟ୍ଟନାୟକ କେନ୍ଦ୍ର ମତ୍ସ୍ୟଜୀବୀ ସମିତି କଟକର ସଭାପତି ଦେବେନ୍ଦ୍ର କାହାଲୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସେ ମତ୍ସ୍ୟ ଚାଷୀମାନଙ୍କର କିପରି ଉନ୍ନତି କରାଯାଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢୀ, ସମ୍ମାନିତ ଅତିଥି ଭାବେ ଏସ୍‌ଏଫ୍‌ଟିଏ ରୋଜାଲିନ୍ ସାହୁ ଓ ମତ୍ସ୍ୟ ବିଭାଗ ଇନ୍ସପେକ୍ଟର ଅରବିନ୍ଦ ତରାଇ ଯୋଗଦେଇ ମତ୍ସ୍ୟ ଚାଷୀମାନଙ୍କ ପାଇଁ ରାଜ୍ୟ ସରକାର ପ୍ରଣୟନ କରିଥିବା ଆଇନ ତର୍ଜମା କରିଥିଲେ। ସମ୍ପାଦକ କାଳନ୍ଦୀ ଦଳେଇ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିବା ସହ ସମିତିର ଆୟବ୍ୟୟ ଉପସ୍ଥାପନ କରିଥିଲେ।

### ବାଙ୍କୀ କଲେଜ ଓଡ଼ିଆ ସାହିତ୍ୟ, ଶିକ୍ଷା ବିଭାଗ ପକ୍ଷରୁ ସମ୍ବର୍ଦ୍ଧନା

ବାଙ୍କୀ,୧୯।୪(ସ୍ୱ.ପ୍ର.):ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ସାହିତ୍ୟ ଓ ଭାଷା, ଶିକ୍ଷା ବିଭାଗ ପକ୍ଷରୁ ବୁଧବାର ଶେଷବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଓ ଭାଷା ବିଭାଗୀୟ ମୁଖ୍ୟ ଡ. ସନ୍ତୋଷ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇଥିଲେ। ଅତିଥି ଭାବେ ଡ. ସସ୍ମିତା ଦାଶ, ଅଧ୍ୟାପିକା ସରସ୍ୱତୀ ଦେଉରୀ ପ୍ରମୁଖ ଯୋଗଦେଇଥିଲେ। ସେହିପରି ମହାବିଦ୍ୟାଳୟର ଶିକ୍ଷା ସ୍ନାତକୋତ୍ତର ବିଭାଗର ଶେଷବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ତଥା ଉପାଧ୍ୟକ୍ଷ ପ୍ରାଧ୍ୟାପକ ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ଯୋଗ ଦେଇ ସମସ୍ତ ଛାତ୍ରୀଛାତ୍ରଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ।

# କୃଷି ଶିକ୍ଷାର ହବ୍ ହେବ ଏନ୍‌ଆର୍‌ଆର୍‌ଆଇ

**■ଚଳିତ ବର୍ଷରୁ ୩ ପାଠ୍ୟକ୍ରମରେ ପାଠପଢ଼ା**
**■୬୦ ସିଟ୍‌କୁ ମିଳିଛି ଅନୁମୋଦନ**

କଟକ ଅଫିସ,୧୯।୪




କଟକ ଉପକଣ୍ଠ ବିଦ୍ୟାଧରପୁରଠାରେ ଥିବା ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ (ଏନ୍‌ଆର୍‌ଆର୍‌ଆଇ) କୃଷି ଶିକ୍ଷାର ହବ୍ ପାଲଟିବ। ଏହି ଐତିହାସିକ ପ୍ରତିଷ୍ଠାନ କୃଷି ଗବେଷଣା ସହ ଶିକ୍ଷାଦାନର ଏକ ପ୍ରମୁଖ ପ୍ରତିଷ୍ଠାନ ହେବ। କୃଷିଶିକ୍ଷା ନିମନ୍ତେ ଚୟନ ହୋଇଥିବା ଦେଶର ପ୍ରମୁଖ ୧୫ଟି ସହର ମଧ୍ୟରେ କଟକ ସାମିଲ ହୋଇ ଗୌରବ ବୃଦ୍ଧି କରିଛି। ଚଳିତବର୍ଷ ପ୍ରଥମଥର ପାଇଁ ଛାତ୍ରୀଛାତ୍ରମାନେ ୩ ପ୍ରକାର ପାଠ୍ୟକ୍ରମ (ବିଏସ୍.ସି. ଏଜି, ଏମ୍ଏସ୍.ସି. ଏଜି. ଓ ପିଏଚ୍.ଡି.)ରେ ନାମ ଲେଖାଇବାର ସୁଯୋଗ ପାଇବେ ବୋଲି ପ୍ରତିଷ୍ଠାନ ପକ୍ଷରୁ ଜଣାପଡିଛି।

ମିଳିଥିବା ସୂଚନା ଅନୁଯାୟୀ, ଦେଶରେ ନୂତନ ଶିକ୍ଷାନୀତି ପ୍ରଣୟନ ହେବା ପରେ ନୂଆଦିଲ୍ଲୀସ୍ଥିତ ଇଣ୍ଡିଆନ୍ ଏଗ୍ରିକଲଚରାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ଅଧୀନରେ ଦେଶର ୧୫ଟି ସହରରେ କୃଷିଶିକ୍ଷାର ହବ୍ ପ୍ରତିଷ୍ଠା କରାଯାଇଛି। ହାଇଦ୍ରାବାଦ, କୋଲକାତା, ପୁଣେ, ପାଟ୍ନା, ଲକ୍ଷ୍ନୌ, ରାୟପୁର ଭଳି କଟକ ଏଥିରେ ସ୍ଥାନ ପାଇଛି। କଟକସ୍ଥିତ ଏନ୍‌ଆର୍‌ଆର୍‌ଆଇରେ ୩ଟି ପାଠ୍ୟକ୍ରମରେ ୬୦ଟି ସିଟ୍‌କୁ ଅନୁମୋଦନ ମିଳିଛି। ସେଥିମଧ୍ୟରେ ବିଏସ୍‌ସି ଏଜି ପାଠ୍ୟକ୍ରମରେ ୩୦, ଏମ୍ଏସ୍‌ସି ଏଜି ପାଠ୍ୟକ୍ରମରେ ୨୦ ଓ ପିଏଚ୍‌ଡି ପାଠ୍ୟକ୍ରମରେ ୧୦ଟି ସିଟ୍ ରହିଛି। ଚଳିତବର୍ଷଠାରୁ ପାଠପଢ଼ା ଆରମ୍ଭ ହେବା ନିମନ୍ତେ ଜାତୀୟ ସ୍ତରରେ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ଦ୍ୱାରା ପ୍ରବେଶିକା ପରୀକ୍ଷା ପାଇଁ ଛାତ୍ରୀଛାତ୍ରମାନେ ଆବେଦନ କରିଛନ୍ତି। ଜୁଲାଇରେ ନାମଲେଖା ହେବା ପରେ ଅଗଷ୍ଟରୁ ପାଠପଢ଼ା ଆରମ୍ଭ ହେବ। ଦୀର୍ଘବର୍ଷ ଧରି ଏହି ପ୍ରତିଷ୍ଠାନ ବିଶ୍ୱକୁ ନୂଆ ନୂଆ କିସମର ଧାନ ଉତ୍ପାଦନ କରି ଭେଟି ଦେଇଥିବାବେଳେ ଏବେ ପୁଣି ଶିକ୍ଷାକ୍ଷେତ୍ରରେ ଏକ ନୂତନ ଦିଗନ୍ତ ସୃଷ୍ଟି କରିବାକୁ ଯାଉଛି, ଯାହାକୁ ନେଇ ଓଡ଼ିଶା ସମେତ ରାଜ୍ୟ ବାହାରର ମେଧାବୀ ଛାତ୍ରୀଛାତ୍ରମାନେ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି।

ଏନ୍‌ଆର୍‌ଆର୍‌ଆଇ ନିର୍ଦ୍ଦେଶକ ଡ. ଅମରେଶ କୁମାର ନାୟକ କହିଛନ୍ତି, ପ୍ରତିଷ୍ଠାନ ଭିତ୍ତିଭୂମି ଅନୁସାରେ ୬୦ଟି ସିଟ୍‌ରେ ପାଠପଢ଼ା ନିମନ୍ତେ ଅନୁମୋଦନ ମିଳିଛି। ଆଗାମୀ ଦିନରେ ଭିତ୍ତିଭୂମିକୁ ସୁଦୃଢ଼ କରାଯିବା ସହ ସିଟ୍ ସଂଖ୍ୟା ବଢ଼ିବା ନେଇ ଆଶାବାଦୀ ରହିଛୁ। ଚଳିତବର୍ଷ ପାଠପଢ଼ା ନିମନ୍ତେ ସ୍ମାର୍ଟ କ୍ଲାସ୍ ରୁମ୍ ସାଙ୍ଗକୁ ଅନ୍ୟାନ୍ୟ ବ୍ୟବସ୍ଥା, ଉପକରଣ ରହିଛି। ଶିକ୍ଷାଦାନ ନିମନ୍ତେ ଏଠାରେ ୧୦୦ ଜଣ କୃଷି ବୈଜ୍ଞାନିକ ଅଛନ୍ତି। ଛାତ୍ରୀଛାତ୍ରଙ୍କ ରହିବା ନିମନ୍ତେ ହଷ୍ଟେଲ ରହିଛି। ନୂଆ ଶିକ୍ଷାନୀତି ଅନୁଯାୟୀ କୃଷିଶିକ୍ଷା ନିମନ୍ତେ ସବୁପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା ପ୍ରସ୍ତୁତ ରହିଛି। ପୂର୍ବରୁ ରାୟପୁର ଇନ୍ଦିରା ଗାନ୍ଧୀ ବିଶ୍ୱବିଦ୍ୟାଳୟ ସମେତ ଓୟୁଏଟି, ଉତ୍କଳ ବିଶ୍ୱବିଦ୍ୟାଳୟ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ସୋଆ, ଶାନ୍ତି ନିକେତନକୁ ଛାତ୍ରୀଛାତ୍ରମାନେ ସେମାନଙ୍କର ଥେସିସ୍ ପ୍ରସ୍ତୁତ କରିବା ନିମନ୍ତେ ଆସୁଥିଲେ। ହେଲେ ଏବେ ଏଠାରେ ଅନୁମୋଦିତ ୩ଟି ପାଠ୍ୟକ୍ରମରେ ପାଠପଢ଼ା ହେବ, ଯାହା ଜାତୀୟ ସ୍ତରରେ ଓଡ଼ିଶାର ନାମକୁ ଉଜ୍ଜ୍ୱଳ କରିବ।

# ମା'ବାପାଙ୍କୁ ଫାର୍ସାରେ ହାଣିଲେ ପୁଅ

**ସମ୍ପତ୍ତି ଭାଗ ବଣ୍ଟାକୁ ନେଇ ବିବାଦ**

ନିଶ୍ଚିନ୍ତକୋଇଲି ୧୯।୪(ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଥାନା ନରେନ୍ଦ୍ରପୁର ଗାଁରେ ପୈତୃକ ସମ୍ପତ୍ତି ଭାଗବଣ୍ଟାକୁ ନେଇ ବିବାଦ ପରେ ଉତ୍ତ୍ୟକ୍ତ ପୁଅ ନିଜ ମା'ବାପା ଓ ଭାଉଜଙ୍କୁ ଫାର୍ସାରେ ହାଣିଥିବା ଅଭିଯୋଗ ହୋଇଛି। ମା'ବାପା ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

ନରେନ୍ଦ୍ରପୁର ଗାଁର ବାବାଜୀ ନାୟକଙ୍କ ମଝିଆ ପୁଅ ମାୟାଧର ସମ୍ପତ୍ତି ଭାଗ ନେବା ନିମନ୍ତେ ବହୁଦିନ ହେଲା ଦାବି କରିଆସୁଥିଲେ। ଏହାକୁ ନେଇ ପରିବାରରେ ବିବାଦ ଲାଗିରହିଥିଲା। ମଙ୍ଗଳବାର ରାତ୍ରି ପ୍ରାୟ ୮ଟାରେ ପରିବାର ମଧ୍ୟରେ କଳହ ହୋଇଥିଲା। ଏଥିରେ ମାୟାଧର ଉତକ୍ଷିପ୍ତ ହୋଇ ଏକ ଫାର୍ସାରେ ବାପା ବାବାଜୀ(୮୦) ଓ ମା' ମାତାଜୀ(୭୦)ଙ୍କ ମୁଣ୍ଡ, ପିଠି ଓ ହାତକୁ ହାଣି ଦେଇଥିଲେ। ଫଳରେ ମାତାଜୀ, ବାବଜୀଙ୍କ ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ହୋଇଥିଲା। ଏମାନଙ୍କୁ ଉଦ୍ଧାର କରିବାକୁ ଆସିଥିବା ଭାଉଜ ମାଳତୀ ଓ ଝିଆରୀ ଜ୍ୟୋତିଶ୍ରୀଙ୍କୁ ମଧ୍ୟ ମାୟାଧର ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରୁ ମାତାଜୀ,ବାବାଜୀଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏ ସମ୍ପର୍କରେ ଭାଉଜ ମାଳତି ନେମାଳ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଆଇଆଇସି ଗୌରାଙ୍ଗ ବିଶ୍ୱାଳଙ୍କୁ ଘଟଣା ସମ୍ପର୍କରେ ପଚାରିବାରେ ଅଭିଯୋଗ ମିଳିଛି। ଘଟଣାସ୍ଥଳକୁ ଯାଇ ତଦନ୍ତ କରାଯାଇଛି। ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ସେ କହିଛନ୍ତି।

# ପଥର ଖଣି ସୁପରଭାଇଜରଙ୍କୁ ପଥରରେ ଛେଚି ହତ୍ୟା



ଉତ୍ତ୍ୟକ୍ତ ଲୋକେ ୬୫ ନଂ. ରାଜ୍ୟ ରାଜପଥ ଅବରୋଧ କରିଛନ୍ତି।

**■ ପୂର୍ବ ଶତ୍ରୁତାରୁ ପୁଅକୁ ମାରିଦେଲେ**
**■ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ**

ଟିଗିରିଆ, ୧୯।୪(ଡି.ଏନ.ଏ.)

କଟକ ଜିଲା ଟିଗିରିଆ ଥାନା ଅନ୍ତର୍ଗତ ଜେମାଦେଈପୁର ପଞ୍ଚାୟତର ଏକ ପଥର ଖଣିରେ ସୁପରଭାଇଜର ଭାବେ କାର୍ଯ୍ୟରତ ଯୁବକଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବୁଧବାର ପଥରରେ ଛେଚି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଆକ୍ରମଣକାରୀ ଯୁବକମାନେ ଫେରାର ଅଛନ୍ତି।

ଅଭିଯୋଗ ମୁତାବକ, ଜେମାଦେଈପୁର ପଞ୍ଚାୟତ ବଉଳସାହିର ବିଶ୍ୱନାଥ ବାରିକ (୨୫) ଭେଜିଆ ଜଙ୍ଗଲ ନିକଟସ୍ଥ ବାଇଖାଲୀ କଳାମୁଗୁନି ପଥର ଖଣିରେ ସୁପରଭାଇଜର ଭାବେ କାର୍ଯ୍ୟ କରନ୍ତି। ବୁଧବାର ସକାଳୁ ସେ ଖଣିକୁ କାମ କରିବାକୁ ଯାଇଥିଲେ। ମଧ୍ୟାହ୍ନରେ ବିଶ୍ୱନାଥଙ୍କ ମା' ମଙ୍ଗୁଳତା ଓ ବାପା ବେଣୁଧର ପୁଅ ପାଇଁ ଭାତ ଖାଇବାକୁ ନେଇ ଯାଇଥିଲେ। ଖାଇ ସାରିଲା ବେଳକୁ ୫୦୦ ମିଟର ଦୂର ଭୋଗଡ଼ା ପଞ୍ଚାୟତର ଗୋକର୍ଣ୍ଣଖାଲ ଗ୍ରାମର ୨୫ ଜଣ ଯୁବକ ଲୁହା ରଡ଼ ଧରି ଆସି ପୁଅ ବେକରେ ଗାମୁଛା ପକାଇ ଘୋଷାରି ପ୍ରବଳ ମାଡ଼ ମାରି ନେଇ ଯାଇଥିଲେ। ଖଣି ମାଲିକ ଜ୍ୟାଫତ ଖାଁଙ୍କ ମାଧ୍ୟମରେ ଥାନାକୁ ଖବର ଦେବାରୁ ପୋଲିସ ଆସିଥିଲା। ସେତେବେଳକୁ ବିଶ୍ୱନାଥଙ୍କ ମୃତଦେହ ଗୋକର୍ଣ୍ଣଖାଲ ଶବରସାହି ନିକଟସ୍ଥ ରେଙ୍ଗାଲି ଦକ୍ଷିଣ କେନାଲ ନିକଟରେ ଖଣ୍ଡିଆ ଖାବରା ଅବସ୍ଥାରେ ପଛ ପଟେ ହାତବନ୍ଧା ହୋଇ ପଡ଼ିଥିଲା। ମୃତଦେହକୁ ଉଦ୍ଧାର କରି ସ୍ଥାନୀୟ ଯୁବକମାନେ ଜେମାଦେଈପୁର ପଞ୍ଚାୟତ ସଂଲଗ୍ନ ୬୫ ନଂ. ରାଜ୍ୟ ରାଜପଥ ଅବରୋଧ କରିଥିଲେ। ଖବରପାଇ ଆଇଆଇସି ସୁଚିତ୍ରା ଜେନା, ଆଠଗଡ଼ ଏସ୍‌ଡିପିଓ ବିଜୟ କୁମାର ବିଶି, ଟିଗିରିଆ ତହସିଲଦାର ପ୍ରମୋଦ କୁମାର ବାସ୍କେ, ରାସ୍ତା ଅବରୋଧକାରୀଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ଅଭିଯୁକ୍ତମାନଙ୍କୁ ୨୪ ଘଣ୍ଟା ମଧ୍ୟରେ ଗିରଫ କରିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ପୋଲିସ ମୃତଦେହକୁ ଜବତ କରି ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବାପା ବେଣୁଧରଙ୍କ ଅଭିଯୋଗ ଅନୁଯାୟୀ, ମାର୍ଚ୍ଚ ୮ ତାରିଖ ହୋଲି ଦିନ ଏକ ଗଣ୍ଡଗୋଳରେ ଗୋକର୍ଣ୍ଣଖାଲ ଗ୍ରାମର ୪ ଜଣ ଯୁବକଙ୍କୁ ପୁଅ ବିଶ୍ୱନାଥ ଓ ସହଯୋଗୀ ମାଡ ମାରିଥିବା କାରଣରୁ ହତ୍ୟା କରାଯାଇଛି। ଏ ନେଇ ଥାନାରେ ନଂ. ୭୬/୨୩ରେ ମାମଲା ରୁଜୁ ହୋଇଛି। ଏଏସ୍‌ଆଇ ସନ୍ତୋଷ କୁମାର ପ୍ରଧାନ ଏହି ଘଟଣାର ତଦନ୍ତ କରୁଛନ୍ତି। ଖବର ଲେଖା ପର୍ଯ୍ୟନ୍ତ ପୋଲିସ କାହାକୁ ଗିରଫ କରି ନ ଥିବା ଥାନା ସୂତ୍ରରୁ ପ୍ରକାଶ। ସୂଚନାଯୋଗ୍ୟ, ମୃତ ବିଶ୍ୱନାଥ କଟରା ଗ୍ୟାଙ୍ଗ ନାମରେ ଏକ ଗ୍ୟାଙ୍ଗ କରି ବାଡ଼ିଆ ପିଟା କରିଥିବା ଟିଗିରିଆ ଅଞ୍ଚଳରେ ଚର୍ଚ୍ଚାରେ ଥିଲେ।

## ମାଙ୍କଡ଼ କାମୁଡ଼ାରେ ୩ ଗୁରୁତର

ମାହାଙ୍ଗା,୧୯।୪(ସ୍ୱ.ପ୍ର.)

ଜଙ୍ଗଲ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଫଳରେ ମାଙ୍କଡ ଗାଁମୁହାଁ ହେବା ସହ ଉତ୍ପାତ କରୁଛନ୍ତି। ଦୀର୍ଘଦିନ ହେବ ଗୋଟିଏ ମାଙ୍କଡ଼ ମାହାଙ୍ଗା ବ୍ଲକ ଲଳିତଗିରି ଓ ପଣସପୁର ପଞ୍ଚାୟତରେ ଲୋକମାନଙ୍କୁ କାମୁଡ଼ି ଆହତ କରିଥିବା ଜଣାପଡିଛି। ସୂଚନା ମୁତାବକ, ଲଳିତଗିରି ପଞ୍ଚାୟତ ପୁରୁଷୋତ୍ତମପୁର ଗାଁର କିରଣବାଳା ମହାନ୍ତି (୫୫), ପ୍ରିୟାଂଶୀ ରାଉତ(୫) ଏବଂ ବଡଚଣା ବ୍ଲକ ନଳୀପୁର ଗ୍ରାମର ଶୁଶିଆ ବାରିକଙ୍କୁ କାମୁଡି କ୍ଷତାକ୍ତ କରିଥିବା ଜଣାପଡିଛି। ଫଳରେ ସେମାନେ ପ୍ରଥମେ ନଡ଼ିଆସାହାସପୁର ଓ ପରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାପଡିଛି। ତେଣୁ ଏହି ମାଙ୍କଡ଼କୁ ତୁରନ୍ତ ଧରିବାକୁ ସ୍ଥାନୀୟ ଅଞ୍ଚଳବାସୀ ବନ ବିଭାଗ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ସଫା ବନପାଳ କୃଷ୍ଣଚନ୍ଦ୍ର ଗୁଡୁଙ୍କୁ ପଚାରିବାରୁ ଆମ ନିକଟରେ ମାଙ୍କଡ଼ କାମୁଡ଼ିବା ନେଇ ଖବର ନାହିଁ। ଏ ସମ୍ପର୍କରେ ଖବର ଆପଣଙ୍କଠାରୁ ପାଇଲୁ । ଏଣୁ ଖୁବ୍‌ଶୀଘ୍ର କାମୁଡୁଥିବା ମାଙ୍କଡ଼କୁ ଧରାଯିବ ବୋଲି ସେ କହିଥିଲେ।

## ମତ୍ସ୍ୟ ବିଭାଗ ପକ୍ଷରୁ ମହାନଦୀରେ ମାଛ ଯାଆଁଳ ଛଡ଼ାଗଲା

ବାଙ୍କୀ,୧୯।୪(ସ୍ୱ.ପ୍ର.)

ମହାନଦୀର ନରାଜ ବ୍ୟାରେଜ୍ ତଳମୁଣ୍ଡର ଗଡ଼ଗଡ଼ିଠାରେ କଟକ ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ବୁଧବାର ମାଛ ଯାଆଁଳ ଛାଡିବା ଅନ୍ତିମ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି (କୃଷି, ମତ୍ସ୍ୟ, ପ୍ରାଣୀସମ୍ପଦ, ବିକାଶ) ଅଧ୍ୟକ୍ଷ ତଥା ଡମପଡ଼ା ବ୍ଲକ ଜିଲା ପରିଷଦ ସଭ୍ୟ ଆଶିଷ କୁମାର ସାହୁ ଏହାର ଶୁଭାରମ୍ଭ କରିଥିଲେ। କଟକ ଜିଲା ମତ୍ସ୍ୟ ଅଧିକାରୀ ଇତିଶ୍ରୀ ରଥ, ଅତିରିକ୍ତ ମତ୍ସ୍ୟ ଅଧିକାରୀ ଦେବୀଦତ୍ତ ମହାନ୍ତି, ଜିଲା କେନ୍ଦ୍ରୀୟ ସମିତି ସଭାପତି ଦେବେନ୍ଦ୍ର କାହାଳୀ, ଡମପଡ଼ା ବ୍ଲକ ରଗଡି ପଞ୍ଚାୟତ ସମିତିସଭ୍ୟ ଭାଗୀରଥି ପାଣି ଓ ପ୍ରଫୁଲ୍ଲ କୁମାର ବେହେରା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବଡ଼ମ୍ବାରେ ଚନ୍ଦନଯାତ୍ରା ପାଇଁ ରାଜାଙ୍କୁ ନିମନ୍ତ୍ରଣ



ବଡ଼ମ୍ବା ଦେବୋତ୍ତର ବିଭାଗ ପକ୍ଷରୁ ରାଜାଙ୍କୁ ନିମନ୍ତ୍ରଣ ପତ୍ର ଦିଆଯାଉଛି।

ବଡ଼ମ୍ବା,୧୯।୪(ଡି.ଏନ୍.ଏ.)

ବଡମ୍ବାର ପ୍ରସିଦ୍ଧ ଚନ୍ଦନ ତଥା ଭଉଁରୀ ଯାତ୍ରା ପାଇଁ ସ୍ଥାନୀୟ ଦେବୋତ୍ତର ବିଭାଗ ପକ୍ଷରୁ ବୁଧବାର ବଡ଼ମ୍ବା ରାଜାଙ୍କୁ ନିମନ୍ତ୍ରଣ କରାଯାଇଛି। ଚନ୍ଦନଯାତ୍ରା ଅକ୍ଷୟ ତୃତୀୟାଠାରୁ ୨୧ ଦିନ ଧରି ଅନୁଷ୍ଠିତ ହେବ। ଶେଷ ୫ ଦିନ ମହୋତ୍ସବ ରୂପେ ପାଳନ କରାଯିବ। ଏହି ଅବସରରେ ପୂର୍ବରୁ ପ୍ରଚଳିତ ବିଧିବିଧାନ ଅନୁଯାୟୀ ବଡମ୍ବା ରାଜା ତ୍ରିବିକ୍ରମଦେବ ବୀରବର ମଙ୍ଗରାଜ ମହାପାତ୍ରଙ୍କୁ ଦେବୋତ୍ତର ବିଭାଗ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ତହସିଲଦାର ନୀଳକଣ୍ଠ ବେହେରା ବୁଧବାର ରାଜବାଟୀସ୍ଥିତ ବାସଭବନକୁ ଯାଇ ନିମନ୍ତ୍ରିତ କରିଥିଲେ। ନିମନ୍ତ୍ରଣ ସମୟରେ କୁମାର ସାହେବ ତଥା ପଞ୍ଚାୟତ ତ୍ରିଭୁବନ ଚନ୍ଦ୍ର ଦେବ, ଚନ୍ଦନ ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ଚିନ୍ମୟ ପଟ୍ଟନାୟକ, ସମ୍ପାଦକ ଗିରିଜା ପ୍ରସାଦ ମିଶ୍ର, ସହସମ୍ପାଦକ ରବୀନ୍ଦ୍ର ବାରିକଙ୍କ ସମେତ ଅତିରିକ୍ତ ତହସିଲଦାର ତପନ କୁମାର ପରିଡ଼ା, ଦେବୋତ୍ତର ବିଭାଗର ସୁପରଭାଇଜର ବିପିନ ବିହାରୀ ପୂର୍ବରା, ତହସିଲ କାର୍ଯ୍ୟାଳୟର କର୍ମଚାରୀ ଶୈଳେନ୍ଦୁ ଶେଖର ନାୟକ ପୁପୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ପାଣି ପାଇଁ ଲଳିତଗିରିର ୩ ୱାର୍ଡବାସୀ ହନ୍ତସନ୍ତ

**୫ ଦିନ ହେଲା ପାନୀୟ ଜଳ ପ୍ରକଳ୍ପ ଅଚଳ**

ମାହାଙ୍ଗା,୧୯।୪(ସ୍ୱ.ପ୍ର.)

ବର୍ତ୍ତମାନ ପ୍ରବଳ ଗୁଳୁଗୁଳି ସହ ତାପମାତ୍ରା ବୃଦ୍ଧି ଯୋଗୁ ଲୋକମାନେ ଆଉଟୁ ପାଉଟୁ ହେଉଛନ୍ତି। ଏଭଳି ପରିସ୍ଥିତିରେ ୫ ଦିନ ହେବ ପାନୀୟ ଜଳ ପ୍ରକଳ୍ପ ଅଚଳ ହେବା ଦ୍ୱାରା ଲୋକମାନେ ପାଣି ପାଇଁ ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ଲଳିତଗିରି ଗାଁରେ ପାନୀୟ ଜଳ ପ୍ରକଳ୍ପ ଜୁଇପୁରଠାରୁ ବୋର୍‌ୱେଲ ଦ୍ୱାରା ପାଣି ଉଠାଯାଇ ଲଳିତଗିରି ଶନି ଛକ ନିକଟ ସେଠୀ ସାହିଠାରେ ପାଣି ଗଚ୍ଛିତ କରାଯାଇ ସେଠାରୁ ମଟର ଯୋଗେ ଲଳିତଗିରି ୱାର୍ଡ ନଂ. ୫, ୬ ଓ ୭କୁ ପାଣି ଯୋଗାଇ ଦିଆଯାଇଥାଏ। କିନ୍ତୁ ଏହି ପ୍ରକଳ୍ପଟି ଅଚଳ ହୋଇଯିବାରୁ ୩ୱାର୍ଡରେ ୫ ଦିନ ହେବ ପାଣି ଯୋଗାଇ ଦିଆଯାଇପାରୁନାହିଁ। ଫଳରେ ଲୋକମାନେ ପାଣି ବୁନ୍ଦାଏ ପାଇଁ ହନ୍ତସନ୍ତ ହେଉଥିବା ଅଭିଯୋଗ କରିଛନ୍ତି। ତେଣୁ ବିଭାଗୀୟ ଉଚ୍ଚ ଅଧିକାରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ତୁରନ୍ତ ପାଣି ଯୋଗାଇଦେବାକୁ ୱାର୍ଡବସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଲଳିତଗିରି ସରପଞ୍ଚ ବଳରାମ ବେହେରାଙ୍କୁ ପଚାରିବାରେ ପାଣିର ସ୍ତର ହ୍ରାସ ପାଇ ଥିବାରୁ ମଟର ଠିକ୍ ଭାବେ ପାଣି ଉଠାଇ ପାରୁନାହିଁ।

# ଜମି ଦଖଲକୁ ନେଇ ଉତ୍ତେଜନା

ଚୌଦ୍ୱାର,୧୯।୪(ଡି.ଏନ୍.ଏ.)

ଚୌଦ୍ୱାର ଥାନା ଅଧୀନ ହରିଡାପାଳ ଗ୍ରାମରେ ଜମି ଦଖଲକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଉକ୍ତ ଜମିରେ ୪୦ରୁ ଉର୍ଦ୍ଧ୍ୱ ପରିବାର ବାସ କରୁଛନ୍ତି। ଏହି ଗ୍ରାମରେ ଥିବା ଏକମାତ୍ର ପ୍ରାଥମିକ ବିଦ୍ୟାଳୟରେ ହରିଡ଼ାପାଳ ସହିତ ଆଖପାଖ ପ୍ରାୟ ୬ଟି ଗ୍ରାମର ପିଲାମାନେ ପଢୁଛନ୍ତି। ବୁଧବାର ହଠାତ୍ କେତେଜଣ ଲୋକ ଜେସିବି ମେଶିନ ନେଇ ଗ୍ରାମରେ ପହଞ୍ଚିବା ସହିତ ବିଦ୍ୟାଳୟକୁ ଛାଡି ଆଖପାଖ ଜାଗା ସଫା କରିଥିଲେ। ଖବରପାଇ ଗ୍ରାମବାସୀ ପହଞ୍ଚି କାହିଁକି ସଫା କରୁଛ ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ଜମି ମାଲିକ ବୋଲାଉଥିବା ବ୍ୟକ୍ତି କହିଥିଲେ, ବିଦ୍ୟାଳୟ ସହିତ ଏହାର ଚତୁପାର୍ଶ୍ୱର ମୋଟ ସାଢେ ୪ଏକର ଜମି ମୋର। ଏହାକୁ ନେଇ ସମ୍ପୃକ୍ତ ବ୍ୟକ୍ତି ଓ ଗ୍ରାମବାସୀଙ୍କ ମଧ୍ୟରେ ପାଟିତୁଣ୍ଡ ହେବାରୁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଚୌଦ୍ୱାର ଥାନା ଏସ୍‌ଆଇ ଦିଲୀପ ମର୍ଦ୍ଦରାଜ ଭୂୟାଁ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଉତ୍ତ୍ୟକ୍ତ ଲୋକେ ଶାନ୍ତ ହୋଇଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କ କହିବାନୁଯାୟୀ, ସେ କିଣିଥିବା ଜମି ମଧ୍ୟରୁ ୧୬ ଗୁଣ୍ଠ ଜମିରେ ବିଦ୍ୟାଳୟ ରହିଛି। ତେଣୁ ଉକ୍ତ ବିଦ୍ୟାଳୟ ଜମି ଛାଡିବାକୁ ରାଜି ଅଛି। ହେଲେ ଗ୍ରାମବାସୀ ସମ୍ପୃକ୍ତ ବ୍ୟକ୍ତିଙ୍କ କଥାକୁ ବିଶ୍ୱାସ କରିପାରୁ ନାହାନ୍ତି। ତହସିଲ କାର୍ଯ୍ୟାଳୟରେ ରେକର୍ଡ ଯାଞ୍ଚ ପରେ ତହସିଲଦାର ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ସମସ୍ୟାର ସମାଧାନ କରାଯିବ ବୋଲି ଏସ୍‌ଆଇ ଭୂୟାଁ କହିଛନ୍ତି।

# କଟକରେ ସୁପ୍ରିମକୋର୍ଟର ଭର୍ଚୁଆଲ୍ ବେଞ୍ଚ ପ୍ରତିଷ୍ଠା ସୁପାରିସ

**ରାଷ୍ଟ୍ରପତିଙ୍କୁ ପତ୍ର ଲେଖିଲା ହାଇକୋର୍ଟ ବାର୍ ଆସୋସିଏଶନ୍**

କଟକ ଅଫିସ,୧୯।୪:

ଓଡ଼ିଶା ହାଇକୋର୍ଟ ପରିସରରେ ସୁପ୍ରିମକୋର୍ଟର ଭର୍ଚୁଆଲ ବେଞ୍ଚ ପ୍ରତିଷ୍ଠା, ଇ-ଫାଇଲିଂ କାଉଣ୍ଟର ଏବଂ ଏଓଆର୍ ନିଯୁକ୍ତି ପାଇଁ ରାଷ୍ଟ୍ରପତିଙ୍କୁ ହାଇକୋର୍ଟ ବାର୍ ଆସୋସିଏଶନ୍ ପକ୍ଷରୁ ପତ୍ର ଲେଖାଯାଇଛି। ଓଡ଼ିଶାବାସୀଙ୍କ ବୃହତ୍ତର ସ୍ୱାର୍ଥଦୃଷ୍ଟିରୁ ଦ୍ୱାରଦେଶରେ ନ୍ୟାୟ ପ୍ରଦାନ ପାଇଁ ଦେଶର ସର୍ବୋଚ୍ଚ ନ୍ୟାୟାଳୟର ଏହି ସୁବିଧା ପ୍ରଦାନ ପାଇଁ ରାଷ୍ଟ୍ରପତି ପଦକ୍ଷେପ ନେବାକୁ ନିବେଦନ କରାଯାଇଛି।

ଆବେଦନପତ୍ର ଅନୁଯାୟୀ, ଓଡ଼ିଶାର ଲୋକମାନେ କୋଭିଡ୍ ମହାମାରୀ ଯୋଗୁ ଆର୍ଥିକ ତଥା ମାନସିକ ଭାବରେ ଦୁର୍ବଳ ହେବା ସହ ବହୁ ସମସ୍ୟା ମଧ୍ୟରେ ଗତି କରୁଛନ୍ତି। ବହୁ ନ୍ୟାୟୋଚିତ ମାମଲା ସମାଧାନ ନ ହୋଇ ପଡ଼ିରହିଛି। ଅଦାଲତି ମାମଲାରୁ ଲୋକେ ମୁକୁଳି ପାରୁ ନାହାନ୍ତି। ଓଡ଼ିଶା ହାଇକୋର୍ଟ ପକ୍ଷରୁ ସାରା ରାଜ୍ୟରେ ୨୦ଟି ଭର୍ଚୁଆଲ ବେଞ୍ଚ ଖୋଲାଯାଇଛି, ଯଦ୍ୱାରା ରାଜ୍ୟର ଗରିବ ଲୋକମାନେ ଉପକୃତ ହେବା ସହ ନିଜ ଅଞ୍ଚଳରେ ରହି ହାଇକୋର୍ଟରେ ମାମଲା ରୁଜୁ କରିବା ସହ ଶୁଣାଣିରେ ହାଜର ହେବା ଆଦି ବହୁ ପ୍ରକାର ସୁବିଧା ପାଇପାରୁଛନ୍ତି। ଏହାଦ୍ୱାରା ସେମାନଙ୍କ ସମୟ ଏବଂ ଅର୍ଥ ବଞ୍ଚିପାରୁଛି। ବନ୍ୟା, ବାତ୍ୟା ସମେତ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ରାଜ୍ୟର ଅଧିକାଂଶ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଛି। ଏପରିସ୍ଥଳେ ସୁପ୍ରିମକୋର୍ଟ ଯାଇ ଅର୍ଥ ଖର୍ଚ୍ଚ କରିବାକୁ ସେମାନଙ୍କ ନିକଟରେ ସମ୍ବଳ ନାହିଁ। ନ୍ୟାୟ ପାଇଁ ଲଢ଼ିବାକୁ ସେମାନେ ଅସମର୍ଥ ହେଉଛନ୍ତି। ସୁପ୍ରିମକୋର୍ଟକୁ ବ୍ୟୟବହୁଳ ଯାତ୍ରା କରି ନ ପାରିବା କାରଣରୁ ଲୋକମାନେ ନିଜ ସ୍ୱାଧୀନତା ଓ ଅଧିକାର ହାସଲ କରିପାରୁ ନାହାନ୍ତି। ଅନେକ ମାମଲା ବିଚାର ପାଇଁ ଯୋଗ୍ୟ ହୋଇଥିଲେ ବି ସେଗୁଡ଼ିକ ଖାରଜ ହୋଇଯାଉଛି। ସ୍ୱଳ୍ପ ସଂଖ୍ୟକ ମାମଲା ଓଡ଼ିଶାରୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ ହେବା ପାଇଁ ଯାଉଛି। ତେଣୁ ଆବେଦନକୁ ବିଚାର କରି ପଦକ୍ଷେପ ନେବା ନିମନ୍ତେ ପ୍ରାର୍ଥନା କରାଯାଇଛି। ଆବେଦନର ନକଲ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ର ଆଇନ୍‌ମନ୍ତ୍ରୀ, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି, ରାଜ୍ୟ ଆଇନମନ୍ତ୍ରୀ, ବାର କାଉନ୍‌ସିଲ୍ ଅଫ ଇଣ୍ଡିଆ, ବାର୍ କାଉନ୍‌ସିଲ୍ ଅଫ ଓଡ଼ିଶା ଓ ହାଇକୋର୍ଟ ବାର୍ ଆସୋସିଏଶନ୍‌ର ସଭାପତିଙ୍କୁ ମଧ୍ୟ ପ୍ରେରଣ କରାଯାଇଛି।

# ମଧୁର ସଙ୍ଗୀତରେ ଦର୍ଶକ ବିଭୋର

**ବୃହଦମ୍ବା ବୈଶାଖୀ ମହୋତ୍ସବ ଉଦ୍‌ଯାପିତ**

ବଡ଼ମ୍ବା,୧୯।୪(ଡି.ଏନ.ଏ.)



ସିନେ ଜଗତର ଗାୟକ ତିଳକ ଚକ୍ରବର୍ତ୍ତୀ ସଙ୍ଗୀତ ପରିବେଷଣ କରୁଥିବା ବେଳେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ବଡ଼ମ୍ବା କଚେରି ସ୍ଥିତ କଲେଜ ପଡ଼ିଆଠାରେ ବଡ଼ମ୍ବା କ୍ଲବ ବାଦଶାହା ଓ ୩ ନଂ. ୱାର୍ଡବାସୀଙ୍କ ମିଳିତ ଉଦ୍ୟମରେ ସପ୍ତାହେବ୍ୟାପୀ ଚାଲିଥିବା ପ୍ରଥମ ବୃହଦମ୍ବା ବୈଶାଖୀ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସିନେ ଜଗତର ଗାୟିକା ଓ ଗାୟକଙ୍କ ମଧୁର ସଙ୍ଗୀତରେ ଦର୍ଶକ ବିଭୋର ହୋଇଥିଲେ। ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ ବଡ଼ମ୍ବାର କଳା, ଐତିହ୍ୟ ଓ ସଂସ୍କୃତି ଉପରେ ସୂଚନା ଦେବା ସହ ବୃହଦମ୍ବା ବୈଶାଖୀ ମହୋତ୍ସବ ଏହାର ଏକ ଅନନ୍ୟ ନିଦର୍ଶନ ବୋଲି କହିଥିଲେ। ମହୋତ୍ସବର ମୁଖ୍ୟ ପୁରୋଧା ଭାବେ ସ୍ଥାନୀୟ ବିଧାୟକ ଦେବୀ ପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ବ୍ଲକ ଉପାଧ୍ୟକ୍ଷା ସ୍ୱର୍ଣ୍ଣଲତା ବେହେରା, ସଦାନନ୍ଦ ସ୍ୱାଇଁ, ପ୍ରଦୀପ କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଶେଷକରି ଭୁବନେଶ୍ୱର ଆରିୟାନ ଗ୍ରୁପ୍ କଳାକାରଙ୍କ ଆକର୍ଷଣୀୟ ନୃତ୍ୟ ସହିତ ସିନେ ଜଗତର ଗାୟିକା ତ୍ରିସା ଓ ଗାୟକ ତିଳକ ଚକ୍ରବର୍ତ୍ତୀଙ୍କ ମଧୁର ସଙ୍ଗୀତରେ ଦର୍ଶକ ବିଭୋର ହୋଇଥିଲେ। ସେହିପରି ତରଙ୍ଗ ଟିଭିର ଲିଜାଙ୍କର ଆକର୍ଷଣୀୟ ଉପସ୍ଥାପନା ବେଶ ମନୋମୁଗ୍ଧକର ହୋଇଥିଲା। ଦର୍ଶକମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବା ସହ ଯାତ୍ରା ପଡ଼ିଆରେ ପଡ଼ିଥିବା ବିଭନ୍ନ ଷ୍ଟଲ୍, ବିଦ୍ୟୁତ୍‌ଚାଳିତ ଦୋଳି ଓ ଖେଳର ଶିଶୁମାନେ ମଜା ଉଠାଇଥିଲେ। ପ୍ରବଳ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ହଜାର ହଜାର ସଂଖ୍ୟାରେ ଦର୍ଶକ ମହୋତ୍ସବକୁ ଉପଭୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ବଡ଼ମ୍ବା ବାଦଶାହା କ୍ଲବ ସଭାପତି ସଞ୍ଜୟ କୁମାର ସ୍ୱାଇଁ, ସମ୍ପାଦକ ସୁମିତ କୁମାର ମହାପାତ୍ର, ସଭାପତି ଦେବରାଜ ପାଟଶାଣୀ, ସମ୍ପାଦକ ସଞ୍ଜୟ କୁମାର ଶତପଥୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ନାବାଳକ ମୃତ

ନିମାପଡ଼ା,୧୯।୪(ଡି.ଏନ୍.ଏ.): ନିଆଲା ଥାନା ଅନ୍ତର୍ଗତ ମାଧବ ପ୍ରଧାନ ସାହିର ଜଣେ ୧୨ ବର୍ଷୀୟଙ୍କ ବୁଧବାର ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଛି। ସେ ହେଲେ ତ୍ରିଲୋଚନ ଭୋଇଙ୍କ ପୁଅ ସିପୁନ ଭୋଇ। ଏନେଇ ଚୋରିଛକ ପୋଲିସ ୧/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସିପୁନ ସକାଳେ ଗ୍ରାମର ଏକ ପୋଖରୀକୁ ସାଙ୍ଗମାନଙ୍କ ସହ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ଅସାବଧାନତା ବଶତଃ ସିପୁନଙ୍କ ଗୋଡ଼ ଖସିଯିବାରୁ ସେ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ସାଙ୍ଗମାନେ ଏସମ୍ପର୍କରେ ସିପୁନଙ୍କ ଘରେ ଖବର ଦେବାରୁ ସେମାନେ ଘଟଣାସ୍ଥଳରେ ପହଞ୍ଚି ପୋଖରୀରୁ ତାଙ୍କୁ ପୋଖରୀରୁ ଉଦ୍ଧାର କରି ମେଡିକାଲକୁ ନେଇଥିଲେ। ସେଠାରେ ଡ଼ାକ୍ତର ସିପୁନଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଚାରିଛକ ଥାନା ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରିଥିଲା।

### ୩୮.୪୫ ଗ୍ରାମ ବ୍ରାଉନ ସୁଗାର ଜବତ: ୩ ଗିରଫ

ପୁରୀ ଅଫିସ, ୧୯।୪: ବ୍ରାଉନ ସୁଗାର କାରବାର ଅଭିଯୋଗରେ ୩ ଜଣଙ୍କୁ ବୁଧବାର ବାସେଲିସାହି ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଦରଜିପୋଖରୀ ଛକ ଅଞ୍ଚଳର ଶୁଭାଶିଷ ସ୍ୱାଇଁ, ବାସେଲି ସାହି ଥାନା ଅନ୍ତର୍ଗତ ମଙ୍ଗଳାଘାଟ ଅଞ୍ଚଳର ବାସୁଦେବ ମହାପାତ୍ର ଏବଂ ସଦରଥାନା ଅନ୍ତର୍ଗତ ବାଲିଘାଟ ଭାରତୀପୁରର ଜଗନ୍ନାଥ ମହାରଣା। ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ୩୮.୪୫ ଗ୍ରାମ ବ୍ରାଉନ ସୁଗାର ସମେତ ୩ ହଜାର ଟଙ୍କା, ୫ଟି ମୋବାଇଲ ଫୋନ ଏବଂ ଗୋଟିଏ ପଲସର ବାଇକ (ନଂ. ଓଡି୧୩ ଏଲ ୧୬୬୨) ଜବତ କରିଛି। ଏ ନେଇ ବାସେଲି ସାହି ଥାନା ପୋଲିସ ଏକ କେସ୍ (ନଂ. ୯୬/୨୩) ରୁଜୁ କରିଛି। ବାସେଲିସାହି ଥାନା ଅନ୍ତର୍ଗତ ଫ୍ଲୋରିସ ଇଣ୍ଡିଆ ନିକଟ ଏକ ପରିତ୍ୟକ୍ତ ଘରେ ଅଭିଯୁକ୍ତମାନେ ଏକାଠି ହୋଇ ବ୍ରାଉନ ସୁଗାର କରବାର କରୁଥିବା ନେଇ ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ପୋଲିସ ସେଠାରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲା।

### ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ପୁରୁଣା ଭୁବନେଶ୍ୱର,୧୯।୪(ଡି.ଏନ୍.ଏ.): ଏକାମ୍ର ନିର୍ବାଚନ ମଣ୍ଡଳୀର ୱାର୍ଡ ନଂ-୬୦ ଏବଂ ୬୧ରେ ପ୍ରାୟ ୨କୋଟି ଟଙ୍କାର ପ୍ରକଳ୍ପର ବୁଧବାର ଶିଳାନ୍ୟାସ କରାଯାଇଛି। ୱାର୍ଡ ନଂ-୬୦ର ଯମେଶ୍ୱର ପାଟଣା, ନାରାୟଣୀ କ୍ଲବ ନିକଟ, ଟାଉନ ପଡ଼ିଆ ଖେଳ ପଡ଼ିଆ ନିକଟ, ଲିଙ୍ଗରାଜ ନଗର ଲେନ-୬, ଡାକରା ବିଭୀଷଣେଶ୍ୱର ଅଞ୍ଚଳ, କପିଳେଶ୍ୱର ଅଞ୍ଚଳର ରାସ୍ତା ଓ ନାଳ ନିର୍ମାଣ ପାଇଁ ଶିଳନ୍ୟାସ କରାଯାଇଥିଲା। ସେହିଭଳି ୱାର୍ଡ ନଂ-୬୧, ଏଲ-୮୦ ସମ୍ମୁଖ ରାସ୍ତା, ଏକାମ୍ର କଲେଜ ସମ୍ମୁଖ ଏବଂ ଆନୀ ହାଉସ ଛକ ନିକଟ ପ୍ରଭୃତି ଅଞ୍ଚଳର ରାସ୍ତା ନିର୍ମାଣ ପାଇଁ ମଧ ଶିଳନ୍ୟାସ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ଏହି ସମସ୍ତ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, କର୍ପୋରେଟର ଚନ୍ଦ୍ରଶେଖର ମଲ୍ଲିଆ, ଶିବନାରାୟଣ ରାଏ. ଅମରେଶ ଜେନା ଏବଂ ବହୁ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

# କୃଷି ଶିକ୍ଷାର ହବ୍ ହେବ ଏନ୍ଆର୍ଆର୍ଆଇ

■ଚଳିତ ବର୍ଷରୁ ୩ ପାଠ୍ୟକ୍ରମରେ ପାଠପଢ଼ା
■୬୦ ସିଟ୍‌କୁ ମିଳିଛି ଅନୁମୋଦନ

କଟକ ଅଫିସ,୧୯।୪




କଟକ ଉପକଣ୍ଠ ବିଦ୍ୟାଧରପୁରଠାରେ ଥିବା ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ (ଏନ୍ଆର୍ଆର୍ଆଇ) କୃଷି ଶିକ୍ଷାର ହବ୍ ପାଲଟିବ। ଏହି ଐତିହାସିକ ପ୍ରତିଷ୍ଠାନ କୃଷି ଗବେଷଣା ସହ ଶିକ୍ଷାଦାନର ଏକ ପ୍ରମୁଖ ପ୍ରତିଷ୍ଠାନ ହେବ। କୃଷିଶିକ୍ଷା ନିମନ୍ତେ ଚୟନ ହୋଇଥିବା ଦେଶର ପ୍ରମୁଖ ୧୫ଟି ସହର ମଧ୍ୟରେ କଟକ ସାମିଲ ହୋଇ ଗୌରବ ବୃଦ୍ଧି କରିଛି। ଚଳିତବର୍ଷ ପ୍ରଥମଥର ପାଇଁ ଛାତ୍ରୀଛାତ୍ରମାନେ ୩ ପ୍ରକାର ପାଠ୍ୟକ୍ରମ (ବିଏସ୍.ସି. ଏଜି, ଏମ୍ଏସ୍.ସି. ଏଜି. ଓ ପିଏଚ୍.ଡି.)ରେ ନାମ ଲେଖାଇବାର ସୁଯୋଗ ପାଇବେ ବୋଲି ପ୍ରତିଷ୍ଠାନ ପକ୍ଷରୁ ଜଣାପଡିଛି।

ମିଳିଥିବା ସୂଚନା ଅନୁଯାୟୀ, ଦେଶରେ ନୂତନ ଶିକ୍ଷାନୀତି ପ୍ରଣୟନ ହେବା ପରେ ନୂଆଦିଲ୍ଲୀସ୍ଥିତ ଇଣ୍ଡିଆନ୍ ଏଗ୍ରିକଲଚରାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ଅଧୀନରେ ଦେଶର ୧୫ଟି ସହରରେ କୃଷିଶିକ୍ଷାର ହବ୍ ପ୍ରତିଷ୍ଠା କରାଯାଇଛି। ହାଇଦ୍ରାବାଦ, କୋଲକାତା, ପୁଣେ, ପାଟ୍‌ନା, ଲକ୍ଷ୍ନୌ, ରାୟପୁର ଭଳି କଟକ ଏଥିରେ ସ୍ଥାନ ପାଇଛି। କଟକସ୍ଥିତ ଏନ୍ଆର୍ଆର୍ଆଇରେ ୩ଟି ପାଠ୍ୟକ୍ରମରେ ୬୦ଟି ସିଟ୍‌କୁ ଅନୁମୋଦନ ମିଳିଛି। ସେଥିମଧ୍ୟରେ ବିଏସ୍‌ସି ଏଜି ପାଠ୍ୟକ୍ରମରେ ୩୦, ଏମ୍ଏସ୍‌ସି ଏଜି ପାଠ୍ୟକ୍ରମରେ ୨୦ ଓ ପିଏଚ୍‌ଡି ପାଠ୍ୟକ୍ରମରେ ୧୦ଟି ସିଟ୍ ରହିଛି। ଚଳିତବର୍ଷଠାରୁ ପାଠପଢ଼ା ଆରମ୍ଭ ହେବା ନିମନ୍ତେ ଜାତୀୟ ସ୍ତରରେ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ଦ୍ୱାରା ପ୍ରବେଶିକା ପରୀକ୍ଷା ପାଇଁ ଛାତ୍ରୀଛାତ୍ରମାନେ ଆବେଦନ କରିଛନ୍ତି। ଜୁଲାଇରେ ନାମଲେଖା ହେବା ପରେ ଅଗଷ୍ଟରୁ ପାଠପଢ଼ା ଆରମ୍ଭ ହେବ। ଦୀର୍ଘବର୍ଷ ଧରି ଏହି ପ୍ରତିଷ୍ଠାନ ବିଶ୍ୱକୁ ନୂଆ ନୂଆ କିସମର ଧାନ ଉତ୍ପାଦନ କରି ଭେଟି ଦେଇଥିବାବେଳେ ଏବେ ପୁଣି ଶିକ୍ଷାକ୍ଷେତ୍ରରେ ଏକ ନୂତନ ଦିଗନ୍ତ ସୃଷ୍ଟି କରିବାକୁ ଯାଉଛି, ଯାହାକୁ ନେଇ ଓଡ଼ିଶା ସମେତ ରାଜ୍ୟ ବାହାରର ମେଧାବୀ ଛାତ୍ରୀଛାତ୍ରମାନେ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି।

ଏନ୍ଆର୍ଆର୍ଆଇ ନିର୍ଦ୍ଦେଶକ ଡ. ଅମରେଶ କୁମାର ନାୟକ କହିଛନ୍ତି, ପ୍ରତିଷ୍ଠାନ ଭିତ୍ତିଭୂମି ଅନୁସାରେ ୬୦ଟି ସିଟ୍‌ରେ ପାଠପଢ଼ା ନିମନ୍ତେ ଅନୁମୋଦନ ମିଳିଛି। ଆଗାମୀ ଦିନରେ ଭିତ୍ତିଭୂମିକୁ ସୁଦୃଢ଼ କରାଯିବା ସହ ସିଟ୍ ସଂଖ୍ୟା ବଢ଼ିବା ନେଇ ଆଶାବାଦୀ ରହିଛୁ। ଚଳିତବର୍ଷ ପାଠପଢ଼ା ନିମନ୍ତେ ସ୍ମାର୍ଟ କ୍ଲାସ୍ ରୁମ୍ ସାଙ୍ଗକୁ ଅନ୍ୟାନ୍ୟ ବ୍ୟବସ୍ଥା, ଉପକରଣ ରହିଛି। ଶିକ୍ଷାଦାନ ନିମନ୍ତେ ଏଠାରେ ୧୦୦ ଜଣ କୃଷି ବୈଜ୍ଞାନିକ ଅଛନ୍ତି। ଛାତ୍ରୀଛାତ୍ରଙ୍କ ରହିବା ନିମନ୍ତେ ହଷ୍ଟେଲ ରହିଛି। ନୂଆ ଶିକ୍ଷାନୀତି ଅନୁଯାୟୀ କୃଷିଶିକ୍ଷା ନିମନ୍ତେ ସବୁପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା ପ୍ରସ୍ତୁତ ରହିଛି। ପୂର୍ବରୁ ରାୟପୁର ଇନ୍ଦିରା ଗାନ୍ଧୀ ବିଶ୍ୱବିଦ୍ୟାଳୟ ସମେତ ଓୟୁଏଟି, ଉତ୍କଳ ବିଶ୍ୱବିଦ୍ୟାଳୟ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ସୋଆ, ଶାନ୍ତି ନିକେତନକୁ ଛାତ୍ରୀଛାତ୍ରମାନେ ସେମାନଙ୍କର ଥେସିସ୍ ପ୍ରସ୍ତୁତ କରିବା ନିମନ୍ତେ ଆସୁଥିଲେ। ହେଲେ ଏବେ ଏଠାରେ ଅନୁମୋଦିତ ୩ଟି ପାଠ୍ୟକ୍ରମରେ ପାଠପଢ଼ା ହେବ, ଯାହା ଜାତୀୟ ସ୍ତରରେ ଓଡ଼ିଶାର ନାମକୁ ଉଜ୍ଜ୍ୱଳ କରିବ।

# ପଥର ବୋଝେଇ ଟ୍ରକ୍ ଧକ୍କାରେ ଜଣେ ମୃତ

ପିପିଲି,୧୯।୪(ସ୍ୱ.ପ୍ର./ଡି.ଏନ୍.ଏ.)



ପିପିଲି-ଜଟଣୀ ମୁଖ୍ୟ ରାସ୍ତା ଡେଲାଙ୍ଗ ଛକଠାରେ ବୁଧବାର ରାତି ୮ଟା ୩୦ରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପିପିଲି ଥାନା ଅନ୍ତର୍ଗତ ଭାରତୀପୁର ଗ୍ରାମର ସୁରେନ୍ଦ୍ରନାଥ ବେହେରା (୫୦)। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇ ଟ୍ରକ ଡ୍ରାଇଭରଙ୍କୁ ସ୍ଥାନୀୟ ଲୋକମାନେ ଆକ୍ରମଣ କରୁଥିବା ବେଳେ ପିପିଲି ପୋଲିସ ପହଞ୍ଚି ଡ୍ରାଇଭରଙ୍କୁ ଉଦ୍ଧାର କରି ଥାନାରେ ଅଟକ ରଖିଛନ୍ତି। ସୂଚନା ଅନୁଯାୟୀ, ସୁରେନ୍ଦ୍ରନାଥ କୌଣସି କାମରେ ଜଟଣୀ ପିପିଲି ମୁଖ୍ୟ ରାସ୍ତା ଡେଲାଙ୍ଗ ଛକ ଠାରେ ଚାଲି ଚାଲି ଯାଉଥିଲେ। ସେପଟେ ଜଟଣୀରୁ ପିପିଲି ଅଭିମୁଖେ ଏକ ପଥର ବୋଝେଇ ଟ୍ରକ ଓଆର୍ ୦୨ ଏଏ ୮୦୮୫ ଆସି ସୁରେନ୍ଦ୍ରଙ୍କୁ ଧକ୍କା ଦେଇଥିଲା। ଟ୍ରକ ଚକା ତଳେ ସୁରେନ୍ଦ୍ରନାଥଙ୍କ ମୁଣ୍ଡ ଆସିଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସ୍ଥାନୀୟ ଲୋକେ ପାଟିତୁଣ୍ଡ କରି ଡ୍ରାଇଭରଙ୍କୁ କାବୁ କରିନେଇଥିଲେ। ଖବର ପାଇ ପିପିଲି ଥାନା ଏସ୍ଆଇ ସନ୍ଦୀପ ଦାଶ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଡ୍ରାଇଭରଙ୍କୁ ଉଦ୍ଧାର କରିଥିଲା। ଟ୍ରକ ଓ ସୁରେନ୍ଦ୍ରଙ୍କ ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଥିବା ପିପିଲି ଥାନା ଅଧିକାରୀ ଅଭିମନ୍ୟୁ ନାୟକ କହିଛନ୍ତି।

# ସାରଙ୍ଗଯୋଡ଼ିରେ ଲୋକ ସଂସ୍କୃତି ମହୋତ୍ସବ



ସାରଙ୍ଗଯୋଡ଼ିରେ ଲୋକ ସଂସ୍କୃତି ମହୋତ୍ସବରେ ଉପସ୍ଥିତ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।

ସାକ୍ଷୀଗୋପାଳ ୧୯।୪(ଡି.ଏନ୍.ଏ.)

ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ସାରଙ୍ଗଯୋଡି ସଂକୀର୍ତ୍ତନ ଓ ଲୋକ ସଂସ୍କୃତି ମହୋତ୍ସବ ସତ୍ୟବାଦୀ ବ୍ଲକର ଲୋକକଳା ଗ୍ରାମ ସାରଙ୍ଗଯୋଡି ମେଳଣ ପଡ଼ିଆରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମା' କ୍ଷେତ୍ରପାଳୀ ମୃଦଙ୍ଗ ବାଦ୍ୟ ପରିଷଦ ଓ କୈଳାଶ ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦଙ୍କ ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଯୋଗ ଦେଇଥିଲେ। ସତ୍ୟବାଦୀ ବ୍ଲକ ଲୋକକଳା ସଙ୍ଘ ଉପସଭାପତି ରମେଶଚନ୍ଦ୍ର ପଲେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୁରୁ ଶ୍ରୀ ଗୋବିନ୍ଦ ପାଳ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ବିଜୟଚନ୍ଦ୍ର ଛାଟୋଇ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସଂକୀର୍ତ୍ତନ ଗୁରୁ ଶୁଭସୁନ୍ଦର ଘଟୁଆରୀ, ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ ଅଧକ୍ଷ ଓ ଗୁରୁ ବଦ୍ରିନାରାୟଣ, କୁଳମଣି ବିଶ୍ୱାଳ ଓ ଗୁରୁ କୈଳାଶଚନ୍ଦ୍ର ପଲେଇ ପ୍ରମୁଖ ଯୋଗଦେଇ ବିଭିନ୍ନ କଳା ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସତ୍ୟବାଦୀ ଖବରଦାତା ବସନ୍ତ ପଟ୍ଟନାୟକ ଓ ଅଶୋକ ବେହେରାଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ଜିଲା ସଂସ୍କୃତି ଅଧିକାରୀ ଓ ଅନ୍ୟ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଅନୁଷ୍ଠାନ ପକ୍ଷରୁ ଗୁରୁ ଦୁର୍ଗାପ୍ରସାଦ ମହାପାତ୍ରଙ୍କ ସହିତ ବିଭିନ୍ନ କଳାରେ ନିପୁଣତା ଏବଂ ବ୍ୟକ୍ତି ବିଶେଷଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସାରଙ୍ଗଯୋଡି ଲୋକକଳା ମହୋତ୍ସବର ଆବାହକ ଦୁର୍ଗେଶ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଅଣକୁଶଳୀ ଶ୍ରମିକଙ୍କୁ ୨୬ ହଜାର ମଜୁରି ପ୍ରଦାନ ଦାବି

ଭୁବନେଶ୍ୱର,୧୯।୪(ବ୍ୟୁରୋ)

ଅଣକୁଶଳୀ ଶ୍ରମିକଙ୍କୁ ମାସିକ ସର୍ବନିମ୍ନ ୨୬ ହଜାର ଟଙ୍କା ମଜୁରି ପ୍ରଦାନ ଦାବିରେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ସିଆଇଟିୟୁ ପକ୍ଷରୁ ଦାବି ହୋଇଛି। ଏନେଇ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ବଜାର ଦରଦାମ ବଢ଼ି ବଢ଼ି ଚାଲିଥିବାବେଳେ ଯାତାୟାତ, ଚିକିତ୍ସା, ଶିକ୍ଷା କ୍ଷେତ୍ରରେ ଖର୍ଚ୍ଚ ଉପରେ କୌଣସି ରୋକ୍ ନାହିଁ। ଏପରି ପରିସ୍ଥିତିରେ ଅଣକୁଶଳୀ ଶ୍ରମିକମାନେ ସ୍ୱଳ୍ପ ମଜୁରିରେ କାଳାତିପାତ କରିବା କଷ୍ଟକର ହୋଇପଡ଼ିଥିବା ସିଆଇଟିୟୁ ପକ୍ଷରୁ କୁହାଯାଇଛି। ସେହିପରି ଭାଜପା ସରକାର ଶ୍ରମିକଙ୍କ ଅଧିକାର କ୍ଷୁଣ୍ଣ କରିବା ସହ ଶ୍ରମିକଙ୍କୁ ଧର୍ମ ଓ ଜାତିରେ ବିଭାଜନ କରୁଥିବା ଅଭିଯୋଗ ହୋଇଛି। ରାଜ୍ୟର ସମସ୍ତ ସରକାରୀ ଅଫିସ୍, ସ୍କୁଲ, କଲେଜ୍, ଡାକ୍ତରଖାନା ଆଦିରେ ଖାଲି ପଡ଼ିଥିବା ୨ ଲକ୍ଷ ୬୨ ହଜାର ପଦବୀରେ ସ୍ଥାୟୀ ନିଯୁକ୍ତି ପ୍ରଦାନ ହେଉ ନ ଥିବା ସିଆଇଟିୟୁର ସର୍ବଭାରତୀୟ ଉପସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି ଓ ରାଜ୍ୟ ସଭାପତି ଜନାର୍ଦ୍ଦନ ପତି ସୂଚନା ଦେଇଛନ୍ତି।

# ସିଆର୍‌ପିସି-୧୧୦ ନିୟମ ଉଲ୍ଲଂଘନ: ୫ଜଣଙ୍କୁ ଜେଲ

ପୁରୀ ଅଫିସ, ୧୯।୪

ସିଆର୍‌ପିସି-୧୧୦ର ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗରେ ୫ଜଣ ଅଭ୍ୟାସଗତ ଅପରାଧୀଙ୍କୁ ୨ରୁ ୩ବର୍ଷ ପର୍ଯ୍ୟନ୍ତ ଜେଲ୍‌ରେ ରହିବାକୁ ନିର୍ଦ୍ଦେଶ ଜାରି ହୋଇଛି। ଏନେଇ ବୁଧବାର ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ନିର୍ଦ୍ଦେଶ ଜାରି ହୋଇଥିବା ଅଭ୍ୟାସଗତ ଅପରାଧୀମାନେ ହେଲେ ମାର୍କଣ୍ଡେଶ୍ୱର ସାହିର କୁଏଲ ଓରଫ ସଞ୍ଜୟ କୁମାର ଦାସ, ଟାଉନ ଥାନା ଅଧୀନ ମାଟିମଣ୍ଡପ ସାହିର ମହାବୀର ପ୍ରଧାନ, ସମୁଦ୍ରକୂଳ ଥାନା ଅଧୀନ ବାଙ୍କିମୁହାଣର ପ୍ରତାପ ପଟ୍ଟନାୟକ, ବଳିଆପଣ୍ଡା ଥାନା ଗୌଡ଼ବାଡ଼ ସାହିର ରାଜା ଓରଫ ରାଜେନ୍ଦ୍ର ନାୟକ, ଟାଉନ ଥାନା ଗୁଡିଆ ସାହିର କିଶନ ଓରଫ କେଶବ ପୃଷ୍ଟି। ଏମାନଙ୍କ ମଧ୍ୟରୁ କିଶନ ୨୦୨୬ ଜାନୁୟାରୀ ଯାଏ ଜେଲ୍‌ରେ ରହିବାକୁ ନିର୍ଦ୍ଦେଶ ହୋଇଥିବାବେଳେ ୨୦୨୫ ପର୍ଯ୍ୟନ୍ତ ଅନ୍ୟ ୪ଜଣ ରହିବେ। ଗତ ଏକବର୍ଷ ମଧ୍ୟରେ ୨୬୩ଜଣ ଅଭ୍ୟାସଗତ ଅପରାଧୀ ସିଆର୍‌ପିସି-୧୧୦ରେ ବୁକ୍ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୦୫ଜଣ ସିଆର୍‌ପିସି-୧୧୦ର ସର୍ତ୍ତାବଳୀ ମାନିବା ପାଇଁ ଚୁକ୍ତିପତ୍ରରେ ସ୍ୱାକ୍ଷର କରିଛନ୍ତି। ସେହିପରି ୧୫୮ଜଣଙ୍କ ମାମଲା ବିଚାରାଧୀନ ରହିଛି। ଏଥିସହ ୩୪ଜଣଙ୍କ ବିରୋଧରେ ଗିରଫ ପରୱାନା ଜାରି ହୋଇଛି। ଏହି ୩୪ଜଣଙ୍କ ମଧ୍ୟରୁ ୧୧ଜଣଙ୍କୁ ଗିରଫ କରାଯାଇଛି। ସେହିପରି ଏମାନଙ୍କ ମଧ୍ୟରୁ ୧୮ଜଣ ଅପରାଧୀ ସିଆର୍‌ପିସି-୧୧୦ର ସର୍ତ୍ତାବଳୀ ଉଲ୍ଲଙ୍ଘନ କରିଛନ୍ତି। ୧୮ ଜଣଙ୍କ ମଧ୍ୟରୁ ୫ଜଣଙ୍କୁ ୨ରୁ ୩ବର୍ଷ ପର୍ଯ୍ୟନ୍ତ ଜେଲ୍‌ରେ ରଖାଯିବାକୁ ବୁଧବାର ନିର୍ଦ୍ଦେଶ ଜାରି କରାଯାଇଛି।

# ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ିପାରିଲେ ଶିକ୍ଷକ ପେସା ସଫଳ

## ପ୍ରଧାନ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଅବସରକାଳୀନ ଉତ୍ସବରେ ଉପସ୍ଥିତ ଅତିଥି, ଶିକ୍ଷୟିତ୍ରୀ ଏବଂ ଶିକ୍ଷକମାନେ।

ଜଟଣୀ,୧୯।୪(ଡି.ଏନ୍.ଏ.)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ବାଛରାସ୍ଥ ସୁଶୀଳା ଦେବୀ ପ୍ରଗତି ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉଗ୍ରସେନ ରଣସିଂହଙ୍କୁ ବିଦ୍ୟାଳୟ ଓ ବିଭିନ୍ନ ଶିକ୍ଷକ ସଂଗଠନ ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ, ଖୋର୍ଦ୍ଧାର ସଭାପତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ରୂପେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ରୂପେ ପୌର ଉପାଧ୍ୟକ୍ଷା ଆରତି ରାଉତ, ସତ୍ୟବାନ ଶ୍ରୀଚନ୍ଦନ, ଜବାହରଲାଲ ସୁବୁଦ୍ଧି, ନଟବର ସ୍ୱାଇଁ, ଅଦୟିତ୍ୱ ବଳିୟାରସିଂ, ରମାକାନ୍ତ ମହାପାତ୍ର, କାଉନସିଲ କୃଷ୍ଣଚନ୍ଦ୍ର ନାୟକ, ଗୌରହରି ମିଶ୍ର, ଜେଆର୍‌ସି ଓ ସୂଚନା ଅଧିକାରୀ ତୋଫାନ ରାଉତରାୟ, ବିଧାୟକ ପ୍ରତିନିଧି ଅଶୋକ ମଙ୍ଗରାଜ, ଗତିକୃଷ୍ଣ ଉତ୍ତରକବାଟ, ସୁରେଶଚନ୍ଦ୍ର ବିଶ୍ୱାଳ, ଗତେଶର ମିଶ୍ର, ଗୋବିନ୍ଦ ସାହୁ, ଦେବରାଜ ପ୍ରଧାନ, ଅକ୍ଷୟ ମହାନ୍ତି ଓ ମଦନ ସେନାପତି ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟ ବିଷୟରେ କହିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୀର୍ଘ ବର୍ଷଧରି ନିଷ୍ଠାପର ଭାବେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରଦାନ କରି ସହକର୍ମୀ ଓ ଶିକ୍ଷା ପ୍ରଦାନକୁ ଗୁରୁତ୍ୱ ଦେଇ ଶିକ୍ଷକତା ଜୀବନ କାଳରେ ଅନେକ କୃତିତ୍ୱ ଅର୍ଜନକରି ସମଗ୍ର ଶିକ୍ଷା ମଣ୍ଡଳରେ ଜନାଦୃତ ହୋଇପାରିଛନ୍ତି। ଶିକ୍ଷା ଜଣେ ବ୍ୟକ୍ତିର ଜନ୍ମଗତ ଅଧିକାର। ସମସ୍ତେ ଯେପରି ଶିକ୍ଷା ପାଇବାରୁ ବଞ୍ଚିତ ନ ରହିବେ ସେଥିପ୍ରତି ସମସ୍ତଙ୍କୁ ଯତ୍ନବାନ ହେବାକୁ ପଡିବ ଓ ଶିକ୍ଷକ ରୂପେ ନିଜ କର୍ତ୍ତବ୍ୟ ପାଳନ ସୁଚାରୁ ରୂପେ କରି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ିବାରେ ସହାୟକ ହୋଇପାରିଲେ ଆମ ପେସା ସଫଳ ହେଲା ବୋଲି ଜାଣିବା ବୋଲି ନିଜ ବିଦାୟୀ ଭାଷଣରେ କହିଥିଲେ। ଶେଷରେ ନିବେଦିତା ସାସମଲ ଧନ୍ୟବାଦ ଦେଇଥିଲେ।

# ସୁଆଣ୍ଡୋ ପ୍ରକଳ୍ପ ପରିଦର୍ଶନ କଲେ ଜିଲାପାଳ

ପୁରୀ ଅଫିସ/ସାକ୍ଷୀଗୋପାଳ, ୧୯।୪ (ଡି.ଏନ୍.ଏ/ସ୍ୱ.ପ୍ର.)




ଜିଲାପାଳ ସମର୍ଥ ବର୍ମା ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମସ୍ଥାନ ସୁଆଣ୍ଡୋର ଷଠିଘର, ନୂତନ ଭାବେ ପ୍ରସ୍ତୁତ ହୋଇଥିବା ଗୋପବନ୍ଧୁ ସଂଗ୍ରହାଳୟ ଓ ଗୋପବନ୍ଧୁ ପାର୍କ ଆଦି ସ୍ଥାନକୁ ବୁଧବାର ଜିଲାପାଳ ସମର୍ଥ ବର୍ମା ପରିଦର୍ଶନ କରିଛନ୍ତି। ଜିଲାପାଳ ପ୍ରଥମେ ସୁଆଣ୍ଡୋରେ ପହଞ୍ଚି ଗ୍ରାମ ପ୍ରାରମ୍ଭରେ ଥିବା ଲୋକେଶ୍ୱର ମନ୍ଦିର ଦେଖିଥିଲେ। ପରେ ଷଠିଘର, ଗୋପବନ୍ଧୁ ମ୍ୟୁଜିୟମ ଓ ପାର୍କ ବୁଲି ଦେଖିଥିଲେ। ଟିକେଟ କାଉଣ୍ଟରରେ ପହଞ୍ଚି ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ପର୍ଯ୍ୟଟକଙ୍କ ପଞ୍ଜୀକରଣ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଟିକେଟ କରୁଥିବା ଲୋକଙ୍କୁ ଖରା ଓ ବର୍ଷାରୁ ରକ୍ଷା ଦେବା ପାଇଁ ଟିକେଟ ଗୃହ ପାଖରେ ଶେଡ୍ ନିର୍ମାଣ ବା ଛାଇ ବ୍ୟବସ୍ଥା କରିବାକୁ ଓଡ଼ିଶା ବ୍ରିଜ୍ ଆଣ୍ଡ୍ କନ୍‌ଷ୍ଟ୍ରକ୍‌ସନ୍ କର୍ପୋରେଶନ (ଓବିସିସି) କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରିଦର୍ଶନରେ ଆସିଥିବା ପର୍ଯ୍ୟଟକଙ୍କୁ ସ୍ଥାନୀୟ ଆବଶ୍ୟକତା ବିଷୟରେ ପଚାରି ବୁଝିଥିଲେ। ସମ୍ପୂର୍ଣ୍ଣ ପରିବେଶକୁ ପରିଷ୍କାର ପରିଛନ୍ନ ରଖିବା ସହ ପାନୀୟଜଳ ଇତ୍ୟାଦି ବ୍ୟବସ୍ଥା କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ପରେ ଜିଲାପାଳ ବର୍ମା

## ଓଡ଼ିଆ ବିଶ୍ୱବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ବୁଲି ଦେଖିଲେ

ସତ୍ୟବାଦୀରେ ନିର୍ମାଣ ହେଉଥିବା ଓଡ଼ିଆ ବିଶ୍ୱବିଦ୍ୟାଳୟର କାର୍ଯ୍ୟ ସମୀକ୍ଷା କରିଥିଲେ। ଏହି ପରିଦର୍ଶନ ସମୟରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ସତ୍ୟବାଦୀ ତହସିଲଦାର ଜୟନ୍ତ ଜୟସିଂ, ପଣ୍ଡିତ ଗୋପବନ୍ଧୁଙ୍କ ସମ୍ପର୍କୀୟ ଧୀରେନ ଦାସ, ଓବିସିସି ନିର୍ବାହୀ ଯନ୍ତ୍ରୀ ସୁନ୍ଦର ମାଧବ ପାଢ଼ୀ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ନାକ୍ ଟିମ୍

ଭୁବନେଶ୍ୱର,୧୮।୪(ବ୍ୟୁରୋ)

## ଏ++ ମାନ୍ୟତା ଦୌଡ଼

■ଛାତ୍ରୀଛାତ୍ର, ଅଭିଭାବକଙ୍କ ମତ ନେଲେ
■୨୫ଥର କଟିଲା ବିଦ୍ୟୁତ୍

ଉତ୍କଳ ବିଶ୍ୱବିଦ୍ୟାଳୟରେ ବୁଧବାର ରାଷ୍ଟ୍ରୀୟ ମୂଲ୍ୟାୟନ ଓ ଅନୁମୋଦନ ପରିଷଦ (ନାକ୍) ଟିମ୍ ପହଞ୍ଚିଛନ୍ତି। ଦୀର୍ଘ ୫ବର୍ଷ ପରେ ୩ଦିନ ପାଇଁ ଏହି ଟିମ୍ ବିଶ୍ୱବିଦ୍ୟାଳୟ ପରିଦର୍ଶନରେ ଆସିଛନ୍ତି। ପ୍ରଥମ ଦିନରେ ବିଶ୍ୱବିଦ୍ୟାଳୟ କନ୍‌ଭୋକେଶନ ହଲ୍‌ରେ ଆୟୋଜିତ ଆଲୋଚନାରେ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇ ସେମାନଙ୍କ ଅନୁଭୂତି ଓ ସମସ୍ୟା ସମ୍ପର୍କରେ ମତ ରଖିଥିଲେ। ସେହିପରି ପୁରାତନ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ସହ ମଧ୍ୟ ଏହି ଟିମ୍ ଆଲୋଚନା କରିଥିବା ଜଣାପଡ଼ିଛି। ବିଶ୍ୱବିଦ୍ୟାଳୟକୁ ଗ୍ରେଡ୍ ଦେବାରେ ଏହି ସମସ୍ତ ମତାମତକୁ ଟିମ୍ ବିଚାରକୁ ନେବ। 'ଏ+' ମାନ୍ୟତା ପାଇସାରିଥିବା ଏହି ବିଶ୍ୱବିଦ୍ୟାଳୟ 'ଏ++' ମାନ୍ୟତା ଦୌଡ଼ରେ ରହିଛି। ଏଥିପାଇଁ ଶ୍ରେଣୀଗୃହଠାରୁ ଆରମ୍ଭ କରି ଉଦ୍ୟାନ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ କରି ନାକ୍ ଟିମ୍ ଆଗରେ ଉପସ୍ଥାପନ କରାଯାଇଛି। ବର୍ତ୍ତମାନ ବିଶ୍ୱବିଦ୍ୟାଳୟରେ ଡିଜିଟାଲ ପ୍ଲାଟ୍‌ଫର୍ମ ପ୍ରସ୍ତୁତି, କ୍ୟାମ୍ପସକୁ ସ୍ୱଚ୍ଛ ଓ ସବୁଜ କରିବା ଦିଗରେ ମଧ୍ୟ ଧ୍ୟାନ ଦିଆଯାଇଛି। ଅନ୍ୟପଟେ ଶିକ୍ଷା, ଗବେଷଣା, ଭିତ୍ତିଭୂମି ବିକାଶ ଓ କ୍ୟାମ୍ପସ ବାତାବରଣ କିପରି ଶୃଙ୍ଖଳିତ ରହିବ, ସେଥିପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ରହିଛି। ଏ ଅବସରରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଅନ୍ୟପଟେ ନାକ୍ ଟିମ୍ ପରିଦର୍ଶନ କାଳରେ ବିଶ୍ୱବିଦ୍ୟାଳୟରେ ବିଦ୍ୟୁତ୍ କାଟ୍ ବିଶ୍ୱବିଦ୍ୟାଳୟର ଖରାପ ଛବି ଚିତ୍ରଣ କରିଛି। ପରିଦର୍ଶନ କାଳରେ ୨୫ରୁ ଉର୍ଦ୍ଧ୍ୱଥର ବିଦ୍ୟୁତ୍ କାଟ୍ ହୋଇଥିବା ଜଣାପଡ଼ିଛି। ତେବେ ଗୁରୁବାର ଏହି ଟିମ୍ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି।

# ଶ୍ରୀମନ୍ଦିର ପ୍ରଶାସନର ଫାଇଲ ହଜିବା ନେଇ ଏତଲା

ପୁରୀ ଅଫିସ,୧୯।୪



ଶ୍ରୀଜଗନ୍ନାଥ ସେନା ପକ୍ଷରୁ ସିଂହଦ୍ୱାର ଥାନାରେ ଅଭିଯୋଗ କରାଯାଉଛି।

ଶ୍ରୀମନ୍ଦିର ପ୍ରଶାସନର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଫାଇଲକୁ ରାଜ୍ୟ ସରକାରଙ୍କ ଆଇନ୍ ବିଭାଗ ହଜାଇ ଦେଇଥିବା ନେଇ ମଙ୍ଗଳବାର ଜଣାପଡ଼ିଥିଲା। ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ (ଜେଟିଏ)ର ଦୁଇଟି ଫାଇଲକୁ ରାଜ୍ୟ ଆଇନ ବିଭାଗ ବହୁ ଖୋଜାଖୋଜି କଲା ପରେ ମଧ୍ୟ ପାଇ ନ ଥିଲା। ତେଣୁ ଆଇନ୍ ବିଭାଗ ପକ୍ଷରୁ ହଜିଯାଇଥିବା ଫାଇଲ ଖୋଜାଯିବାକୁ ସବୁ ବିଭାଗକୁ ଚିଠି କରିଛି। ତେବେ ସରକାରଙ୍କ ଏପରି ଦାୟିତ୍ୱହୀନ କାର୍ଯ୍ୟକୁ ନିନ୍ଦା କରି ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଘଟଣାର ତଦନ୍ତ ଦାବିରେ ବୁଧବାର ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି।

ଶ୍ରୀଜଗନ୍ନାଥ ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ଏତଲାରେ ଦର୍ଶାଇଛନ୍ତି, ଶ୍ରୀମନ୍ଦିର ପ୍ରଶାସନର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଫାଇଲ ସରକାରୀ ଦପ୍ତରରୁ ହଜିଯାଇଛି ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏବେ ପ୍ରଶ୍ନ ଉଠୁଛି ସରକାରୀ ଦପ୍ତର କୌଣସି ଘର କିମ୍ବା କ୍ଲବ୍ ନୁହେଁ ଯେ ଫାଇଲ ହଜିଯିବ। କାରଣ ଫାଇଲ କିରାଣୀଙ୍କଠାରୁ ଅଫିସରଙ୍କ ପର୍ଯ୍ୟନ୍ତ ବିଭିନ୍ନ ସ୍ତରରେ ବିଭିନ୍ନ ଟେବୁଲକୁ ଯାଇଥାଏ। ଅନ୍ୟପକ୍ଷରେ ହାଇକୋର୍ଟରେ ଜବାବ ଦାଖଲ କରିବାକୁ ଥିବା ଶ୍ରୀମନ୍ଦିରର ଫାଇଲ ହଜିଛି। ତେଣୁ ଫାଇଲ ହଜିବା ସରକାରଙ୍କ ଷଡ଼ଯନ୍ତ୍ର ନୁହେଁ ତ? ହାଇକୋର୍ଟରେ ମାମଲାକୁ ଗଡାଇବା ପାଇଁ ଓ ସମୟ ନେବା ପାଇଁ ଏହା ସରକାରଙ୍କ ସୁଚିନ୍ତିତ ଯୋଜନା ନୁହେଁ ତ? ଫାଇଲ ହଜିବା ନେଇ ସରକାରୀ ଚିଠିକୁ ଖବରଦାତାମାନଙ୍କୁ ବଣ୍ଟାଯିବା ପଛର ରହସ୍ୟ କଣ ବୋଲି ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ସରକାରୀ ବେଆଇନ କାର୍ଯ୍ୟ ଧରାପଡ଼ିଯିବା ଭୟରେ ଜାଣିଶୁଣି ଫାଇଲ ହଜାଇ ଦିଆଯାଇଥିବା ଶ୍ରୀଜଗନ୍ନାଥ ସେବା ସନ୍ଦେହ ପ୍ରକାଶ କରିଛି। ରତ୍ନଭଣ୍ଡାର ଚାବି ହଜିବା, ଫାଇଲ ହଜିବା, ଶ୍ରୀମନ୍ଦିର ପ୍ରଶାସନର ମାଲିକାନାରେ ଥିବା ଖଣି ଓ ଜମିବାଡ଼ି କାଗଜପତ୍ର ହଜିବା ପଛର ରହସ୍ୟର ତଦନ୍ତ କରାଯାଉ ବୋଲି ପଟ୍ଟନାୟକ ଦାବି କରିଛନ୍ତି। ଏ ନେଇ ତଦନ୍ତ କରା ନ ଗଲେ ପଟ୍ଟନାୟକ କୋର୍ଟକୁ ଯିବା ସହ ସିବିଆଇ ତଦନ୍ତ ପାଇଁ ଦାବି ଜଣାଇବେ ବୋଲି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ନାବାଳକଙ୍କ ଝୁଲନ୍ତା ମୃତଦେହ ଜବତ

**ନିମାପଡ଼ା,୧୯।୪(ଡି.ଏନ୍.ଏ.):** ନିମାପଡ଼ା ଏନ୍ଏସି ଅନ୍ତର୍ଗତ ୯ନଂ. ୱାର୍ଡର ଅଣିଆ ସାହି ପିଙ୍ଗଳାକ୍ଷୀ କଲୋନୀର ଜଣେ ବ୍ୟକ୍ତିଙ୍କ ଘରୁ ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ରାତିରେ ଜବତ କରିଛି। ମୃତକ ହେଲେ ଗ୍ରାମର ରାଜେଶ ସେଠୀ(୩୦)। ଏନେଇ ରାଜେଶଙ୍କ ମାମୁଁ ପୁଅ ଭାଇ ମନୋରଞ୍ଜନ ସେଠୀ (୩୪) ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୬/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲକୁ ପଠାଇଛି। ସୂଚନା ମୁତାବକ, ରାଜେଶ ତାଙ୍କ ଘର ନିକଟ ପିଙ୍ଗଳାକ୍ଷୀ କଲୋନାରେ ଜଣ ସମ୍ପର୍କୀୟଙ୍କ ଘରେ ଗତ କିଛି ଦିନ ଧରି ରହି ଆସୁଥିଲେ। କୋଠାଘର ଉପର ମହଲାରେ କେହି ନ ଥିବା ସୁଯୋଗରେ ମଙ୍ଗଳବାର ରାତିରେ ଏପରି କାଣ୍ଡ ଘଟାଇଥିବା ସମ୍ପର୍କୀୟଙ୍କ ପରିବାର ଲୋକ କହିଛନ୍ତି। ସେମାନେ ରାଜେଶଙ୍କୁ ଡାକିବାରୁ ସେ କବାଟ ଖୋଲି ନ ଥିଲେ। ପରେ ସେମାନେ କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରି ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ରାଜେଶଙ୍କୁ ମୃତ ଘୋଷଣା କରିଥିଲେ।

### ସାହିତ୍ୟ ପତ୍ରିକା 'ସତ୍ୟଭାମା' ଉନ୍ମୋଚିତ

**ସାକ୍ଷୀଗୋପାଳ,୧୯।୪(ଡି.ଏନ୍.ଏ./ସ୍ୱ.ପ୍ର.):** ସ୍ଥାନୀୟ ବରାଳ ବାଲୁଙ୍କେଶ୍ୱର ଦେବ ମନ୍ଦିର ସନ୍ନିକଟରେ ସତ୍ୟଭାମା ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ସାହିତ୍ୟ ପତ୍ରିକା 'ସତ୍ୟଭାମା' ବୁଧବାର ଉନ୍ମୋଚିତ ହୋଇଛି। ଡ. କୈଳାଶଚନ୍ଦ୍ର ଟିକାୟତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନିଲ ପଣ୍ଡା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡ. ଅଜୟ ସ୍ୱାଇଁ, ଡ. ରଜନୀ ରଞ୍ଜନ, ମାନସ ପଟ୍ଟନାୟକ, ଭୀମସେନ ମହାପାତ୍ର ପ୍ରମୁଖ ମମତାମୟୀ ମା'ର ଅମୂଲ୍ୟ ଦାନ ସମ୍ପର୍କରେ ଆଲୋଚନା କରିଥିଲେ। ପାଲା ଗୁରୁ ତଥା ବରାଳ ବାଲୁଙ୍କେଶ୍ୱରଙ୍କ ସେବକ ସଚ୍ଚିଦାନନ୍ଦ ମହାପାତ୍ର ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୬୦ ଜଣ କବି ଯୋଗଦେଇ କବିତା ପାଠ କରିଥିଲେ। ସତ୍ୟଭାମାର ସମ୍ପାଦକ ଦେବୀ ପ୍ରସାଦ ମହାପାତ୍ର ଏହାକୁ ପରିଚାଳନା କରିଥିବାବେଳେ ପ୍ରଭାସିନୀ ଦେବୀ ଓ କ୍ରିଷ୍ଣା ମହାପାତ୍ର ସଂଯୋଜନା କରିଥିଲେ।

### ମହାପ୍ରଭୁଙ୍କ ବନକ ଲାଗି ନୀତି

**ପୁରୀ ଅଫିସ, ୧୯।୪:** ବୈଶାଖ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥି ବୁଧବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକ ଲାଗି ନୀତି ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡିବା ଉତାରେ ଏହି ନୀତି ଅନୁଷ୍ଠିତ ହୋଇଥିଲା। ସେବକମାନେ ରତ୍ନ ସଂହାସନ ଉପରକୁ ଉଠି ଠାକୁରମାନଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ବନକ ଲାଗିରେ କସ୍ତୁରୀ, ହରିତାଳ, ଶଙ୍ଖତାଳ, ହେଙ୍ଗୁଳ, କେଶର, ବାହାଡା ପରି ଅନେକ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥିଲା। ଏହା ଗୁପ୍ତନୀତି ହୋଇଥିବାରୁ ଏହି ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦରହିଥିଲା। ଦଇତମହାପାତ୍ର ସେବକମାନେ ବନକ ଲାଗି ନୀତି ଶେଷ କରି ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀବିଗ୍ରହମାନଙ୍କର ଗଭା ମଇଲମ କରାଯାଇ ମହାସ୍ନାନ ନୀତି କରାଯାଇଥିଲା। ପରେ ସର୍ବ ସାଧାରଣ ଦର୍ଶନ ଆରମ୍ଭ ହେବା ସହ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।

# ବାହାର ଚନ୍ଦନ ଯାତ୍ରା ପାଇଁ ନରେନ୍ଦ୍ର ପୁଷ୍କରିଣୀରେ ଅସ୍ଥାୟୀ ମଞ୍ଚ

**ପୁରୀ ଅଫିସ, ୧୯।୪**



ଚଳିତ ମାସ ୨୩ ତାରିଖରେ ମହାପ୍ରଭୁଙ୍କ ପବିତ୍ର ଅକ୍ଷୟ ତୃତୀୟା ଅନୁଷ୍ଠିତ ହେବ। ଏହି ଦିନଠାରୁ ନରେନ୍ଦ୍ର ପୁଷ୍କରିଣୀରେ ବାହାର ଚନ୍ଦନଯାତ୍ରା ଆରମ୍ଭ ହେବା ସହ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ରଥ ନିର୍ମାଣ ଅନୁକୂଳ କରାଯିବ। ଠାକୁରଙ୍କ ବାହାର ଚନ୍ଦନ ଯାତ୍ରା ଅବସରରେ ଶ୍ରୀମଦନମୋହନ, ଭୂଦେବୀ, ଶ୍ରୀଦେବୀ, ରାମକୃଷ୍ଣଙ୍କ ସମେତ ଶ୍ରୀକ୍ଷେତ୍ର ପଞ୍ଚ ମହାଦେବ ନରେନ୍ଦ୍ର ପୁଷ୍କରିଣୀରେ ନୌକାବିହାର କରିବେ। ନନ୍ଦା ଓ ଭଦ୍ରା ଚାପଡଙ୍ଗାରେ ବସି ଠାକୁରମାନେ ନୌକା ବିହାର କରିବେ। ବାହାର ଚନ୍ଦନ ଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ମେ ୧୨ ତାରିଖ ପର୍ଯ୍ୟନ୍ତ ବାହାର ଚନ୍ଦନଯାତ୍ରା ଚାଲିବ। ଏନେଇ ମଙ୍ଗଳବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ କରାଯାଇଛି। ତେବେ ଚଳିତବର୍ଷ ନରେନ୍ଦ୍ର ପୁଷ୍କରଣୀର ସୌନ୍ଦର୍ଯ୍ୟ କରଣ କାର୍ଯ୍ୟ ଚାଲିଥିବା ହେତୁ ପୁଷ୍କରଣୀ ପାଣିକୁ ଶୁଖାଯାଇ କାର୍ଯ୍ୟ କରାଯାଇଥିଲା। ପୋଖରୀ ଚାରିପାଖରେ ବିଭିନ୍ନ କୋଠା ନିର୍ମାଣ ହେବା ସହ ଅନେକ ବସତି ସ୍ଥାପନ ହେବା ଫଳରେ ପୋଖରୀର ଝରରୁ ପାଣି ବାହାରୁ ନ ଥିବା ଦେଖିବାକୁ ମିଳିଥିଲା। ପରେ ପ୍ରଶାସନ ପକ୍ଷରୁ ଅନ୍ୟ ସ୍ଥାନରୁ ପାଣି ଆଣି ନରେନ୍ଦ୍ର ପୁଷ୍କରିଣୀରେ ଭର୍ତ୍ତି କରିବା ପାଇଁ ଯୋଜନା କରାଯାଇଥିଲା। ଫଳରେ କିଛି ଦିନ ହେବ ପାଇପ ଯୋଗେ ପୁଷ୍କରିଣୀ ମଧ୍ୟକୁ ପାଣି ଛଡ଼ାଯାଉଥିଲା। ମାତ୍ର ପୋଖରୀ ପ୍ରାୟ ସମ୍ପୂର୍ଣ୍ଣ ଶୁଖିଯାଇଥିବାରୁ ଯେତିକି ପାଣି ଅଛି, କୂଳରେ ନୌକା ଯିବା ସମ୍ଭବପର ନୁହେଁ। ତେଣୁ ପ୍ରଶାସନ ପକ୍ଷରୁ ପୋଖରୀ ମଧ୍ୟରେ ଅସ୍ଥାୟୀ ମଞ୍ଚା ନିର୍ମାଣ କରାଯାଉଛି। ଚାପଡଙ୍ଗାଗୁଡିକ ଏହି ମଞ୍ଚା ନିକଟରେ ରହିବ। ଠାକୁର ମଞ୍ଚା ଉପରକୁ ଯାଇ ସେଠାରୁ ଚାପଡଙ୍ଗାକୁ ବିଜେ କରିବେ । ପ୍ରଶାସନର ଦୂରଦୃଷ୍ଟି ଅଭାବରୁ ଏପରି ସ୍ଥିତି ଦେଖିବାକୁ ମିଳିଛି। ତେବେ ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ପାଇଁ ନରେନ୍ଦ୍ର ପୁଷ୍କରଣୀରେ ଏପରି ମଞ୍ଚା ନିର୍ମାଣ ହେବା ପ୍ରଥମ କଥା ନୁହେଁ। ପୂର୍ବରୁ ମଧ୍ୟ ନରେନ୍ଦ୍ର ପୁଷ୍କରିଣୀ କାର୍ଯ୍ୟ ସମୟରେ ପାଣି କମିଥିବା କାରଣରୁ ଚାପ ସମୟରେ ଏହିପରି ଅସ୍ଥାୟୀ ମଞ୍ଚା ନିର୍ମାଣ କରାଯାଇ ମହାପ୍ରଭୁଙ୍କ ଚନ୍ଦନଯାତ୍ରା ଅନୁଷ୍ଠିତ ହୋଇଥିଲା ବୋଲି ଭେଇ ସର୍ଦ୍ଦାର ରବି ଭୋଇ କହିଛନ୍ତି।

# ନିମାପଡ଼ା ଯୁବତୀଙ୍କୁ ଅପହରଣ କରି କୋଲକାତାରେ ଅଟକ

**ନିମାପଡ଼ା,୧୯।୪(ଡି.ଏନ୍.ଏ.)**

ନିମାପଡ଼ା ଥାନା ଅଞ୍ଚଳର ଜଣେ ୧୮ ବର୍ଷୀୟାଙ୍କୁ ବିଭିନ୍ନ ମିଥ୍ୟା ପ୍ରଲୋଭନ ଦେଖାଇ ଜଣେ ଯୁବକ କଲିକତା ନେଇ ସେଠାରେ ବିବାହ କରିବାକୁ ବାଧ୍ୟ କରିଥିଲେ। ଯୁବତୀ ଏଥିରେ ଅରାଜି ହେବାରୁ ଯୁବକ ତାଙ୍କ ବାପା ମିଶି ତାଙ୍କୁ ନିର୍ଯାତନା ଦେଉଥିଲେ। ଯୁବତୀ ଗତ ୧୨ ତାରିଖରେ ଲୁଚି କରି କଲିକତାରୁ ନିମାପଡ଼ାରେ ପହଞ୍ଚି ଘରେ ଜଣାଇବା ପରେ ପରୁବାର ପକ୍ଷରୁ ଥାନାରେ ଏନେଇ ଅଭିଯୋଗ ହୋଇଛି। ଅପହରଣକାରୀ ଯୁବକ ନିମାପଡ଼ା ଥାନା ଅନ୍ତର୍ଗତ ଅରିକ୍ଷଣ୍ଡ ଗ୍ରାମର ଗୋପାଳ ବେହେରା ଓ ତାଙ୍କ ବାପା ସୁରେନ୍ଦ୍ର ବେହେରାଙ୍କ ବିରୋଧରେ ୩୪୨, ୨୯୪, ୩୨୩, ୩୫୪, ୩୬୬, ୫୦୬, ୩୪ ଦଫାରେ ଏକ ମାମଲା (ନଂ. ୧୨୧/୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ଭୟରେ ୨ଜଣ ଫେରାର ଥିବା ଜଣାପଡିଛି। ସୂଚନା ମୁତାବକ, ଯୁବତୀଙ୍କୁ ଗୋପାଳ ଓ ସୁରେନ୍ଦ୍ର ମିଥ୍ୟା ପ୍ରଲୋଭନ ଦେଖାଇ ତାଙ୍କ ସହ ବଳପୂର୍ବକ ଗତ ମାସ ୨୯ ତାରିଖରେ ଅପହରଣ କରିନେଇ କୋଲକାତାରେ ରଖିଥିଲେ। ଯୁବକ ଜଣକ ଯୁବତୀଙ୍କୁ ବିବାହ କରିବାକୁ ବାଧ୍ୟ କରିଥିଲେ। ସେ ଅରାଜି ହେବାରୁ ତାଙ୍କୁ ବାନ୍ଧି ବାପା ପୁଅ ନିର୍ଯାତନା ଦେଉଥିବା ଅପହୃତା ଯୁବତୀଙ୍କ ବାପା ଜାଣିପାରିଥିଲେ। ଜଣେ ଓଡ଼ିଆ ମହିଳାଙ୍କ ସହାୟତାରେ ଯୁବତୀ ଜଣକ କୌଶଳକ୍ରମେ ଖସି ଆସି ଗତ ୧୨ ତାରିଖରେ ଭୁବନେଶ୍ୱରରେ ପହଞ୍ଚିଥିଲେ। ଅପହୃତା ଯୁବତୀଙ୍କୁ ପାଇ ତାଙ୍କ ପରିବାର ଲୋକେ ପାଇ ଆଶ୍ୱସ୍ତ ହୋଇଥିଲେ। ଯୁବତୀ କୋଲକାତାରୁ ଖସି ପଳାଇ ଆସିଥିବାରୁ ଗୋପାଳ ବିଭିନ୍ନ ସମୟରେ ତାଙ୍କ ଘରକୁ ଯାଇ ଗାଳିଗୁଲଜ କରି ହତ୍ୟା ଧମକଚମକ ଦେଇଥିବା ସମ୍ପର୍କରେ ସମ୍ପୃକ୍ତା ଯୁବତୀଙ୍କ ପିତା ମଙ୍ଗଳବାର ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି।

# ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ




ଉତ୍ସବରେ ଯୋଗଦେଇଥିବା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ ଅନ୍ୟ ଅତିଥିମାନେ।

**ପୁରୀ ଅଫିସ, ୧୯।୪**

ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଷ୍ଟାଦଶତମ ବାର୍ଷିକ ଉତ୍ସବ ଏବଂ ମହାବିଦ୍ୟାଳୟ ନିମନ୍ତେ ଭୂମି ପୂଜନ କାର୍ଯ୍ୟକ୍ରମ ବୁଧବାର ପୁରୀ ଷ୍ଟେଶନ ରୋଡସ୍ଥିତ ଓଡ଼ିଶା ସଙ୍ଗୀତ ପରିଷଦ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ସଦର ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସତ୍ପାରାଣୀ ସ୍ୱାଇଁ, ନାଟ୍ୟକାର ପ୍ରସନ୍ନ କୁମାର ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ। ଅନୁଷ୍ଠାନର ସଭାପତି ଭକ୍ତଚରଣ ଦାସ, କାର୍ଯ୍ୟକାରୀ ସଭାପତି ଚକ୍ରଧର ମହାପାତ୍ର ଏବଂ ଅଧ୍ୟକ୍ଷ ତଥା ସମ୍ପାଦକ ଦୁର୍ଗାମାଧବ କର ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ରାଜ୍ୟପାଳ ମହାବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ଚିତ୍ରକଳା ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ବୁଲି ଦେଖିଥିଲେ। ଏହି ପ୍ରଦର୍ଶନୀରେ ୧୫୦ଟି ଚିତ୍ରକଳା ଓ ୫ଟି ଷ୍ଟକଚର ସ୍ଥାନ ପାଇଛି। ଏହି ଅବସରରେ ରାଜ୍ୟପାଳ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହ ଫଟୋ ଉଠାଇଥିଲେ। ପରେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଦୁର୍ଗା ମାଧବ କର ସ୍ୱାଗତ ଭାଷଣ ଦେବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନେ ନିଜ ଅଭିଭାଷଣରେ ମହାବିଦ୍ୟାଳୟର ଉନ୍ନତି କାମନା କରିଥିଲେ। ସଭା ପରେ ବିଭିନ୍ନ କ୍ଷେତ୍ରରେ ପାରିଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ ବିଚିତ୍ରା ପରିବେଷଣ କରାଯାଇଥିଲା। ଶିବ ସୁନ୍ଦର ମିଶ୍ର ଓ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିଲେ।

# ସହକାରୀ ଦେବୋତ୍ତର କମିଶନରଙ୍କ ସାକ୍ଷୀଗୋପାଳ ଗସ୍ତ

**ସାକ୍ଷୀଗୋପାଳ,୧୯।୪(ଡି.ଏନ୍.ଏ./ସ୍ୱ.ପ୍ର.)**

ରାଜ୍ୟ ଦେବୋତ୍ତର ବିଭାଗର ସହକାରୀ ଦେବୋତ୍ତର କମିଶନର ଗୋବିନ୍ଦ ସାହୁ ବୁଧବାର ସାକ୍ଷୀଗୋପାଳ ଗସ୍ତରେ ଆସିଥିଲେ। ସାକ୍ଷୀଗୋପାଳ ମନ୍ଦିର କାର୍ଯ୍ୟାଳୟରେ କମିଶନର ସାହୁ ଓଡ଼ିଆ ବିଶ୍ୱବିଦ୍ୟାଳୟକୁ ବିକ୍ରି ହୋଇଥିବା ଜମି ଓ ସେଠାରେ ଚାଲିଥିବା ନିର୍ମାଣ କାର୍ଯ୍ୟ ବୁଲି ଦେଖିଥିଲେ। ଠାକୁରଙ୍କ କାଳୀୟଦଳନ ଦେବନୀତି ସମ୍ପାଦନ କରାଯାଉଥିବା ତୀର୍ଥ ପୁଷ୍କରିଣୀ ବିଶ୍ୱବିଦ୍ୟାଳୟକୁ ବିକ୍ରି କରାଯାଇଛି। ଠାକୁରଙ୍କ ବିଜେସ୍ଥଳୀ ମନ୍ଦିର ମାଲିକାନାକୁ ଫେରାଇ ଆଣିବାକୁ ସେବାୟତ ସଂଘର ଦାବି କ୍ରମେ କମିଶନର ପୁଷ୍କରିଣୀ ଉନ୍ନୟନ କାମ ଦେଖିଥିଲେ। ବିଶ୍ୱବିଦ୍ୟାଳୟକୁ ଦିଆଯାଇଥିବା ଜମିରେ ଥିବା ଠାକୁରଙ୍କ ଦେବନୀତି ସହ ଜଡିତ ପୁଷ୍କରିଣୀ ରାଧାକୁଣ୍ଡ କିପରି ମନ୍ଦିର ମାଲିକାନାକୁ ଅଣାଯିବା ସେନେଇ ଆଲୋଚନା ହୋଇଥିଲା। ଗସ୍ତ ସମୟରେ ସାକ୍ଷୀଗୋପାଳ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀ, ସେବାୟତ ସଂଘ ସମ୍ପାଦକ ବିଜୟ ନନ୍ଦ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

**ଟାଙ୍ଗୀ(ଖୋର୍ଦ୍ଧା),୧୯।୪(ଡି.ଏନ.ଏ.)**

ଟାଙ୍ଗୀସ୍ଥିତ ୧୬ ନଂ. ଜାତୀୟ ରାଜପଥରେ ମଙ୍ଗଳବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଟାଙ୍ଗୀ ଥାନା ଅଧୀନ ବ୍ରାହ୍ମଣ୍ଡି ଗ୍ରାମର ବିଶ୍ୱମୋହନ ପଲେଇ(୩୧)। ସୂଚନା ମୁତାବକ, ବିଶ୍ୱମୋହନ ବାଇକ୍ ଯୋଗେ ବ୍ରାହ୍ମଣ୍ଡିରୁ ବାଲୁଗାଁକୁ ଯାଉଥିଲେ। ଚଣ୍ଡେଶ୍ୱର ପେଟ୍ରୋଲ ପମ୍ପ ନିକଟରେ ଏକ ଅଜଣା ଗାଡି ତାଙ୍କ ବାଇକ୍‌କୁ ପଛ ପଟୁ ଧକ୍କା ଦେଇ ଚାଲିଯାଇଥିଲା। ଖବର ପାଇ ଟାଙ୍ଗୀ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଟାଙ୍ଗୀ ମେଡିକାଲକୁ ନେଇଥିଲା। କିନ୍ତୁ ଡାକ୍ତର ବିଶ୍ୱମୋହନଙ୍କୁ ମୃତ ଘୋଷଣା କରିଥିଲେ।



ଗୋପ ଥାନା ପରିସରରେ ଖୋଲାଯାଇଥିବା ଜଳଛତ୍ରରେ ଅତିଥି ଏବଂ ଅନ୍ୟମାନେ ପାନୀୟଜଳ ଓ ଟଙ୍କତୋରାଣି ପିଉଛନ୍ତି।

# ମିଶନ ଶକ୍ତି ଯୋଜନାରେ ୨୯ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ

**ନିମାପଡ଼ା,୧୯।୪(ଡି.ଏନ୍.ଏ.)**

ମହିଳା ମିଶନ ଶକ୍ତି ଯୋଜନାରେ ନିମାପଡ଼ା ବ୍ଲକ ଛଣିଜଙ୍ଗ, କୋଟକୋସାଙ୍ଗ, ଭୋଦର, ତମ୍ପାଲୋ, ତୁଳସୀପୁର, ବଳଙ୍ଗା, ବାହାରେଣା, ବଡ଼ମାଛପୁର ପ୍ରଭୃତି ୮ଟି ପଞ୍ଚାୟତର ୨୯ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରାଯାଇଛି। ସେଥିରେ ୨୬ଜଣ ସିଆର୍‌ପି, ୨ଜଣ ଏମ୍‌ବିକେ, ଜଣେ ବ୍ୟାଙ୍କ ମିତ୍ର ପ୍ରମୁଖ ସାମିଲ ଅଛନ୍ତି। ମଙ୍ଗଳବାର ବ୍ଲକ ସଭାକକ୍ଷରେ ନିଯୁକ୍ତିପତ୍ର ବଣ୍ଟନ ସମାରୋହ ଆୟୋଜିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ନୂତନ ମହିଳା ପଦାଧିକାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ଗ୍ରାମାଞ୍ଚଳରେ ମହିଳାଙ୍କୁ ଆତ୍ମନିର୍ଭରଶୀଳ ଓ ସ୍ୱାବଲମ୍ବୀ କରିବା ଦିଗରେ ନବନିଯୁକ୍ତ କର୍ମଚାରୀମାନେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ବସନ୍ତ କୁମାର ମଲ୍ଲିକ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଜୀବିକାମିଶନ ବିଭାଗ ବିପିଏମ୍ ମଧୁଛନ୍ଦା ପ୍ରଧାନ, ବ୍ଲକ ଲେବୁଲ ଫେଡେରେଶନ (ବିଏଲ୍ଏଫ୍) ଓ ଗ୍ରାମପଞ୍ଚାୟତ ଲେବୁଲ ଫେଡେରେଶନ (ଜିପିଏଲ୍ଏଫ୍), ଆଞ୍ଚଳିକ ମଞ୍ଚ, ମହିଳା ମିଶନ ଶକ୍ତିର କର୍ମଚାରୀ, ବ୍ଲକସ୍ତରୀୟ ମହିଳା ମହାସଂଘର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ। ଆଜି ୨୯ଜଣ ନୂତନ ମହିଳା ପଦାଧିକାରୀଙ୍କୁ ନିଯୁକ୍ତି ନିମନ୍ତେ ଗତ ୨ ମାସ ତଳେ ନୋଟିଫିକେଶନ କରାଯାଇଥିଲା। ଗତ ୬ ତାରିଖରେ ଏହି ଚୟନ କାର୍ଯ୍ୟ ହୋଇଥିଲା। ବିଭିନ୍ନ ପଦ୍ଧତିର ନମ୍ବର ଅନୁସାରେ ଏହି ଚୟନ କରାଯାଇଥିବା ଓଡ଼ିଶା ଜୀବିକା ମିଶନ ନିମାପଡ଼ା ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ହେଲେ ପଦାଧିକାରୀ ଚୟନରେ ଅନିୟମିତତା ସହ ଚଞ୍ଚକତା, ରାଜନୀତିକରଣ କରାଯାଇଥିବା କେତେକ ବ୍ୟକ୍ତି ଅଭିଯୋଗ ବାଢ଼ିଥିବା ଶୁଣିବାକୁ ମିଳିଛି। ଏ ସମ୍ପର୍କରେ ଜୀବିକା ମିଶନ ବିଭାଗର ବିପିଏମ୍ ପ୍ରଧାନ, ନିମାପଡ଼ା ବ୍ଲକ ମହିଳା ମହାସଂଘର ସଭାପତି ସୌଦାମିନୀ ବେହେରା, ସମ୍ପାଦକ ମମତାରାଣୀ ପାଇକରାୟ ପ୍ରମୁଖଙ୍କୁ ପଚାରିବାରେ ସମସ୍ତ ପ୍ରକାର ସରକାରୀ ନୀତି ନିୟମ, ନମ୍ବର ଭିତ୍ତିରେ ଏହି ପଦାଧିକାରୀ ଚୟନ କରାଯାଇଛି। ଏଥିରେ କୌଣସି ଅନିୟମିତତା ହୋଇନାହିଁ। ଯାହା ଅଭିଯୋଗ ହେଉଛି ତାହା ସମ୍ପୂର୍ଣ୍ଣ ମିଥ୍ୟା, ଭିତ୍ତିହୀନ ବୋଲି ସେମାନେ କହିଥିଲେ।

# ସିଲିଣ୍ଡର ଫାଟିବାରୁ ଦୋକାନରେ ନିଆଁ

**ଜଟଣୀ,୧୯।୪(ଡି.ଏନ୍.ଏ.)**

ଜଟଣୀ ବ୍ଲକ ଅଧୀନ ବେଣାପଞ୍ଜରୀ ଗ୍ରାମରେ ବୁଧବାର ଏକ ଗ୍ୟାସ ସିଲିଣ୍ଡର ଫାଟି ଯିବାରୁ ଏକ ଦୋକାନରେ ନିଆଁ ଲାଗିଯାଇଥିଲା। ସୂଚନା ମୁତାବକ ଉକ୍ତ ବେଣାପଞ୍ଜରୀ ଗ୍ରାମର ସୟଦ ଖାଁ ନିଜ ଦୋକାନରେ ଚା କରୁଥିବା ସମୟରେ କୌଣସି କାରଣରୁ ଗ୍ୟାସ ସିଲିଣ୍ଡରଟି ଫାଟି ଯାଇଥିଲା। ନିଆଁ ଲାଗିବା ଫଳରେ ଦୋକାନରେ ଥିବା ସମସ୍ତ ବସ୍ତୁ ଓ ସାମଗ୍ରୀ ଜଳି ଯାଇଥିଲା। ତେବେ ଦୋକାନୀ ଭାଗ୍ୟ ବଶତଃ ରକ୍ଷା ପାଇଯାଇଥିଲେ। ଖବରପାଇ ଘଟଣାସ୍ଥଳରେ ଜଟଣୀ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ପରେ ସରପଞ୍ଚ ଓ ବିଧାୟକ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ଦୋକାନୀକୁ ଆଶ୍ୱାସନା ଦେବା ସହିତ କିଛି ଆର୍ଥିକ ସହାୟତା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି।

# ପ୍ରତିଯୋଗୀଙ୍କୁ ଏଯାଏ ମିଳିନି ପୁରସ୍କାର

**ଆତସବାଜି ପ୍ରତିଯୋଗିତାକୁ ପୂରିଲାଣି ମାସେ**

**ଗୋପ,୧୯।୪(ଡି.ଏନ୍.ଏ.)**

ଗୋପ ଲୋକ ମହୋତ୍ସବ ଅବସରରେ ଆତସବାଜି ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀଙ୍କୁ ଦୀର୍ଘ ୧ ମାସ ପରେ ବି ପୁରସ୍କାର ମିଳି ନ ଥିବା ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ବାଣୁଆ ବୈକୁଣ୍ଠ ନାୟକ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଗତ ମାର୍ଚ୍ଚ ୨୧ରେ ଗୋପ ମେଳଣ ଓ ଗୋପ ଲୋକ ମହୋତ୍ସବରେ ଆତସବାଜି ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ପିପିଲି ଦାଣ୍ଡମୁକୁନ୍ଦପୁରର ବାଣୁଆ ଲକ୍ଷ୍ମୀଧର ବେହେରା, ଡେଲାଙ୍ଗ ବେନୁପଡା ଗ୍ରାମର ବାଣୁଆ ସୁଲୋଚନା ମଲ୍ଲିକ, ନିମାପଡ଼ା ଚାରିଛକ ଅଞ୍ଚଳର ବାଣୁଆ ବୈକୁଣ୍ଠ ନାୟକ ଭାଗ ନେଇଥିଲେ। ପ୍ରତିଯୋଗିତା ଆୟୋଜନ କରୁଥିବା ୨ ଗୋଟି କମିଟି ପକ୍ଷରୁ ପ୍ରଥମ ପୁରସ୍କାର ଏସି ଆଉ ୨ ଗୋଟି ସ୍ୱାନ୍ତ୍ୱନାମୂଳକ ପୁରସ୍କାର ରଖାଯାଇଥିଲା। ଏଥିରେ ନିମାପଡ଼ା ଚାରିଛକ ଅଞ୍ଚଳର ବାଣୁଆ ବୈକୁଣ୍ଠ ନାୟକଙ୍କୁ ଶେଷ୍ଠ ଆତସବାଜି ପ୍ରଦର୍ଶନ ପାଇଁ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଆଉ ୨ ପ୍ରତିଯୋଗୀ ମଧ୍ୟ ସ୍ୱାନ୍ତନାମୂଳକ ପୁରସ୍କାର ପାଇବାକୁ କମିଟି ପକ୍ଷରୁ ମନୋନୀତ ହୋଇଥିଲେ। କିନ୍ତୁ ଆତସବାଜି ପ୍ରଦର୍ଶନ ମାସେ ପୁରିବାକୁ ବସିଥିବାବେଳେ ଏ ପର୍ଯ୍ୟନ୍ତ କମିଟି ସେମାନଙ୍କୁ ପୁରସ୍କାର ଦେଇନାହିଁ। ଫଳରେ ଏପରି ଏକ ଘଟଣାକୁ ନେଇ ବାଣୁଆମାନେ ବାରମ୍ବାର କମିଟି ସଦସ୍ୟଙ୍କୁ ଫୋନ କରୁଥିଲେ ମଧ୍ୟ ଆଜି ଦିଆଯିବ କାଲି ଦିଆଯିବ ବୋଲି କହୁଛନ୍ତି। ଏ ପ୍ରସଙ୍ଗରେ ଆତସବାଜି ପ୍ରଦର୍ଶନ କରିଥିବା ୨ ଗୋଟି କମିଟି ସଦସ୍ୟଙ୍କୁ ପଚାରିଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ମିଳିପାରି ନାହିଁ। କମିଟିର ଜଣେ ସଦସ୍ୟଙ୍କୁ ପଚାରିବାରେ, କମିଟି ପକ୍ଷରୁ ପୁରସ୍କାର ଦିଆଯିବା ନିମନ୍ତେ ଏକ କମ୍ପାନୀକୁ ଟଙ୍କା ଦିଆଯାଇଛି। ମାତ୍ର ତାଙ୍କ ଶରୀର ଅସୁସ୍ଥ ଥିବାରୁ ଦିଆଯାଇପାରୁନି। ଖୁବ୍‌ଶୀଘ୍ର ପୁରସ୍କାର ଦିଆଯିବ ବୋଲି ସେ କହିଛନ୍ତି।

# ମାଙ୍କଡ଼ଙ୍କ ଉପଦ୍ରବରେ ଚାଷୀକୁଳ ହତାଶ

**ବନବିଭାଗ ଦୃଷ୍ଟି ଦେବାକୁ ଦାବି**

**କାକଟପୁର,୧୯।୪(ଡି.ଏନ୍.ଏ.)**



କାକଟପୁର ବ୍ଲକ ଅଞ୍ଚଳରେ ମାଙ୍କଡ଼ଙ୍କ ଉପଦ୍ରବରେ ବାଡ଼ି ବଗିଚା ଓ କ୍ଷେତରେ ଫସଲ ନଷ୍ଟ ହେଉଛି। ହେଲେ ବନ ବିଭାଗ ଏହି ଅଭିଯୋଗକୁ କର୍ଣ୍ଣପାତ କରୁନାହିଁ। ବନୀକରଣ ନାମରେ ବୃକ୍ଷ ଆମ୍ବ, ପିଜୁଳି, ଜାମୁକୋଳି ଭଳି ଚାରା ରୋପଣ ନ କରି ମାଙ୍କଡ଼ଙ୍କ ଖାଦ୍ୟ ଅନୁପଯୋଗୀ ଗଛ ଲାଗାଇବାରୁ ସେମାନେ ଫସଲ ମୁହାଁ ହୋଇ ଫସଲ କ୍ଷତି କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବାଡ଼ି ବଗିଚାରେ ସଜନା, ଅମୃତଭଣ୍ଡା, ବାଇଗଣ, ଭେଣ୍ଡି ଭଳି ସବୁଦିନିଆ ପନିପରିବା ଲଗାଇ ଅନ୍ୟ ପରିବା ବଜାରରୁ ଆଣୁଥିଲେ। ହେଲେ ମାଙ୍କଡ଼ ସେହି ବାଡ଼ି ପରିବାକୁ ନଷ୍ଟ କରିଦେଉଛନ୍ତି। ଫଳରେ ବାଡ଼ି ବଗିଚାରେ ପରିବା ନ ଲଗାଇ ତାକୁ ପଡିଆ ରଖିବାକୁ ପଡୁଛି। ମାଙ୍କଡ଼ ଉପଦ୍ରବ ଯୋଗୁ ଚାଷୀ ଲାଭ ପାଇବା ତ ଦୂରର କଥା ମୂଳ ପାଇପାରୁ ନାହିଁ। ଫଳରେ ଅବଶିଷ୍ଟ ଚାଷୀ ବିଭାଗଠାରୁ ବିହନ ନେଇ ଚାଷ ନ କରି ଘରେ ରଖୁଛନ୍ତି। ସରକାରଙ୍କ କାଗଜ କଲମରେ କାକଟପୁର ବ୍ଲକରେ ରବି ଚାଷର ଉନ୍ନତି ହେଉଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ତାହା ପ୍ରତିଫଳିତ ହେଇପାରୁ ନାହିଁ। ଏହା କିଛି ପ୍ରତିକାର କରା ନ ଗଲେ ଚାଷୀ ଆଗକୁ ଦାଦନ ଖଟିବାକୁ ଯିବେ ବୋଲି ଅଞ୍ଚଳବାସୀ କହିଛନ୍ତି। ତେଣୁ ବନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଓ ସଚିବ ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ବ୍ଲୁ ଡାଇମଣ୍ଡକୁ ହରାଇ କୁଇନ୍ ଷ୍ଟାର ଚାମ୍ପିୟନ

**ଆର୍‌ପିଏଲ୍ ପ୍ରିମିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟ**

**ପିପିଲି,୧୯।୪(ଡି.ଏନ୍.ଏ.)**




ମୁଖ୍ୟ ଅତିଥି ତଥା ପିପିଲି-ଡେଲାଙ୍ଗ ବିଧାୟକ ରୁଦ୍ରପ୍ରତାପ ମହାରଥି ଚାମ୍ପିୟନ ଦଳର ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

ପିପିଲି ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ଜମାଲପୁର ଖେଳପଡିଆରେ ଆରପିଏଲ ପ୍ରିମିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଟିମ ଭାଗ ନେଇଥିଲେ। ମଙ୍ଗଳବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ କୁଇନ ଷ୍ଟାର ଦଳ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚରେ କୁଇନ ଷ୍ଟାର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭର ୧୧୫ରନ କରିଥିଲେ। ଜବାବରେ ବ୍ଲୁଡାଇମଣ୍ଡ ଦଳ ୧୦ଓଭରରେ ୭ ଉଇକେଟ ହରାଇ ୯୫ରନ ସଂଗ୍ରହ କରିଥିଲେ। ଏହି ଫାଇନାଲ ମ୍ୟାଚ କୁ କୁଇନ ଷ୍ଟାର ୨୦ରନରେ ଏବର୍ଷର ଚାମ୍ପିୟନ ଦଳ ହୋଇଥିଲେ। ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ପିପିଲି-ଡେଲାଙ୍ଗ ବିଧାୟକ ରୁଦ୍ରପ୍ରତାପ ମହାରଥି, ସମ୍ମାନିତ ଅତିଥି ଭାବେ କେନ୍ଦ୍ର ସମବାୟ ବ୍ୟାଙ୍କ ଜିଲ୍ଲା ସଭାପତି କିଶୋର ଛୋଟରାୟ, ଜିଲ୍ଲା ପରିଷଦ ଧରଣୀଧର ସାହୁ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଦେବାଶିଷ ନନ୍ଦ, ସିବିର ପରିଡା, ସହଜପୁର ସରପଞ୍ଚ ସତ୍ୟନାରାୟଣ ବଡ଼ିଆ, ବିଶ୍ୱଜିତ ଦାଶ ପ୍ରମୁଖ ଯୋଗଦେଇ ଟୁର୍ଣ୍ଣାମେଣ୍ଟ ବିଜୟୀ ଦଳକୁ ଚାମ୍ପିୟନ ଟ୍ରଫି ଓ ରନର୍ସଅପ ଦଳକୁ ରନର୍ସଅପ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଦୋଳଗୋବିନ୍ଦ ମିଶ୍ର ଓ ମ୍ୟାନ ଅଫ ଦି ସିରିଜ ଭାବେ ସନ୍ତୋଷ ବରାଳ ବିବେଚିତ ହୋଇଥିଲେ।

# ଗଣତନ୍ତ୍ରର ସୁରକ୍ଷା ପାଇଁ କଂଗ୍ରେସର ସତ୍ୟାଗ୍ରହ

ଭୁବନେଶ୍ୱର,୧୯।୪(ବ୍ୟୁରୋ)

ଭାରତବର୍ଷର ଗଣତନ୍ତ୍ର ୯ ବର୍ଷ ଭିତରେ ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଛି। ଗଣତନ୍ତ୍ର, ଗଣତାନ୍ତ୍ରିକ ବିଧିବ୍ୟବସ୍ଥା ଏପରିକି ସଂସଦୀୟ ପରମ୍ପରା ସବୁକିଛି ନିମ୍ନାଭିମୁଖୀ। କେନ୍ଦ୍ରରେ ଭାଜପା ସରକାର ଭାରତବର୍ଷର ଗଣତନ୍ତ୍ରକୁ ନିଜ କାର୍ଯ୍ୟଧାରା ମାଧ୍ୟମରେ ଦୁର୍ବଳରୁ ଦୁର୍ବଳତର କରିବାରେ ଲାଗିଛନ୍ତି। ଏପରି କି ଭାରତବର୍ଷର ସମସ୍ତ ନିରପେକ୍ଷ ଅନୁଷ୍ଠାନ ଯଥା ସିବିଆଇ, ଇଡି ଏବଂ ଅନ୍ୟାନ୍ୟ ସଂସ୍ଥାଗୁଡ଼ିକୁ କେବଳ ବିରୋଧୀମାନଙ୍କୁ ଦୁର୍ବଳ କରିଦେବା ପାଇଁ ବ୍ୟବହାର କରାଯାଉଛି। ଏହାଦ୍ୱାରା ଗଣତନ୍ତ୍ରର ମୂଳ ଉତ୍ସ ବିରୋଧୀର ସ୍ୱରକୁ ସମ୍ପୂର୍ଣ୍ଣରୂପେ ବନ୍ଦକରି ଦିଆଯାଉଛି। କେନ୍ଦ୍ର ସରକାର ବିଚାରାଳୟକୁ ଅତ୍ୟନ୍ତ ଦୁର୍ବଳ କରିବା ସହିତ ସରକାରୀ ଦଳର ସ୍ୱର ସହିତ ସ୍ୱର ମିଶାଇବା ପାଇଁ ବାଧ୍ୟ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଘନିଷ୍ଠ ବନ୍ଧୁ ଆଦାନୀ ଗ୍ରୁପ୍ ଅଫ୍ କମ୍ପାନୀକୁ ଭାରତବର୍ଷର ସମସ୍ତ ଜାତୀୟ ସମ୍ପତ୍ତି ଗୋଟେ ପରେ ଗୋଟେ ଟେକି ଦିଆଯାଉଛି। ବିଦେଶରେ ଆଦାନୀ ପରିବାର ଦ୍ୱାରା ପରିଚାଳିତ ଠକ କମ୍ପାନୀମାନଙ୍କ ମାଧ୍ୟମରେ କିଭଳି ୨୦ ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହୋଇଛି ଏବଂ ଏହି ଟଙ୍କା କାହାର ବୋଲି ରାହୁଲ ଏବଂ କଂଗ୍ରେସ ଦଳର ନେତୃବର୍ଗ ସଂସଦ ଭିତରେ ଓ ବାହାରେ ପ୍ରଶ୍ନ ଉତ୍ଥାପନ କରିବା ଯୋଗୁ କେନ୍ଦ୍ର ସରକାର ସଂସଦକୁ ଅନିର୍ଦ୍ଦିଷ୍ଟ କାଳ ବନ୍ଦ କରି ଦେଇଛନ୍ତି। ଏକ ନିର୍ବାଚନୀ ସଭାର ଭାଷଣକୁ ନେଇ ରାହୁଲଙ୍କ ଲୋକ ସଭା ସଭ୍ୟପଦ ରଦ୍ଦ କରାଯିବା ସହିତ ତତ୍କ୍ଷଣାତ ତାଙ୍କୁ ଘର ଛାଡ଼ିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଦଳ ଏଥିରେ ଭୟଭୀତ ନୁହେଁ ବୋଲି କଂଗ୍ରେସ ନେତାମାନେ ବୁଧବାର ଭୁବନେଶ୍ୱରସ୍ଥିତ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ 'ଜୟ ଭାରତ ସତ୍ୟାଗ୍ରହ'ରେ ସାମିଲ ହୋଇ କହିଛନ୍ତି। ଭୁବନେଶ୍ୱର କଂଗ୍ରେସ ଜିଲା ସଭାପତି ବିଶ୍ୱଜିତ୍ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସତ୍ୟାଗ୍ରହ କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ପ୍ରସାଦ ହରିଚନ୍ଦନ ପର୍ଯ୍ୟବେକ୍ଷକ ହିସାବରେ ଅଂଶଗ୍ରହଣ କରିଥିଲେ। ହରିଚନ୍ଦନ କେନ୍ଦ୍ର ସରକାରଙ୍କ ଦେଶ ବିରୋଧୀ, ସମ୍ବିଧାନ ବିରୋଧୀ ଓ ଗଣତନ୍ତ୍ର ବିରୋଧୀ କାର୍ଯ୍ୟକଳାପକୁ ଘୋର ନିନ୍ଦା କରିଥିଲେ। ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନାଙ୍କ ସମେତ ସୁଜିତ ପ୍ରଧାନ, କିଶୋର ଜେନା, ମନୋରଞ୍ଜନ ଦାଶ, ନବଜ୍ୟୋତି ପଟ୍ଟନାୟକ, ସାମାଜିକ କର୍ମୀ ଦେବୀ ପ୍ରସ୍ତି, ଜାନକୀ ପଟ୍ଟନାୟକ, ଶ୍ରୀନିବାସ ରାଉତରାୟ, ମାନସ ଆଚାର୍ଯ୍ୟ, ଚିନ୍ମୟ ସୁନ୍ଦର ଦାସ, ରଜନୀ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ।



ଭୁବନେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ବୁଧବାର ଆୟୋଜିତ 'ଜୟ ଭାରତ ସତ୍ୟାଗ୍ରହ'ରେ ଦଳୀୟ ନେତା ଓ କର୍ମୀ।

**ଜଗନ୍ନାଥ ମନ୍ଦିର ଫାଇଲ ହଜିବା ପ୍ରସଙ୍ଗ**

# ସରକାରଙ୍କୁ ଘେରିଲେ ବିରୋଧୀ

- ହଜିନି, ଲୁଚାଇ ଦିଆଯାଇଛି: ବିଜୟ
- ଫାଇଲ ହଜେନି, କେଉଁଠି ରହିଯାଇଥିବ: ମନ୍ତ୍ରୀ

ଭୁବନେଶ୍ୱର,୧୯।୪(ବ୍ୟୁରୋ)

ଜଗନ୍ନାଥ ମନ୍ଦିର ପ୍ରଶାସନର ୨୦୦୬ ଓ ୨୦୧୪ ମସିହାର ଦୁଇଟି ଫାଇଲ ଆଇନ ବିଭାଗ ପାଉନି। ଏହାକୁ ଗୁରୁତର ଭାବେ ନେଇ ଫାଇଲ୍ ଖୋଜିବାକୁ ଆଇନ ବିଭାଗ ସମସ୍ତ ସେକ୍ସନକୁ ଚିଠି ଲେଖିଛି। ଫାଇଲ୍ ମିଳିଲା କି ନାହିଁ ଶୀଘ୍ର ଜଣାଇବାକୁ କୁହାଯାଇଛି। ପୂର୍ବରୁ ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଘଟଣା ନେଇ ସାରା ରାଜ୍ୟରେ ଆଲୋଡନ ସୃଷ୍ଟି ହୋଇଥିଲା। ଏବେ ପୁଣି ଶ୍ରୀମନ୍ଦିର ପ୍ରଶାସନର ଫାଇଲ ମିଳୁ ନ ଥିବାରୁ ସରକାରଙ୍କୁ ବିରୋଧୀ ଟାର୍ଗେଟ କରିଛନ୍ତି। ଭାଜପା ବରିଷ୍ଠ ନେତା ବିଜୟ ମହାପାତ୍ର ଅଭିଯୋଗ କରିଛନ୍ତି, ଫାଇଲ ହଜିନି, ବରଂ ତାକୁ ଲୁଚେଇ ଦିଆଯାଇଛି। ଫାଇଲରେ ଏମିତି କିଛି ଅଛି, ଯାହାକୁ ଲୋକଲୋଚନକୁ ଆଣିବାକୁ ସରକାର ଚାହୁଁନାହାନ୍ତି। ଏଥିସହ ଶ୍ରୀମନ୍ଦିରକୁ ରାଜ୍ୟ ସରକାର ସବୁବେଳେ କାହିଁକି ଅବହେଳା କରୁଛନ୍ତି ବୋଲି ବିଜୟ ପ୍ରଶ୍ନ କରିଛନ୍ତି।

ଅନ୍ୟପକ୍ଷରେ ଭାଜପା ଏକ ଖବରଦାତା ସମ୍ମିଳନୀ କରି ରାଜ୍ୟ ସରକାର ଜଗନ୍ନାଥ ବିରୋଧୀ ବୋଲି କହିଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ଯେଉଁ ୨ଟି ଗୁରୁତ୍ୱପୂର୍ଣ୍ଣ ଫାଇଲ ବିଭାଗରୁ ହଜିଯାଇଛି ବୋଲି ଆଇନ ବିଭାଗ କହୁଛି ବାସ୍ତବରେ ସେ ଫାଇଲ ହଜିନାହିଁ ବରଂ ରାଜ୍ୟ ସରକାର ନିଜେ ସେହି ଫାଇଲକୁ ନଷ୍ଟ କରିବାର ଷଡ଼ଯନ୍ତ୍ର କରିଛନ୍ତି। ଆଗରୁ ଖଣି ଦୁର୍ନୀତି ବାବଦରେ ଏକ ଫାଇଲ ହଜିଥିଲା। ଯେବେ ସରକାରଙ୍କର ଦୁର୍ନୀତି ଧରାପଡ଼ିବାର ସମ୍ଭାବନା ଆସେ ସେତେବେଳେ ସଚିବାଳୟରୁ ଫାଇଲ ହଜିଯାଏ। ରାଜ୍ୟ ସରକାର ୨୦୦୭ରୁ ଇ-ଫାଇଲିଂ ବ୍ୟବସ୍ଥା ଲାଗୁକଲେଣି। ଇ-ଫାଇଲିଂ ବ୍ୟବସ୍ଥା ରାଜ୍ୟରେ ଲାଗୁହୋଇଥିବା ବେଳେ ପୁଣି ଫାଇଲ ହଜିଲା କେମିତି। ସରକାର ଡ୍ରାମା ନ କରି ତୁରନ୍ତ ସ୍ପଷ୍ଟ କରନ୍ତୁ ବୋଲି ଭାଜପା ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ମଧ୍ୟ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛି। କଂଗ୍ରେସର ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ତଥ୍ୟ ପ୍ରଘଟ ଆଶଙ୍କାରେ ସରକାର ହଜିଯିବା ବାହାନାର ଆଶ୍ରା ନେଇଛନ୍ତି। ଯଦି ଜଗନ୍ନାଥଙ୍କ ଫାଇଲ ହଜିଯିବ ଓଡ଼ିଶାରେ ଶାସନ ରହିବା ଉଚିତ ନୁହେଁ। ରାଜ୍ୟ ସରକାର ମନ୍ଦିର ପ୍ରତି ବିପଦ ଆଣିବାକୁ ନିମନ୍ତ୍ରଣ କରୁଛନ୍ତି।

ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା କହିଛନ୍ତି, ଫାଇଲ୍ ହଜିନାହିଁ, କେଉଁଠି ରହିଯାଇଛି। ଫାଇଲ୍ କେବେ ହଜେନା, କେଉଁଠିନା କେଉଁଠି ରହିଯାଇଥିବ। ଏ ନେଇ ତର୍ଜମା କରାଯାଉଛି, ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସେ କହିଛନ୍ତି।

# ମୁକୁଲ ରାୟ: ନା ଏ କୂଳର...

- ମମତା କହିଲେ, ଭାଜପା ବିଧାୟକ
- ଶୁଭେନ୍ଦୁଙ୍କ ମତରେ ପ୍ରତ୍ୟାଖ୍ୟାତ ନେତା
- ପୁଅ କହୁଛନ୍ତି, ବାପାଙ୍କୁ ଟ୍ରିଟ୍‌ମେଣ୍ଟ ଲୋଡ଼ା

କୋଲକାତା/ନୂଆଦିଲ୍ଲୀ,୧୯।୪

ଏକଦା ପଶ୍ଚିମବଙ୍ଗର ପ୍ରଭାବଶାଳୀ ନେତା ମୁକୁଲ ରାୟ ଏବେ ନା ଏ କୂଳର ନା ସେ କୂଳର। ରାଜ୍ୟର ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ବିରୋଧୀ ଭାରତୀୟ ଜନତା ପାର୍ଟି (ଭାଜପା) କେହି ନେଉ ନାହାନ୍ତି ଏହି ବର୍ଷୀୟାନ ନେତାଙ୍କୁ। ଗୋଟିଏ ସମୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଘନିଷ୍ଠ ସହଯୋଗୀ ଥିବା ମୁକୁଲ ୨୦୧୭ରେ ଟିଏମ୍‌ସି ଛାଡ଼ି ଭାଜପାରେ ସାମିଲ ହୋଇଥିଲେ। ୨୦୨୧ରେ ସେ ଭାଜପା ଟିକେଟରେ ଜିତି ବିଧାୟକ ହେଲେ। କିନ୍ତୁ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଫଳ ଟିଏମ୍‌ସି ସପକ୍ଷରେ ଆସିବା ପରେ ମୁକୁଲ ପୁଣି ମମତାଙ୍କ ନିକଟକୁ ଫେରିଥିଲେ। ତେବେ ସେହି ସମୟରେ ସେ ବିଧାୟକ ପଦରୁ ଇସ୍ତଫା ଦେଇ ନ ଥିଲେ।

ସୋମବାର ରାତିରୁ ନିଖୋଜ ଥିବା ପୂର୍ବତନ ରେଳ ମନ୍ତ୍ରୀ ମୁକୁଲ ରାୟଙ୍କୁ ଦିନକ ପରେ ଦିଲ୍ଲୀରେ ଦେଖାଯାଇଥିଲା। ଏବେ ସେ କହୁଛନ୍ତି, ଭାଜପାକୁ ଫେରିବେ। ମୁଁ ଜଣେ ଭାଜପା ବିଧାୟକ। ଭାଜପା ସହିତ ରହିବାକୁ ଚାହୁଁଛି। ଦିଲ୍ଲୀରେ ରହଣି ପାଇଁ ଦଳ ସବୁ ବ୍ୟବସ୍ଥା କରିଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିବି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସହ କଥା ହେବି ବୋଲି ମଙ୍ଗଳବାର ସନ୍ଧ୍ୟାରେ ଏକ ବଙ୍ଗଳା ନ୍ୟୁଜ୍ ଚ୍ୟାନେଲକୁ ମୁକୁଲ କହିଥିଲେ। ମୁକୁଲଙ୍କ କହିବା ହେଲା, ସେ ଅସୁସ୍ଥ ଥିବାରୁ କିଛିଦିନ ଧରି ରାଜନୀତିରୁ ଦୂରେଇ ରହିଥିଲେ। କିନ୍ତୁ ଏବେ ସେ ସମ୍ପୂର୍ଣ୍ଣ ସୁସ୍ଥ ଏବଂ ସକ୍ରିୟ ରାଜନୀତିକୁ ଫେରିବେ। କିନ୍ତୁ ଟିଏମ୍‌ସି ସହ କେବେ ବି ଜଡ଼ିତ ରହିବେ ନାହିଁ ବୋଲି



୧୦୦ ପ୍ରତିଶତ ନିଶ୍ଚିତ। କିନ୍ତୁ ପଶ୍ଚିମବଙ୍ଗ ବିଧାନସଭା ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ କହିଛନ୍ତି, ମୁକୁଲଙ୍କୁ ଭାଜପାକୁ ସ୍ୱାଗତ କରାଯିବ ନାହିଁ। ସେ ଜଣେ ପ୍ରତ୍ୟାଖ୍ୟାତ ନେତା। ଭାଜପା ତାଙ୍କୁ ଆବଶ୍ୟକ କରୁନାହିଁ। ଭାଜପା କର୍ମୀମାନେ ରାଜ୍ୟରେ ନିର୍ଯାତିତ ହେଉଥିବାବେଳେ ୨୦୨୧ ମେ' ପରେ ଯେଉଁମାନେ ଦଳ ଛାଡ଼ିଥିଲେ, ସେମାନଙ୍କୁ ଦଳୀୟ ନେତା କୁହାଯାଇପାରିବ ନାହିଁ। ଅନ୍ୟପକ୍ଷେ ଟିଏମ୍‌ସି ସୁପ୍ରିମୋ ମମତା କହିଛନ୍ତି, ମୁକୁଲ ଜଣେ ଭାଜପା ବିଧାୟକ। ଦିଲ୍ଲୀ ଗସ୍ତ ତାଙ୍କ ବ୍ୟକ୍ତିଗତ ବ୍ୟାପାର। ଇତିମଧ୍ୟରେ ମୁକୁଲଙ୍କ ପରିବାର ସେ ସୋମବାର ରାତିରୁ ନିଖୋଜ ଥିବା ନେଇ ଥାନାରେ ରିପୋର୍ଟ କରିଛି। ଶାରୀରିକ ଓ ମାନସିକ ସ୍ତରରେ ଅସୁସ୍ଥ ଥିବା ଜଣେ ନେତାଙ୍କୁ ନେଇ ଭାଜପା ଖେଳୁଛି ବୋଲି ମୁକୁଲଙ୍କ ପୁଅ ଶୁଭ୍ରାଂଶୁ ଅଭିଯୋଗ ଆଣିଛନ୍ତି। ପୁଅଙ୍କ ମତରେ ମୁକୁଲ ଡେମିନ୍‌ସିଆ ଓ ପାର୍କିନ୍‌ସନ୍ ରୋଗରେ ପୀଡ଼ିତ। ଏଥିଲାଗି ଗତମାସରେ ତାଙ୍କର ନ୍ୟୁରୋସର୍ଜିକାଲ ଅସ୍ତ୍ରୋପଚାର କରାଯାଇଥିଲା। ମୁକୁଲଙ୍କ ଚିକିତ୍ସା କରୁଥିବା ଡାକ୍ତର ଏସ୍.ଏନ୍. ସିଂ କହିଛନ୍ତି, ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅନେକ ଉନ୍ନତି ଆସିଲାଣି। ୬୯ ବର୍ଷୀୟ ମୁକୁଲ ତାଙ୍କ ସ୍ୱାସ୍ଥ୍ୟକୁ ନେଇ କେତେଜଣ ବ୍ୟକ୍ତି ଗୁଜବ ସୃଷ୍ଟି କରୁଥିବା ସମାଲୋଚନା କରିଛନ୍ତି। ଟିଏମ୍‌ସିକୁ କାହିଁକି ଫେରିଥିଲେ ବୋଲି ପ୍ରଶ୍ନ କରାଯିବାରୁ ମୁକୁଲ କହିଥିଲେ, ସେହି ସମୟରେ ସେ ଅସୁସ୍ଥ ଥିଲେ। ମାନସିକ ସ୍ତରରେ ଟିଏମ୍‌ସି ସହ ସାମିଲ ହୋଇ ନ ଥିଲେ।

# ବିଜେଡି ଆସୁନି, ଭାଜପା ଗଲେ ବାରଣ: ମନମୋହନ



ଝାରସୁଗୁଡ଼ାଠାରେ ବୁଧବାର ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ।

**ଖବରଦାତା ସମ୍ମିଳନୀରେ ବର୍ଷିଲେ ଭାଜପା ନେତୃବୃନ୍ଦ**

ସମ୍ବଲପୁର,୧୯।୪(ବ୍ୟୁରୋ)

ସମ୍ବଲପୁର ଜିଲା ଗସ୍ତରେ ଦଙ୍ଗା ପୀଡିତ ଓ ମୃତକଙ୍କ ପରିବାରକୁ ଭେଟିବାକୁ ଆସୁଥିବା ବେଳେ ଭାଜପା ପ୍ରତିନିଧି ଦଳକୁ ମଙ୍ଗଳବାର ସମ୍ବଲପୁର ଜିଲା ପ୍ରଶାସନ ଝାରସୁଗୁଡା-ସମ୍ବଲପୁର ସୀମାନ୍ତ ଠେଲକୋଲି ଥାନାରେ ୧୦ ଘଣ୍ଟା ଅଟକ ରଖି ଜିଲାକୁ ପୂରେଇ ଦେଇ ନ ଥିଲା। ଏହି ଘଟଣାରେ ଭାଜପା ବୁଧବାର ଝାରସୁଗୁଡାଠାରେ ଖବରଦାତା ସମ୍ମିଳନୀ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଦେଶ ଗସ୍ତ କରୁଛନ୍ତି। ହେଲେ ସମ୍ବଲପୁରରେ ଦଙ୍ଗା ଓ ୬ଦିନ ହେଲା ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିଥିବା ବେଳେ ଏଠାକୁ ଆସି ଲୋକଙ୍କ ସହ ଛିଡା ହେଉନାହାନ୍ତି। ଅନ୍ୟପଟେ ଭାଜପା ପ୍ରତିନିଧି ଦଳ ପ୍ରଭାବିତଙ୍କୁ ଭେଟିବାକୁ ଗଲେ ରାସ୍ତାରେ ଅଟକାଯାଉଛି। ବିଜେଡି ଯାଉ ନାହିଁ, ଭାଜପା ଗଲେ ବାରଣ କରାଯାଉଛି ବୋଲି ସେ କହିଥିଲେ। ବରଗଡ ଏମ୍‌ପି ସୁରେଶ ପୂଜାରୀ କହିଥିଲେ, ଜିଲା ପ୍ରଶାସନ ଓ ପୋଲିସର ଅବହେଳା ପଦାରେ ପଡିଯିବା କାରଣରୁ ବାରଣ କରାଯାଉଛି। ଭାଜପା ପ୍ରତିନିଧି ଦଳ ଶାନ୍ତି ଫେରାଇ ଆଣିବାକୁ ଯୋଜନା କରି ଯାଉଥିଲା। ହେଲେ ପ୍ରଶାସନ ଅଟକାଇ ନିୟମ ଭାଙ୍ଗିଛି। ଶୀଘ୍ର ଶାନ୍ତି ଫେରି ଆସିବା ନେଇ ଦଳ ଅନୁରୋଧ କରୁଛି ବୋଲି ସେ କହିଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।

## 'ହିଂସା ଘଟଣାରୁ ଫାଇଦା ଉଠାଇବାକୁ ଚେଷ୍ଟା କରାଯାଉଛି'

ଭୁବନେଶ୍ୱର, ୧୯।୪(ବ୍ୟୁରୋ)

ସମ୍ବଲପୁରରେ ସଂଘଟିତ ହିଂସା ଘଟଣାକୁ ନେଇ ଏବେ ରାଜ୍ୟ ରାଜନୀତି ସରଗରମ। ଭାଜପା ଏହି ଘଟଣାରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିବା ବେଳେ ବିଜେଡି ପାଲଟା ବିରୋଧୀ ଦଳଙ୍କ ବିରୋଧରେ ଦୋଷ ବାଢ଼ୁଛି। ସମ୍ବଲପୁରରେ ଶାନ୍ତି ଫେରି ଆସୁଥିବା ବେଳେ ଏହି ହିଂସା ଘଟଣାରୁ ଭାଜପା ଫାଇଦା ନେବାକୁ ଚେଷ୍ଟା ଆରମ୍ଭ କରିଥିବା ବିଜେଡି ଅଭିଯୋଗ କରିଛି।

ବିଜେଡି ମୁଖପାତ୍ର ସଞ୍ଜୟ ବାବୁ ଝାରସୁଗୁଡ଼ାଠାରେ ଭାଜପା ବୁଧବାର କରିଥିବା ଖବରଦାତା ସମ୍ମିଳନୀ ଉପରେ ପ୍ରତିକ୍ରିୟା ରଖି କହିଛନ୍ତି, ସମ୍ବଲପୁରରେ ଘଟିଥିବା ଅତ୍ୟନ୍ତ ସ୍ପର୍ଶକାତର ଘଟଣା ପରେ ଶାନ୍ତି ଫେରି ଆସୁଛି। ହେଲେ ଭାଜପା ଖବରଦାତା ସମ୍ମିଳନୀ କରି ପୁଣିଥରେ ଏହି ପ୍ରସଙ୍ଗକୁ ତେଜିବାକୁ ଚାହୁଁଛି। ଏଥିରୁ ରାଜନୈତିକ ଫାଇଦା ନେବାକୁ ମଧ୍ୟ ଉଦ୍ୟମ କରୁଛି। ସମ୍ବଲପୁରରେ ଘଟିଥିବା ଏହି ଘଟଣା ପଛର ଅପରାଧୀମାନଙ୍କ ବିରୋଧରେ ପୋଲିସ କିଭଳି କଠୋର କାର୍ଯ୍ୟାନୁଷ୍ଠାନ ନେଇଛି, ତାହା ଜିଲାବାସୀ ଦେଖିଛନ୍ତି। ତେଣୁ ଜିଲାବାସୀଙ୍କୁ ଭ୍ରମିତ କରିବାରେ ସେମାନେ କେବେ ବି ସଫଳ ହେବେ ନାହିଁ। ଯେହେତୁ ଏହି ଘଟଣାରେ ସମ୍ପୃକ୍ତ ଅପରାଧୀମାନେ ଗିରଫ ହୋଇ ସାରିଲେଣି, ସ୍ୱାଭାବିକ ଭାବେ ସେମାନଙ୍କୁ ଉସୁକାଇଥିବା ଲୋକମାନେ ବି ଖୁବଶୀଘ୍ର ଧରା ପଡ଼ିଯିବେ। ଏହାକୁ ନେଇ ଭାଜପା ବିବ୍ରତ ହୋଇପଡ଼ିଛି କି ବୋଲି ସେ ପ୍ରଶ୍ନ କରିଛନ୍ତି। ପିତାଙ୍କୁ ହରାଇ ରାଜନୀତି ଭିତରକୁ ଆସିଥିବା ମହିଳାଙ୍କୁ କିପରି ସର୍ବସାଧାରଣରେ ଅପମାନିତ ଓ ଲାଞ୍ଛିତ କରାଯାଇଛି, ତାହା ରାଜ୍ୟବାସୀ ଦେଖିଛନ୍ତି। ଧାନକିଣା, ଏମ୍‌ଏସ୍‌ପି, ଫସଲବୀମା ଆଦି ପଶ୍ଚିମ ଓଡ଼ିଶାବାସୀଙ୍କ ହିତରେ ଥିବା କୌଣସି ପ୍ରସଙ୍ଗରେ ଭାଜପା କେବେ ଖବରଦାତା ସମ୍ମିଳନୀ ଆୟୋଜନ କରେ ନାହିଁ। ଭାଜପାର ସଦ୍‌ବୁଦ୍ଧି ଜାତ ହୋଇଥିଲେ, ସେମାନେ ଏଭଳି ଖବରଦାତା ସମ୍ମିଳନୀ ନ କରି ଶାନ୍ତି ପାଇଁ ଆହ୍ୱାନ ଦେଇଥାନ୍ତେ ବୋଲି ସଞ୍ଜୟ କହିଛନ୍ତି।

# ବନ୍ଦ ପାଳନକୁ ଅପରାଜିତାଙ୍କ ସମର୍ଥନ ଉସୁକାଇବାର ମାନସିକତା: ବିଜେଡି

ଭୁବନେଶ୍ୱର, ୧୯।୪(ବ୍ୟୁରୋ)

ସମ୍ବଲପୁର ହିଂସା ଘଟଣାକୁ ନେଇ ବିଜେଡି ଓ ଭାଜପା ନେତାଙ୍କ ମଧ୍ୟରେ ବାରମ୍ବାର ମୁହାଁମୁହିଁ ସ୍ଥିତି ସୃଷ୍ଟି ହେଉଛି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ବୁଧବାର ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଦିଆଯାଇଥିବା ହରତାଳ ଡାକରାକୁ ସମର୍ଥନ କରିଛନ୍ତି। ଅନ୍ୟପଟେ ସମ୍ବଲପୁର ହିଂସା ଘଟଣାରୁ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା ନେଇ ସେ ଅଭିଯୋଗ କରିଛନ୍ତି। ଅପରାଜିତାଙ୍କ ମନ୍ତବ୍ୟ ପରେ ବିଜେଡି ଏହାର ପାଲଟା ଜବାବ ରଖିଛି। ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର କହିଛନ୍ତି, ସାଢେ ଚାରି କୋଟି ଲୋକ ଆଇନହୀନ କହି କେତେଜଣ ଭାଜପା ନେତା ଯେଉଁ ଅପମାନଜନକ ମନ୍ତବ୍ୟ ଦେଇଥିଲେ, ଭାଜପା ନେତ୍ରୀ ଅପରାଜିତା ଏହାକୁ ନିନ୍ଦା କରିବେ ବୋଲି ଆଶା କରାଯାଉଥିଲା। ହେଲେ ତାଙ୍କର ନୀରବତା ଭାଜପା ନେତାଙ୍କ ଏପରି ଅପମାନଜନକ ବିବୃତିକୁ ସେ ସମର୍ଥନ କରୁଥିବା ଦର୍ଶାଉଛି। ସେ ଆହୁରି କହିଛନ୍ତି, ଏଥିରୁ ସ୍ପଷ୍ଟ ହେଉଛି ଅପରାଜିତା ଜାଣିନାହାନ୍ତି ଏନ୍‌ସିଆର୍‌ବିର ସଦ୍ୟତମ ରିପୋର୍ଟରେ ମହିଳାଙ୍କ ପ୍ରତି ହେଉଥିବା ଜଘନ୍ୟ ଅପରାଧ କ୍ଷେତ୍ରରେ ଭାଜପା ଶାସିତ ରାଜ୍ୟଗୁଡ଼ିକ ଢେର ଆଗରେ ଅଛନ୍ତି। ଯଦି ସେ ଏପରି ଅପମାନଜନକ ବିବୃତି ଦେବା ପୂର୍ବରୁ ଜାତୀୟ କ୍ରାଇମ ରେକର୍ଡ ବ୍ୟୁରୋ(ଏନ୍‌ସିଆର୍‌ବି)ର ସବିଶେଷ ରିପୋର୍ଟକୁ ଅନୁଧ୍ୟାନ କରିଥାନ୍ତେ ତେବେ ଭଲ ହୋଇଥାନ୍ତା। ଏହା ଦୁର୍ଭାଗ୍ୟଜନକ ଯେ ଅପରାଜିତା ସତ୍ୟ କହିବା ପରିବର୍ତ୍ତେ ମହିଳାଙ୍କ ବିରୋଧରେ ହୋଇଥିବା ଅପରାଧରେ ଭାଜପା ଶାସିତ ରାଜ୍ୟଗୁଡ଼ିକର ବିଫଳତାକୁ ଲୁଚାଇବାକୁ ଚେଷ୍ଟା କରିଆସୁଛନ୍ତି। ସେହିଭଳି ଆଜିର ବନ୍ଦକୁ ତାଙ୍କର ସମର୍ଥନ ପରିସ୍ଥିତିକୁ ଶାନ୍ତ ପାଇଁ ଆହ୍ୱାନ ଦେବା ପରିବର୍ତ୍ତେ ଏହାକୁ ଉସୁକାଇ ଅଶାନ୍ତ ସୃଷ୍ଟି ଲାଗି ଚେଷ୍ଟା କରିବାର ମାନସିକତାକୁ ପଦାରେ ପକାଇଛି ବୋଲି ଶ୍ରୀମୟୀ କହିଛନ୍ତି।

**ପୂର୍ବ ତଟ ରେଳପଥ**

(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ.: e-Tender-Elect-G-01-23
କାର୍ଯ୍ୟର ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ସମସ୍ତ NSG 2,3,4,5 ବର୍ଗ ଷ୍ଟେସନଗୁଡ଼ିକ ଠାରେ LED ସାଇନେଜ୍ (Signage)ର ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 1,86,57,347.70
EMD (ଟଙ୍କାରେ): 2,43,300/-

(2) ଇ-ଟେଣ୍ଡର ବିଜ୍ଞପ୍ତି ସଂ.: e-Tender-Elect-G-02-23
କାର୍ଯ୍ୟର ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବିଭିନ୍ନ ସ୍ଥାନଗୁଡ଼ିକ ଠାରେ ରନିଙ୍ଗ୍ ପ୍ରକୋଷ୍ଠଗୁଡ଼ିକରେ ସୌର ୱାଟର ହିଟର ପ୍ଲାଣ୍ଟର ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 41,29,737.21
EMD (ଟଙ୍କାରେ): 82,600/-

(3) ଇ-ଟେଣ୍ଡର ବିଜ୍ଞପ୍ତି ସଂ.: e-Tender-Elect-G-03-23
କାର୍ଯ୍ୟର ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର 87 କୋଚ୍‌ଗୁଡ଼ିକ ନିମନ୍ତେ ଉଚ୍ଚ କ୍ଷମତା ବିଶିଷ୍ଟ IV କପଲର (500 Amps) ଏବଂ 150 sq mm ଫିଡର କେବୁଲର କ୍ରୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 48,25,020/-
EMD (ଟଙ୍କାରେ): 96,500/-

(4) ଇ-ଟେଣ୍ଡର ବିଜ୍ଞପ୍ତି ସଂ.: e-Tender-Elect-G-04-23
କାର୍ଯ୍ୟର ବିବରଣୀ : ରେଙ୍ଗକୁଜ, ଚନ୍ଦ୍ରଶେଖରପୁର ଠାରେ ଲିଫ୍ଟଗୁଡ଼ିକର ବ୍ୟବସ୍ଥା ସହିତ ଟ୍ରାଞ୍ଜିଟ୍ ବ୍ଲକ୍ 1 ଏବଂ 2 ରେ ଆବାସ ସୁବିଧାର ଉନ୍ନୟନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 34,43,632.78
EMD (ଟଙ୍କାରେ): 68,900/-

ଶେଷ ହେବା ଅବଧି : 06 ମାସ (କ୍ରମ ସଂ. 1,2 ଏବଂ 4 ପାଇଁ) ଏବଂ 12 ମାସ (କ୍ରମ ସଂ. 3 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.08.05.2023 ରିଖ 1500 ଘଣ୍ଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନାଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP) ଖୋର୍ଦ୍ଧା ରୋଡ୍
PR-69/O/23-24

ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଭରୁଆମୁଣ୍ଡା
ODISHA ADARSHA VIDYALAYA, BHARUAMUNDA
BLOCK-BELPADA, DIST-BALANGIR
Govt. of Odisha, Under Ministry of School & Mass Education
Email - oavbharuamunda@gmail.com
U-DISE CODE- 21240407003 | CBSE Affiliation No. 1520382
Letter No.519/OAV/BRM/2023 | Date:18.04.2023

**WALK-IN INTERVIEW**

A walk- in-interview will be held on dt.01-05-2023 (MONDAY) at 10.30 AM. in the premises of Odisha Adarsha Vidyalaya, Bharuamunda , Belpada, Bolangir for the engagement of the post mentioned in the table below , purely on a temporary basis tor the academic session 2023-24 or till the vacancy is filled up, whichever is earlier. The interested candidate, who is below 65 years of age only, can attend the interview. The candidate must come with their original certificates along with photocopy of the same.

| Serial No. | Name of the Post | Total No. of Vacancy | Essential Qualification & Eligibility | Monthly Salary |
|---|---|---|---|---|
| 01 | TGT English | 01 | Graduation in the concerned subject alongwith B.Ed. Degree | Rs.20000/- |

For details visit the Balangir district website (www.balangir.nic.in)
N.B.: No TA/DA will provided for attending this interview.
SD./-PRINCIPAL
OAV BHARUAMUNDA, BELPADA, BALANGIR

GOVT. OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, NUAPADA
Email: rd_nuapada@rediffmail.com
BID IDENTIFICATION NO. RWNPD-01 (ONLINE) OF 2023-24
"e" PROCUREMENT NOTICE

No.O-67:- Bid documents consisting of Work, Estimated Cost, Cost of tender paper, EMD/ BID security, Time of completion, Class of contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

1 Name of the work : Bridge work in the District of Nuapada as mentioned in DTCN
2 Total No. works : 01 No.
3 Estimated cost : Rs.59.29 Lakhs
4 Period of completion : 01 (One) calendar month
5 Other details :

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of bid | |
|---|---|---|---|---|---|---|
| | | From | To | | Technical bid | Financial bid |
| Superintending Engineer, Rural Works Division, Nuapada | RWNPD-01/ 2023-24 (Online) | 25.04.2023 at 10.00 A.M. | 09.05.2023 upto 5.00 P.M. | 08.05.2023 upto 02.00 P.M. | 10.05.2023 at 11.00 A.M. | Will be intimated later on |

Further details can be seen from the website www.tendersorissa.gov.in
OIPR-25050/11/0001/2324 Sd./- Executive Engineer, Rural Works Division, Nuapada

झारखण्ड सरकार
ग्रामीण कार्य विभाग, मुख्य अभियंता का कार्यालय
102, द्वितीय तल्ला, अभियंत्रण भवन, कचहरी रोड, राँची

ई–अल्पकालीन पुनर्निविदा आमंत्रण सूचना

ई–अल्पकालीन पुनर्निविदा संख्या:- 238/RII/2023-24/RWD/LATEHAR दिनांक :- 19.04.2023

मुख्य अभियंता, ग्रामीण कार्य विभाग, झारखण्ड, राँची द्वारा निम्न विवरण के अनुसार e-procurement पद्धति से पैकेज के रूप में निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (रूपये में) | | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| | | | अंक में | अक्षर में | | |
| 1. | RWD/ LATEHAR/10/ SRPKG-01/ 2022-23 | (i) सुरकुमी गाँव से चिरोपाट कुकुद पथ तक पथ का विशेष मरम्मति कार्य (लं– 5.600 कि0मी0)<br>(ii) पोखरीकला से कुसाहाबथान औरंगानदी तक पथ का विशेष मरम्मति कार्य (लं– 1.900 कि0मी0)<br>(iii) केन्द्रीय विद्यालय लातेहार से भाया मोंगरा तुरूडीह, निन्दिर तक पथ का विशेष मरम्मति कार्य (लं– 8.200 कि0मी0)<br>(iv) चटनाही पी0डब्लू0डी0 रोड से बाजकुम आर0ई0ओ0 रोड भाया नवोदय स्कूल तक पथ का विशेष मरम्मति कार्य (लं– 3.100 कि0मी0) | 8,23,80,290.00 | आठ करोड़ तेईस लाख अस्सी हजार दो सौ नब्बे रू0 मात्र | 15 माह | तृतीय |

2. वेबसाईट में निविदा प्रकाशन की तिथि:– 25.04.2023
3. ई–निविदा प्राप्ति की अंतिम तिथि एवं समय:– 04.05.2023 अपराह्न 5.00 बजे तक।
4. (क) मुख्य अभियंता कार्यालय, ग्रामीण कार्य विभाग, अभियंत्रण भवन, कचहरी, राँची अथवा (ख) जिला नियंत्रण कक्ष, राँची अथवा (ग) जिला नियंत्रण कक्ष, लातेहार में से किसी भी कार्यालय में निविदा शुल्क एवं अग्रधन की राशि जमा करने की अंतिम तिथि एवं समय:– 08.05.2023 अपराह्न 3.30 बजे तक।
5. निविदा शुल्क एवं अग्रधन की राशि स्पीड पोस्ट के माध्यम से भी मुख्य अभियंता, ग्रामीण कार्य विभाग, 102, द्वितीय तल्ला, अभियंत्रण भवन, कचहरी चौक, राँची, झारखण्ड, पिन– 834001 को भेजा जा सकता है। यह निविदाकार की जिम्मेवारी होगी कि स्पीड पोस्ट के माध्यम से भेजा जाने वाला निविदा शुल्क एवं अग्रधन की राशि निर्धारित तिथि एवं समय (08.05.2023 अपराह्न 3.30 बजे तक) से पूर्व प्राप्त हो जाय। अंतिम तिथि एवं समय से पूर्व प्राप्त निविदा शुल्क एवं अग्रधन की राशि पर ही विचार किया जायेगा।
6. निविदा खोलने की तिथि एवं समय:– 09.05.2023 अपराह्न 3.30 बजे।
7. निविदा आमंत्रित करने वाले पदाधिकारी का नाम एवं पता:– मुख्य अभियंता, ग्रामीण कार्य विभाग, 102, द्वितीय तल्ला, अभियंत्रण भवन, कचहरी चौक, राँची, झारखण्ड, पिन– 834001
8. ई–निविदा प्रकोष्ठ का दूरभाष सं0– 0651–2207818
9. निविदा शुल्क झारखण्ड राज्य में अवस्थित भारतीय स्टेट बैंक/राष्ट्रीयकृत बैंक/अनुसूचित बैंक द्वारा निर्गत बैंक ड्राफ्ट के रूप में जो कार्यपालक अभियंता, ग्रामीण कार्य विभाग, कार्य प्रमण्डल, लातेहार के पक्ष में एवं लातेहार में भुगतेय जमा करना होगा जो लौटाया नहीं जायेगा।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।
नोडल पदाधिकारी
ई–प्रोक्युर्मन्ट सेल
PR.NO.295513 Rural Work Department(23-24):D

## ୨୪ ଘଣ୍ଟାରେ ୧୦,୫୪୨ ସଂକ୍ରମିତ

ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ମୋଟ ୧୦,୫୪୨ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ତଥ୍ୟ ଅନୁସାରେ ୬ ଦିନ ଧରି କୋଭିଡ୍ ସଂକ୍ରମଣରେ ହ୍ରାସ ପରିଲକ୍ଷିତ ହେଉଥିବାବେଳେ ପୁଣିଥରେ ସଂକ୍ରମଣ ବୃଦ୍ଧି ପାଇଛି। ବର୍ତ୍ତମାନ ସୁଦ୍ଧା ଦେଶରେ ଆକ୍ଟିଭ୍ ମାମଲା ୬୩,୫୬୨ ରହିଛି। ସେହିପରି ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୮,୧୭୫ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

## ସିନେମାଟୋଗ୍ରାଫି ସଂଶୋଧନ ବିଲ୍‌କୁ କ୍ୟାବିନେଟ ମଞ୍ଜୁରୀ

**ନୂଆଦିଲ୍ଲୀ, ୧୯।୪:** ସିନେମାଟୋଗ୍ରାଫି ସଂଶୋଧନ ବିଲ୍ ୨୦୨୩ ବୁଧବାର କେନ୍ଦ୍ର କ୍ୟାବିନେଟ୍ ପକ୍ଷରୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଫିଲ୍ମ କ୍ଷେତ୍ରରେ କରାଯାଉଥିବା ପାଇରେସିକୁ ରୋକିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଥିବା କେନ୍ଦ୍ରୀୟ ସୂଚନା ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। ଫିଲ୍ମ ନିର୍ଦ୍ଦେଶକ ଓ ପ୍ରଯୋଜକଙ୍କ ସହ ବିଚାର ବିମର୍ଶ କରିବା ପରେ କ୍ୟାବିନେଟ ସିନେମାଟାଗ୍ରାଫି ସଂଶୋଧନ ବିଲ୍ ପ୍ରସ୍ତୁତ କରିଛି। ଆଗାମୀ ସଂସଦୀୟ ଅଧିବେଶନରେ ବିଲ୍ ଉପସ୍ଥାପନ କରାଯିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ବିଭିନ୍ନ ବୟସ ବର୍ଗକୁ ନେଇ ଫିଲ୍ମକୁ ଶ୍ରେଣୀଭୁକ୍ତ କରାଯିବ ବୋଲି ବିଲ୍‌ରେ ଉଲ୍ଲେଖ କରାଯାଇଛି।

## ନ୍ୟାଶନାଲ କ୍ୱାଣ୍ଟମ୍ ମିଶନକୁ ଅନୁମତି

**ନୂଆଦିଲ୍ଲୀ, ୧୯।୪:** କେନ୍ଦ୍ରୀୟ କ୍ୟାବିନେଟ୍ ବୁଧବାର ନ୍ୟାଶନାଲ କ୍ୱାଣ୍ଟମ୍ ମିଶନ୍‌କୁ ଅନୁମତି ପ୍ରଦାନ କରିଛନ୍ତି। ବିଜ୍ଞାନ, ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ ଏବଂ କ୍ୱାଣ୍ଟମ୍ ଟେକ୍ନୋଲୋଜିରେ ଉନ୍ନତୀକରଣ ଏହି ମିଶନର ଲକ୍ଷ୍ୟ। ୨୦୨୩-୨୪ରୁ ୨୦୩୦-୩୧ ପର୍ଯ୍ୟନ୍ତ ଏଥିରେ ୬,୦୦୩.୬୫ କୋଟି ଟଙ୍କା ବ୍ୟୟ କରାଯିବାର ଯୋଜନା ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ୍ ବୈଠକରେ ଉକ୍ତ ନ୍ୟାଶନାଲ କ୍ୱାଣ୍ଟମ୍ ମିଶନ୍‌କୁ ଅନୁମତି ପ୍ରଦାନ କରାଯାଇଛି। କ୍ୱାଣ୍ଟମ ଟେକ୍ନୋଲୋଜି ଦେଶର ଆର୍ଥିକ ଅଭିବୃଦ୍ଧି ସାଙ୍ଗକୁ ଜୈବବିବିଧତା ରକ୍ଷା ଦିଗରେ କାର୍ଯ୍ୟ କରିବ।

## ଦିଲ୍ଲୀ ଏମ୍ସରେ ନେପାଳ ରାଷ୍ଟ୍ରପତି ପଉଡେଲ

**ନୂଆଦିଲ୍ଲୀ, ୧୯।୪:** ନେପାଳ ରାଷ୍ଟ୍ରପତି ରାମଚନ୍ଦ୍ର ପଉଡେଲ (୭୮)ଙ୍କୁ ବୁଧବାର ଦିଲ୍ଲୀସ୍ଥିତ ଏମ୍ସରେ ଭର୍ତ୍ତି କରାଯାଇଛି। ତାଙ୍କୁ ବୁଧବାର ସକାଳ ୧୦ଟା ସମୟରେ କାଠମାଣ୍ଡୁରୁ ଦିଲ୍ଲୀ ଏୟାର ଲିଫ୍ଟ କରାଯାଇଥିଲା। ଚିକିତ୍ସା ପରେ ପଉଡେଲଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ଗତ ସପ୍ତାହରେ ପାକସ୍ଥଳୀରେ ଯନ୍ତ୍ରଣା ଅନୁଭବ ହେବା ଯୋଗୁ ତାଙ୍କୁ କାଠମାଣ୍ଡୁର ଏକ ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ସୁସ୍ଥ ହୋଇ ଘରକୁ ଫେରିଥିଲେ। ଗତମାସରେ ପଉଡେଲ ନେପାଳ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।



## ୨୦୨୪ ଲୋକ ସଭା ନିର୍ବାଚନ ପ୍ରସ୍ତୁତି ଆରମ୍ଭ

**ନୂଆଦିଲ୍ଲୀ,୧୯।୪:** ୨୦୨୪ ଭୋଟ ପାଇଁ ନିର୍ବାଚନ କମିଶନ (ଇସି) ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହିକ୍ରମରେ ଏମ୍୨ ମଡେଲ୍‌ର ପୂର୍ବ ବ୍ୟବହୃତ ୨.୭୧ ଲକ୍ଷ ଭୋଟର ଭେରିଫିଏବୁଲ୍ ପେପର ଅଡିଟ୍ ଟ୍ରାଏଲ୍ (ଭିଭିପିଏଟି) ମେଶିନ୍‌କୁ ବଦଳାଯାଇ ୮.୯୨ ଲକ୍ଷ ନୂଆ ମେଶିନ୍ ନିର୍ମାଣ ଆରମ୍ଭ ହୋଇଛି। ମେଶିନ୍ ବଦଳାଯିବା ହାରକୁ କମ୍ କରିବା ପାଇଁ ୩.୪୩ ଲକ୍ଷ ଭିଭିପିଏଟିକୁ 'ପ୍ରିଭେଣ୍ଟିଭ୍ ମେଣ୍ଟେନାନ୍ସ' ପାଇଁ ଚିହ୍ନଟ କରାଯାଇଥିବାବେଳେ ୨.୪୩ ଲକ୍ଷ ମେଶିନକୁ ଏମ୍୩ ମଡେଲରେ ଅପ୍‌ଗ୍ରେଡ୍ କରିବାକୁ ନିଷ୍ପତ୍ତି ନିଆଯାଇଛି। ୨୦୧୯ ଲୋକ ସଭା ନିର୍ବାଚନ ବେଳେ ଦେଶରେ ପ୍ରଥମ ଥର ପାଇଁ ୧୭.୪ ଲକ୍ଷ ଭିଭିପିଏଟି ମେଶିନ୍ ବ୍ୟବହାର କରାଯାଇଥିଲା।




ଶିମ୍‌ଲାସ୍ଥିତ ନ୍ୟାଶନାଲ ଏକାଡେମୀ ଅଫ୍ ଅଡିଟ୍ ଆଣ୍ଡ୍ ଆକାଉଣ୍ଟ୍ସ ବିଭାଗରେ ବୁଧବାର ୨୦୨୧-୨୨ ବ୍ୟାଚ୍ ଆଇଏଏସ୍ ତାଲିମପ୍ରାପ୍ତ ଅଧିକାରୀମାନଙ୍କ ଗହଣରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।

# 'ସମଲିଙ୍ଗୀ ବିବାହ ସହରୀ ସମ୍ଭ୍ରାନ୍ତ ଧାରଣା ନୁହେଁ'

**ନୂଆଦିଲ୍ଲୀ,୧୯।୪**

- ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପକ୍ଷଭୁକ୍ତ କରାଯାଉ: କେନ୍ଦ୍ର
- ଏଲ୍‌ଜିବିଟିକ୍ୟୁଆଇଏ ବ୍ୟକ୍ତିଙ୍କୁ ସମ୍ମାନ ଓ ସ୍ୱୀକୃତି ମିଳୁ: ଆବେଦନକାରୀ

ସମଲିଙ୍ଗୀ ବିବାହ ଅଧିକାର ପାଇଁ ସୁପ୍ରିମକୋର୍ଟରେ ଦାଖଲ ପିଟିଶନଗୁଡ଼ିକ ଦେଶର ଦୃଷ୍ଟିକୋଣକୁ ପ୍ରତିନିଧିତ୍ୱ କରୁନାହିଁ। ସେଗୁଡ଼ିକରୁ କେବଳ ସହରାଞ୍ଚଳ ସମ୍ଭ୍ରାନ୍ତ ବିଚାରଧାରା ପ୍ରତିଫଳିତ ହେଉଛି ବୋଲି କେନ୍ଦ୍ର ସରକାର ଜବାବ ଦାଖଲ କରିଛନ୍ତି। କେନ୍ଦ୍ରର ଏଭଳି ଯୁକ୍ତିକୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ବୁଧବାର ଦୃଢ଼ ଭାବେ ଖଣ୍ଡନ କରିଛନ୍ତି। ସିଜେଆଇ କହିଛନ୍ତି, ସମଲିଙ୍ଗୀ ବିବାହକୁ ସହରୀ ସମ୍ଭ୍ରାନ୍ତ ବିଚାରଧାରା ବୋଲି ବିବେଚନା କରିବା ସକାଶେ ଏ ସମ୍ପର୍କିତ କୌଣସି ତଥ୍ୟ କେନ୍ଦ୍ର ପାଖରେ ନାହିଁ। ସହରଗୁଡ଼ିକରେ ଅଧିକ ଲୋକ ସମଲିଙ୍ଗୀ ବିବାହ ପାଇଁ ଆଗେଇ ଆସୁଥିବା ଦେଖି ଏହାକୁ ସହରାଞ୍ଚଳର ସମ୍ଭ୍ରାନ୍ତ ଧାରଣା ବୋଲି ଅଭିହିତ କରାଯାଇପାରିବ ନାହିଁ। ଜଣେ ବ୍ୟକ୍ତିଙ୍କ ଯେଉଁ ବୈଶିଷ୍ଟ୍ୟ ଉପରେ ନିୟନ୍ତ୍ରଣ ନ ଥିବ ସେହି ଆଧାରରେ ତାଙ୍କ ବିରୋଧରେ ରାଷ୍ଟ୍ର ଭେଦଭାବ କରିପାରିବ ନାହିଁ ବୋଲି ସିଜେଆଇ ସ୍ପଷ୍ଟ କରିଛନ୍ତି।

ସିଜେଆଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଏସ୍.କେ. କୌଲ, ରବୀନ୍ଦ୍ର ଭଟ୍ଟ, ହିମା କୋହଲି ଏବଂ ପି.ଏସ୍. ନରସିଂହାଙ୍କ ଖଣ୍ଡପୀଠରେ ସମଲିଙ୍ଗୀ ବିବାହ ପ୍ରସଙ୍ଗରେ ଚାଲିଥିବା ଶୁଣାଣିକୁ କେନ୍ଦ୍ର ସରକାର ବିରୋଧ କରିଛନ୍ତି। ଏକ ନୂଆ ସାମାଜିକ ସମ୍ପର୍କ ତିଆରି ଉପରେ କେବଳ ପାର୍ଲାମେଣ୍ଟ ନିଷ୍ପତ୍ତି ନେଇପାରିବ ବୋଲି ଗତ ନଭେମ୍ବର ୨୫ରେ ସୁପ୍ରିମକୋର୍ଟ ମାଗିଥିବା ଜବାବରେ ସରକାର ଯୁକ୍ତି ବାଢ଼ିଛନ୍ତି।



ଆବେଦନକାରୀମାନଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ କହିଥିଲେ, ବିଷମଲିଙ୍ଗତାର ଧାରଣାକୁ ଭାଙ୍ଗିବାକୁ ପଡ଼ିବ। ସମ୍ବିଧାନ ଦ୍ୱାରା ପ୍ରଦତ୍ତ ମୌଳିକ ଅଧିକାରଗୁଡ଼ିକ ବିଷମଲିଙ୍ଗୀ ହୁଅନ୍ତୁ କି ଅପ୍ରାକୃତିକ ଯୌନ ସମ୍ପର୍କ ରକ୍ଷାକାରୀ ସମସ୍ତ ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ। ତେଣୁ ସେମାନଙ୍କୁ ବିବାହ କରିବାକୁ ବାରଣର କୌଣସି କାରଣ ନାହିଁ। କେନ୍ଦ୍ର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପକ୍ଷଭୁକ୍ତ କରିବା ପାଇଁ ୫ ଜଣିଆ ସାମ୍ବିଧାନିକ ପୀଠଙ୍କୁ ଅନୁରୋଧ କରିଛନ୍ତି। ଦାଖଲ ସତ୍ୟପାଠରେ ମେହେଟ୍ଟା କହିଛନ୍ତି, ସମଲିଙ୍ଗୀ ବିବାହକୁ ଆଇନଗତ ବୈଧତା ପ୍ରଦାନ ପ୍ରସଙ୍ଗରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ପକ୍ଷଭୁକ୍ତ କରାଯାଉ। ଆବେଦନଗୁଡ଼ିକରେ ଉଠାଯାଇଥିବା ପ୍ରଜନନ ସମ୍ପର୍କିତ ପ୍ରସଙ୍ଗରେ ମତାମତ ଆହ୍ୱାନ କରି ଏପ୍ରିଲ ୧୮ରେ ପତ୍ର ପ୍ରେରଣ କରାଯାଇଛି। ଇତିମଧ୍ୟରେ ବିଷମଲିଙ୍ଗୀଙ୍କ ଭଳି ସମ୍ମାନର ସହ ଜୀବନ ଧାରଣ ଲାଗି ସମଲିଙ୍ଗୀ ବିବାହକୁ ସୁପ୍ରିମକୋର୍ଟ ସ୍ୱୀକୃତି ପ୍ରଦାନ କରନ୍ତୁ ବୋଲି ଆବେଦନକାରୀମାନେ ନିବେଦନ କରିଛନ୍ତି। ସେମାନଙ୍କ ମତରେ ଏଲ୍‌ଜିବିଟିକ୍ୟୁଆଇଏ ବ୍ୟକ୍ତିମାନଙ୍କ ପାଇଁ 'ସମ୍ମାନ ଓ ନୈତିକ କର୍ତ୍ତୃତ୍ୱ' ସମାଜକୁ ସ୍ୱୀକୃତି ପ୍ରଦାନ ଲାଗି ବାଧ୍ୟ କରିବ।

## ଅତିକ୍, ଅଶ୍ରଫ ହତ୍ୟାକାଣ୍ଡ: ୫ ପୋଲିସ ନିଲମ୍ବିତ

**ପ୍ରୟାଗରାଜ,୧୯।୪**

ଉତ୍ତର ପ୍ରଦେଶ ଗ୍ୟାଙ୍ଗଷ୍ଟର ଅତିକ୍ ଓ ତାଙ୍କ ଭାଇ ଅଶ୍ରଫ ଅହମ୍ମଦ ହତ୍ୟାକାଣ୍ଡରେ ବୁଧବାର ୫ ପୋଲିସ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ନିଲମ୍ବିତ ଅଧିକାରୀଙ୍କ ମଧ୍ୟରେ ବରିଷ୍ଠ ଶାହଗଞ୍ଜ ପୋଲିସ ଅଫିସର ଅଶ୍ୱନୀ କୁମାର ସିଂ, ୨ ଇନ୍‌ସ୍ପେକ୍ଟର ଏବଂ ୨ ଜଣ କନ୍‌ଷ୍ଟେବଲ୍ ରହିଛନ୍ତି। ଅତିକ୍ ଓ ଅଶ୍ରଫ୍‌ଙ୍କୁ ଅଣାଯାଇଥିବା ଡାକ୍ତରଖାନା ଶାହଗଞ୍ଜ ପୋଲିସ ଷ୍ଟେଶନ ଅଧୀନରେ ଆସୁଥିବାବେଳେ ଉକ୍ତ ପୋଲିସ ଅଧିକାରୀ ମୁତୟନ ହୋଇଥିଲେ। ଅନ୍ୟପକ୍ଷେ ଅତିକ୍ ଓ ଅଶ୍ରଫ୍‌ଙ୍କ ୩ ହତ୍ୟା ଅଭିଯୁକ୍ତ ଲଭଲେସ ତିୱାରୀ, ଅରୁଣ କୁମାର ଓ ମୋହିତଙ୍କୁ ପ୍ରୟାଗରାଜର କୋର୍ଟ ଅଫ୍ ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଗତ ୧୫ ତାରିଖରେ ଅତିକ୍ ଓ ଅଶ୍ରଫ୍‌ଙ୍କୁ ଡାକ୍ତରଖାନା ନିଆଯାଉଥିବାବେଳେ ଅଭିଯୁକ୍ତମାନେ ନିଜକୁ ଖବରଦାତା ପରିଚୟ ଦେଇ ସେମାନଙ୍କ ନିକଟତର ହୋଇଥିଲେ ଓ ଗୁଳି କରି ହତ୍ୟା କରିଥିଲେ।

## ଆଶାଙ୍କୁ ଲତା ଦୀନାନାଥ ମଙ୍ଗେସ୍‌କର ପୁରସ୍କାର



ଆଶା ଭୋସଲେ

**ମୁମ୍ବାଇ,୧୯।୪:** ଖ୍ୟାତନାମା ଗାୟିକା ଆଶା ଭୋସଲେଙ୍କୁ ଲତା ଦୀନାନାଥ ମଙ୍ଗେସ୍‌କର ପୁରସ୍କାରରେ ସମ୍ମାନିତ କରାଯିବ। ଏ ନେଇ ମଙ୍ଗଳବାର ମଙ୍ଗେସ୍‌କର ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ଲତା ମଙ୍ଗେସ୍‌କରଙ୍କ ଉଦ୍ଦେଶ୍ୟରେ ପରିବାର ଓ ଟ୍ରଷ୍ଟ ପକ୍ଷରୁ ଏହି ପୁରସ୍କାର ପାଇଁ ଆଶାଙ୍କୁ ଚୟନ କରାଯାଇଛି। ତେବେ ଆସନ୍ତା ୨୪ରେ ଲତାଙ୍କ ବାପା ତଥା ଥିଏଟର-ମ୍ୟୁଜିକ୍ ଭେଟେରାନ୍ ଦୀନାନାଥ ମଙ୍ଗେସ୍‌କରଙ୍କ ସ୍ମାରକୀ ଦିବସ ଅବସରରେ ଆଶାଙ୍କୁ ପୁରସ୍କୃତ କରାଯିବ। ପ୍ରତିବର୍ଷ ଦେଶ ଉଦ୍ଦେଶ୍ୟରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହେଉଛନ୍ତି ପ୍ରଥମ ବ୍ୟକ୍ତି, ଯେ ପ୍ରଥମ କରି ଏହି ପୁରସ୍କାର ଗ୍ରହଣ କରିଥିଲେ। ତେବେ ଗତବର୍ଷ ଫେବୃୟାରୀ ୬ରେ ସୁର ସମ୍ରାଜ୍ଞୀ ଲତା ମଙ୍ଗେସ୍‌କରଙ୍କ ପରଲୋକ ଘଟିଥିଲା।

## ପେନ୍‌ସନ ଆଇନ: ମାକ୍ରଁ ହଟହଟା



ସେଲେଷ୍ଟାଟ୍‌ରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୟୁଏଲ ମାକ୍ରଁଙ୍କ ସହ ଯୁକ୍ତି କରୁଛନ୍ତି ବିକ୍ଷୋଭକାରୀ।

**ପ୍ୟାରିସ୍,୧୯।୪:** ନୂଆ ପେନ୍‌ସନ୍ ଆଇନକୁ ନେଇ ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୟୁଏଲ ମାକ୍ରଁଙ୍କୁ ଦେଶରେ ହଟହଟା ହେବାକୁ ପଡ଼ିଛି। ପାର୍ଲାମେଣ୍ଟରେ ଗୃହୀତ ହୋଇଥିବା ପେନ୍‌ସନ ବିଲ୍ ଅନୁସାରେ ସରକାରୀ କର୍ମଚାରୀଙ୍କ ବୟସ ସୀମା ୬୨ରୁ ୬୪କୁ ବୃଦ୍ଧି କରାଯାଇଛି। ମାକରଁ ଶନିବାର ଏହି ବିବାଦୀୟ ପେନ୍‌ସନ ସଂସ୍କାରରେ ସ୍ୱାକ୍ଷର କରି ଏହାକୁ ଆଇନରେ ପରିଣତ କରିଛନ୍ତି। ଉକ୍ତ ବିଲ୍ ପ୍ରତିବାଦରେ ୩ ମାସ ହେଲା ଦେଶବ୍ୟାପୀ ଆନ୍ଦୋଳନ ଚାଲିଥିବାବେଳେ ଶୁକ୍ରବାର କନ୍‌ଷ୍ଟିଚ୍ୟୁଶନାଲ କାଉନସିଲ୍ ପେନ୍‌ସନ ସଂସ୍କାରକୁ ଅନୁମୋଦନ କରିଥିଲା। ଏହାର ପ୍ରତିବାଦରେ ମେ' ୧ରେ ଗଣଶ୍ରମ ଦିବସ ବିକ୍ଷୋଭ କରିବାକୁ ୟୁନିୟନଗୁଡ଼ିକ ଚେତାବନୀ ଦେଇଛନ୍ତି। ମାକ୍ରଁ ଏହାକୁ ଭ୍ରୂକ୍ଷେପ ନ କରି ବୁଧବାର ପୂର୍ବ ଫ୍ରାନ୍ସର ଏଲସାସ୍ ଅଞ୍ଚଳର ସେଲେଷ୍ଟାଟ୍‌କୁ ଗସ୍ତ କରିଥିଲେ। ସେଠାରେ ଥିବା ଏକ ଫ୍ୟାକ୍ଟ୍ରିରେ ତାଙ୍କୁ ତୀବ୍ର ବିରୋଧ କରାଯାଇଛି। ତାଙ୍କ ଗସ୍ତ ପ୍ରତିବାଦରେ ପୋଷ୍ଟର ବ୍ୟାନର ଛାଇ ହୋଇଯାଇଥିଲା। ଏପରି କି ସ୍ଥାନୀୟ କର୍ମଚାରୀମାନେ ଫ୍ୟାକ୍ଟ୍ରିର ବିଦ୍ୟୁତ୍ ସଂଯୋଗ କାଟିଦେଇଥିଲେ। ମାକ୍ରଁ ନିକଟସ୍ଥ ଏକ ଗ୍ରାମରେ ଭିଡ଼ ଭିତରେ ଚାଲିବା ଆରମ୍ଭ କରିଥିଲେ। ଅନେକେ ସ୍ଲୋଗାନ ଦେଇଥିଲେ, ମାକ୍ରଁ ରିଜାଇନ୍। ଜଣେ ବ୍ୟକ୍ତି ତାଙ୍କୁ କହିଥିଲେ, ଆମେ ଏହି ପେନ୍‌ସନ୍ ସଂସ୍କାର ଚାହୁଁନାହୁଁ। ଅନ୍ୟ ଜଣେ ବ୍ୟକ୍ତି କହିଥିଲେ, ଖୁବ୍‌ଶୀଘ୍ର ତୁମ ପତନ ଘଟିବ। ଅପେକ୍ଷା କର ଓ ଦେଖ। ଆଉ ଜଣେ ତାଙ୍କୁ ଗୋଟିଏ ସ୍ଥାନ ଦେଖାଇ ବେକରେ ଦଉଡ଼ି ଲଗାଇ ଝୁଲିପଡ଼ିବାକୁ କହିଥିଲେ।

## ପ୍ରମାଣିତ କଲେ ଇସ୍ତଫା ଦେବି: ମମତା

### ଟିଏମ୍‌ସିର ଜାତୀୟ ମାନ୍ୟତା ପାଇଁ ଶାହାଙ୍କୁ ଫୋନ୍

**କୋଲକାତା,୧୯।୪:** ପଶ୍ଚିମବଙ୍ଗର ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଜାତୀୟ ଦଳ ମାନ୍ୟତା ହରାଇଛି। ନିକଟରେ ନିର୍ବାଚନ କମିଶନ ଏନେଇ ସମୀକ୍ଷା କରିବା ପରେ ଜାତୀୟ ଦଳ ମାନ୍ୟତା ପ୍ରତ୍ୟାହାର କରିଥିଲେ। ତେବେ ଜାତୀୟ ମାନ୍ୟତା ବଞ୍ଚାଇବା ପାଇଁ ଟିଏମ୍‌ସି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଫୋନ୍ କରି ସହାୟତା



ମମତା ବାନାର୍ଜୀ

ଲୋଡ଼ିଥିଲେ ବୋଲି ମଙ୍ଗଳବାର ପଶ୍ଚିମବଙ୍ଗ ବିଧାନସଭାର ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ସମାଲୋଚନା କରିଥିଲେ। ରାଜ୍ୟ ସଚିବାଳୟରେ ବୁଧବାର ଖବରଦାତାଙ୍କୁ ସମ୍ବୋଧିତ କରି ମମତା କହିଛନ୍ତି, ଶୁଭେନ୍ଦୁଙ୍କ କଥା ଶୁଣି ସେ ଆଶ୍ଚର୍ଯ୍ୟଚକିତ। ୨୦୨୧ ବିଧାନସଭା ନିର୍ବାଚନ ପୂର୍ବରୁ ତାଙ୍କ ଘନିଷ୍ଠ ସହଯୋଗୀ ଥିବା ତଥା ବର୍ତ୍ତମାନର ଭାଜପା ନେତା ଶୁଭେନ୍ଦୁ ମିଛ କହୁଛନ୍ତି। ଶାହାଙ୍କୁ ସହାୟତା ମାଗିଥିବା ବିଷୟ ପ୍ରମାଣିତ କଲେ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ ବୋଲି ମମତା କହିଛନ୍ତି।

## ଅଜିତ ପାୱାର ଭାଜପାରେ ମିଶିଲେ କ୍ଷମତାରେ ରହିବନି ଶିନ୍ଦେ ସେନା

**ମୁମ୍ବାଇ, ୧୯।୪:** ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)ର କେତେଜଣ ବିଧାୟକ ଦଳର ମୁଖ୍ୟ ଶରଦ ପାୱାରଙ୍କ ପୁତୁରା ଅଜିତ ପାୱାରଙ୍କ ନେତୃତ୍ୱରେ ଭାଜପାରେ ସାମିଲ ହେବା ନେଇ ଚର୍ଚ୍ଚା ଜୋର୍ ଧରିଛି। ତେବେ ବିରୋଧୀ ଦଳ ନେତା ଅଜିତ ଏଭଳି ଖବରକୁ ଖଣ୍ଡନ କରି ଆଜୀବନ ଏନ୍‌ସିପିରେ ରହିବେ ବୋଲି ସ୍ପଷ୍ଟ କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ମୁଖପାତ୍ର ସଞ୍ଜୟ ଶିରସତ୍ କହିଛନ୍ତି, ଏନ୍‌ସିପି ନେତା ଅଜିତ ନିଜ ସମର୍ଥକ ବିଧାୟକମାନଙ୍କ ସହ ଭାଜପାରେ ଯୋଗଦେଲେ ଶିବସେନା ମହାରାଷ୍ଟ୍ର ସରକାରରେ ରହିବ ନାହିଁ। କାରଣ ଏନ୍‌ସିପି ଏକ ବିଶ୍ୱାସଘାତୀ ଦଳ।



ପଶ୍ଚିମବଙ୍ଗ ହାୱଡା ଜିଲାରେ ଥିବା ଲୁଡ୍‌ଲୋ ବଜାରରେ ବୁଧବାର ସକାଳେ ଅଗ୍ନିକାଣ୍ଡ ଘଟିବା ଫଳରେ ୧୦୦ ଦୋକାନ ଜଳିଯାଇଛି। ସୂଚନା ପାଇ ଅଗ୍ନିଶମ ବିଭାଗର ୧୦ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏଥିରେ କେହି ମୃତାହତ ହୋଇ ନ ଥିବାବେଳେ ଅନେକ ଲକ୍ଷ ଟଙ୍କାର ସାମଗ୍ରୀ ଜଳି ନଷ୍ଟ ହୋଇଯାଇଛି।

## ଏଲ୍‌ଏସିରେ ବଢ଼ୁଛି ପିଏଲ୍‌ଏ ଉପସ୍ଥିତି

**ନୂଆଦିଲ୍ଲୀ,୧୯।୪**

### ସେନାକୁ କଡ଼ା ସତର୍କତା ପାଇଁ ପ୍ରତିରକ୍ଷା ମନ୍ତ୍ରୀଙ୍କ ନିର୍ଦ୍ଦେଶ

ନର୍ଦ୍ଦର୍ନ ସେକ୍ଟର ସଂଲଗ୍ନ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ରେ ଚାଇନାର ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍‌ଏ) ସୈନ୍ୟଙ୍କ ଉପସ୍ଥିତି ବୃଦ୍ଧି ପାଉଛି। ଦିନକୁ ଦିନ ସୈନ୍ୟ ଓ ସାମରିକ ଉପକରଣ ସଂଖ୍ୟା ବଢ଼ିବାରେ ଲାଗିଥିବାରୁ ସର୍ବାଧିକ ସତର୍କତା ଅବଲମ୍ବନ କରିବା ପାଇଁ ବୁଧବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଭାରତୀୟ ସେନାକୁ ନିର୍ଦ୍ଦେଶ ଦେଇଛନ୍ତି। ଆର୍ମି କମାଣ୍ଡର୍ସ କନ୍‌ଫରେନ୍ସକୁ ସମ୍ବୋଧିତ କରି ରାଜନାଥ କହିଛନ୍ତି, ସାରା ବିଶ୍ୱରେ ଭୂରାଜନୈତିକ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଏହାକୁ ଦୃଷ୍ଟିରେ ରଖି ସେନା ନିଜ ଯୋଜନା ଓ ରଣନୀତି ପ୍ରସ୍ତୁତ କରିବା ଉଚିତ। ବିଶେଷକରି ନର୍ଦ୍ଦର୍ନ ସେକ୍ଟରରେ ପିଏଲ୍‌ଏ ସୈନ୍ୟଙ୍କ ମୁତୟନ ବଢ଼ୁଛି। ଏଲ୍‌ଏସିରେ ଶାନ୍ତି ଓ ସୁରକ୍ଷା ବଜାୟ ରଖିବା ପାଇଁ ଭାରତୀୟ ସେନାକୁ ନିରନ୍ତର



ରାଜନାଥ ସିଂ

ସଜାଗ ରହିବାକୁ ପଡ଼ିବ। ଦେଶର ସୁରକ୍ଷା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ବୋଲି ରାଜନାଥ ସ୍ପଷ୍ଟ କରିଛନ୍ତି। ଲଦାଖ ସେକ୍ଟରରେ ୩ ବର୍ଷ ହେଲା ସୀମା ବିବାଦ ବଢ଼ିବାରେ ଲାଗିଥିବାରୁ ପ୍ରତିରକ୍ଷା ମନ୍ତ୍ରୀଙ୍କ ଏହି ମନ୍ତବ୍ୟ ବିଶେଷ ଗୁରୁତ୍ୱ ବହନ କରେ।

# ସ୍ପାଏ ଡ୍ରୋନ୍ ମୁତୟନ କରିବ ଚାଇନା

**ୱାଶିଂଟନ୍, ୧୯।୪**

### ଆମେରିକୀୟ ଯୁଦ୍ଧ ଜାହାଜ ଓ ତାଇୱାନ ଉପରେ ନଜର

ଚାଇନା ମିଲିଟାରି ଖୁବ୍‌ଶୀଘ୍ର ଉଚ୍ଚ-ତୀବ୍ରତା ବିଶିଷ୍ଟ ଗୋଇନ୍ଦା ଡ୍ରୋନ୍ ମୁତୟନ କରିବାକୁ ଯୋଜନା କରୁଛି। ଲିକ୍ ହୋଇଥିବା ଆମେରିକୀୟ ମିଲିଟାରି ଡକ୍ୟୁମେଣ୍ଟରେ ଏହା ଉଲ୍ଲେଖ କରାଯାଇଛି। ଚାଇନା ମୁତୟନ କରିବାକୁ ଥିବା ଏହି ଡ୍ରୋନ୍‌ର ବେଗ ଶବ୍ଦର ବେଗଠାରୁ ୩ ଗୁଣା ଅଧିକ ବୋଲି କୁହାଯାଉଛି। ତେବେ ଏହି ଡ୍ରୋନ୍ ସାହାଯ୍ୟରେ ଚାଇନାର ସର୍ଭିଲାନ୍ସ ଅପରେଶନ୍ ସହଜ ହୋଇଯିବ। ନ୍ୟାଶନାଲ ଜିଓସ୍ପାଟିଆଲ ଇଣ୍ଟେଲିଜେନ୍ସର ତଥ୍ୟ ଅନୁଯାୟୀ, ତାଇୱାନରେ ମୁତୟନ ଆମେରିକୀୟ ଯୁଦ୍ଧ ଜାହାଜ ଏବଂ ମିଲିଟାରି ବେସ୍ ଉପରେ ନଜର ରଖିବା ପାଇଁ ଚାଇନା ଉନ୍ନତ ଟେକ୍ନୋଲୋଜି ବ୍ୟବହାର କରୁଥିବା ରିପୋର୍ଟରେ ଉଲ୍ଲେଖ



କରାଯାଇଛି। ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ପିଏଲ୍‌ଏ ସେନା ଦ୍ୱାରା ୨୦୨୭ ସୁଦ୍ଧା ତାଇୱାନ୍‌କୁ ବଳପୂର୍ବକ ହାସଲ କରିବାକୁ ଚାହୁଁଥିବାବେଳେ ଚାଇନା ତାଇୱାନ ଉପରେ ଆକ୍ରମଣ କରିବାକୁ ଚାହୁଁ ନ ଥିବା ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ଏଜେନ୍ସି (ସିଆଇଏ)ର ନିର୍ଦ୍ଦେଶକ ୱିଲିୟମ୍ ଜେ. ବର୍ନର କହିଛନ୍ତି। ଚାଇନା ଯେ କୌଣସି ମୁହୂର୍ତ୍ତରେ ଆକାଶ ମାର୍ଗରୁ ଆକ୍ରମଣ କରିବା ନେଇ ତାଇୱାନ ନିଜକୁ ଅସୁରକ୍ଷିତ ମନେ କରୁଥିବା ପ୍ରଘଟ ହୋଇଥିବା ଡକ୍ୟୁମେଣ୍ଟରେ କୁହାଯାଇଛି। ଆମେରିକା ମିଲିଟାରି ଡକ୍ୟୁମେଣ୍ଟ ପ୍ରଘଟ ନେଇ ଗତ ଗୁରୁବାର ୨୧ ବର୍ଷୀୟ ଏୟାର ନ୍ୟାଶନାଲ ଗାର୍ଡ ଜ୍ୟାକ୍ ଟେଇକ୍ସେରାଙ୍କୁ ଗିରଫ କରାଯାଇଛି।

## ଗୁପ୍ତଚର ସାଟେଲାଇଟ୍ ଲଞ୍ଚ୍ କରିବେ କିମ୍

**ସିଓଲ, ୧୯।୪:** ଶତ୍ରୁ ରାଷ୍ଟ୍ରରୁ ଦେଶକୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଉତ୍ତର କୋରିଆ ସ୍ପାଏ ସାଟେଲାଇଟ୍ ଲଞ୍ଚ୍ କରିବାକୁ ଯାଉଛି। ଏ ନେଇ ଉତ୍ତର କୋରିଆର କଠୋରପନ୍ଥୀ ଶାସକ କିମ୍ ଜୋଙ୍ଗ ଉନ୍ ନିର୍ଦ୍ଦେଶ ଦେଇଛନ୍ତି। ଗୁପ୍ତଚରଗିରି ପାଇଁ ସମ୍ପୃକ୍ତ ଅଞ୍ଚଳର ସ୍ଥିତି ସମ୍ପର୍କରେ ପୂର୍ବରୁ ଅବଗତ ହେବା ଉଦ୍ଦେଶ୍ୟରେ ଏହି ସାଟେଲାଇଟ୍ ସାହାଯ୍ୟ କରିବ। ବିଶେଷ କରି ଆମେରିକା ଓ ସାଉଥ୍ କୋରିଆର ସମ୍ଭାବ୍ୟ ଆକ୍ରମଣଠାରୁ ନିଜକୁ ସୁରକ୍ଷିତ ରଖିବା ପାଇଁ କିମ୍ ସାଟେଲାଇଟ୍ ଲଞ୍ଚ କରୁଥିବା କୁହାଯାଉଛି। ଗତ



କିମ୍ ଜୋଙ୍ଗ ଉନ୍

ଡିସେମ୍ବରରେ ଏହି ସ୍ପାଏ ଉପଗ୍ରହର ଶେଷ ପର୍ଯ୍ୟାୟ ପରୀକ୍ଷଣ ଶେଷ ହୋଇଥିବାବେଳେ ଏପ୍ରିଲ ଶେଷ ସୁଦ୍ଧା ଏହାକୁ ମହାକାଶକୁ ପ୍ରେରଣ ନେଇ ଘୋଷଣା କରାଯାଇଥିଲା। ମଙ୍ଗଳବାର ନ୍ୟାଶନାଲ ସ୍ପେସ୍ ଡେଭଲପମେଣ୍ଟ ଏଜେନ୍ସି ଗସ୍ତ ସମୟରେ କିମ୍ ସ୍ପାଏ ସାଟେଲାଇଟ୍ ଲଞ୍ଚ ନିର୍ଦ୍ଦେଶ ଦେଇଛନ୍ତି।

ଧରିତ୍ରୀ
DHARITRI
Bhubaneswar, Thursday, April 20/2023



# ମାଲାବାରରେ ନେକ୍‌ଲେସ୍ ମେଳା

## ଆକର୍ଷଣୀୟ ଅକ୍ଷୟ ତୃତୀୟା ଅଫର




ଭୁବନେଶ୍ୱର,୧୯।୪

ଅନ୍ତଃରାଷ୍ଟ୍ରୀୟ ଅଳଙ୍କାର ପ୍ରତିଷ୍ଠାନ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଭୁବନେଶ୍ୱରସ୍ଥିତ ଶହୀଦନଗର ଏକ୍ସକ୍ଲୁସିଭ ଷ୍ଟୋର ପରିସରରେ ଏକ ୮ ଦିନିଆ ନେକ୍‌ଲେସ ମେଳାର ଶୁଭାରମ୍ଭ କରାଯାଇଛି। ମାଲାବାର ଗ୍ରୁପ୍‌ର ବରିଷ୍ଠ ଅଧିକାରୀ ତଥା ଷ୍ଟୋର କର୍ମଚାରୀ ଓ ଗ୍ରାହକଙ୍କ ଉପସ୍ଥିତିରେ ଉକ୍ତ ମେଳାର ଆନୁଷ୍ଠାନିକ ଅନାବରଣ କରାଯାଇଥିଲା। ଏହି ମେଳା ଚଳିତ ମାସ ୨୬ ତାରିଖ ପର୍ଯ୍ୟନ୍ତ ବ୍ରାଣ୍ଡର ଶହୀନଗର ଷ୍ଟୋରରେ ଜାରି ରହିବ। ଏହି ପରିପ୍ରେକ୍ଷୀରେ ବ୍ରାଣ୍ଡ ଆକର୍ଷଣୀୟ ଅକ୍ଷୟ ତୃତୀୟା ଅଫର ସମ୍ପର୍କରେ ମଧରେ ଘୋଷଣା କରିଛି। ବିଶେଷ କରି ବ୍ରାଣ୍ଡର ୩୦ ବର୍ଷ ପୂର୍ତ୍ତି ଉତ୍ସବ ଅବସରରେ ୩୦,୦୦୦ ଟଙ୍କାର ପ୍ରତି କ୍ରୟ ଉପରେ ଆକର୍ଷଣୀୟ ଉପହାର କିମ୍ବା ୧୦୦ ମି.ଗ୍ରା.ର ସ୍ୱର୍ଣ୍ଣମୁଦ୍ରା ପ୍ରଦାନ କରୁଛି। ସେହିଭଳି ହୀରା, ଜେମ୍‌ଷ୍ଟୋନ ଏବଂ ପୋଲିକି ଡିଜାଇନର ମୂଲ୍ୟ ଉପରେ ମଧ ଉପହାର ଅଥବା ୨୫୦ ମି.ଗ୍ରା.ର ସ୍ୱର୍ଣ୍ଣମୁଦ୍ରା ଗ୍ରାହକଙ୍କୁ ଦିଆଯାଉଛି। ଏହି ଅଫର ୨୦୨୩ ଏପ୍ରିଲ ୩୦ ପର୍ଯ୍ୟନ୍ତ ଉପଲବ୍ଧ ରହିଛି। ଅପରପକ୍ଷରେ ନେକ୍‌ଲେସ ମେଳା ଜରିଆରେ ବ୍ରାଣ୍ଡର ପ୍ରମୁଖ କଲେକ୍ସନ ମାଇନ ହୀର ଅଳଙ୍କାର ସମେତ ଏରା – ଅନକଟ ହୀରା ଅଳଙ୍କାର ଓ ପ୍ରେସିଆ ଭଳି ମୂଲ୍ୟବାନ୍ ଜେମ୍‌ଷ୍ଟୋନ ଜୁଏଲେରି ସାମିଲ ରହିଛି। ସେହିପରି ଲଥିନିକ୍ସ- ହାଣ୍ଡିକ୍ରାଫ୍ଟ ଜୁଏଲେରି, ଡିଭାଇନ- ଇଣ୍ଡିଆନ ହେରିଟେଜ୍ ଜୁଏଲେରି ଏବଂ ଷ୍ଟାର୍‌ଲେଟ – କିଡ୍‌ସ ଜୁଏଲେରି ଅନ୍ତର୍ଭୁକ୍ତ ରହିଛି।

# ଆଜିଠାରୁ ୩ ଦିନିଆ ଓଡ଼ିଶା ସ୍କିଲ୍ କନ୍‌କ୍ଲେଭ

ଭୁବନେଶ୍ୱର,୧୯।୪

ରାଜ୍ୟର ବିକାଶ ଓ ନୂଆ ବିଶ୍ୱ ପାଇଁ ଦକ୍ଷତା ପ୍ରଦର୍ଶନ କରିବା ଲକ୍ଷ୍ୟରେ ଗୁରୁବାରଠାରୁ ଏକ ୩ ଦିନିଆ ଓଡ଼ିଶା ସ୍କିଲ୍ କନ୍‌କ୍ଲେଭ କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜନ ହେବାକୁ ଯାଉଛି। ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଓଡ଼ିଶା ସ୍କିଲ୍ କନ୍‌କ୍ଲେଭ-୨୦୨୩ରେ ୨୦୦୦ରୁ ଅଧିକ ଶିକ୍ଷାର୍ଥୀଙ୍କ ସମେତ ୧୦୦୦ରୁ ଅଧିକ ଶିଳ୍ପପତି ଏବଂ ୧୦୦ରୁ ଊର୍ଦ୍ଧ୍ୱ ବକ୍ତାଙ୍କ ସମେତ ୭ଟି ସ୍ୱତନ୍ତ୍ର ପ୍ୟାନେଲ ଆଲୋଚନାଚକ୍ରର କାର୍ଯ୍ୟକ୍ରମ ରହିଛି। ଏପ୍ରିଲ ୨୦ରୁ ୨୨ ପର୍ଯ୍ୟନ୍ତ ଏହି ୩ ଦିନିଆ ଦକ୍ଷତା ଉତ୍ସବରେ ୧୫୦ରୁ ଅଧିକ ପ୍ରଦର୍ଶକ ଏବଂ ରାଜ୍ୟର ବହୁ ବରିଷ୍ଠ ଅଧିକାରୀ ଓ ଶିଳ୍ପ ପ୍ରତିନିଧି ଉକ୍ତ ଉତ୍ସବରେ ସାମିଲହେବା କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉକ୍ତ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

# ୟୁବିଆଇ କଟକ କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ

ଭୁବନେଶ୍ୱର,୧୯।୪


ସରୋଜ କୁମାର ରାଉତ

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ) କଟକ କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ସରୋଜ କୁମାର ରାଉତ ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ରାଉତ ମୁମ୍ବାଇସ୍ଥିତ କେନ୍ଦ୍ରୀୟ କାର୍ଯ୍ୟାଳୟର ରିଟେଲ ଆସେଟ୍ ବିଭାଗରେ ସହାୟକ ମହାପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ୧୯୯୯ରେ ରାଉତ ବ୍ୟାଙ୍କରେ ଯୋଗଦେବା ସହିତ ଅହମଦାବାଦ, ଚଣ୍ଡିଗଡ଼, ଲକ୍ଷ୍ନୌ, ମହୀଶୂର, ମାଙ୍ଗାଲୋର ଏବଂ ମୁମ୍ବାଇ ଭଳି ବିଭିନ୍ନ ସ୍ଥାନରେ କାର୍ଯ୍ୟ କରିଛନ୍ତି। ଦୀର୍ଘ ୨୪ ବର୍ଷର କାର୍ଯ୍ୟକାଳ ମଧ୍ୟରେ ସେ ପ୍ରାୟ ୪ବର୍ଷରୁ ଊର୍ଦ୍ଧ୍ୱ ସମୟ ବ୍ୟାଙ୍କର ବିଭିନ୍ନ ଶାଖା ସ୍ତରରେ କାର୍ଯ୍ୟ କରିଥିବା ବେଳେ ବାକି ସମୟ ପ୍ରଶାସନିକ କାର୍ଯ୍ୟାଳୟରେ କାମ କରିଛନ୍ତି। ସେ ତାଙ୍କର କାର୍ଯ୍ୟକାଳ ମଧ୍ୟରେ ରିଟେଲ, କୃଷି, ଏମ୍‌ଏସ୍‌ଏମ୍‌ଇ, ଡିଜିଟାଲ ବ୍ୟାଙ୍କିଙ୍ଗ୍, ଏନ୍‌ପିଏ ପରିଚାଳନା ଓ ବ୍ୟବସାୟ ବିକାଶ ଆଦି କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେବା ସହି ବ୍ୟାଙ୍କର ବିକାଶ ଦିଗରେ କାର୍ଯ୍ୟ କରିଛନ୍ତି। ଏପରିକି ବ୍ୟାଙ୍କର ସର୍ବାଙ୍ଗୀନ ଉନ୍ନତି ଦିଗରେ ଆବଶ୍ୟକ ପଦକ୍ଷେପ ଓ କାର୍ଯ୍ୟ କରିବେ ବୋଲି ରାଉତ ମତପ୍ରକାଶ କରିଛନ୍ତି।

# ଡ୍ୟୁକ୍‌ର ସ୍ପ୍ରିଙ୍ଗ୍‌-ସମର କଲେକ୍ସନ


କୁନ୍ତଲ ରାଜ ଜୈନ

ନୂଆଦିଲ୍ଲୀ,୧୯।୪

ଦେଶର ପ୍ରମୁଖ ଲାଇଫ୍ ଷ୍ଟାଇଲ ବ୍ରାଣ୍ଡ ଡ୍ୟୁକ୍‌ର ସ୍ପ୍ରିଙ୍ଗ୍‌-ସମର କଲେକ୍ସନ-୨୦୨୩ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଚଳିତ ବର୍ଷର ସର୍ବଶ୍ରେଷ୍ଠ କଲେକ୍ସନ ଓ ଗ୍ରାହକଙ୍କ ଚାହିଦା ମୁତାବକ ଉତ୍ପାଦଗୁଡ଼ିକୁ ବଜାର ପ୍ରବେଶ କରାଇଛି। ଏପରିକି ସବୁ ବର୍ଗର ଗ୍ରାହକଙ୍କ ପସନ୍ଦ ଓ ଆରାମଦାୟକ ପୋଷାକକୁ ବେଶ୍ ପ୍ରାଧାନ୍ୟ ଦିଆଯାଇଛି। ଏ ସମ୍ପର୍କରେ ଡ୍ୟୁକ୍ ଫ୍ୟାଶନ ଇଣ୍ଡିଆ ଲିମିଟେଡ୍‌ର ନିର୍ଦ୍ଦେଶକ କୁନ୍ତଲ ରାଜ ଜୈନ କହିଛନ୍ତି, ଚଳିତ ବର୍ଷର ଏହି ସ୍ୱତନ୍ତ୍ର କଲେକ୍ସନ ଗ୍ରାହକଙ୍କ ଚାହିଦା ଓ ପସନ୍ଦକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଛି। ଗ୍ରାହକଙ୍କୁ ଆରାମଦାୟକ ଓ ଆବଶ୍ୟକତା ପୂରଣକୁ ବିଶେଷ ଭାବେ ଗୁରୁତ୍ୱ ଦିଆଯାଇଛି। ଫଳରେ ଗ୍ରାହକ ସେମାନଙ୍କର ଚାହିଦା ଓ ମନ ମୁତାବକ ପୋଷାକ ପାଇପାରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଏହି କଲେକ୍ସନରେ ବ୍ରାଣ୍ଡ ନ୍ୟୁ ଟି-ଶାର୍ଟ, ଶାର୍ଟ, ଟ୍ରାଉଜର, ବାର୍ମୁଡା, କାପେରି,ଲୋଏର୍ସ, ଡେନିମ, ଟପ୍ସ, ଜେଗିଙ୍ଗୀ, ଆକ୍ଟିଭ ୱେର, ସ୍ପୋର୍ଟ୍ସୱେର ସାଙ୍ଗକୁ ମେନ୍ସ, ଓମେନ୍ସ ଓ ଚିଲ୍‌ଡ୍ରେନ୍‌ଙ୍କ ପାଇଁ ବିସ୍ତୃତ ସମ୍ଭାର ଉପଲବ୍ଧ କରାଇଛି।

# ଟାଟା ଷ୍ଟିଲ୍‌କୁ ଷ୍ଟିଲ୍ ସଷ୍ଟେନବିଲିଟି ଚାମ୍ପିୟନ ମାନ୍ୟତା




ଭୁବନେଶ୍ୱର,୧୯।୪

ଦେଶର ପ୍ରମୁଖ ଘରୋଇ ଶିଳ୍ପ ପ୍ରତିଷ୍ଠାନ ଟାଟା ଷ୍ଟିଲ୍‌କୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ ପ୍ରଦାନ କରାଯାଇଛି। ଏପରିକି ଲଗାତର ଷଷ୍ଠ ବର୍ଷ ପାଇଁ ୱାର୍ଲଡ୍ ଷ୍ଟିଲ୍ ଆସୋସିଏସନ ପକ୍ଷରୁ ଟାଟା ଷ୍ଟିଲ୍‌କୁ ୨୦୨୩ ଷ୍ଟିଲ୍ ସଷ୍ଟେନବିଲିଟି ଚାମ୍ପିୟନ ମାନ୍ୟତା ପ୍ରଦାନ କରାଯାଇଛି। ବିଶେଷକରି ଅଷ୍ଟ୍ରିଆର ଭିଏନାରେ ଅନୁଷ୍ଠିତ ସ୍ୱତନ୍ତ୍ର ସାଧାରଣ ବୈଠକରେ ଏ ନେଇ ମଧ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୧୮ରେ ଉକ୍ତ କାର୍ଯ୍ୟକ୍ରମ ଆରମ୍ଭ ହେବା ପରଠାରୁ ପ୍ରତିବର୍ଷ ଟାଟା ଷ୍ଟିଲ୍‌କୁ ଏହି ମାନ୍ୟତା ମିଳୁଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିଭଳି ସଷ୍ଟେନେବିଲିଟି ପ୍ରତି ସମ୍ପୂର୍ଣ୍ଣ ପ୍ରତିବଦ୍ଧ ଥିବା ଏକ ବିଶ୍ୱସ୍ତରୀୟ ଇସ୍ପାତ ନିର୍ମାତା ଭାବେ ନିଜର ଅଗ୍ରଣୀ ସ୍ଥାନକୁ ବଜାୟ ରଖିବା ଲାଗି ଟାଟା ଷ୍ଟିଲ୍‌ର ଉଦ୍ୟମ ପ୍ରତି ଏହି ସମ୍ମାନଜନକ ପୁରସ୍କାର ଏକ ସ୍ୱୀକୃତି ବୋଲି କୁହାଯାଉଛି।

ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର ସିଇଓ ଓ ପରିଚାଳନା ନିର୍ଦ୍ଦେଶକ ଟି.ଭି.ନରେନ୍ଦ୍ରନ କହିଛନ୍ତି, ସଷ୍ଟେନବିଲିଟି କେବଳ ଏକ ନୈତିକ ଆବଶ୍ୟକତା ନୁହେଁ ଏହା ଏକ ବ୍ୟବସାୟ ସୁଯୋଗ ବୋଲି ଆମେ ବିଶ୍ୱାସ କରିଥାଉ। ସେହିଭଳି ଜଳବାୟୁ ପରିବର୍ତ୍ତନ ଆହ୍ୱାନର ମୁକାବିଲା କରିବା ଏବଂ ଆଗାମୀ ପିଢ଼ି ପାଇଁ ଏକ ଉତ୍ତମ ଭବିଷ୍ୟତ ସୃଷ୍ଟି କରିବା ଲାଗି ଆମେ ମିଳିତ ଭାବେ କାର୍ଯ୍ୟ କରିବା ନିମନ୍ତେ ବିଶ୍ୱ ଇସ୍ପାତ ଶିଳ୍ପର ଏକ ଅଂଶ ହୋଇଥିବାରୁ ଆମେ ବେଶ୍ ଗର୍ବିତ ବୋଲି ନରେନ୍ଦ୍ରନ ମତବ୍ୟକ୍ତ କରିଛନ୍ତି।

# ଭିକେସି ଗ୍ରୁପ୍‌କୁ ଆଇପିୟୁଏ ଆୱାର୍ଡ




ନୂଆଦିଲ୍ଲୀ,୧୯।୪

ଦେଶର ପ୍ରମୁଖ ଫୁଟ୍‌ୱେର ବ୍ରାଣ୍ଡ ତଥା ପପୁଲାରାଇଜିଂ ପଲୁରେଥିନେ(ପିୟୁ) ଫିଟ୍‌ୱେର ନିର୍ମାତ ଭିକେସି ଗ୍ରୁପ୍‌କୁ ନିକଟରେ ଆଉ ଏକ ଜାତୀୟସ୍ତରୀୟ ସମ୍ମାନରେ ସମ୍ମାନିତ କରାଯାଇଛି। ନୋଏଡାଠାରେ ଆୟୋଜିତ ପିୟୁ ଟେକ୍ ୨୦୨୩ ଉତ୍ସବ ଅବସରରେ ଭିକେସି ଗ୍ରୁପ୍‌କୁ ସମ୍ମାନଜନକ ଆଇପିୟୁଏ (ଇଣ୍ଡିଆନ ପଲୁରେଥିନେ ଆସୋସିଏଶନ) ଆୱାର୍ଡ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ମିଲକେନ ଇଣ୍ଡିଆର ବିଜ୍‌ନେସ ହେଡ୍ ଆଲୋକ ତିୱାରୀଙ୍କଠାରୁ ଭିକେସି ଗ୍ରୁପ୍‌ର ଡାଇରେକ୍ଟର ଭି.ପି. ଆଜେଜ ଉପରୋକ୍ତ ସମ୍ମାନ ଗ୍ରହଣ କରିଥିଲେ।

ଏ ସମ୍ପର୍କରେ ଭିକେସି ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଭିକେସି ରଜାକ କହିଛନ୍ତି, ଏଭଳି ଏକ ଜାତୀୟସ୍ତରର ସମ୍ମାନ ଏବଂ ସ୍ୱୀକୃତି ପାଇ ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଭାରତୀୟ ବଜାରରେ ପିୟୁ ଫୁଟ୍‌ୱେରର ପ୍ରସାର କରିବାରେ ଏହା ବେଶ୍ ସହାୟକ ହେବ।

# ଏଫ୍‌ଏଫ୍‌ଆଇ ସ୍ମାରକୀ ପତାକା ଉତ୍ସର୍ଗ

ଭୁବନେଶ୍ୱର,୧୯।୪


ଗୁଆହାଟୀର ନାରଙ୍ଗି ମିଲିଟାରି ଷ୍ଟେଶନଠାରେ ଏଫ୍‌ଏଫ୍‌ଆଇ ପକ୍ଷରୁ ଏକ ବୃହତ୍ ସ୍ମାରକୀ ପତାକା ସ୍ଥାପନ କରାଯାଇଛି।

ଫ୍ଲାଗ୍ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ (ଏଫ୍‌ଏଫ୍‌ଆଇ) ପକ୍ଷରୁ ଆଉ ଏକ ସ୍ମାରକୀ ପତାକା ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି। ବିଶେଷକରି ବିହୁ ଅବସରରେ ଏଫ୍‌ଏଫ୍‌ଆଇ ପକ୍ଷରୁ ଗୁଆହାଟୀର ନାରଙ୍ଗି ମିଲିଟାରି ଷ୍ଟେଶନଠାରେ ଏକ ବୃହତ୍ ସ୍ମାରକୀ ପତାକା ସ୍ଥାପନ କରାଯାଇଛି। ଏହି ଅବସରରେ ପୂର୍ବାଞ୍ଚଳ ସେନା କମାଣ୍ଡର ଲ୍ୟୁଟ୍‌ନାଣ୍ଟ ଜେନେରାଲ ଆର୍. ପି. କଲିତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଉଲ୍ଲେଖଯୋଗ୍ୟ, ଭାରତୀୟ ଜାତୀୟ ପତାକା ପ୍ରଦର୍ଶନକୁ ପ୍ରୋତ୍ସାହିତ କରିବା ଏବଂ ଭାରତୀୟଙ୍କ ମଧ୍ୟରେ ଦେଶପ୍ରେମର ଭାବନାକୁ ପ୍ରୋତ୍ସାହିତ କରିବା ପାଇଁ ଶିଳ୍ପପତି ନବୀନ ଜିନ୍ଦଲଙ୍କ ନେତୃତ୍ୱରେ ଫ୍ଲାଗ୍ ଫାଉଣ୍ଡେଶନ ସମଗ୍ର ଦେଶରେ ସ୍ମାରକୀ ପତାକା ସ୍ଥାପନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି।

ସୂଚନାଯୋଗ୍ୟ, ୨୦୦୪ରେ କୁରୁକ୍ଷେତ୍ର ନିର୍ବାଚନମଣ୍ଡଳୀରୁ ବିଜୟୀ ହୋଇ ନବୀନ ଲୋକ ସଭାରେ ନବ ନିର୍ବାଚିତ ସାଂସଦ ଭାବେ ଯୋଗଦେବା ପରେ ତାଙ୍କୁ ସୂଚନା ଦିଆଯାଇଥିଲା ଯେ ଗୃହର ୩୪୯ (XIV) ନିୟମ ଅନୁଯାୟୀ ସଂସଦର ଜଣେ ସଦସ୍ୟ ତିରଙ୍ଗା ପିନ୍ଧିପାରିବେ ନାହିଁ। ଏପରିକି ଜାତୀୟ ପତାକା ପିନ୍ଧିବାର ଅନୁମତି ପାଇଁ ଅଧ୍ୟକ୍ଷଙ୍କୁ ସେ ଅନୁରୋଧ କରିଥିଲେ ଏବଂ ସଂସଦରେ ସଂକଳ୍ପ ପାରିତ ମଧ କରିଥିଲେ। ନବୀନଙ୍କ ନେତୃତ୍ୱରେ ଫ୍ଲାଗ୍ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ ୨୦୦୯ରେ ଆରମ୍ଭ ହୋଇଥିଲା। ଏପରିକି ଫାଉଣ୍ଡେଶନ ୨୦୦୯ଠାରୁ ଭାରତରେ ସ୍ମାରକୀ ପତାକା ଲଗାଇବା ଆରମ୍ଭ କରିଥିଲା। ସେହିଦିନଠାରୁ ଫାଉଣ୍ଡେଶନ ସାରା ଦେଶରେ ୧୦୦ରୁ ଅଧିକ ସ୍ମାରକୀ ପତାକା ସ୍ଥାପନ କରିସାରିଛି।

# ବେଦାନ୍ତ ପକ୍ଷରୁ ଅନ୍‌ଲାଇନ ଗ୍ୟାଲେରିର ଶୁଭାରମ୍ଭ

ଭୁବନେଶ୍ୱର,୧୯।୪



ବେଦାନ୍ତ ଆଲୁମିନିୟମ ପକ୍ଷରୁ ବିଶ୍ୱ ଐତିହ୍ୟ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର କାର୍ଯ୍ୟକ୍ଷେତ୍ର ଅଞ୍ଚଳଗୁଡ଼ିକରେ ବସବାସ କରୁଥିବା ଗୋଷ୍ଠୀର କଳାକାରମାନଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏକ ଅନ୍‌ଲାଇନ ଗ୍ୟାଲେରିର ଶୁଭାରମ୍ଭ କମ୍ପାନୀ ୱେବ୍‌ସାଇଟ ଜରିଆରେ କରାଯାଇଛି।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଇଓ (ଆଲୁମିନିୟମ ବିଜ୍‌ନେସ) ରାହୁଲ ଶର୍ମା କହିଛନ୍ତି, ସ୍ଥାନୀୟ ହସ୍ତଶିଳ୍ପର ବିକାଶ ଲାଗି ଆମେ ଅନ୍‌ଲାଇନ ଗ୍ୟାଲେରିର ଶୁଭାରମ୍ଭ କରିଛୁ। ବିଶେଷକରି ଡୋକ୍ରା ଓ ସଉରା ପରି ସମୃଦ୍ଧ କଳାକୃତି ଆମ ଐତିହ୍ୟର ଏକ ବଳିଷ୍ଠ ପ୍ରମାଣ। ଏପରିକି ଆମେ ଏକ ଇକୋସିଷ୍ଟମ ଜରିଆରେ ସେମାନଙ୍କୁ ପ୍ରୋତ୍ସାହିତ କରି ଆସୁଛୁ।

ଅପରପକ୍ଷରେ ଓଡ଼ିଶା ଗ୍ରାମୀଣ ବିକାଶ ଓ ମାର୍କେଟିଂ ସୋସାଇଟି (ଓର୍‌ମାସ) ମାଧ୍ୟମରେ ରାଜ୍ୟ ସରକାରଙ୍କ ସହ କାର୍ଯ୍ୟ କରି ବେଦାନ୍ତ ଆଲୁମିନିୟମ ଡୋକ୍ରା ଓ ସଉରା କଳାକାରମାନଙ୍କୁ ସରକାରୀ ପ୍ରାୟୋଜିତ ଗ୍ୟାଲେରି ଓ ପ୍ରଦର୍ଶନୀରେ ସେମାନଙ୍କ ଉତ୍ପାଦର ପ୍ରଦର୍ଶନୀ କରୁଛି। ଏପରିକି ସରକାରୀ ସହାୟତା କଳାକାରମାନଙ୍କୁ ଯୋଗାଇ ଦିଆଯାଉଛି। ସେହିଭଳି ଛତିଶଗଡ଼ରେ ବେଦାନ୍ତ ଆଲୁମିନିୟମ ଗ୍ରାମୀଣ ମହିଳାମାନଙ୍କ ମଧ୍ୟରେ ଥିବା ମୂର୍ତ୍ତିକଳା କାରିଗରଙ୍କୁ ସହାୟତା ଯୋଗାଉଛି। ଉଲ୍ଲେଖଯୋଗ୍ୟ, ଡୋକ୍ରା ହେଉଛି ଏକ ସୂକ୍ଷ୍ମ ଧାତୁ କଳା, ଯାହା ସିନ୍ଧୁ ଉପତ୍ୟକା ସଭ୍ୟତାର ନିଦର୍ଶନ ଓ ପ୍ରାୟ ୫୦୦୦ ବର୍ଷ ପୂର୍ବେ ଏହି କଳା ଭାରତର ପ୍ରାଚୀନ ଶିଳ୍ପ କଳାର ନିଦର୍ଶନ। ଏହା କଳାହାଣ୍ଡି ଜିଲା କାଙ୍କେରୀ ଗ୍ରାମରେ ଜୀବିତ। ଏଠାକାର ବହୁ କାରିଗର ସେମାନଙ୍କ କଳା ଶିଳ୍ପର ପ୍ରକୃତ ପ୍ରୋତ୍ସାହନ ନ ପାଇ କାମଧନ୍ଦା ଅନ୍ୱେଷଣରେ ବାହାରକୁ ଚାଲିଯାଉଥିଲେ। ଏଠାରେ ଏହି ଶିଳ୍ପକୁ ପୁନର୍ଜୀବିତ କରିବା ଲାଗି ବେଦାନ୍ତ ଆଲୁମିନିୟମ ପାରମ୍ପରିକ ଶୈଳୀ ବ୍ୟବହାରକରି ସମସାମୟିକ ଡିଜାଇନ ତାଲିମ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲା। ପ୍ରଥମରୁ ଏହିସବୁ ଶିଳ୍ପୀ ପ୍ରାକୃତିକ ଉପାଦାନରୁ କଳା ଶିଳ୍ପ ପ୍ରସ୍ତୁତ କରୁଥିଲେ ଏବଂ ସେମାନେ ପ୍ରକୃତିର ଉପାଦାନ, ଦେବତା ଓ ପୂର୍ବପୁରୁଷମାନଙ୍କୁ କଳା ମାଧ୍ୟମରେ ଚିତ୍ରିତ କରୁଥିଲେ। ଏହି ପ୍ରାଚୀନ କଳା ରୂପକୁ ବଞ୍ଚାଇ ରଖିବା ଲାଗି ବେଦାନ୍ତ ସ୍ଥାନୀୟ କଳାକାରମାନଙ୍କ ଦକ୍ଷତା ବୃଦ୍ଧି, ପାରିଶ୍ରମିକ, ବଜାର ଚାହିଦା ପାଇଁ ଆବଶ୍ୟକ କାର୍ଯ୍ୟ କରୁଛି। ବିଶେଷକରି ସ୍କୁଲ ଛାତ୍ରୀଛାତ୍ରମାନଙ୍କ ପାଇଁ ସଉରା କଳା ଉପରେ ସ୍ୱତନ୍ତ୍ର ପାଠ୍ୟକ୍ରମ ମଧ ପ୍ରଦାନ କରାଯାଉଛି।

## ଫୁର୍‌ସତ୍

# ପୋଲରେ ବସତି ସ୍ଥାପନ

ବେଜିଂ

ସାଧାରଣତଃ ପୋଲ ଏକ ବିଚ୍ଛିନ୍ନ ଅଞ୍ଚଳକୁ ଯୋଡିଥାଏ। ଫଳରେ ଲୋକେ ଏପଟୁ ସେପଟକୁ ଯାଇ ଆସି ପାରନ୍ତି। ହେଲେ ନିକଟରେ ଏକ ବସ୍ତିକୁ ନେଇ ବେଶ୍ ଚର୍ଚ୍ଚା ଶୁଣିବାକୁ ମିଳିଛି, ଯାହାକି ଏକ ନଦୀକୂଳରେ ନୁହେଁ, ନଦୀ ଉପରେ ଥିବା ପୋଲ ଉପରେ ରହିଛି। ଚାଇନାର ଚଙ୍ଗ୍‌କିଙ୍ଗ୍ ସହରରେ ଅବସ୍ଥିତ ଏହି ପୋଲ ଉପରେ ଧାଡ଼ି ଧାଡ଼ି ରଙ୍ଗବେରଙ୍ଗର ଘର ରହିଛି, ଯାହା ଅତି ସୁନ୍ଦର ଦେଖାଯାଉଥିବାବେଳେ ତାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଏହାର ଏକ ଭିଡିଓ ଉଦ୍ୟୋଗପତି ହର୍ଷ ଗୋଏଙ୍କା ତାଙ୍କ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏଥିରେ କ୍ୟାପ୍ସନ ଲେଖିଛନ୍ତି, 'ଏଠାରେ ରହିବା ବାବଦରେ ଭାବନ୍ତୁ'। ରିପୋର୍ଟ ମୁତାବକ, ୪୦୦ ମିଟର ଲମ୍ବା ଏହି ପୋଲ ଟୁରିଷ୍ଟଙ୍କ ପାଇଁ ଖାସ୍ ଆକର୍ଷଣ। ଚଙ୍ଗ୍‌କିଙ୍ଗ୍‌ର ଏହି ପାହାଡ଼ ଭର୍ତ୍ତି ସହରରେ ମୋଟ ୧୩ ହଜାରରୁ ଅଧିକ ପୋଲ ରହିଛି। କେତେକ ଅବ୍ୟବହୃତ ପୋଲକୁ ପାର୍କିଂ ଏରିଆ, ଖେଳ ପଡ଼ିଆ, ପାର୍କରେ ବଦଳାଇ ଦିଆଯାଇଛି। ଚଙ୍ଗ୍‌କିଙ୍ଗ୍‌ର ଖାସ୍ ପରିଚୟ ହେଉଛି ଏହାର ପୋଲ ଏବଂ ରେଳ ଯାତାୟାତ। ତେବେ ଏହି ବ୍ୟବହୃତ ପୋଲକୁ ଏକ ବସ୍ତିବାସିନ୍ଦା ଏପରି ଭାବେ ବ୍ୟବହୃତ କରିଛନ୍ତି, ଯାହା ଅତ୍ୟନ୍ତ କାଳ୍ପନିକ।



# ମନ୍ଦିରରେ ପ୍ରବେଶ ପାଇଁ ରୁଟି ଦାନ



**ଗାନ୍ଧୀନଗର:** ଅନେକ ସ୍ଥାନରେ ମନ୍ଦିରକୁ ଯିବାକୁ ହେଲେ ଟିକେଟ କରିବାକୁ ପଡିଥାଏ। ହେଲେ ଗୁଜରାଟର ପାଟନରେ ରୋଟାଲିଆ ହନୁମାନ ମନ୍ଦିରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମନ୍ଦିରରେ ପ୍ରବେଶ ପାଇଁ ଟିକେଟ ବଦଳରେ ରୁଟି ଦେବାକୁ ପଡୁଛି। ଏହା ଶୁଣିଲେ ଅଜବ ଲାଗୁଥିବ, ହେଲେ ଏହା ସତ। ନିକଟରେ ମନ୍ଦିରରେ ଭଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗାୟକଙ୍କ ଚତୁଃପାର୍ଶ୍ୱରେ ରୁଟି ଗଦା ହୋଇଥିବା ଦେଖିବାକୁ ମିଳିଛି। ସାଧାରଣତଃ ଲୋକେ ମନ୍ଦରରେ ସୁନା, ଚାନ୍ଦି, ପଇଡ଼, ପେଡ଼ା ଆଦି ବିଭିନ୍ନ ପଦାର୍ଥ ପ୍ରସାଦ ସ୍ୱରୂପ ଏବଂ ଦାନ କରିଥାନ୍ତି। ପାଟନର ହନୁମାନ ମନ୍ଦିରର ବାର୍ଷିକ ଉତ୍ସବରେ 'ଲୋକ ଦୟରୋ' କାର୍ଯ୍ୟକ୍ରମ କରାଯାଇଥାଏ। ଏଥିରେ ଭଜନ, ପୌରାଣିକ କଥା ବର୍ଣ୍ଣନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ହୁଏ। ଗୁଜରାଟରେ ଏପରି କାର୍ଯ୍ୟକ୍ରମ ଆୟୋଜିତ ହେଲେ ଏଠାକୁ ଅନେକ ଲୋକ ଆସିବା ସହ ବହୁ ଟଙ୍କା ଦାନ ସ୍ୱରୂପ ଦେଇଥାନ୍ତି। କିନ୍ତୁ ରୋଟାଲିଆ ହନୁମାନ ମନ୍ଦିରରେ ରୁଟି ଦେବା ନିୟମ ମାଧ୍ୟମରେ ବୁଲା ପ୍ରାଣୀଙ୍କ ପାଇଁ ଆହାରର ବ୍ୟବସ୍ଥା କରାଯାଇଥାଏ, ଯାହା ବୁଲା ପ୍ରାଣୀଙ୍କ ପାଇଁ କଲ୍ୟାଣର ଏକ ଉଦାହରଣ। ଆୟୋଜିତ କାର୍ଯ୍ୟକ୍ରମରେ ରୋଟ୍‌ଲା (ମୋଟା ରୁଟି) ନ ହେଲେ ୧୦ ରୋଟ୍‌ଲି (ପତଳା ରୁଟି) ମାଧ୍ୟମରେ ଲୋକଙ୍କୁ ମନ୍ଦିର ଭିତରକୁ ପ୍ରବେଶ ଅନୁମତି ମିଳିଥିଲା। ଏଥିରେ ବହୁ ଲୋକଙ୍କ ଆଗମନ ଫଳରେ ମଞ୍ଚ ଉପରେ ଗାଉଥିବା ଗାୟକଙ୍କ ଚତୁଃପାର୍ଶ୍ୱରେ ରୋଟ୍‌ଲା ଏବଂ ରୋଟ୍‌ଲିର ପାହାଡ଼ ଗଦା ହୋଇଥିଲା। କାର୍ଯ୍ୟକ୍ରମ ସରିବା ପରେ ଦାନସ୍ୱରୂପ ମିଳିଥିବା ରୁଟିକୁ ବୁଲା ପ୍ରାଣୀଙ୍କ ପାଇଁ ଖାଦ୍ୟ ଆକାରରେ ପ୍ରଦାନ କରାଯିବ ବୋଲି ଜଣାପଡିଛି।

# ସାଉଥ୍ ଅଭିନେତାଙ୍କ ସହ କାମ କରିବାକୁ ଚାହାନ୍ତି ଶେହନାଜ୍



**ମୁମ୍ବାଇ:** ବିଗ୍‌ବସ୍ ଫେମ୍ ଶେହନାଜ୍ ଗିଲ୍ ଆଗାମୀ ଫିଲ୍ମ 'କିସି କା ଭାଇ କିସି କି ଜାନ୍'କୁ ନେଇ ଚର୍ଚ୍ଚାରେ। ବଲିଉଡ୍‌ରେ ଡେବ୍ୟୁ କରୁଥିବା ଶେହନାଜ୍ ସଲ୍‌ମାନ ଖାନ୍‌ଙ୍କ ସହ ଏକାଠି ପରଦାରେ ନଜରକୁ ଆସିବେ। କିନ୍ତୁ ଶେହନାଜ୍ ଦକ୍ଷିଣ ଭାରତର ସୁପରଷ୍ଟାର ୟଶ୍‌ଙ୍କ ସହ କାମ କରିବାକୁ ଚାହୁଁଥିବା ନିକଟରେ କହିଛନ୍ତି। ସେ ଏବେ ଫିଲ୍ମର ପ୍ରମୋଶନରେ ବ୍ୟସ୍ତ ରହିବା ସହ ରିଆଲିଟି ଶୋ'ରେ ମଧ ଅଂଶଗ୍ରହଣ କରୁଛନ୍ତି। ଏ ନେଇ ଶେହନାଜ୍‌ଙ୍କୁ ପ୍ରଶ୍ନ କରାଯିବାରୁ ସେ ସାଉଥ୍ ଅଭିନେତାଙ୍କ ସହ କାର୍ଯ୍ୟ କରିବାକୁ ମିଳିବା ବଡ଼ କଥା ବୋଲି କହିଥିଲେ। ତାଙ୍କୁ ସାଉଥ୍ ଇଣ୍ଡଷ୍ଟ୍ରିରେ କାମ କରିବାକୁ ସୁଯୋଗ ମିଳିଲେ ସେ ତାଙ୍କ ପସନ୍ଦର ଅଭିନେତା ୟଶ୍‌ଙ୍କ ସହ କାମ କରିବାକୁ ଚାହାନ୍ତି ବୋଲି କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଶ୍ରୀୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସିରାଜଙ୍କୁ ଯୋଗାଯୋଗ କରିଥିଲେ ବୁକି

■ ଅଷ୍ଟ୍ରେଲିଆ ସିରିଜ ପୂର୍ବର ଘଟଣା
■ ଏସିୟୁ ନିକଟରେ ଅଭିଯୋଗ

ନୂଆଦିଲ୍ଲୀ,୧୯।୪(ପି.ଟି.)

ପେସ୍ ବୋଲର ମହମ୍ମଦ ସିରାଜ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଦୁର୍ନୀତି ନିବାରଣ ବିଭାଗ(ଏସିୟୁ)ର ଦ୍ୱାରସ୍ଥ ହୋଇଥିଲେ ବୋଲି ଜଣାପଡିଛି। ଫେବୃୟାରୀ ମାସରେ ଅଷ୍ଟ୍ରେଲିଆ ଗସ୍ତର ଠିକ୍ ପୂର୍ବରୁ ଜଣେ ବ୍ୟକ୍ତି ତାଙ୍କୁ ଦଳର ଭିତିରି ସୂଚନା ଦେବା ପାଇଁ ସମ୍ପର୍କ କରିଥିଲେ। ବର୍ତ୍ତମାନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆରସିବି) ପକ୍ଷରୁ ଖେଳୁଥିବା ସିରାଜ ତୁରନ୍ତ ଏହି ଘଟଣା ସମ୍ପର୍କରେ ଏସିୟୁକୁ ଅବଗତ କରିଥିଲେ। ସିରାଜଙ୍କୁ ମେସେଜ କରିଥିବା ବ୍ୟକ୍ତି ଜଣଙ୍କ ଜଣେ ଜୁଆଡି । କ୍ରିକେଟ ବେଟିଂରେ ଅନେକ ପଇସା ହରାଇବା ପରେ ମହମ୍ମଦ ସିରାଜଙ୍କୁ ସେ ମେସେଜ କରିଥିବା ଜଣା ପଡିଛି। ଫେବୃୟାରୀରେ ଅଷ୍ଟ୍ରେଲିଆ ସରିଜ୍ ଖେଳାଯିବା ପୂର୍ବରୁ ଭାରତ ଶ୍ରୀଲଙ୍କା ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ସୀମିତ ଓଭର ସିରିଜ୍ ବିଜୟୀ ହୋଇଥିଲା। ଶ୍ରୀଲଙ୍କା ବିପକ୍ଷ ଟି୨୦ ସିରିଜକୁ ୨-୧ରେ ଓ ଦିନିକିଆ ସିରିଜକୁ ୩-୦ରେ ଜିତିଥିଲା ଭାରତ। ଏହା ପରେ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜକୁ ଭାରତ ୩-୦ରେ କ୍ଲିନ୍ ସୁଇପ୍ କରିଥିଲା। ଏହା ସହିତ ଟି୨୦ ସିରିଜକୁ ଭାରତ ୨-୧ରେ ବିଜୟୀ ହୋଇଥିଲା। ତେବେ ତଦନ୍ତରୁ ମିଳିଥିବା ସୂଚନା ଅନୁସାରେ ସିରାଜଙ୍କୁ ସମ୍ପର୍କ କରିଥିବା ବ୍ୟକ୍ତି ଜଣଙ୍କ ପ୍ରଫେସନାଲ ବୁକି ନୁହନ୍ତି। ହାଇଦ୍ରାବାଦରେ ସେ ଜଣେ ବସ୍ ଡ୍ରାଇଭର ଭାବରେ କାମ କରୁଥିବା ବେଳେ ଭାରତ ଖେଳୁଥିବା ମ୍ୟାଚରେ ପଇସା ଲଗାଇ ପ୍ରବଳ କ୍ଷତି ସହିଥିଲେ। ସିରାଜଙ୍କୁ ହ୍ୱାଟ୍ସଆପ୍ ଜରିଆରେ ବ୍ୟକ୍ତି ଜଣକ ସମ୍ପର୍କ କରିବାକୁ ପ୍ରୟାସ କରିଥିଲେ। ମେସେଜ୍ ମିଳିବା ପରେ ସିରାଜ ତୁରନ୍ତ ଅଭିଯୋଗ କରିଥିଲେ। ଆନ୍ଧ୍ର ପ୍ରଦେଶ ପୋଲିସ ତୁରନ୍ତ ଅଭିଯୁକ୍ତକୁ ଗିରଫ କରିଥିଲା। ୨୦୧୩ ଆଇପିଏଲ୍ ସଂସ୍କରଣରେ ରାଜସ୍ଥାନ ରୟାଲ୍ସର ଏସ୍. ଶ୍ରୀସନ୍ଥ, ଅଙ୍କିତ ଚଭନ, ଅଜିତ ଚାଣ୍ଡିଲା ଓ ଚେନ୍ନାଇ ସୁପରକିଙ୍ଗ୍ସର ଟିମ୍ ମୁଖ୍ୟ ଗୁରୁନାଥ ମେୟିଆପ୍ପାନ ସ୍ପଟ୍ ଫିକ୍ସିଂରେ ଅନ୍ତର୍ଭୁକ୍ତ ଥିବା ଜଣାପଡିବା ପରେ ବିସିସିଆଇ ପକ୍ଷରୁ ଏହାର ଏସିୟୁ ୟୁନିଟକୁ ଅଧିକ ଶକ୍ତିଶାଳୀ କରାଯାଇଥିଲା। ବର୍ତ୍ତମାନ ସମସ୍ତ ଆଇପିଏଲ୍ ଫ୍ରାଞ୍ଚାଇଜିଙ୍କ ପାଇଁ ଜଣେ ଏସିୟୁ ଅଫିସିଆଲଙ୍କ ନିଯୁକ୍ତି ବାଧ୍ୟତାମୂଳକ କରାଯାଇଛି। ହୋଟେଲରେ ଅବସ୍ଥାନ କରୁଥିବା ଟିମ୍ ସହିତ ଏହି ଅଫିସିଆଲ ରହିଥାନ୍ତି। ପୂର୍ବରୁ ବାଂଲାଦେଶ ଅଲରାଉଣ୍ଡର ସାକିବ୍ ଅଲ୍ ହସନ ସମାନ କାରଣ ପାଇଁ ନିଲମ୍ବିତ ହୋଇଥିଲେ। ୨୦୨୧ ସିଜନରେ ଜଣେ ବୁକି ତାଙ୍କୁ ସମ୍ପର୍କ କରିଥିବା ବେଳେ ସେ ଏହି ତଥ୍ୟ ଲୁଚାଇଥିଲେ। ଏହା ସହିତ ଖେଳାଳିମାନଙ୍କ ପାଇଁ ମାଗଣା ଏସିୟୁ ୱାର୍କଶପ୍ ମଧ୍ୟ ଆୟୋଜନ କରାଯାଉଛି।


ମହମ୍ମଦ ସିରାଜ

# ପ୍ରମୋଦ-ସୁକାନ୍ତ ନମ୍ବରୱାନ୍


ସୁକାନ୍ତ କଦମ ଓ ପ୍ରମୋଦ ଭଗତ।

## ପାରା ବ୍ୟାଡ୍‌ମିଣ୍ଟନ ପୁରୁଷ ଡବଲ୍ସ ବିଶ୍ୱ ର୍‍ୟାଙ୍କିଙ୍ଗ୍

ଭୁବନେଶ୍ୱର, ୧୯।୪ (କ୍ରୀଡ଼ା ପ୍ରତିନିଧି)

ଭାରତୀୟ ଯୋଡ଼ି ପ୍ରମୋଦ ଭଗତ ଓ ସୁକାନ୍ତ କଦମ ପାରା ବ୍ୟାଡ୍‌ମିଣ୍ଟନ ପୁରୁଷ ଡବଲ୍ସରେ ବିଶ୍ୱର ନମ୍ବରୱାନ ହୋଇଛନ୍ତି। ବୁଧବାର ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ ପକ୍ଷରୁ ଏହା ଘୋଷଣା କରାଯାଇଛି। ବ୍ରାଜିଲରେ ନିକଟରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ପୁରୁଷ ଡବଲ୍ସରେ ଦୁହେଁ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଏସ୍‌ଏଲ୍ ୩- ଏସ୍‌ଏଲ୍ ୪ ବର୍ଗରେ ପ୍ରମୋଦ ଓ ସୁକାନ୍ତ ଗତ ୮ ମାସଧରି ସାଥିହୋଇ ଖେଳି ୩ଟି ଟୁର୍ନାମେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଦୁହେଁ ୨୦୨୨ ଥାଇଲାଣ୍ଡ, ୨୦୨୩ ସ୍ପାନିଶ୍ ଓ ବ୍ରାଜିଲ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛନ୍ତି। ଏଥିରେ ସ୍ୱାଭାବିକ ଭାବେ ଖୁସି ପ୍ରକାଶ କରିଛନ୍ତି ଓଡ଼ିଶାର ପ୍ରମୋଦ। "ମୁଁ ପୁଣିଥରେ ବିଶ୍ୱର ନମ୍ବରୱାନ ହୋଇପାରିଥିବାରୁ ଅତ୍ୟନ୍ତ ଆନନ୍ଦିତ। ମୁଁ ଓ ସୁକାନ୍ତ କଠିନ ପରିଶ୍ରମ କରି ଆଜି ଏଠାରେ ପହଞ୍ଚି ପାରିଛୁ। ଏହା ଆରମ୍ଭ ମାତ୍ର। ଆମେ ଦୁହେଁ ଅଧିକରୁ ଅଧିକ ସଫଳତା ହାସଲ କରି ଭାରତକୁ ଗର୍ବିତ କରିବାକୁ ଚେଷ୍ଟା କରିବୁ" ବୋଲି ପଦ୍ମଶ୍ରୀ ଓ ଖେଳରତ୍ନ ପୁରସ୍କାରପ୍ରାପ୍ତ ପ୍ରମୋଦ ପ୍ରକାଶ କରିଛନ୍ତି। ସୁକାନ୍ତ କହିଛନ୍ତି ଯେ, "ପରିଶ୍ରମର ଫଳ ମିଳିଛି। ଏହି ଫର୍ମ ଜାରିରଖି ଆଗକୁଥିବା ଟୁର୍ନାମେଣ୍ଟଗୁଡ଼ିକରେ ସଫଳତା ହାସଲ କରିବାକୁ ଆମେ ଲକ୍ଷ୍ୟ ରଖିଛୁ। ବିଶ୍ୱର ନମ୍ବର ୱାନ ହେବା ଆମକୁ ଅଧିକ କଠିନ ପରିଶ୍ରମ କରିବାକୁ ପ୍ରୋତ୍ସାହିତ କରିଛି। କେତେକ କ୍ଷେତ୍ରରେ ତ୍ରୁଟି ରହିଛି। ଆମେ ତାହାକୁ ସୁଧାରିବା ଉପରେ ଫୋକସ କରୁଛୁ"। ପ୍ରମୋଦ ଓ ସୁକାନ୍ତ ଆଗାମୀ ଦିନରେ ହେବାକୁଥିବା ଥାଇଲାଣ୍ଡ ଓ ବାହାରିନ ପାରା ବ୍ୟାଡ୍‌ମିଣ୍ଟନ ଆଦି ପ୍ରତିଯୋଗିତା ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି।

# ୧ ନମ୍ବରରେ ସ୍ଥିର ସୂର୍ଯ୍ୟକୁମାର

ଦୁବାଇ,୧୯।୪(ପି.ଟି.)

ବୁଧବାର ପ୍ରକାଶିତ ଆଇସିସି ଟି୨୦ ର୍‍ୟାଙ୍କିଙ୍ଗରେ ଏକ ନମ୍ବର ସ୍ଥାନ ବଜାୟ ରଖିଛନ୍ତି ସୂର୍ଯ୍ୟକୁମାର ଯାଦବ। ଖରାପ ଫର୍ମ ଦେଇ ଗତି କରୁଥିବା ଏହି ଷ୍ଟାଇଲିସ୍ ଖେଳାଳି ଜଣଙ୍କ ଏକ ନମ୍ବର ସ୍ଥାନ ବଜାୟ ରଖିଥିବା ବେଳେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ପାକିସ୍ତାନର ମହମ୍ମଦ ନୱାଜ। ୯୦୬ ରେଟିଂ ପଏଣ୍ଟ ସହିତ ସୂର୍ଯ୍ୟକୁମାର ଟପ୍ ଟେନ୍‌ରେ ଏକମାତ୍ର ଭାରତୀୟ ଭାବରେ ସ୍ଥାନ ପାଇଛନ୍ତି। ଦ୍ୱିତୀୟ ସ୍ଥାନରେ ରହିଥିବା ମହମ୍ମଦ ରିଜୱାନ ୭୯୮ ପଏଣ୍ଟ ହାସଲ କରିଛନ୍ତି। ଭାରତୀୟ ଦଳର ପୂର୍ବତନ ଅଧିନାୟକ ବିରାଟ କୋହଲି ପୂର୍ବଭଳି ୧୫ ନମ୍ବର ସ୍ଥାନ ବଜାୟ ରଖିଛନ୍ତି।

# ଗ୍ଲୋବାଲ ଚେସ୍ ଲିଗ୍‌ର ଲୋଗୋ ଉନ୍ମୋଚିତ

**ନୂଆଦିଲ୍ଲୀ, ୧୯।୪ (ପି.ଟି.):** ଫିଡେ ଫିଡେ ଓ ଟେକ୍ ମହିନ୍ଦ୍ରା ପକ୍ଷରୁ ଅନୁଷ୍ଠିତ ହେବାକୁ ଯାଉଥିବା ଗ୍ଲୋବାଲ ଚେସ୍ ଲିଗ୍ (ଜିସିଏଲ୍)ର ଲୋଗୋ ବୁଧବାର ଉନ୍ମୋଚିତ ହୋଇଛି। ଚେସ୍ ବୋର୍ଡରେ ରହୁଥିବା ୬୪ ସ୍କୋୟାରକୁ ପ୍ରତୀକାତ୍ମକ ଭାବରେ ଲୋଗୋରେ ସ୍ଥାନିତ କରାଯାଇଛି। ଏହା ସହିତ ଟୁର୍ନାମେଣ୍ଟ ଆରମ୍ଭ ହେବାର ଠିକ୍ ୬୪ ଦିନ ପୂର୍ବରୁ ଏହି ଲୋଗୋକୁ ଲଞ୍ଚ କରାଯାଇଛି। ଜୁନ୍ ୨୧ରୁ ଜୁଲାଇ ୨ ତାରିଖ ଯାଏ ଏହି ଟୁର୍ନାମେଣ୍ଟ ଆୟୋଜିତ ହେବାକୁ ଥିବା ବେଳେ ଚେସ୍‌ରେ ଏହା ବିଶ୍ୱର ପ୍ରଥମ ଲିଗ୍ ଟୁର୍ନାମେଣ୍ଟ। ପ୍ରଥମ ସଂସ୍କରଣରେ ୬ଟି ଦଳ ଅଂଶଗ୍ରହଣ କରିବେ। ସମସ୍ତ ଦଳରେ ୬ ଜଣ ଲେଖାଏ ଖେଳାଳି ରହିବେ। ୨ ଜଣ ମହିଳା ଖେଳାଳି ଏବଂ ଜଣେ ଆଇକନ୍ ଖେଳାଳି ଏହି ଦଳରେ ସାମିଲ ରହିବେ। ୫ ଥର ବିଶ୍ୱଚାମ୍ପିୟନ ବିଶ୍ୱନାଥନ ଆନନ୍ଦ ଜିସିଏଲ୍‌ର ମେଣ୍ଟର ରହିଛନ୍ତି। ଚେସ୍‌ରେ ଆଗକୁ ବଢିବାରେ ଆମ ସ୍ୱପ୍ନ ସାକାର ହେଉଛି ବୋଲି କହିଛନ୍ତି ଆନନ୍ଦ। ପ୍ରତ୍ୟେକ ଦଳ ୬ଟି ବୋର୍ଡରେ ରାଉଣ୍ଡ ରବିନ୍ ଫର୍ମାଟରେ ୧୦ଟି ଲେଖାଏ ମ୍ୟାଚ୍ ଖେଳିବେ।



ପୁଣେରେ ହେବାକୁଥିବା ରୋଲ ବଲ୍ ବିଶ୍ୱକପ ପାଇଁ ମନୋନୀତ ଓଡ଼ିଶା ଦଳ।

# ଓଡ଼ିଶାରୁ ଭାଗନେବେ ୧୧ ଖେଳାଳି

## ରୋଲ ବଲ୍ ବିଶ୍ୱକପ

ଭୁବନେଶ୍ୱର, ୧୯।୪ (କ୍ରୀଡ଼ା ପ୍ରତିନିଧି)

ରୋଲ ବଲ୍ ବିଶ୍ୱକପ୍‌ର ୬ଷ୍ଠ ସଂସ୍କରଣ ପୁଣେର ବାଲେୱାଡ଼ି ଷ୍ଟାଡିୟମରେ ଚଳିତମାସ ୨୧ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ଓଡ଼ିଶାର ୧୧ ପ୍ରତିଭା ସମ୍ପନ୍ନ ରୋଲ ବଲ୍ ଖେଳାଳି ମନୋନୀତ ହୋଇଛନ୍ତି। ଏହା ବ୍ୟତୀତ ୧୭ ବର୍ଷରୁ କମ୍ ଜାତୀୟ ରୋଲ ବଲ୍ ଚାମ୍ପିୟନଶିପ ମଧ୍ୟ ସେଠାରେ ଆୟୋଜନ ହେବ। ସେଥିରେ ମଧ୍ୟ ଓଡ଼ିଶାର ଏହି ୧୧ ଜଣିଆ ଦଳ ଅଂଶଗ୍ରହଣ କରିବ। ଓଡ଼ିଶା ଦଳରେ ମନୋନୀତ ଖେଳାଳିମାନେ ହେଲେ ଦେବ କୁମାର ନାୟକ, ଆୟୁଷ ଜେନା, ପ୍ରତୀକ ଅର୍ଣ୍ଣବ ଜେନା, ଅଭିସନ୍ତ ପାଣିଗ୍ରାହୀ,କୌସ୍ତୁଭ ପଟ୍ଟନାୟକ, ଅରମାନ ସୁଦିଧି, ପ୍ରୀତ୍ ପ୍ରୀତମ୍ ଜେନା, ସ୍ୱସ୍ତିକ ସୁକୁମାର ପ୍ରହରାଜ, ପ୍ରୀତିଶ୍ ଆର୍ଯ୍ୟନ ଜେନା, ରୋହିତ କୁମାର ଭୋଇ ଓ ସାଇ ଶ୍ରୀୟାଂଶି ରାଉତ। ଓଡ଼ିଶା ରୋଲ ବଲ୍ ଆସୋସିଏଶନ ପକ୍ଷରୁ ସମ୍ପାଦକ ପାର୍ଥ ସାରଥି ଜେନା ବୁଧବାର ମନୋନୀତ ଖେଳାଳିମାନଙ୍କୁ କଳିଙ୍ଗ ଷ୍ଟାଡିୟମରେ ସମ୍ବର୍ଦ୍ଧିତ କରିଛନ୍ତି।

# ଜାତିଆଣ ମନ୍ତବ୍ୟ ଅଭିଯୋଗରେ କୋଚ୍ ବାସନ୍ଦ

ଲଣ୍ଡନ୍,୧୯।୪(ପି.ଟି.)

ଇଂଲଣ୍ଡର ଚତୁର୍ଥ ଟିଅର୍ ଲିଗ୍‌ରେ ଜାତିଆଣ ମନ୍ତବ୍ୟ ପାଇଁ କ୍ରଲି ଟାଉନ୍ କ୍ଲବର ପୂର୍ବତନ ମ୍ୟାନେଜର ଜନ୍ ୟେମ୍ସଙ୍କୁ ୩ ବର୍ଷ ପାଇଁ ବାସନ୍ଦ କରାଯାଇଛି। ପୂର୍ବରୁ ତାଙ୍କୁ ୧୫ ମାସ ବାସନ୍ଦ କରାଯାଇଥିଲା। ତେବେ କ୍ରଲି ଟାଉନ୍ ଦଳର ୧୧ ଜଣ ଖେଳାଳି ଏହି ନିଷ୍ପତ୍ତିର ପ୍ରତିବାଦ କରିବାରୁ ବାସନ୍ଦାଦେଶକୁ ୩ବର୍ଷକୁ ବୃଦ୍ଧି କରାଯାଇଛି। ତଦନ୍ତରେ ୟେମ୍ସ ଇସଲାମ ବିରୋଧରେ ବୟାନ ଦେଇଥିବା ଜଣାପଡିଥିଲା। ଏହା ସହିତ କଳା ଲୋକଙ୍କ ପ୍ରତି ଧାର୍ମିକ ଓ ଜାତିଆଣ ଆକ୍ଷେପ କରିଥିଲେ। ୨୦୧୯ରୁ ୨୦୨୨ ମଧ୍ୟରେ ସେ ଦଳର କୋଚ୍ ରହିଥିବା ବେଳେ ଏଭଳି ଅଭିଯୋଗ ଆସିଥିଲା। ଜାନୁୟାରୀ ୨୦୨୩ରେ ୟେମ୍ସଙ୍କୁ ୧୫ ମାସର ଦଣ୍ଡ ଦିଆଯିବା ନେଇ ଘୋଷଣା କରାଯାଇଥିଲା। ଏହି ନିଷ୍ପତ୍ତିକୁ ୧୧ ଜଣ ଖେଳାଳି ବିରୋଧ କରିଥିଲେ। ଏହା ପରେ ୟେମ୍ସଙ୍କ ଓକିଲ ତାଙ୍କୁ ନିର୍ଦ୍ଦୋଷ ବୋଲି ଦାବି କରିଥିଲେ। ଏହି ନିଷ୍ପତ୍ତି ବିରୋଧରେ ଉପର କୋର୍ଟରେ ଅପିଲ କରିବେ ବୋଲି ୟେମ୍ସଙ୍କ ଓକିଲ କହିଛନ୍ତି।

# ଏନ୍‌ସିଏ ଏଚ୍‌ପି କ୍ୟାମ୍ପ ପାଇଁ ଆଶୁତୋଷ ମନୋନୀତ



**ଭୁବନେଶ୍ୱର, ୧୯।୪ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ଡାହାଣହାତୀ ଦ୍ରୁତ ବୋଲର ଆଶୁତୋଷ ଛୁରିଆ ୨୩ ବର୍ଷରୁ କମ୍ ଜାତୀୟ କ୍ରିକେଟ ଏକାଡେମୀ ହାଇପରଫର୍ମାନ୍ସ କ୍ୟାମ୍ପ ପାଇଁ ମନୋନୀତ ହୋଇଛନ୍ତି। ସମ୍ବଲପୁର ଜିଲାରୁ ପ୍ରତିନିଧିତ୍ୱ କରୁଥିବା ଆଶୁତୋଷ ନିକଟରେ ଶେଷ ହୋଇଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଘରୋଇ ସିଜନରେ ଚମତ୍କାର ପ୍ରଦର୍ଶନ କରିଥିଲେ। ଏନ୍‌ସିଏ ଏଚପି କ୍ୟାମ୍ପ ପୁଡୁଚେରୀଠାରେ ମେ' ୩୦ରୁ ଜୁନ୍ ୧୮ ପର୍ଯ୍ୟନ୍ତ ଚାଲିବ। ଆଶୁତୋଷ ୨୫ ବର୍ଷରୁ କମ୍ ଦିନିକିଆ ଷ୍ଟେଟ୍-ଏ ଟ୍ରଫିରେ ୧୧ଟି ଉଇକେଟ ନେଇଥିଲେ। ସେହିପରି ମଲ୍ଟି-ଡେ' କର୍ଣ୍ଣେଲ ସି.କେ. ନାଇଡୁ ଟ୍ରଫିରେ ସେ ୩୧ଟି ଉଇକେଟ ହାସଲ କରିଥିଲେ। ବରୋଦା ବିପକ୍ଷ ଏକ ମ୍ୟାଚରେ ସେ ୯ ଉଇକେଟ ସଫଳତା ପାଇଥିଲେ। ଏହି ମ୍ୟାଚରେ ତାଙ୍କର ବୋଲିଂ ବିଶ୍ଲେଷଣ ଥିଲା ୩୩-୩-୧୩୧-୯। ନିଜ ଦକ୍ଷତାକୁ ଅଧିକ ଶାଣିତ କରିବାପାଇଁ ଏନ୍‌ସିଏ ହାଇପରଫର୍ମାନ୍ସ କ୍ୟାମ୍ପ ବହୁତ ବଡ଼ ସୁଯୋଗ। ଏଥିରେ ଟ୍ରେନିଂ ନେଇ ସେ ଆଗାମୀ ଘରୋଇ ସିଜନ ପାଇଁ ନିଜକୁ ଭଲଭାବେ ପ୍ରସ୍ତୁତ କରିପାରିବେ। ଏଠାରେ ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ପ୍ରାରମ୍ଭରେ ସେ ଏମ୍‌ଆର୍‌ଏଫ ପେସ୍ ଫାଉଣ୍ଡେଶନ କ୍ୟାମ୍ପରେ ମଧ୍ୟ ସାମିଲ ହୋଇଥିଲେ। ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ଅନ୍ୟ ସଦସ୍ୟମାନେ ଆଶୁତୋଷଙ୍କୁ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଛନ୍ତି।

## ସୁଦିରମନ କପ୍ ବ୍ୟାଡ୍‌ମିଣ୍ଟନ

# ପ୍ରଣୟ, ସିନ୍ଧୁ ଭାରତର ନେତୃତ୍ୱ ନେବେ

**ନୂଆଦିଲ୍ଲୀ, ୧୯।୪ (ପି.ଟି.):** ଚାଇନାର ସୁଝୋଉଠାରେ ମେ' ୧୪ରୁ ୨୧ ପର୍ଯ୍ୟନ୍ତ ସୁଦିରମନ କପ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ବିଶ୍ୱର ୯ ନମ୍ବର ଖେଳାଳି ଏଚ୍.ଏସ୍. ପ୍ରଣୟ ଓ ୨ ଥର ଅଲିମ୍ପିକ୍ ମେଡାଲିଷ୍ଟ ପି.ଭି. ସିନ୍ଧୁ ଯଥାକ୍ରମେ ପୁରୁଷ ଓ ମହିଳା ବିଭାଗରେ ଭାରତୀୟ ଦଳର ନେତୃତ୍ୱ ନେବେ। ଜାତୀୟ ସିନିୟର କମିଟି ବୈଠକ ମଙ୍ଗଳବାର ଏଠାରେ ବସି ଏକ ସନ୍ତୁଳିତ ଦଳ ଚୟନ କରିଛି। ମିକ୍ସଡ ଟିମ୍ ଇଭେଣ୍ଟରେ ପ୍ରଥମଥର ପାଇଁ ପଦକ ଜିତିବା ମୁଖ୍ୟ ଲକ୍ଷ୍ୟ ରହିଛି। ଗତବର୍ଷ ସମ୍ମାନଜନକ ଥୋମାସ କପ୍ ଜିତି ଭାରତୀୟ ପୁରୁଷ ଦଳ ଇତିହାସ ରଚିଥିଲା। ଚଳିତ ବର୍ଷ ଏସିଆନ ମିକ୍ସଡ ଟିମ୍ ଚାମ୍ପିୟନଶିପ୍‌ରେ ଭାରତ ବ୍ରୋଞ୍ଜ ପଦକ ଜିତିଥିବାରୁ ସୁଦିରମନ କପ୍‌ରେ ମଧ୍ୟ ସଫଳ ହେବ ବୋଲି ଆଶା ଜାଗ୍ରତ ହୋଇଛି। "ସୁଦିରମନ କପ୍ ଏକ ସମ୍ମାନଜନକ ପ୍ରତିଯୋଗିତା। ତେଣୁ ଘରୋଇ ଏବଂ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ପ୍ରଦର୍ଶନ ଭିତ୍ତିରେ ଚୟନକର୍ତ୍ତାମାନେ ଆଗାମୀ ଟୁର୍ନାମେଣ୍ଟ ପାଇଁ ଦଳ ମନୋନୟନ କରିଛନ୍ତି। ତେଣୁ ଏଥର ଦଳ ପଦକ ହାସଲ କରିବାନେଇ ଆଶା ରହିଛି" ବୋଲି ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ ସମ୍ପାଦକ ସଞ୍ଜୟ ମିଶ୍ର ପ୍ରକାଶ କରିଛନ୍ତି। ଭାରତ ଗ୍ରୁପ୍ 'ସି'ରେ ମାଲେସିଆ, ଚାଇନିଜ ତାଇପେ ଓ ଅଷ୍ଟ୍ରେଲିଆ ସହିତ ସ୍ଥାନ ପାଇଛି। ଗ୍ରୁପ୍ ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରି ନକ୍‌ଆଉଟରେ ପ୍ରବେଶ ଭାରତ ପାଇଁ ପ୍ରଥମ ଚ୍ୟାଲେଞ୍ଜ ରହିବ। ଆହତ ସମସ୍ୟା ଯୋଗୁ ଏସିଆନ ମିକ୍ସଡ ଟିମ୍ ଇଭେଣ୍ଟରେ ଖେଳିପାରି ନ ଥିବା ସାତ୍ୱିକସାଇରାଜ ରାଙ୍କିରେଡ୍ଡି ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବାରୁ ଭାରତୀୟ ପୁରୁଷ ଡବଲ୍ସ ବିଭାଗ ଦୃଢ଼ ହୋଇଛି।

**ଭାରତୀୟ ଦଳ**

ପୁରୁଷ ସିଙ୍ଗଲ୍ସ: ଏଚ୍.ଏସ୍. ପ୍ରଣୟ, କିଦାମ୍ବି ଶ୍ରୀକାନ୍ତ। (ରିଜର୍ଭ- ଲକ୍ଷ୍ୟ ସେନ୍)
ମହିଳା ସିଙ୍ଗଲ୍ସ: ପି.ଭି. ସିନ୍ଧୁ, ଅନୁପମା ଉପାଧ୍ୟାୟ। (ରିଜର୍ଭ-ଆକର୍ଷୀ କଶ୍ୟପ)
ପୁରୁଷ ଡବଲ୍ସ: ସାତ୍ୱିକସାଇରାଜ ରାଙ୍କିରେଡ୍ଡି/ଚିରାଗ ଶେଟ୍ଟି, ଏମ୍.ଆର. ଅର୍ଜୁନ/ଧ୍ରୁବ କପିଲା।
ମହିଳା ଡବଲ୍ସ: ଗାୟତ୍ରୀ ଗୋପୀଚାନ୍ଦ/ତ୍ରିସା ଜୋଲି, ଅଶ୍ୱିନୀ ପୋନାପ୍ପା/ତନିଶା କ୍ରାଷ୍ଟୋ।
ମିକ୍ସଡ ଡବଲ୍ସ: ତନିଶା କ୍ରାଷ୍ଟୋ/ସାଇ ପ୍ରତୀକ।


# Classified Everyday
0674-2580101, 2549949


REAL ESTATE


CONSTRUCTION




SALE

30' Revenue ରୋଡ୍‌କୁ ଲାଗି gharabari yellowzone boundarywall plot (1200, 1500, 1800) ନେଇ ତୁରନ୍ତ ଘର କରନ୍ତୁ। Mouza- Jujhagarha near KIIT Campus, Bhubaneswar, Direct owner- 9437033320. D-74845

Well developed gharabari yellow zone plot for sale. Kantabada-1250, Vola-1350, Ranga Bazar- 650. Contact: 9439702573, 7978236408. D-0133

Your classified advertisement published in Dharitri will be listed free in Dharitri online edition: dharitriepaper.in

Construct your dream home with competitive rate and for sharing projects. Contact: Besco Developers, Bhubaneswar, 7735330028, 9778855101. D-0081


FOR RENT

My house at Nayapalli 1BHK, 2BHK, 3BHK for Family. 9438490107, 8895096862. D-0106

See Career Appointment on every Wednesday & Saturday

Spa head to foot body massages Therapist Relax Refresh @999/- Bhubaneswar. Kajal- 9337672475. D-0135

Newly open health benefits Spa special offer @999 Nayapalli. 7846814019. D-73699

Newly open health benefits SPA special offer @799 Jaydev Vihar. 8018429809. D-73700

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74670

All type of professional full body massage by professional therapist at Rajmahal @ 999. Contact: 7855053566. D-0078

Relax, Refresh your body, Mind at Saikrupa Spa with best therapies. 8984068077. D-0034

AFFIDAVIT

By the virtue of an affidavit dated 25th July 2009 before the Court of Notary Public, New Delhi, I, Nathuram Jena, At: Bhaincho, P.O.: Mohimadeipur, Via: Rahama, P.S.: Erasama, Dist.: Jagatsinghpur, Orissa have changed my name from Nathuram Jena to Narender Jena for all the future purposes. My current address : DB 113E, Gate No.: 2, DDA Flats, Hari Nagar, New Delhi - 110064. D-0136

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଉଦୟନାଥ ମିଶ୍ର
ଗ୍ରାମ: ଗୋକୁଳପୁର, ପୁରୀ
ତିରୋଧାନ: ୦୫।୦୫।୨୦୦୮
ଜୀବନର ଚଲାପଥରେ ଆମ୍ଭେ ଏକାକୀ ଓ ତୁମର ଆଶୀର୍ବାଦ ଆମର ଏକାନ୍ତ କାମ୍ୟ। ତୁମ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୦୦୭୪

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଡଃ କୃଷ୍ଣଚନ୍ଦ୍ର ଓଝା
ବରି, ଯାଜପୁର
ଆବିର୍ଭାବ- ୧୬।୦୭।୧୯୪୦
ତିରୋଧାନ- ୧୦।୦୪।୨୦୨୩
ଆପଣଙ୍କ ଅବର୍ତ୍ତମାନକୁ ସହଜରେ ବିଶ୍ୱାସ କରିହେଉନାହିଁ। ଚାହୁଁ ଚାହୁଁ ୧୧ ଦିନ ବିତିଗଲା। ମାତ୍ର ଆପଣଙ୍କ ଅନୁଶାସନ, ନିଷ୍ଠା ଓ ଆଦର୍ଶ ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇରହିବ।
ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ ।
ଧ-୦୧୩୭

ନୂଆ ସିନେମା

# ଦଶମ



ପିଲାମାନଙ୍କର ସ୍କୁଲ ଜୀବନର ଦଶମ ଶ୍ରେଣୀରେ ପଢୁଥିବା ପିଲାମାନେ ଶେଷ ପରୀକ୍ଷା ହେଉଛି ମାଟ୍ରିକ। ଏହାକୁ ନେଇ ବେଶ୍ ଶଙ୍କା ଆଶଙ୍କା ଭିତରେ ଥାଆନ୍ତି। ସ୍କୁଲ ପାଠପଢ଼ା ତ ଶେଷ ହେବ, ତା'ସହ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାରେ ଭଲ ପରସେଣ୍ଟ ସହ ଉତ୍ତୀର୍ଣ୍ଣ ହେବାକୁ ପଡିବ। ତେବେ ଦଶମ ଶ୍ରେଣୀ ପିଲାଙ୍କ ପାଠପଢ଼ା, ସ୍କୁଲ ଜୀବନ ଆଦିକୁ ନେଇ ନିର୍ମିତ ହେବାକୁ ଯାଉଛି ଏକ ଓଡ଼ିଆ ସିନେମା, ଯାହାର ଟାଇଟଲ ରହିଛି 'ଦଶମ'। ଏକ ଟିନ୍ ଏଜ୍ କାହାଣୀକୁ ନେଇ ଚିତ୍ରଟି ପ୍ରସ୍ତୁତ ହେଉଛି। ଏଥିରେ ମଧ୍ୟ କମେଡିର ତଡକା ରହିଛି। ଡି ଫିଲ୍ମସ ସିନେ ପ୍ରଡକ୍ସନ ଏବଂ କିଡ୍ସ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ଏହାର ଟାଇଟଲ ଘୋଷଣା ନିକଟରେ ହୋଇଯାଇଛି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଦୀପକ କୁମାର ଜେନା। ସହ-ପ୍ରଯୋଜକ ଅଛନ୍ତି ଜ୍ୟୋତିର୍ମୟ ମହାପାତ୍ର। କାହାଣୀ, ଚିତ୍ରନାଟ୍ୟ ରଚନା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ରାଜା ଡି। ସେ ଏହାପୂର୍ବରୁ ବେଶ୍ କେତୋଟି ମ୍ୟୁଜିକ୍ ଭିଡିଓର ନିର୍ଦ୍ଦେଶନା ଦେଇସାରିଛନ୍ତି। ଚିତ୍ରଟିର ସଂଳାପ ରଚନା କରିଛନ୍ତି କୁମାର ଶ୍ରୀ ସାହୁ। ଶୈଳେନ୍ଦ୍ର, ନୀଳାକ୍ଷୀ, ଅରମାନ, ମୀରା, ଜ୍ୟୋତି, ଆକାଶ (ଓଡ଼ିଆ ଟୋକା), ସୀମରନ୍ ପ୍ରମୁଖ କଳାକାର ଏହାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।

# ଅଭିନୟ ମାୟାରୁ ମୁକୁଳି ପାରୁନି




ପପୁ

ଦେଖୁଦେଖୁ ଜଲିଉଡ୍‌ରେ ଦୁଇ ଦଶନ୍ଧିରୁ ଅଧିକ ହୋଇଗଲା। ଯା ଭିତରେ ଅନେକ ହିଟ୍ ନାଟକରେ ଅଭିନୟ କରିସାରିଛନ୍ତି ସେ। କେତେବେଳେ ରୋମାଣ୍ଟିକ୍ ତ ପୁଣି କେତେବେଳେ ଆକ୍ସନ- ନିଜର ଅଭିନୟ ବଳରେ ସେ ଦର୍ଶକଙ୍କ ମନରେ ସୃଷ୍ଟି କରିପାରିଛନ୍ତି ସ୍ୱତନ୍ତ୍ର ସ୍ଥାନ। ଏହି ଅଲରାଉଣ୍ଡର ତଥା ବରିଷ୍ଠ ଅଭିନେତା ଜଣକ ହେଉଛନ୍ତି ପପୁ ପଣ୍ଡା। ପାର୍ବତୀ ଗଣନାଟ୍ୟରୁ ଆରମ୍ଭ ହୋଇଥିଲା ତାଙ୍କର ଅପେରା କ୍ୟାରିୟର। ଆଉ ତା'ପରେ ଦୀର୍ଘ ୨୩ ବର୍ଷର ଯାତ୍ରା ପରେ ଏବେ ଯାତ୍ରା ଦରବାରରେ ଅଭିନୟ ଜାରି ରଖିଛନ୍ତି। ଆସନ୍ତା ଅପେରା ସିଜନରେ ପପୁଙ୍କୁ ଯାତ୍ରା ମୋହିନୀରେ ଦେଖିବାକୁ ମିଳିବ। ତାଙ୍କ ଅଭିନୀତ ପ୍ରମୁଖ ତଥା ହିଟ୍ ନାଟକଗୁଡିକ ମଧ୍ୟରେ ରହିଛି-ସୁନ୍ଦରୀ ଝିଅକୁ ଦୂରୁ ଜୁହାର, ବାବା ଆସୁଛନ୍ତି, ଡେଞ୍ଜର ସିଗ୍‌ନାଲ, କି ରଙ୍ଗେ ନାଚୁଛି କନକଗୋରୀ, ସିନ୍ଦୂର ଖେଳରୁ ମହାଭାରତ, ଘୁଙ୍ଗୁର ପ୍ରେମିକା ସିନ୍ଦୂର ସ୍ୱାମୀ, ଲକ୍ ଡାଉନ୍‌ରେ ବାହାଘର ସଟ୍‌ଡାଉନରେ ଚଉଠି ଏବଂ ଯାତ୍ରା ଦରବାର ପରିବେଷିତ-ଶ୍ରାବଣ ଦେଇଛି ଦୁଃଖ ଛ' ଗୁଣ, ଲୁଚି ଲୁଚି କାହିଁ ପିଉଛୁ ଲୁହ, ଭାଇ ସାତପର ଭାରିଯା ନିଜର ଓ କଳିଯୁଗର ରାମାୟଣ।

# ଆଇପିଏସ୍ ଦୁର୍ଗା

ଜଣେ ସଚ୍ଚୋଟ ମହିଳା ଆଇପିଏସ୍ ଅଫିସରର କର୍ତ୍ତବ୍ୟନିଷ୍ଠ ଜୀବନକୁ ନେଇ ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେମା 'ଆଇପିଏସ୍ ଦୁର୍ଗା'। ଅନ୍ୟତମ ଲୋକପ୍ରିୟ ଚାନେଲ ଜୀ ସାର୍ଥକରେ ଏହି ଫିଲ୍ମଟି ଚଳିତ ମାସ ୨୩ ତାରିଖ ଅର୍ଥାତ୍ ରବିବାର ସନ୍ଧ୍ୟା ୬.୩୦ରେ ପ୍ରସାରିତ ହେବ। କାହାଣୀ ଅନୁସାରେ ଅପରାଧୀଙ୍କୁ ସାବାଡ଼ କରିବାକୁ ଦୁର୍ଗା ଧରିଛି ନୂଆ ଅବତାର। ଜଣେ ନିର୍ଭୀକ ମହିଳା ଅଫିସରଙ୍କୁ ଦେଖି ସହରରେ କୋକୁଆ ଭୟ ଖେଳିଯାଇଛି। କିନ୍ତୁ ନିଜ ଲକ୍ଷ୍ୟପଥରେ ଅଗ୍ରସର ହେଉଥିବା ଏହି ସାହସୀ ଆଇପିଏସ୍ ଅଫିସର ଅନେକ ବାଧାବିଘ୍ନର ସମ୍ମୁଖୀନ ହେଉଛନ୍ତି। ଶେଷରେ ତାଙ୍କ ଆଶା ପୂରଣ ହେଉଛି ତ ? ଏହାର ଉତ୍ତର ରହିଛି ସିନେମାରେ। ଏହି ଚିତ୍ରରେ ପୋଲିସ ଅବତାରରେ ଦର୍ଶକଙ୍କ ସାମ୍ନାକୁ ଆସୁଛନ୍ତି ସୂର୍ଯ୍ୟମୟୀ। ଅନ୍ୟପକ୍ଷରେ ମହାପ୍ରସାଦ କର ଏବଂ ସୁକାନ୍ତ ରଥ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଏଥିରେ ସଂଯୋଜିତ ତଥା ସୂର୍ଯ୍ୟ ମହାପାତ୍ରଙ୍କ ଦ୍ୱାରା ରଚିତ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ଅନ୍ୟତମ ଆଗଧାଡିର ସ୍ୱର ସଂଯୋଜକ ଗୁଡ୍‌ଲି ରଥ। ଫିଲ୍ମଟିର ନିର୍ଦ୍ଦେଶନାଭାର ସମ୍ଭାଳିଛନ୍ତି ଡି. ରାଜା। ବିଜୟ କାନ୍ଦୋଇଙ୍କ ପ୍ରଯୋଜିତ ଉକ୍ତ ସିନେମାର କାହାଣୀ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା। ଏକ ବଳିଷ୍ଠ ତଥା ଦର୍ଶକଙ୍କ ମନକୁ ଛୁଇଁଲା ଭଳି କାହାଣୀକୁ ନେଇ ପ୍ରସ୍ତୁତ ତଥା ଜି ସାର୍ଥକ ଫିଲ୍ମସ ବ୍ୟାନରରେ ନିର୍ମିତ 'ଆଇପିଏସ୍ ଦୁର୍ଗା' ନିଶ୍ଚୟ ସଫଳତା ହାସଲ କରିବ ବୋଲି ଜୀ ସାର୍ଥକ ପକ୍ଷରୁ ଆଶା ପ୍ରକଟ କରାଯାଇଛି।

# ଅଢୁଆରେ ପଡ଼ିଥିଲେ କିଆରା

କିଆରା ଆଡ୍‌ୱାନୀ ଏକଦା ଅଢୁଆରେ ପଡ଼ିଥିଲେ। କାରଣ କ'ଣ ଜାଣନ୍ତି? ସେତେବେଳେ ସେ କଲେଜରେ ପଢୁଥାଆନ୍ତି। ଏହି ସମୟରେ ତାଙ୍କର ଅଭିନୟ କରିବାକୁ ଆଗ୍ରହ ହେଲା। ଯେତେବେଳେ ସେ ଏକଥା ତାଙ୍କ ମମିଙ୍କୁ କହିଲେ, ସେତେବେଳେ ସେ କ'ଣ ଉତ୍ତର ଦେଲେ ଜାଣନ୍ତି ? ସେ କହିଥିଲେ ଯେ, ପ୍ରଥମେ ତୁ ଗ୍ରାଜୁଏଶନ ଶେଷ କର, ତା'ପରେ ଆକ୍ଟିଂ ଲାଇନ୍‌କୁ ଆପଣାଇଲେ ମୋର କିଛି କହିବାର ନାହିଁ। ବାସ୍ ତା'ପରେ ସେ ପାଠପଢ଼ା ଉପରେ ଧ୍ୟାନ ଦେଇଥିଲେ। କିଆରା ଯେତେବେଳେ ଛୋଟ ଥିଲେ ସେତେବେଳେ ତାଙ୍କୁ ଏକ ବିଜ୍ଞାପନରେ ଦେଖିବାକୁ ମିଳିଥିଲା। ଖାସ୍ କଥା ହେଲା ଏହି ବେବି କ୍ରିମ୍ ବିଜ୍ଞାପନରେ ତାଙ୍କ ମା' ମଧ୍ୟ ଅଭିନୟ କରିଥିଲେ। ନିଜ କ୍ୟାରିୟର ସମ୍ପର୍କରେ କିଆରା କହନ୍ତି, 'ମୁଁ ଆଜି ବଲିଉଡ୍‌ରେ ଆକ୍ଟିଂ ଜାରି ରଖିଛି, ଏଥିପାଇଁ କରନ୍ ଜୋହରଙ୍କ ପ୍ରେରଣାକୁ କଦାପି ଭୁଲିପାରିବି ନାହିଁ। ଦର୍ଶକମାନେ ମୋତେ ଯେଉଁ ଭଲ ପାଇବା ଦେଇଛନ୍ତି ଏ ନେଇ ସେମାନଙ୍କୁ ମୁଁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ।' କିଆରାଙ୍କ ଫେଭରାଇଟ୍ ଖାଦ୍ୟ ହେଲା ପିଜା। ଅବସର ସମୟରେ ସେ ଶପିଂ କରିବାକୁ ନ ହେଲେ ଫିଲ୍ମ ଦେଖିବାକୁ ପସନ୍ଦ କରିଥାଆନ୍ତି।



'ଆଇପିଏସ୍ ଦୁର୍ଗା' ଫିଲ୍ମରେ ସୂର୍ଯ୍ୟମୟୀ

କିଆରା

ଜାହ୍ନବୀ

# ଆମ ଚିତ୍ରର କଥା...



ଓଡ଼ିଆ ଚଳଚ୍ଚିତ୍ର ଏବେ ୮୭ ବର୍ଷରେ ପହଞ୍ଚିଛି। ଉତ୍‌ଥାନ ପତନର ଏହି ଯାତ୍ରାରେ ଅନେକ ଓଡ଼ିଆ ସିନେମା ଦର୍ଶକାଦୃତ ହୋଇପାରିଛି। ଗତ ବର୍ଷ 'ଦମନ' ଯେଉଁଭଳି ସଫଳତା ହାସଲ କଲା ତାହା ଏବେ ଅନେକ ନୂଆ ପ୍ରଯୋଜକଙ୍କ ପାଇଁ ନିଶ୍ଚୟ ପ୍ରେରଣାଦାୟକ ହେବ। ନିଜ ଫିଲ୍ମର ପ୍ରଚାର ପ୍ରସାର କରିବାକୁ କାହାକୁ ମନା ନାହିଁ, ହେଲେ ବେଳେବେଳେ କେତେକ ସିନେମାର ପ୍ରଚାର ଏଭଳି ହେଉଛି, ଯାହାକୁ ନେଇ ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ। କାରଣ ଯେଉଁଭଳି ପ୍ରଚାର କରୁଛନ୍ତି, ଯଦି ସେହିଭଳି ସିନେମାଟିଏ ନିର୍ମାଣ କରନ୍ତେ ତେବେ ତାହା ନିଶ୍ଚୟ ପ୍ରଶଂସନୀୟ ହୋଇପାରନ୍ତା। ଦିନ ଥିଲା ଓଡ଼ିଆ ସିନେମା ଦେଖିବାକୁ ଦର୍ଶକଙ୍କ ଭିଡ ଲାଗୁଥିଲା। କିନ୍ତୁ ଗତ କିଛି ବର୍ଷକୁ ତର୍ଜମା କଲେ ଓଡ଼ିଆ ସିନେମାର ଅବସ୍ଥା ବିଷୟରେ ବର୍ଣ୍ଣନା କରିବା ଅନାବଶ୍ୟକ।

ଦର୍ଶକଙ୍କ ମନକୁ ଛୁଇଁଲାଭଳି ସିନେମା ଆଉ ପ୍ରାୟ ନିର୍ମାଣ ହେଉନାହିଁ କହିଲେ ଚଳେ। କାରଣ ବର୍ଷକୁ ଯେଉଁ ୨୦-୩୦ଟି ଫିଲ୍ମ ପରଦା ଉପରକୁ ଆସୁଛି ସେଥିରୁ ସଫଳତାର ସଂଖ୍ୟା କେତେ ତାହା କହିବା ଅନାବଶ୍ୟକ। ଏବେ ଅଧିକାଂଶ ଦର୍ଶକ ପ୍ରେକ୍ଷାଳୟମୁହାଁ ହେଉନାହାନ୍ତି। ୯୦ ଦଶକ ଉତ୍ତାରୁ ଚଳଚ୍ଚିତ୍ର ପ୍ରତି ଦର୍ଶକମାନେ ବିମୁଖ ହେବା ତତ୍‌ସହିତ ଓଡ଼ିଆ ଚଳଚ୍ଚିତ୍ର ପାଇଁ ଟିକେଟ ମୂଲ୍ୟର କିଛି ପରିବର୍ତ୍ତନ ନ ହେବା ଆଦି ସାଧାରଣ ଦର୍ଶକମାନଙ୍କୁ ବିଶେଷ ବାଧୁଛି। ବିଦ୍ୟୁତ୍ ଭଡ଼ାର ବୃଦ୍ଧି ଫଳରେ ଅନେକ ପ୍ରେକ୍ଷାଳୟ ମାଲିକ ସିନେମା ଗୃହ ବନ୍ଦକରି ମଲ୍ କିମ୍ବା ବିବାହ ମଣ୍ଡପ କରିଦେଉଛନ୍ତି। କେବଳ କେତୋଟି ଘରୋଇ ଓଡ଼ିଆ ଚାନେଲ ସୀମିତ ବଜେଟ୍‌ରେ ସିନେମା ନିର୍ମାଣ କରି ସେମାନଙ୍କର ଚାନେଲରେ ପ୍ରସାରିତ କରୁଛନ୍ତି। ନିକଟରେ ଏକ ଓଡ଼ିଆ ସିନେମାକୁ ରାଜ୍ୟ ସରକାର ଟିକସମୁକ୍ତ ଘୋଷଣା କରିଛନ୍ତି। ଭଲ ସିନେମାର ପ୍ରଚାର ଅଧିକ ହେବା ଉଚିତ।

ଓଡ଼ିଆ ଚଳଚ୍ଚିତ୍ର ଶୁଟିଂ ନିମନ୍ତେ କଳିଙ୍ଗ ଷ୍ଟୁଡିଓ ରୂପରେଖ ବଦଳୁଛି। ଦକ୍ଷିଣ ଭାରତୀୟ ସୁପରଷ୍ଟାର ଆଲୁ ଅର୍ଜୁନଙ୍କ 'ପୁଷ୍ପା-୨' ଚଳଚ୍ଚିତ୍ରର ଅନେକାଂଶ ଶୁଟିଂ ନିମନ୍ତେ ଓଡ଼ିଶାର ମାଲକାନଗିରି ଝୁଲାପୋଲ ଓ ହନ୍ତାଳଗୁଡ଼ା ଘାଟି ଓ ଚିତ୍ରକୋଣ୍ଡା ଆଦି ଅଞ୍ଚଳ ନିର୍ଦ୍ଧାରଣ କରି ପ୍ରଯୋଜନା ସଂସ୍ଥା ଫେରିଯାଇଛି। ସେଠାକାର ଜିଲ୍ଲାପାଳ ଓ ଏସ୍‌ପି ଶୁଟିଂ ନିମନ୍ତେ ମଧ୍ୟ ଅନୁମତି ପ୍ରଦାନ କରିଛନ୍ତି। ମେ' ମାସରେ ଆପାତତଃ ଶୁଟିଂ ହେବ ବୋଲି ନିଷ୍ପତ୍ତି ହୋଇଛି। ଓଡ଼ିଶାର ଭରପୂର ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଜିଲ୍ଲାମାନଙ୍କରେ ଓଡ଼ିଆ ଚଳଚ୍ଚିତ୍ର ଶୁଟିଂ ନିମନ୍ତେ ପର୍ଯ୍ୟାପ୍ତ ସ୍ଥାନ ଅଛି, ଯାହାର ସଦୁପଯୋଗ ହେବା ଆବଶ୍ୟକ। ଓଡ଼ିଆ ଚଳଚ୍ଚିତ୍ର ଚଳଚଞ୍ଚଳ ହେବାକୁ ହେଲେ ୩୦ଟି ଜିଲ୍ଲାରେ ଅଧିକ ପ୍ରେକ୍ଷାଳୟର ଆବଶ୍ୟକତା ରହିଛି। ପ୍ରଯୋଜକମାନେ ଆଗପରି ଆଉ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣର ନାଁ ଧରୁନାହାନ୍ତି। ତା'ର କାରଣ ବ୍ୟବସାୟିକ ଅସ୍ଥିରତା।

ଓଡ଼ିଆ ଚଳଚ୍ଚିତ୍ରର ସାମୂହିକ ଉନ୍ନତି ପାଇଁ କଳାକାର, ଟେକ୍ନିସିଆନ, ପ୍ରଯୋଜକମାନେ ସମୂହ ଭାବେ ନିଜ ନିଜର ଅବସ୍ଥା ସମ୍ପର୍କରେ ସରକାରଙ୍କୁ ଅବଗତ କରାନ୍ତୁ। ସ୍ୱଚ୍ଛଳ ମଧ୍ୟରେ ସମସ୍ତେ ରହିଲେ ଓଡ଼ିଆ ଚଳଚ୍ଚିତ୍ର ଉନ୍ନତି ପାଇଁ ପଥ ପରିଷ୍କାର ହେବ। ଆମ ଚଳଚ୍ଚିତ୍ର ଜଗତ ପାଇଁ ଭଲ ବ୍ୟବସାୟିକ ଭିତ୍ତିଭୂମିକୁ ପ୍ରାଥମିକତା ଦେବା ସର୍ବପ୍ରଥମ କର୍ତ୍ତବ୍ୟ ହେଉ।

**-ଦିଲ୍ଲୀପ ହାଲି,**
ବଡ଼ଗଡ଼, ଭୁବନେଶ୍ୱର
ମୋ: ୯୮୬୧୦୦୯୨୫୨

# ମାମାଙ୍କ ପାଇଁ..

ଜାହ୍ନବୀ କାହା ଅଭିନୟରେ ବେଶି ପ୍ରଭାବିତ ହୋଇଛନ୍ତି। ପୁଣି ତାଙ୍କୁ ଆଧାରକରି ସେ ଆକ୍ଟିଂକୁ କ୍ୟାରିୟର କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେହି ଅଭିନେତ୍ରୀ ଜଣକ କିଏ ଜାଣନ୍ତି ? ଶ୍ରୀଦେବୀ। ନିକଟରେ ନିଜ ଅଭିନୟ ଜୀବନର ରୋମାଞ୍ଚକର ଘଟଣା ବଖାଣୁ ବଖାଣୁ ସେ ଏ ବିଷୟରେ ସୂଚନା ଦେଇଛନ୍ତି। ନିଜ ରୋଲ୍ ମଡେଲ ବିଷୟରେ ଜାହ୍ନବୀ କହନ୍ତି, ''ଜଣେ ଅଭିନେତ୍ରୀଙ୍କ ଆକ୍ଟିଂ ମୋତେ ବେଶି ଇମ୍ପ୍ରେସ୍ କରିଛି। ପୁଣି ତାଙ୍କୁ ଫଲୋ କରି ଆଜି ମୁଁ ଜଣେ ଆକ୍ଟ୍ରେସ ହୋଇପାରିଛି। ସେ ହେଲେ ମୋ ମମି ଶ୍ରୀଦେବୀ। ତାଙ୍କ ଅଭିନୀତ ସମସ୍ତ ଫିଲ୍ମ ମୁଁ ଦେଖିଛି ଆଉ ତାଙ୍କ ଅଭିନୟରୁ ଅନେକ କିଛି ଶିଖିଛି।'' ଜାହ୍ନବୀଙ୍କ ପ୍ରଥମ ସିନେମା ଥିଲା 'ଧଡକ୍'। ୨୦୧୮ରେ ରିଲିଜ ହୋଇଥିବା ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ ଶଶାଙ୍କ ଖୈତାନ। ନିଜ ପାଞ୍ଚବର୍ଷର ବଲିଉଡ୍ କ୍ୟାରିୟର ମଧ୍ୟରେ ସେ ମାତ୍ର ଛ'ଟି ସିନେମାରେ ଅଭିନୟ କରିଛନ୍ତି। ତାଙ୍କ ଅଭିନୀତ ଶେଷ ଫିଲ୍ମଟି ଥିଲା 'ମିଲି'। ଏ ବର୍ଷ ଅକ୍ଟୋବର ୬ରେ ବରୁଣ-ଜାହ୍ନବୀଙ୍କୁ ନେଇ ପ୍ରସ୍ତୁତ 'ବୱାଲ୍' ପରଦା ଉପରକୁ ଆସିବ। ଆଉ ଏହି ଫିଲ୍ମଟି ତାଙ୍କ କ୍ୟାରିୟରକୁ ଏକ ନୂଆ ମୋଡ଼ ଦେବ ବୋଲି ଆଶାବାନ୍ଧି ବସିଛନ୍ତି ଜାହ୍ନବୀ।

# ଏ ମନ ଖୋଜୁଥାଏ ଯାହା...

କଥାରେ ଅଛି-'ଏ ମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା।' ଦେଖୁନାହାନ୍ତି, ମନଲାଖି ଭୂମିକାଟିଏ ପାଇବା ପରେ ତାପସୀ ପାନ୍ନୁ କେମିତି ଖୁସିରେ ଉଚ୍ଛୁଳୁଛନ୍ତି। କଥା କ'ଣ କି, ଏକ ନାରୀକୈନ୍ଦ୍ରିକ ସିନେମାରେ ସେ ଅଭିନୟ କରିବାକୁ ଯାଉଛନ୍ତି। ତା'ସହ ଏଥିରେ ସମାଜସେବାର ଝଲକ ମଧ୍ୟ ଦେଖିବାକୁ ମିଳିବ। ଏହି ନୂଆ ଫିଲ୍ମଟି ଉଭୟ ତେଲୁଗୁ ଏବଂ ହିନ୍ଦୀ ଭାଷାରେ ନିର୍ମିତ ହେବ। ଟାଇଟଲ ଫାଇନାଲ ହୋଇ ନ ଥିବା ଉକ୍ତ ସିନେମାର ପ୍ରାରମ୍ଭିକ କାମ ଚାଲୁରହିଛି। ଏଭଳି ଏକ ଭୂମିକା ସମ୍ପର୍କରେ ତାପସୀ କୁହନ୍ତି, 'ଜଣେ ଗାଁଉଲି ନାରୀର ସଂଘର୍ଷମୟ ଜୀବନକୁ ନେଇ କାହାଣୀ ଗତି କରିଛି। ନିଜ ଗାଁ ପାଇଁ କିଛି କରିବାକୁ ସେ ଆଗଭର ହେଉଛି। ହେଲେ ଏଥିଲାଗି ତାକୁ ଅନେକ ସମସ୍ୟାର ସାମ୍ନା କରିବାକୁ ପଡିଛି। ଏପରି କି ନିଜ ପରିବାରର କିଛି ସଦସ୍ୟ ମଧ୍ୟ ତାକୁ ବିରୋଧ କରିଛନ୍ତି। ହେଲେ ସେହି ଦୃଢ଼ମନା ନାରୀ ନିଜ ଲକ୍ଷ୍ୟ ସାଧନ କରିବାକୁ ଅଣ୍ଟାଭିଡିଛି। ଶେଷରେ ସେ ନିଜ ଜୀବନକୁ ବାଜି ଲଗାଇବାକୁ ପଛାଉନାହିଁ। ଏଭଳି ଏକ କାହାଣୀକୁ ନେଇ ଫିଲ୍ମଟି ନିର୍ମିତ ହେବାକୁ ଯାଉଛି, ଯାହାର ଏକ ଭଲ ଟାଇଟଲ ସନ୍ଧାନରେ ଅଛନ୍ତି ପ୍ରଯୋଜକ।' ତେବେ ଫିଲ୍ମଟିକୁ ଦର୍ଶକ କିପରି ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।



ତାପସୀ

# ସୁପର ଜାଏଣ୍ଟ୍ସକୁ ଜିତାଇଲେ ଷ୍ଟୋଇନିସ୍

ଜୟପୁର,୧୯।୪

ଜୟପୁରର ସୱାଇ ମାନସିଂହ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଆଇପିଏଲ୍‌ର ୨୬ ତମ ମ୍ୟାଚରେ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ବିଜୟ ହାସଲ କରିଛି ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ। ଲୋ ସ୍କୋରିଂ ମ୍ୟାଚରେ ମାର୍କୁସ୍ ଷ୍ଟୋଇନିସଙ୍କ ଅଲରାଉଣ୍ଡ ସଫଳତା(୨୧ ରନ୍, ୨ ଉଇକେଟ) ଓ ଆଭେଶ୍ ଖାଁଙ୍କ ଘାତକ ବୋଲିଂ ବଳରେ ୧୦ ରନରେ ମ୍ୟାଚ ଜିତି ନେଇଥିଲା ଲକ୍ଷ୍ନୌ। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ କାଇଲ ମେୟର୍ସଙ୍କ ୫୧ ରନ୍ ବଳରେ ୨୦ ଓଭରରେ ୭ ଉଇକେଟରେ ୧୫୪ ରନ୍ କରିଥିଲା। ଜବାବରେ ରାଜସ୍ଥାନ ୨୦ ଓଭରରେ ୬ ଉଇକେଟ ହରାଇ ୧୪୪ ରନ୍ କରିପାରିଥିଲା। ଲକ୍ଷ୍ନୌ ପକ୍ଷରୁ ଦୁଇ ଓପନର ପ୍ରଥମ ଉଇକେଟରେ ୮୨ ରନ୍ ଯୋଡିଥିଲେ। ଟପ୍ ସ୍କୋରର ରହିଥିବା ମେୟର୍ସ ୪୨ ବଲ୍‌ରୁ ୫୧ ରନ୍ କରିଥିବା ବେଳେ ଅଧିନାୟକ ଲୋକେଶ ରାହୁଲ ୩୯ ରନ୍ କରିଥିଲେ। ପ୍ରଥମ ୧୦ ଓଭରରେ ଦଳ କୌଣସି ଉଇକେଟ ହରାଇ ନ ଥିଲା। ପରବର୍ତ୍ତୀ ୪ ଓଭର ମଧ୍ୟରେ ଦଳ ୨୨ ରନ୍ ମଧ୍ୟରେ ୪ ଉଇକେଟ ହରାଇଥିଲା। ରାହୁଲଙ୍କୁ ଆଉଟ କରି ଜାସନ ହୋଲ୍ଡର ରାଜସ୍ଥାନକୁ ପ୍ରଥମ ସଫଳତା ପ୍ରଦାନ କରିଥିଲେ। ୩୨ ବଲ୍ ଖେଳି ସେ ୪ ଚୌକା ଓ ୧ ଛକା ମାରିଥିଲେ। ଏହାର ପରବର୍ତ୍ତୀ ଓଭର ବୋଲିଂ କରିବାକୁ ଆସିଥିବା ଟ୍ରେଣ୍ଟ ବୋଲ୍ଟ ଆୟୁଷ ବଦୋନିଙ୍କୁ ବୋଲ୍ଡ କରିଥିଲେ। ଦୁଇ ଓଭର ପରେ ବୋଲିଂ କରିବାକୁ ଆସିଥିବା ଅଶ୍ୱିନ ଗୋଟିଏ ଓଭରରେ ଦୀପକ ହୁଡା ଓ ମେୟର୍ସଙ୍କୁ ଆଉଟ କରିଥିଲେ। ମେୟର୍ସ ୪୨ ବଲ୍ ଖେଳି ୪ ଚୌକା ଓ ୩ ଛକା ମାରିଥିଲେ। ଷ୍ଟୋଇନିସ ଓ ନିକୋଲାସ ପୁରନ୍ ଅନ୍ତିମ ୬ ଓଭର ବ୍ୟାଟିଂ କରିଥିଲେ ମଧ୍ୟ ରନଗତି ବଢାଇବାରେ ସମର୍ଥ ହୋଇ ନ ଥିଲେ। ପୁରନ୍ ୨୯ ଓ ଷ୍ଟୋଇନିସ୍ ୨୧ ରନ୍ କରିବା ସହିତ ପଞ୍ଚମ ଉଇକେଟରେ ୩୪ ବଲ୍‌ରୁ ୪୫ ରନ୍ ଯୋଡିଥିଲେ। ଫଳରେ ଲକ୍ଷ୍ନୌ ୧୫୪ ରନ୍‌ରେ ପହଞ୍ଚିଥିଲା। ରାଜସ୍ଥାନ ପକ୍ଷରୁ ରବିଚନ୍ଦ୍ରନ ଅଶ୍ୱିନ ୨୩ ରନ୍‌ରେ ୨ ଉଇକେଟ ନେଇଥିଲେ। ୧୪ ତମ ଓଭରରେ ଦୁଇଟି ଉଇକେଟ ନେବା ସହିତ ସେ ରାଜସ୍ଥାନ ରନ୍ ଗତି ଉପରେ ଅଙ୍କୁଶ ଲଗାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାସନ୍ ହୋଲ୍ଡର, ଟ୍ରେଣ୍ଟ ବୋଲ୍ଟ ଓ ସନ୍ଦୀପ ଶର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୧୫୫ ରନ୍ ଲକ୍ଷ୍ୟର ପିଛା କରୁଥିବା ରାଜସ୍ଥାନର ଆରମ୍ଭ ସାମାନ୍ୟ ଧୀମା ରହିଥିଲା। ଜୋସ ବଟଲର ଚିରାଚରିତ ଢଙ୍ଗରେ ବ୍ୟାଟିଂ କରିବାରେ ସମର୍ଥ ହୋଇ ନ ଥିଲେ। ୪୧ ବଲ୍ ଖେଳି ସେ ମାତ୍ର ୪୦ ରନ୍ କରିଥିଲେ। ଟପ୍ ସ୍କୋରର ଯଶସ୍ୱୀ ଜୟସ୍ୱାଲ ୩୫ ଖେଳି ୪୪ ରନ୍ କରିଥିଲେ। ୧୧.୩ ଓଭରରେ ଉଭୟ ୮୭ ରନ୍ ଯୋଡିଥିବା ବେଳେ ରାଜସ୍ଥାନ ସହଜ ବିଜୟ ଆଡକୁ ଅଗ୍ରସର ହେଉଥିଲା। ଜୟସ୍ୱାଲଙ୍କୁ ଆଉଟ କରି ଷ୍ଟୋଇନିସ ଏହି ଯୋଡି ଭାଙ୍ଗିଥିଲେ। ଭୁଲ ବୁଝାମଣାରୁ ସଞ୍ଜୁ ସାମସନ୍ ରନ୍ ଆଉଟ ହୋଇଥିଲେ। ଦଳୀୟ ସ୍କୋର ୧୦୪ ରନ୍ ବେଳକୁ ଦଳ ଜୋସ୍ ବଟଲର ଓ ସିମରନ୍ ହେଟମେରଙ୍କ ଉଇକେଟ ହରାଇଥିଲା। ଦେବଦତ୍ତ ପଡିକଲ୍ (୨୬) ଓ ରିୟାନ୍ ପରାଗ (୧୫*) ୫ମ ଉଇକେଟରେ ୩୭ ରନ୍ ଯୋଡିଥିଲେ ହେଁ ଜିତିବାରେ ସମର୍ଥ ହୋଇ ନ ଥିଲେ। ଲକ୍ଷ୍ନୌ ପକ୍ଷରୁ ଆଭେଶ ଖାଁ ୨୫ ରନ୍‌ରେ ୩ ଓ ମାର୍କୁସ୍ ଷ୍ଟୋଇନିସ୍ ୨୮ ରନ୍‌ରେ ୨ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୨୦ ଓଭରରେ ୧୫୪/୭( କାଇଲ ମେୟର୍ସ-୫୧, ଲୋକେଶ ରାହୁଲ-୩୯, ନିକୋଲାସ ପୁରନ-୨୯, ଆର. ଅଶ୍ୱିନ-୨/୨୩, ଟ୍ରେଣ୍ଟ ବୋଲ୍ଟ-୧/୧୬, ସନ୍ଦୀପ ଶର୍ମା-୧/୩୨)। ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୪୪/୬(ଯଶସ୍ୱୀ ଜୟସ୍ୱାଲ-୪୪, ଜୋସ୍ ବଟଲର-୪୦, ଦେବଦତ୍ତ ପଡିକଲ୍-୨୬, ଆଭେଶ୍ ଖାଁ-୩/୨୫, ମାର୍କୁସ୍ ଷ୍ଟୋଇନିସ୍-୨/୨୮)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ପଞ୍ଜାବ ବନାମ ବାଙ୍ଗାଲୋର**

ସ୍ଥାନ:ମୋହାଲି, ସମୟ: ଅପରାହ୍ନ ୩.୩୦

**ଦିଲ୍ଲୀ ବନାମ କୋଲକାତା**

ସ୍ଥାନ: ଦିଲ୍ଲୀ, ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ମାର୍କୁସ୍ ଷ୍ଟୋଇନିସ୍।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୬ | ୪ | ୨ | ୮ | +୧.୦୪୩ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୬ | ୪ | ୨ | ୮ | +୦.୭୦୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୫ | ୩ | ୨ | ୬ | +୦.୨୬୫ |
| ଗୁଜରାଟ ଟାଇଟନ୍ସ | ୫ | ୩ | ୨ | ୬ | +୦.୧୯୨ |
| ପଞ୍ଜାବ କିଙ୍ଗ୍ସ | ୫ | ୩ | ୨ | ୬ | -୦.୧୦୯ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୩ | ୨ | ୬ | -୦.୧୬୪ |
| କୋଲକାତା ନାଇଟ ରାଇଡର୍ସ | ୫ | ୨ | ୩ | ୪ | +୦.୩୨୦ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୫ | ୨ | ୩ | ୪ | -୦.୩୧୮ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୫ | ୨ | ୩ | ୪ | -୦.୭୯୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୫ | ୦ | ୫ | ୦ | -୧.୪୮୮ |

# ଭୁବନେଶ୍ୱରରେ ଇଣ୍ଟରକଣ୍ଟିନେଣ୍ଟାଲ କପ୍

## ଜୁନ୍ ୯ରୁ ୧୮ ପର୍ଯ୍ୟନ୍ତ ହେବ ପ୍ରତିଯୋଗିତା

### ଭାଗନେବେ ଭାରତ, ଲେବାନନ, ମଙ୍ଗୋଲିଆ ଓ ଭାନୁଆଟୁ

ଭୁବନେଶ୍ୱର, ୧୯।୪ (କ୍ରୀଡ଼ା ପ୍ରତିନିଧି)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ହେବାକୁ ଯାଉଛି ଆଉ ଏକ ଅନ୍ତର୍ଜାତୀୟ ଫୁଟବଲ ଟୁର୍ନାମେଣ୍ଟ। ମଣିପୁରରେ ତ୍ରିରାଷ୍ଟ୍ରୀୟ ଅନ୍ତର୍ଜାତୀୟ ଫୁଟବଲ ଟୁର୍ନାମେଣ୍ଟର ଗ୍ରାଣ୍ଡ ସଫଳତା ପରେ ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଓଡ଼ିଶା ସରକାରଙ୍କ ସହଯୋଗକ୍ରମେ ଭୁବନେଶ୍ୱରରେ ଆୟୋଜନ କରିବାକୁ ଯାଉଛି ଚତୁଃରାଷ୍ଟ୍ରୀୟ ହିରୋ ଇଣ୍ଟରକଣ୍ଟିନେଣ୍ଟାଲ କପ୍। ଏଆଇଏଫ୍‌ଏଫ୍‌ର ୱେବ୍‌ସାଇଟ୍‌ରେ ଉପଲବ୍ଧ ତଥ୍ୟ ଅନୁସାରେ ଆସନ୍ତା ଜୁନ୍ ୯ରୁ ୧୮ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ହେବ। ଏଥିରେ ଭାରତୀୟ ସିନିୟର ଫୁଟବଲ ଦଳ ସମେତ ଲେବାନନ, ମଙ୍ଗୋଲିଆ ଓ ଭାନୁଆଟୁ ଅଂଶଗ୍ରହଣ କରିବ। ହିରୋ ଇଣ୍ଟରକଣ୍ଟିନେଣ୍ଟାଲ କପ୍‌ର ଏହା ହେବ ତୃତୀୟ ସଂସ୍କରଣ। ପୂର୍ବ ୨ ସଂସ୍କରଣ ମୁମ୍ବାଇ (୨୦୧୮) ଓ ଅହମଦାବାଦ (୨୦୧୯)ରେ ଆୟୋଜିତ ହୋଇଥିଲା। ‘‘ଇମ୍ଫାଲରେ ଗତ ମାର୍ଚ୍ଚରେ ଅନ୍ତର୍ଜାତୀୟ ଫୁଟବଲ ଟୁର୍ନାମେଣ୍ଟ ସଫଳତାର ସହ ଆୟୋଜନ ହୋଇଯାଇଛି। ଏବେ ଭୁବନେଶ୍ୱର ଦେଶର ପୁରୁଷ ଫୁଟବଲ ଅନ୍ତର୍ଜାତୀୟ ଭେନ୍ୟୁ ମାନଚିତ୍ରରେ ସାମିଲ ହେବାକୁ ଯାଉଛି। ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍‌ର ଅନ୍ୟତମ ଭେନ୍ୟୁଥିଲା ଭୁବନେଶ୍ୱର। ଏହି ଅବସରରେ ଓଡ଼ିଶା ସରକାରଙ୍କ ଦ୍ୱାରା ଦୃଢ଼ ଭିତ୍ତିଭୂମି ଉପଲବ୍ଧ କରାଯାଇଥିବା ଆମେ ଦେଖିବାକୁ ପାଇଥିଲୁ। ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ମ୍ୟାଚ ସଫଳତାର ସହ ଆୟୋଜନ ହୋଇଥିବାରୁ ଇତିହାସରେ ପ୍ରଥମଥରପାଇଁ ଭାରତୀୟ ସିନିୟର ପୁରୁଷ ଫୁଟବଲ ଦଳ ଏହି ସହରରେ ଖେଳିବା ପାଇଁ ପଥ ପରିଷ୍କାର ହୋଇଛି। ମଣିପୁରରେ ମଧ୍ୟ ପ୍ରଥମଥର ପାଇଁ ବଡ଼ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ତେଣୁ ଓଡ଼ିଶାରେ ଆଗାମୀ ପ୍ରତିଯୋଗିତା ପାଇଁ ସମାନ ଧରଣର ଉତ୍ସାହ ଦେଖିବାକୁ ମିଳିବାନେଇ ଆମେ ଆତ୍ମବିଶ୍ୱାସରେ ଅଛୁ’’ ବୋଲି ଏଆଇଏଫ୍‌ଏଫ୍ ମହାସଚିବ ଶାଜି ପ୍ରଭାକରନ ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ ଯେ, ଭାରତୀୟ ପୁରୁଷ ଜାତୀୟ ଫୁଟବଲ ଦଳ ପୂର୍ବରୁ କେବେହେଲେ ମଙ୍ଗୋଲିଆ ଓ ଭାନୁଆଟୁ ବିପକ୍ଷରେ ମ୍ୟାଚ ଖେଳିନାହିଁ। ଲେବାନନ ବିପକ୍ଷରେ ଜାତୀୟ ଦଳ ୬ଟି ମ୍ୟାଚ ଖେଳିବାର ରେକର୍ଡ ରହିଛି। ଘରୋଇ ପରିବେଶରେ ଭାରତୀୟ ଦଳ ଶେଷ ୫ ମ୍ୟାଚରେ ଅପରାଜେୟ ରହିଛି। ୨୦୨୨ ଜୁନ୍ ୮ରୁ ଆରମ୍ଭ ହୋଇଥିବା ଏହି ଯାତ୍ରାର ପ୍ରାରମ୍ଭରେ ଭାରତ କୋଲକାତାରେ ଅନୁଷ୍ଠିତ ଏଏଫ୍‌ସି ଏସିଆନ କପ୍ ୨୦୨୩ କ୍ୱାଲିଫାୟର୍ସ ରାଉଣ୍ଡ-୩ରେ କାମ୍ବୋଡ଼ିଆକୁ ୨-୦ରେ ପରାସ୍ତ କରିଥିଲା। ଏହାପରେ ଇଗର ଷ୍ଟିମାକଙ୍କ ଦଳ ଆଫଗାନିସ୍ତାନକୁ ୨-୧, ହଂକଂକୁ ୪-୦, ମ୍ୟାନମାରକୁ ୧-୦ ଓ କିର୍ଗିଜ ରିପବ୍ଲିକ୍‌କୁ ୨-୦ ଗୋଲରେ ପରାସ୍ତ କରିଛି। ତେଣୁ ଭୁବନେଶ୍ୱରରେ ମଧ୍ୟ ଦଳ ଭଲ ପ୍ରଦର୍ଶନ କରିବାନେଇ ଆଶା ରହିଛି।




# ଦିଲ୍ଲୀ କ୍ୟାପିଟାଲ୍ସ ଟ୍ରାଏଲରେ ଈଶ୍ୱରନ୍, ଗର୍ଗ

**ନୂଆଦିଲ୍ଲୀ, ୧୯।୪ (ପି.ଟି.):** କ୍ରମାଗତ ୫ଟି ମ୍ୟାଚରେ ପରାଜିତ ହେବା ପରେ ଦିଲ୍ଲୀ କ୍ୟାପିଟାଲ୍ସ ଦଳରେ କିଛି ବଡ ପରିବର୍ତ୍ତନ ଦେଖିବାକୁ ମିଳିପାରେ। ବୁଧବାର ମିଳିଥିବା ସୂଚନା ଅନୁସାରେ ଦଳର ଟ୍ରାଏଲ ଶିବିରରେ ଯୋଗ ଦେଇଛନ୍ତି ଅଭିମନ୍ୟୁ ଈଶ୍ୱରନ୍ ଓ ପ୍ରିୟମ ଗର୍ଗଙ୍କ ପରି ଖେଳାଳି। ପୃଥ୍ୱୀ ଶ’, ଯଶ ଧୂଲ ଓ ଲଳିତ ଯାଦବଙ୍କ ପରି ଖେଳାଳି ଖରାପ ଫର୍ମରେ ରହିଛନ୍ତି। ଭାରତ ଏ ଦଳର ଅଧିନାୟକ ରହିଥିବା ଈଶ୍ୱରନ୍ ଓ ପୂର୍ବତନ ୧୯ ବର୍ଷରୁ କମ୍ ଭାରତୀୟ ଦଳର ଅଧିନାୟକ ପ୍ରିୟମ ଗର୍ଗଙ୍କୁ ଦଳର ଟ୍ରାଏଲ୍‌କୁ ଡକାଯାଇଛି। ଈଶ୍ୱରନଙ୍କ ଷ୍ଟ୍ରାଇକ୍ ରେଟ୍ ମାତ୍ର ୧୨୧ ରହିଥିବା ବେଳେ ଗର୍ଗଙ୍କ ଷ୍ଟ୍ରାଇକ୍ ରେଟ୍ ମାତ୍ର ୧୧୫ ରହିଛି। ତେବେ ଏହି ଦୁଇ ଖେଳାଳିଙ୍କୁ କାହା ସ୍ଥାନରେ ଦଳରେ ସାମିଲ କରାଯିବ ତାହା ସ୍ପଷ୍ଟ ହୋଇନାହିଁ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ